RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-207 ♦THURSDAY ♦22 JANUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୦୭ ♦ଗୁରୁବାର ♦୨୨ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ଅର୍ଦ୍ଧଶତକରେ ବିଶ୍ୱ ରେକର୍ଡ
▶ପୃଷ୍ଠା ୧୨ ଦେଖନ୍ତୁ...

# ଭୂସ୍ୱର୍ଗରେ ବି ବାୟୁ ଦୂଷିତ

■ ନୂଆଦିଲ୍ଲୀ, ୨୧।୧ (ଏଜେନ୍ସି): ଭାରତର ଭୂସ୍ୱର୍ଗ କୁହାଯାଉଥିବା ଜମ୍ମୁ-କଶ୍ମୀର ଅବସ୍ଥା ମଧ୍ୟ ଖରାପ। ଏଠାରେ ବାୟୁ ପ୍ରଦୂଷଣ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ରାଜଧାନୀ ଶ୍ରୀନଗାରରେ ଗତ ସାତ ବର୍ଷରେ ଏଭଳି ସ୍ଥିତି କେବେ ଦେଖିବାକୁ ମିଳିନଥିଲା। ଆଜି ସହରର ବାୟୁ ମାନ ଇଣ୍ଡେକ୍ସ (ଏକ୍ୟୁଆଇ) ୩୦୮ ରେକର୍ଡ କରାଯାଇଛି। ଏୟାର ମନିଟରିଂ ଡାଟା ଅନୁସାରେ ଜାନୁଆରୀ ସହରର ଏକ୍ୟୁଆଇ ବହୁତ ଖରାପ ରହିଛି। ଶ୍ରୀନଗରରେ ବର୍ତ୍ତମାନ ହାରାହାରି ପିଏମ୍୨.୫ ସାନ୍ଦ୍ରତା ପ୍ରତି ଘନ

## ଶ୍ରୀନଗର ପ୍ରଦୂଷଣ ୭ ବର୍ଷରେ ସବୁଠୁ ଖରାପ

### ଦିଲ୍ଲୀରେ ପୁଣି ବଢ଼ିଲା ଏକ୍ୟୁଆଇ



ମିଟରରେ ୧୧୫ ମାଇକ୍ରୋଗ୍ରାମ ରହିଛି ଓ ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବା ଡବ୍ଲ୍ୟୁଏଚ୍ଓ ସୀମାଠାରୁ ଯଥେଷ୍ଟ ଅଧିକ। ଏହି ସ୍ତର ନିଶ୍ଚିତ ଭାବେ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଛି ଓ ଏହା ଦିନକୁ ୪ଟି ସିଗାରେଟ ପିଇବା ସହ ସମାନ। ୨୦୧୯ ପରେ ୨୦୨୬ ଶ୍ରୀନଗର ସବୁଠାରୁ ପ୍ରଦୂଷିତ ବର୍ଷ ସାବ୍ୟସ୍ତ ହୋଇଛି ଓ ଏହାର ହାରାହାରି ଏକ୍ୟୁଆଇ ୧୫୯ ରହିଛି। ତେବେ ୨୦୨୩ ଗତ ୭ ବର୍ଷ ମଧ୍ୟରେ ସବୁଠାରୁ ସ୍ୱଚ୍ଛ ବାୟୁ ରେକର୍ଡ କରିଥିଲା ଓ ଏହାର ହାରାହାରି ଏକ୍ୟୁଆଇ ଥିଲା ୪୯।

ଏକ୍ୟୁଆଇ ତଥ୍ୟ ଅନୁଯାୟୀ, ଶ୍ରୀନଗରରେ ପ୍ରତ୍ୟେକ ସନ୍ଧ୍ୟାରେ ହିଁ ପ୍ରଦୂଷଣ ଦ୍ରୁତଗତିରେ ବୃଦ୍ଧି ପାଇଥାଏ। ସକାଳେ ବାୟୁ ସଫା ରହିଥାଏ। ସନ୍ଧ୍ୟାରେ ହାରାହାରି ଏକ୍ୟୁଆଇ ୨୨୮ରେ ପହଞ୍ଚିଥାଏ। ଗତ ୭ ଦିନଧରି ଏକ୍ୟୁଆଇ ୧୦୦ ଉପରେ ରହିଛି। ଜାନୁଆରୀ ୧୬ରେ ଶ୍ରୀନଗରର ଏକ୍ୟୁଆଇ ସବୁଠାରୁ ଖରାପ ୪୧୫ ରେକର୍ଡ କରାଯାଇଥିଲା। ଏହା ପରିବେଶବିତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ସେପଟେ ଦେଶର ରାଜଧାନୀ ଦିଲ୍ଲୀରେ ପୁଣି ଥରେ ପ୍ରଦୂଷଣ ପୁଣି ବଢ଼ିବାରେ ଲାଗିଛି। କିଛି ଦିନର ବିରାମ ପରେ ଆଜି ରାଜଧାନୀରେ ବାୟୁ ମାନ ଅତ୍ୟନ୍ତ ଖରାପ ବର୍ଗରେ ରହିଥିଲା। ସହରର ଏକ୍ୟୁଆଇ ୩୩୯ ରେକର୍ଡ କରାଯାଇଛି। କିନ୍ତୁ ଜାହାଙ୍ଗୀରପୁରରେ ଏକ୍ୟୁଆଇ ୩୯୦ ରେକର୍ଡ କରାଯାଉଛି।

## ୨୮ରୁ ସଂସଦର ବଜେଟ ଅଧିବେଶନ

# ହକ୍ ଅପେକ୍ଷାରେ ଓଡ଼ିଶା

■ ଭୁବନେଶ୍ୱର, ୨୧।୧ (ସମିସ): କ୍ରମାଗତ ଭାବରେ କେନ୍ଦ୍ରୀୟ ଅବହେଳାର ଶିକାର ହୋଇଛି ଓଡ଼ିଶା। ରାଜ୍ୟ ସ୍ୱାର୍ଥ ସମ୍ବଳିତ ଦାବିକୁ କେନ୍ଦ୍ର ସରକାର ବିଭିନ୍ନ ବାହାନା ଦେଖାଇ ଏଡ଼ାଇ ଯାଉଛନ୍ତି କିମ୍ବା ନିରବ ରହୁଛନ୍ତି। ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର-ରାଜ୍ୟ ମଧ୍ୟରେ ଭାଗିଦାରୀ ରହିବାର ଆବଶ୍ୟକତା ରହିଛି। ରାଜ୍ୟ ସରକାର ତାଙ୍କର ଭୂମିକା ନିର୍ବାହ କରୁଥିବାବେଳେ କେନ୍ଦ୍ର ସରକାର ଏ ଦିଗରେ ଯେପରି ତତ୍ପରତା ପ୍ରଦର୍ଶନ କରିବା କଥା ତାହା ଦେଖାଉ ନାହାନ୍ତି। ରାଜ୍ୟଗୁଡ଼ିକର ଆବଶ୍ୟକତା ଅନୁସାରେ କେନ୍ଦ୍ର ସରକାର ସହଯୋଗ କରିବାର ଆବଶ୍ୟକତା ରହିଛି ଏବଂ ଠିକ୍ ସମୟରେ ଓ ସଠିକ୍ ଅନୁପାତରେ କେନ୍ଦ୍ରୀୟ ଅନୁଦାନ ପାଇବା ରାଜ୍ୟଗୁଡ଼ିକର ହକ୍ ରହିଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ସମୟରେ ବିଭିନ୍ନ ଫୋରମରେ ଏହି ପ୍ରସଙ୍ଗ ଉଲ୍ଲେଖ କରିଥିଲେ ବି କେନ୍ଦ୍ର ସରକାର ସେତେବେଳେ ଶୁଣିଲେ ନାହିଁ, ଏବେ ରାଜ୍ୟରେ ଡ଼ବଲ ଇଞ୍ଜିନ୍ ସରକାର ସମୟରେ ବି ଓଡ଼ିଶା ଅବହେଳିତ ହୋଇ ରହିଛି। ରାଜ୍ୟରେ ରେଳ ସାନ୍ଦ୍ରତା ବୃଦ୍ଧି, କୋଇଲା ରାଜଭାଗ ବୃଦ୍ଧି, ଉଷୁନା ଚାଉଳ



### ମିଳୁନି ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ଅନୁଦାନ
### ଅଟକି ରହିଛି ଓଡ଼ିଶା ସାମୁଦ୍ରିକ ବୋର୍ଡ ଆଇନ
### ପଡ଼ି ରହିଛି କୋଇଲା ରାଜଭାଗ ସଂଶୋଧନ ଦାବି
### ଦାବି ସତ୍ତ୍ୱେ ରାଜ୍ୟକୁ ମିଳୁନାହିଁ ଆବଶ୍ୟକ 'ଆବାସ'

ଉଠାଇବା, ଠିକ୍ ସମୟରେ ସାର ଯୋଗାଇବା, ସ୍ୱତନ୍ତ୍ର ଫୋକସ ରାଜ୍ୟ ମାନ୍ୟତା ସହ ରାଜ୍ୟକୁ ଅଧିକ ଅନୁଦାନ ପ୍ରଦାନ କରିବା, ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ନିମନ୍ତେ ସହଯୋଗ କରିବା, ଜଳସେଚନ କ୍ଷେତ୍ରକୁ ଉପଯୁକ୍ତ ସହାୟତା ଦେବା ଆଦି ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ସରକାର ନକରାତ୍ମକ ମନୋଭାବ ପୋଷଣ କରୁଛନ୍ତି। ଏପରିକି ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଉଦାର ମନୋଭାବ ପୋଷଣ କରିବା ପରିବର୍ତ୍ତେ କେନ୍ଦ୍ର ସରକାର ନିରବ ରହୁଛନ୍ତି। ଓଡ଼ିଶାକୁ କ୍ରମାଗତ ଉପେକ୍ଷା ରାଜ୍ୟବାସୀଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି। ଏହି ପରିସ୍ଥିତିରେ ଆସନ୍ତା ୨୮ ତାରିଖରୁ କେନ୍ଦ୍ର ବଜେଟ୍ ଅଧିବେଶନ ଉପରେ ଓଡ଼ିଶାବାସୀଙ୍କ ଧ୍ୟାନ କେନ୍ଦ୍ରୀତ ହୋଇଛି।

ସାରା ରାଜ୍ୟରେ ବର୍ତ୍ତମାନ ଖରିଫ ଧାନ ସଂଗ୍ରହ ଜାରି ରହିଛି। ମାତ୍ର ଯାବତୀୟ ସମସ୍ୟା ଓ ଅନିୟମିତତା ଯୋଗୁଁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଏଥିପାଇଁ ବିରୋଧୀ ରାଜ୍ୟ ସରକାରଙ୍କୁ ଦାୟୀ କରୁଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ନିଜର ଅଂଶ ପ୍ରଦାନରେ କାଳକ୍ଷେପଣ ନୀତି ଅବଲମ୍ବନ କରିବା ଯୋଗୁଁ ଧାନ କିଣାରେ ଅଚଳାବସ୍ଥା ସୃଷ୍ଟି ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ସେହିପରି ବାରମ୍ବାର ଦାବି ସତ୍ତ୍ୱେ ▶ପୃଷ୍ଠା-୭

## ଦଳୀୟ ନେତା ଓ କର୍ମୀଙ୍କୁ ନବୀନଙ୍କ ସ୍ପଷ୍ଟ ବାର୍ତ୍ତା

# ଲୋକଙ୍କ ସ୍ୱାର୍ଥ ବିରୋଧରେ କାମ କଲେ କଠୋର କାର୍ଯ୍ୟାନୁଷ୍ଠାନ

■ ଭୁବନେଶ୍ୱର, ୨୧।୧ (ସମିସ): ବିଜେଡିରେ ଶୃଙ୍ଖଳା, ଅନୁଶାସନ ଓ ଦଳୀୟ ଆନୁଗତ୍ୟ ସର୍ବପ୍ରଥମ। ଏହାକୁ ଆୟୁଧ କରି ବିଜେଡି କ୍ରମାଗତ ୨୪ ବର୍ଷ ଓଡ଼ିଶାବାସୀଙ୍କ ସେବା କରିଛି। ଦେଶର ଅନ୍ୟତମ ଶ୍ରେଷ୍ଠ ଆଞ୍ଚଳିକ ଦଳ ଭାବରେ ଉଦାହରଣ ସୃଷ୍ଟି କରିଛି। ଯେତେ କ୍ଷମତାଶାଳୀ ହେଲେ ବି ବିଶୃଙ୍ଖଳ ଷଡ଼ଯନ୍ତ୍ରକାରୀ ଓ ଜନବିରୋଧୀ ନେତାଙ୍କ ସହ ବିଜେଡି କେବେ ସାଲିସ କରିନାହିଁ, ଭବିଷ୍ୟତରେ ବି ସାଲିସର ସମ୍ଭାବନା ନାହିଁ। ଆଜି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କର ସେହି ନୀତି ଓ ଆଭିମୁଖ୍ୟରେ ଅଟଳ ରହିଛନ୍ତି। ଯେତେ ପ୍ରଭାବଶାଳୀ ହେଲେ ବି ଦଳୀୟ ଶୃଙ୍ଖଳା ଭଙ୍ଗକାରୀ ଓ ଲୋକଙ୍କ ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରୁଥିବା ନେତା ଓ କର୍ମୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ। କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରାର ବିଜେଡି ନେତା ଓ କର୍ମୀମାନେ ନବୀନ ନିବାସରେ ଆଜି ତାଙ୍କୁ ଭେଟିବା ଅବସରରେ ପୁଣିଥରେ ଏହାକୁ ସ୍ପଷ୍ଟ ଭାଷାରେ ଦୋହରାଇଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଦୁର୍ନୀତିଲିପ୍ତ, ବିଶ୍ୱାସଘାତକଙ୍କର ସ୍ଥାନ ବିଜେଡିରେ ନାହିଁ ବୋଲି ନବୀନ ସଫାସଫା ଶୁଣାଇ ଦେଇଛନ୍ତି।



ବୁଧବାର ସନ୍ଧ୍ୟାରେ ପାଟକୁରାର ଦଳୀୟ କର୍ମୀଙ୍କୁ ନବୀନ କହିଛନ୍ତି ଯେ ବିଜେଡି ସବୁବେଳେ ଲୋକଙ୍କ ସେବାରେ ବିଶ୍ୱାସ କରେ। ଲୋକଙ୍କ ସ୍ୱାର୍ଥ ବିରୋଧରେ ତଥା ଦଳ ବିରୋଧରେ କାମ କରୁଥିବା ବ୍ୟକ୍ତି ଯେତେ ଶକ୍ତିଶାଳୀ ହେଲେବି ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ କରାଯିବ। ଏହି ଅବସରରେ କାହାରି ନାମ ଉଲ୍ଲେଖ କରି ନ ଥିଲେ ହେଁ ସେ ପାଟକୁରା ବିଧାୟକଙ୍କ ନିଲମ୍ବନ ସମ୍ପର୍କରେ ଦଳୀୟ କର୍ମୀଙ୍କୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପାଟକୁରାରେ ଜନସାଧାରଣଙ୍କ କାର୍ଯ୍ୟ କରିବା ପାଇଁ ବିଶ୍ୱାସ କରି ମୁଁ ଜଣକୁ ସୁଯୋଗ ଦେଇଥିଲି; କିନ୍ତୁ ତାଙ୍କ ପାଇଁ ପାଟକୁରାବାସୀ ହଇରାଣ ହରକତ ହେଉଛନ୍ତି ବୋଲି ଜାଣିବାକୁ ପାଇଲି। ଦଳରେ କର୍ମୀମାନଙ୍କୁ ହଇରାଣ କରିବା ଲୋକଙ୍କର ସ୍ଥାନ ନାହିଁ ବୋଲି ନବୀନ ସ୍ପଷ୍ଟ ଭାଷାରେ ▶ପୃଷ୍ଠା-୭

# ରାଜଧାନୀରେ 'ଥାର୍' ଆତଙ୍କ

## ପିତାପଲ୍ଲୀରେ ଟ୍ରେଲର୍ ସହ ଧକ୍କା; ୩ ମୃତ

■ ଯାଁଳା, ୨୧।୧ (ସମିସ): ୧୬ ନମ୍ବର ଜାତୀୟ ରାଜପଥ ଗଙ୍ଗପଡା ପୁରୁଣା ଟୋଲ୍ ଗେଟ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ୩ ଜଣ ଯୁବକ ପ୍ରାଣହରାଇ ଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକମାନେ ହେଲେ ଇନ୍‌ଫୋସିଟି ଥାନା ମଦନପୁର ପଞ୍ଚାୟତ କାଇମାଟିଆ ଜିନେଷ୍ଟ ଆପାର୍ଟମେଣ୍ଟରେ ରହୁଥିବା ହର୍ଷ, ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ରହୁଥିବା ସୁତ୍ତୁ ଓ କରନ ନାମକ ୩ ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଆଲେକ୍ସ ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ମୃତାହତଙ୍କୁ ଇନଫୋସିଟି ଥାନା ପୁଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସେଠାରୁ ଗୁରୁତର ଆହତ



ହୋଇଥିବା ଯୁବକକୁ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତରିତ କରାଯାଇଛି। ଦୁର୍ଘଟଣା ପରେ ଜାତୀୟ ରାଜପଥ ପ୍ରାୟ ଏକ ଘଣ୍ଟା କାଳ ଜାମ ହୋଇଥିଲା। ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ରାସ୍ତାରୁ ହଟାଇବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା।

### ୨ ଦିନରେ ଗଲା ୪ ଜୀବନ

ମିଳିଥିବା ସୂଚନା ଅନୁସାରେ ଆଜି ରାତି ପ୍ରାୟ ୯ଟା ବେଳେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଏକ ଟ୍ରଲର ଯାଉଥିଲା। ସେହି ଦିଗରେ ଏକ ଥାର କାର ଦ୍ରୁତ ଗତିରେ ଯାଇ ଟ୍ରଲର ପଛପଟେ ଧକ୍କା ଦେଇଥିଲା। ଥାର ଗାଡିରେ ୪ ଜଣ ଯୁବକ ଥିବା ବେଳେ ସେମାନେ ତାଙ୍କ ସାଙ୍ଗକୁ ପିତାପଲ୍ଲୀ ଛାଡିବା ପାଇଁ ଯାଉଥିଲେ। ▶ପୃଷ୍ଠା-୭

# ୨୮ ନୂଆ ଏନ୍ଏସି ନିର୍ବାଚନ ଜୁନ୍‌ରେ !

■ ଭୁବନେଶ୍ୱର, ୨୧।୧ (ସମିସ): ରାଜ୍ୟରେ ନୂଆ ୨୮ଟି ଏନଏସି ଗଠନ ପାଇଁ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ଏହି ଏନଏସି ଗୁଡ଼ିକର ସୀମା ନିର୍ଦ୍ଧାରଣ ସହ ଭୋଟର ତାଲିକା ଚୂଡ଼ାନ୍ତ ହୋଇନାହିଁ। ଏହି ସମୟରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ସାରିବା ପାଇଁ ଆମେ ଚେଷ୍ଟା କରୁଛୁ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଆସନ୍ତା ଜୁନ୍ ମାସରେ ଏନ୍ଏସି ନିର୍ବାଚନ ହୋଇପାରେ ବୋଲି ତାଙ୍କର ଏହି ମନ୍ତବ୍ୟ ପରେ କଳ୍ପନାଜଳ୍ପନା ପ୍ରକାଶ ପାଇଛି।

### ମାର୍ଚ୍ଚ ଶେଷ ସୁଦ୍ଧା ସରିବ ସୀମା ନିର୍ଦ୍ଧାରଣ

ବ୍ୟବସ୍ଥା ଅନୁସାରେ କୌଣସି ଏନ୍ଏସି ଗଠନ ନେଇ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପରେ ଏହାର ୬ ମାସରେ ନିର୍ବାଚନ ହେବା ନେଇ ନିୟମ ରହିଛି। ସେହିପରି ମାର୍ଚ୍ଚ ସୁଦ୍ଧା ସବୁ ନୂଆ ଏନଏସିର ସୀମା ନିର୍ଦ୍ଧାରଣ ସାରିବାକୁ ସରକାରଙ୍କୁ ରାଜ୍ୟ ନିର୍ବାଚନ କମିସନ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଆସନ ସଂରକ୍ଷଣ ଏବଂ ଭୋଟର ତାଲିକା ପ୍ରସ୍ତୁତ ହେବ ଓ ଉକ୍ତ ଏନଏସି ଗୁଡ଼ିକରେ ନିର୍ବାଚନ ପ୍ରକ୍ରିୟା ସମ୍ପନ୍ନ ହେବ। ତେବେ ରାଜ୍ୟ ସରକାର ଯାଏଁ ନବଗଠିତ ୨୮ ଏନ୍ଏସିରେ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ କରିନାହାନ୍ତି। ତେଣୁ ୩ ମାସରେ ଭିତରେ ପ୍ରକ୍ରିୟା ସାରିବାକୁ ରାଜ୍ୟ ସରକାରଙ୍କୁ ଚିଠି ଲେଖି ନିର୍ବାଚନ କମିସନ ଅବଗତ ▶ପୃଷ୍ଠା-୭

# ନୋବେଲ ପାଗଳ ଟ୍ରମ୍ପ



'୮ଟି ଯୁଦ୍ଧ ବନ୍ଦ କରିଛି, ପ୍ରତ୍ୟେକଟି ପାଇଁ ନୋବେଲ ପାଇବାକୁ ଯୋଗ୍ୟ'

■ ୱାଶିଂଟନ, ୨୧।୧ (ଏଜେନ୍ସି): ନୋବେଲ ଶାନ୍ତି ପୁରସ୍କାର ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଗଳାମୀ ଯାଉନାହିଁ। ଯେତେବେଳେ ସୁଯୋଗ ମିଳୁଛି, ସେ ଏହି ପୁରସ୍କାର ପାଇ ନଥିବାରୁ ନିଜର କ୍ଷୋଭ ପ୍ରକାଶ କରିବାକୁ ପଛାଉ ନାହାନ୍ତି। ନୋବେଲ ମିଳିନଥିବାରୁ ସାରା ବିଶ୍ୱକୁ ଥରହର କରି ରଖିଥିବା ଟ୍ରମ୍ପ ପୁଣି ଥରେ କହିଛନ୍ତି ଯେ ସେ ହିଁ ନୋବେଲ ପୁରସ୍କାର ପାଇବାର ହକ୍‌ଦାର। ଡାଭୋସ ଯିବା ପୂର୍ବରୁ ସେ ଆଜି ସାମ୍ବାଦିକମାନଙ୍କୁ କହିଛନ୍ତି, 'ଏପର୍ଯ୍ୟନ୍ତ ୮ଟି ଯୁଦ୍ଧକୁ ବନ୍ଦ କରିଛି ଓ ପ୍ରତ୍ୟେକଟି ପାଇଁ ମୋତେ ପୃଥକ ଭାବେ ନୋବେଲ ପୁରସ୍କାର ମିଳିବା ଉଚିତ। ଏହା ମୁଁ ନିଜେ କହିବାକୁ ଚାହୁଁନାହିଁ, କିନ୍ତୁ ଏହା ସତ୍ୟ। ଯଦି କେହି କୁହେ ଯେ, ମୋତେ ନୋବେଲ ପାଇବାରୁ ବଞ୍ଚିତ କରିବାରେ ନରୱେ ସରକାର କୌଣସି ଭୂମିକା ଗ୍ରହଣ କରିନାହିଁ, ▶ପୃଷ୍ଠା-୭






## ପରିବହନ ବିଭାଗର 'ଅନ୍ଧ ନୀତି'

# କଳାତାଲିକାଭୁକ୍ତ ସଂସ୍ଥାକୁ ଠିକା ଦେବାକୁ ଜିଦ୍

■ ଭୁବନେଶ୍ୱର, ୨୧।୧ (ସମିସ): ଯାତ୍ରୀବାହୀ ଗାଡ଼ିଗୁଡ଼ିକର ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ 'ଭେଇକିଲ୍ ଲୋକେସନ ଟ୍ରାକିଂ ଡିଭାଇସ୍' (ଭିଏଲ୍‌ଟିଡି) ବ୍ୟବସ୍ଥା ଆପଣାଇବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ଓଡ଼ିଶାରେ ଏପର୍ଯ୍ୟନ୍ତ ପ୍ରାୟ ୫୨ ହଜାର ଗାଡ଼ିରେ ଏହି ବ୍ୟବସ୍ଥା ଲାଗିସାରିଥିବା ବେଳେ ଆହୁରି ୨ ଲକ୍ଷରୁ ଅଧିକ ଗାଡ଼ିରେ ଏହି ବ୍ୟବସ୍ଥା ଲାଗୁ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି କାମ ପାଇଁ ରାଜ୍ୟ ସରକାର 'ସି-ଡିଏସି' ନାମକ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସଂସ୍ଥା ସହ ଆସନ୍ତା ୨୮



### ବିନା ଟେଣ୍ଡରରେ ୧୪ କୋଟିର ଚୁକ୍ତି ପାଇଁ ଏସ୍‌ଟିଏର ମସୁଧା
### ଭିଏଲ୍‌ଟିଡି ପରିଚାଳନା ପାଇଁ ଗଳାବାଟ ଆପଣାଇଛି 'ସି-ଡିଏସି'
### ଏସ୍‌ଟିଏକୁ ଚିଠି ଲେଖି କଳା କାରନାମା ଦର୍ଶାଇଲା 'ଓଭିଡିଏ'
### ୨୮ରେ ଚୁକ୍ତିନାମା, ହାଇକୋର୍ଟରେ ମାମଲା ପାଇଁ ଚେତାବନୀ

ତାରିଖରେ ରାଜ୍ୟ ସରକାର ଚୁକ୍ତି କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ବିଭିନ୍ନ ସମୟରେ ବିବାଦୀୟ ରହିଥିବା ଏହି ସଂସ୍ଥା ସହ ଚୁକ୍ତି ପାଇଁ କାହିଁକି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ଆଗ୍ରହ ଦେଖାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଓଡ଼ିଶା ଭେଇକିଲ୍ ଡିଲର ଆସୋସିଏସନ୍ (ଓଭିଡିଏ) ଏ ସଂକ୍ରାନ୍ତରେ ଆପତ୍ତି ଉଠାଇବା ସହ ଏସ୍‌ଟିଏ କମିଶନରଙ୍କୁ ଚିଠି ଲେଖି 'ସି-ଡିଏସି' ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଛି। ନିଜ ଚିଠିରେ ସଂଘ ପୂରା କଳା ଚିଠା ଖୋଲିଥିବା ବେଳେ ଏହି ବୁଝାମଣା ପଛରେ ବଡ଼ କାରବାର ଅଛି ବୋଲି ଅଭିଯୋଗ କରିଛି। ଅଭିଯୋଗ ଅନୁସାରେ ପୂର୍ବରୁ ଓଡ଼ିଶାରେ ଭିଏଲଟିଡ଼ି କାର୍ଯ୍ୟ ଭାରତୀୟ ସଂଚାର ନିଗମ (ବିଏସ୍‌ଏନ୍‌ଏଲ୍) କରୁଥିଲା। ଅବଧି ଶେଷ ପରେ ବିଏସ୍‌ଏନ୍‌ଏଲ୍ ମଧ୍ୟ କାମକୁ ଆଗକୁ ବଢ଼ାଇ ନେବା ପାଇଁ ଆଗ୍ରହ ପ୍ରକାଶ କରିଥିଲା। ହେଲେ ▶ପୃଷ୍ଠା-୭

ସକାଳ
THE SAKALA


## ନାଉଗାଁରେ ଖୋଲିଲା ପ୍ରଥମ ଧାନମଣ୍ଡି

# ମଣ୍ଡି ସମସ୍ୟା ନେଇ ତାତିଲେ ଚାଷୀ



ନାଉଗାଁ,୨୧।୧(ସମିସ)

ଜଗତସିଂହପୁର ଜିଲ୍ଲା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ନାଉଗାଁ ବ୍ଲକ୍‌ର ଗଜରାଜପୁର ପ୍ରାଥମିକ କୃଷି ସେବା ସମବାୟ ସମିତିରେ ନାଉଗାଁ ଅତିରିକ୍ତ ତହସିଲଦାର ଶରତଚନ୍ଦ୍ର ପରିଡ଼ାଙ୍କ ଦ୍ୱାରା ପ୍ରଥମ ଧାନମଣ୍ଡିର ଶୁଭ ଉଦ୍‌ଘାଟନ କରାଯାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାରଙ୍କ ସହିତ ଡିଆରସିଏସ୍ ପ୍ରଭାତ ଚନ୍ଦ୍ର ଶତପଥୀ, ଏଆରସିଏସ୍ ରାଖାଲ ଚନ୍ଦ୍ର ସାମଲ, ନାଉଗାଁ ଯୋଗାଣ ଅଧିକାରୀ ପ୍ରଦୀପ୍ତ ପ୍ରସନ୍ନ ନାୟକ, ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ବସନ୍ତ କୁମାର ପାଢ଼ୀ, ସମ୍ପାଦକ ମଙ୍ଗଳାକାନ୍ତ ମହାନ୍ତି, ନାଉଗାଁ ମଣ୍ଡି ନୋଡାଲ ଅଧିକାରୀ ପ୍ରମୋଦ କୁମାର ବେହୁରା ଓ ଧାନକ୍ରୟ କମିଟିର ସମସ୍ତ ସଦସ୍ୟଙ୍କ ସମେତ ଅନ୍ୟ ଚାଷୀ ଉପସ୍ଥିତ ଥିଲେ। ଏହି ଧାନ ମଣ୍ଡି ପ୍ରତ୍ୟେକ ସପ୍ତାହର ସୋମ, ମଙ୍ଗଳ, ବୁଧ ଓ ଶୁକ୍ରବାର, ଶନିବାର ଦିନ ଖୋଲା ଯିବାର ବ୍ୟବସ୍ଥା ରହିଥିବାବେଳେ ମଣ୍ଡିରେ ଧାନ ବିକ୍ରି କରିବାକୁ ମୋଟ ୮୬୭ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଚାଷୀମାନଙ୍କ ଠାରୁ ଏହି ସମିତି ମାଧ୍ୟମରେ ଦେବୀ ନ୍ୟାଚୁରାଲ ପ୍ରାଇଭେଟ୍ ଲିମିଟେଡ୍ ଫଙ୍କ୍ସାକୁ ଧାନ କ୍ରୟ ପାଇଁ ମିଲର ଭାବେ ଦାୟିତ୍ୱ ଦିଆଯାଇଛି। ଆଜି ପ୍ରଥମ ଦିନରେ ୮ ଜଣ ଚାଷୀଙ୍କ ଠାରୁ ୨୧୩ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ସ୍ଥିର କରାଯାଇଥିଲା। ଚାଷୀମାନେ ମଣ୍ଡିରେ ଧାନ ପକାଇଥିବା ବେଳେ ଧାନର ସଠିକ୍ ଏଫ୍‌ଏକ୍ୟୁ ମାନ ନିର୍ଦ୍ଧାରିତ ହୋଇପାରି ନ ଥିବାରୁ କୌଣସି ବି ଚାଷୀଙ୍କ ଧାନ ବିକ୍ରି ହୋଇପାରିନଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଏହି ମଣ୍ଡି ଉଦ୍‌ଘାଟନ ସମୟରେ ଧୋନିମାନ ମାନ ନିର୍ଦ୍ଧାରଣ, କଟ୍‌ନୀଛଟ୍‌ନୀ, ଜରିଆଖା ବଦଳରେ ଖୋଟ ଅଖାର ବ୍ୟବହାର ଆଦି ବିଭିନ୍ନ ପ୍ରକାରର ସମସ୍ୟାକୁ ନେଇ ଚାଷୀ ତାତିଥିଲେ। ଚାଷୀଙ୍କ ସମେତ ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ସଂଯୋଜକ ଅଶୋକ ସ୍ୱାଇଁଙ୍କ ପକ୍ଷରୁ ଡିଆରସିଏସ୍‌ଙ୍କୁ ଦାବି କରାଯାଇଥିବା ବେଳେ ଉପସ୍ଥିତ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ଲାଗିରହିଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ସମିତିର କର୍ମଚାରୀ ଚନ୍ଦ୍ରକାନ୍ତ ଦାସ, ଲୋକନାଥ ଲେଙ୍କା, ବସୁଦେବ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

## ତାରପୁର ଓ ରେଢୁଆରେ ଖୋଲିଲା ଧାନମଣ୍ଡି

ରଘୁନାଥପୁର,୨୧।୧(ସମିସ): ରଘୁନାଥପୁର ବ୍ଲକ୍ ତାରପୁର ଗ୍ରାମପଞ୍ଚାୟତରେ ଶିବଶକ୍ତି ମହିଳା ଗ୍ରୁପର ସଭାପତି କାମିନୀ ସ୍ୱାଇଁ ଓ ସମ୍ପାଦକ ଅନ୍ନପୂର୍ଣ୍ଣା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ତାରପୁର ସରପଞ୍ଚ ସୁଷମା ମଲ୍ଲିକ ଓ ସମିତି ସଭ୍ୟା ପୂଜାଲତା ଦାସ କଣ୍ଟା ପୂଜା ପରେ ଫିତା କାଟି ମଣ୍ଡିର ଉଦ୍‌ଘାଟନ କରିଥିଲେ। ରଘୁନାଥପୁର କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଅଜୟ କୁମାର ପରିଜା, ନାରାୟଣ ମହାରଣା, ହରିଶ୍ଚନ୍ଦ୍ର ବାରିକ, ଅକ୍ଷୟ ପାଣିଗ୍ରାହୀ ଉପସ୍ଥିତ ରହି ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ପୂର୍ବତନ ସମିତିସଭ୍ୟ ଅନ୍ତର୍ଯ୍ୟାମୀ ରାଉତ, ଟନା ପଣ୍ଡା, ଅଭିରାମ ପରିଡ଼ା, ବିନୋଦ ବିହାରୀ ମହାନ୍ତିଙ୍କ ସମେତ ତାରପୁର, ଅଚ୍ୟୁତପୁର, ଗୋକୁଳପୁର, ହରିଶପୁର ଓ ଖଣ୍ଡତରି ଗ୍ରାମର ବହୁ ଚାଷୀ ଉପସ୍ଥିତ ଥିଲେ। ୩୩୨ ଚାଷୀ ଧାନ ବିକ୍ରୟ ପାଇଁ ଅନଲାଇନରେ ନାମ ପଞ୍ଜୀକରଣ କରିଥିବାର ଜଣାପଡିଥିଲା ବେଳେ ଦୁଇ ହଜାର କ୍ୱିଣ୍ଟାଲ ଧାନ କ୍ରୟ କରିବାପାଇଁ ଅନୁମତି ମିଳିଛି ବୋଲି ସଭାପତି କାମିନୀ ସ୍ୱାଇଁ ପ୍ରକାଶ କରିଛନ୍ତି। ସେହିଭଳି ଭାବରେ ରେଢୁଆ ଗ୍ରାମପଞ୍ଚାୟତର କୃଷି ସମବାୟ ସମିତିର ସଭାପତି ପ୍ରଦୀପ କୁମାର ମହାନ୍ତି ଓ ଉପସଭାପତି ନଳିନୀ ଦାସ, ସରପଞ୍ଚ କିଶୋରଚନ୍ଦ୍ର ବେହେରା, ସମିତିସଭ୍ୟ ବିଶ୍ୱଜିତ ଦାସ, ତଅଁରା ଗ୍ରାମପଞ୍ଚାୟତର ସରପଞ୍ଚ ବଟକୃଷ୍ଣ ନାୟକ, ସମିତିସଭ୍ୟା ଶାନ୍ତିଲତା ଦ୍ୱିବେଦୀ ଓ ଜିଲ୍ଲାପରିଷଦ ଇତିଶ୍ରୀ ମଲ୍ଲିକଙ୍କ ଉପସ୍ଥିତିରେ ରେଢୁଆ ଗ୍ରାମପଞ୍ଚାୟତ ଓ ତଅଁରା ଗ୍ରାମପଞ୍ଚାୟତର ବହୁ ଚାଷୀଙ୍କ ଉପସ୍ଥିତିରେ ଫିତା କାଟି ଧାନମଣ୍ଡି ଖୋଲାଯାଇଥିଲା। ଏହି ସମିତିରେ ମୋଟ ୪୩୨ ଚାଷୀଙ୍କ ନାମ ପଞ୍ଜୀକରଣ କରାଯାଇଛି।

## 'ବନ୍ଦେ ମାତରମ 'ର ୧୫୦ବର୍ଷ ପୂର୍ତ୍ତି ଉତ୍ସବ

ନାଉଗାଁ,୨୦।୧(ସମିସ): ନାଉଗାଁ ବ୍ଲକ ସ୍ଥିତ ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଗୀତ "ବନ୍ଦେ ମାତରମ'ର ୧୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ମଣ୍ଡଳ ଉନ୍ନୟନ ଅଧିକାରୀ ନିରଞ୍ଜନ ପରିଡା, ମୁଖ୍ୟବକ୍ତା ଅଧ୍ୟାପକ ଚୈତନ୍ୟ ପରିଡା, ସମ୍ମାନିତ ଅତିଥି ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଦିନେଶ ରାୟ, ଜିପିଓ ସୌରଜିତ ମହାପାତ୍ର, ଶିକ୍ଷକ ସୁକାନ୍ତ କୁମାର ଲେଙ୍କା, ହିମାଂଶୁ କୁମାର ମହାନ୍ତି, ସୁଧୀର କୁମାର ବିଶ୍ୱାଳ, ମାନସ କୁମାର ବେହେରା, ପବିତ୍ର ବେହୁରା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଶିକ୍ଷକ ଅକ୍ଷୟ କୁମାର ରାଉତ। ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଶିକ୍ଷକ ବସନ୍ତ କୁମାର ଦାସ। ପରିଚାଳନା କରିଥିଲେ ଶିକ୍ଷକ ବୁଲାକି ସେଠୀ। ସରକାରୀ ଉଚ୍ଚ ବିଦ୍ୟାଳୟ ନାଉଗାଁ ହାଟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ବ୍ଲକକାର୍ଯ୍ୟାଳୟ ସମସ୍ତ କର୍ମଚାରୀ, ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ର ସମସ୍ତ ସିଆର୍‌ସିସି ମାନେ ଏଥିରେ ସାମିଲ ହୋଇଥିଲେ। ଉତ୍କଳ ଭାରତୀ କଳାବିକାଶ କେନ୍ଦ୍ର, ତିହୁଡା ଓ ବାସୁଦେବ କଳାନିକେତନ, ବାଂଶ ସମସ୍ତ କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଭୁତମୁଣ୍ଡାଇ ହାଇସ୍କୁଲର ପୁରାତନ ଛାତ୍ରଙ୍କ ବନ୍ଧୁମିଳନ




ପାରାଦୀପ, ୨୧।୧(ସମିସ) : ଭୂତମୁଣ୍ଡାଇସ୍ଥିତ ପାରାଦୀପ ପୋର୍ଟ ହାଇସ୍କୁଲର ୧୯୮୨ ମସିହାର ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସହ ପ୍ରତିଷ୍ଠାତା ଶଙ୍କର୍ଷଣ ସ୍ୱାଇଁ, ସେ ସମୟରେ ବିଦ୍ୟାଳୟର କାର୍ଯ୍ୟରତ ସନାତନ ସ୍ୱାଇଁ, ବର୍ତ୍ତମାନ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଦିବଙ୍ଗତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ବ୍ୟାଚ୍‌ର ଛାତ୍ରଛାତ୍ରୀ ରାଜ୍ୟ ତଥା ରାଜ୍ୟ ବାହାରୁ ଆସି ବହୁ ସଂଖ୍ୟାରେ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଉମେଶ ଚନ୍ଦ୍ର ବଳିୟାରସିଂ, ମହେନ୍ଦ୍ର ସ୍ୱାଇଁ, ଦେବ ପ୍ରସାଦ ବଳିୟାରସିଂ, ରଞ୍ଜନ କୁମାର ସ୍ୱାଇଁ, ଅଞ୍ଜଳି ମହାପାତ୍ର, ସେଫାଳୀ ଲେଙ୍କା, ସୁମନ୍ତ ସ୍ୱାଇଁ, ମମତା ମହାପାତ୍ର, ମମତା ସାହୁ, ସ୍ୱର୍ଣ୍ଣଲତା ସ୍ୱାଇଁ, ପୁଷ୍ପଲତା ପଲାଇ, ସୁଧାମଞ୍ଜୁଳା ମହାପାତ୍ର ଓ ଅନୁଜ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ୟୁନିଅନ ପକ୍ଷରୁ ଦାବିପତ୍ର ପ୍ରଦାନ



ପାରାଦୀପ,୨୧।୧(ସମିସ) : ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ୟୁନିଅନ ପକ୍ଷରୁ ଆଜି ପାରାଦୀପ ବନ୍ଦରରେ କାର୍ଯ୍ୟରତ କର୍ମଚାରୀଙ୍କ ବିକାଶ ପାଇଁ ୧୮ଦଫା ସମ୍ବଳିତ ଦାବିପତ୍ର ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦଙ୍କୁ ପ୍ରଦାନ କରାଯାଇଛି। ଏ ନେଇ ୟୁନିଅନର ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ବାପି ସର୍ଖେଲଙ୍କ ନେତୃତ୍ୱରେ ଉପସଭାପତି ତପନ କୁମାର ପାତ୍ର, ସାଧାରଣ ସମ୍ପାଦକ ସମୀର କୁମାର ବିଶ୍ୱାଳ ବନ୍ଦର ଅଧ୍ୟକ୍ଷ ପିଏଲ ହରନାଦଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବା ସହିତ କର୍ମଚାରୀଙ୍କ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଦାବିଗୁଡ଼ିକୁ ବିଚାର କରି ଅନୁମୋଦନ ପାଇଁ ଅନୁରୋଧ କରିଥିଲେ। ଯାହା ବନ୍ଦରର ଉନ୍ନତିରେ କର୍ମଚାରୀଙ୍କ ମନୋବଳ ବୃଦ୍ଧି ପାଇବ। ପାରାଦୀପ ବନ୍ଦରର ଦକ୍ଷତା, ଉତ୍ପାଦକତା ଏବଂ ଖ୍ୟାତିକୁ ବଜାଇ ରଖିବା ପାଇଁ ଆନ୍ତରିକତା ମଧ୍ୟ ବୃଦ୍ଧି ଘଟିବ। ୟୁନିଅନର ସଦସ୍ୟମାନେ ବନ୍ଦରର ସବୁ ବିଭାଗରେ ବର୍ଷବର୍ଷ ଧରି କାର୍ଯ୍ୟ କରି ବନ୍ଦରକୁ ସଫଳତା ଆଣିବାରେ ସହଯୋଗ ଜାରି ରଖିଛନ୍ତି। ଯାହାଦ୍ୱାରା ପାରାଦୀପ ବନ୍ଦର ଭାରତର ଏକ ପ୍ରମୁଖ ସାମଗ୍ରିକ ପ୍ରବେଶ ପଥରେ ପରିଣତ ହୋଇ ପାରିଛି। ଏହି ସଫଳତା ପ୍ରତ୍ୟକସ୍ତରରେ କର୍ମଚାରୀଙ୍କ ଆକ୍ଲାନ୍ତ ପରିଶ୍ରମ ଦ୍ୱାରା ସମ୍ଭବ ହୋଇପାରିଛି। ତେବେ ଏହି ସମସ୍ତ ଦାବିଗୁଡ଼ିକ ବନ୍ଦର ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଅଧୀନରେ ଥିବା ବହୁ ବନ୍ଦରରେ କର୍ମଚାରୀଙ୍କୁ ମଧ୍ୟ ପ୍ରଦାନ କରାଯାଉଛି। ଦାବିଗୁଡ଼ିକ ମଧ୍ୟରେ ବନ୍ଦରରେ କାର୍ଯ୍ୟରତ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ କମ୍ପ୍ୟୁଟର ଆଲାଉନ୍ସ, ୟୁନିଫର୍ମ ପାଇଥିବା ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ପୋଷାକ ସଫେଇ ଆଲାଉନ୍ସ, ଅଫିସିଆଲ୍ ଇମେଲ ପ୍ରଦାନ କରିବା, ଅଫିସିଆଲ୍ ମୋବାଇଲ୍ ପ୍ରଦାନ କରିବା, ଇରନେଟ୍ ଓ ମୋବାଇଲ୍ ବାବଦକୁ ଭତ୍ତା ପ୍ରଦାନ କରିବା, ଅଫିସିଆଲ୍ ଫାଇଲ୍ ନେବା ଆଣିବା ପାଇଁ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ବ୍ରିଫକେସ୍ ପ୍ରଦାନ କରିବା, ବନ୍ଦର ଚିକିତ୍ସାଳୟରେ ଡାକ୍ତମାନଙ୍କ ଦ୍ୱାରା ଲେଖା ଯାଉଥିବା ବହୁ ଔଷଧ ବାହାରୁ କିଣିବାକୁ ପଡୁଛି ସେ ବାବଦକୁ ଅର୍ଥ ଫେରସ୍ତ କରିବା, ବନ୍ଦରରେ ବହୁ ସଂଖ୍ୟାରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଖାଲି ରହିଛି ଏହାକୁ ଯଥା ଶୀଘ୍ର ପୂରଣ କରିବା, ଖାଲି ଥିବା ପଦବୀ ପୂରଣରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ ପ୍ରମୋସନ ଦେବା, ପ୍ରଶାସନିକ ଭବନରେ ବନ୍ଦ ଥିବା କ୍ୟାଣ୍ଟିନ୍‌କୁ ଚାଲୁ କରିବା, ଷ୍ଟୋର କିପର ପଦବୀକୁ ସୁପରିଟେଣ୍ଡେ ପଦବୀରେ ପରିବର୍ତ୍ତନ କରିବା, ମୃତ୍ୟୁକାଳୀନ ସହାୟତା ରାଶି ୨୫ ଲକ୍ଷରୁ ୫୦ ଲକ୍ଷକୁ ବୃଦ୍ଧି କରିବା ଆଦି ଦାବି ରହିଛି। ତେବେ ସଭାପତି ଶ୍ରୀ ସର୍ଖେଲ କର୍ମଚାରୀଙ୍କ କଲ୍ୟାଣ ଏବଂ ସାଙ୍ଗଠନିକ ଉତ୍କର୍ଷତା ପାଇଁ ଏହି ପ୍ରସ୍ତାବ ବିଚାର କରି ଆବଶ୍ୟକ ଅନୁମୋଦନ ପାଇଁ ଆନ୍ତରିକ ଅନୁରୋଧ ଜଣାଇଛନ୍ତି।

## ଗାଁକୁ ଯାଇପାରିଲାନି ଦମକଳ ଗାଡ଼ି, ଜଳିଗଲା ୫ବଖରା



ବାଲିକୁଦା, ୨୧।୧ (ସମିସ): ବାଲିକୁଦା ତହସିଲ ଅରିଲୋ ପଞ୍ଚାୟତ ମାଳପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ୩ଟି ପରିବାରର ୫ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଗ୍ରାମର ଦଳିତ ପରିବାରର ରମେଶ ସାମଲ, ଗଣେଶ ସାମଲ ଓ କୈଳାସ ସାମଲଙ୍କ ଘର ଜଳିଯାଇଥିବାବେଳେ ଗ୍ରାମର ସୁବାସ ସାମଲଙ୍କ ଧାନ ଗଦା ମଧ୍ୟ ଜଳିଯାଇଛି। ପରିତାପର ବିଷୟ ଏହି ଗ୍ରାମକୁ ଜରୁରିକାଳୀନ ଗାଡ଼ି ଯିବାକୁ ରାସ୍ତା ଖଣ୍ଡିଏ ନାହିଁ। ଯାହା ଫଳରେ ଅଗ୍ନିଶମ ଗାଡ଼ି ନିଆଁ ଲିଭାଇବାକୁ ଆସି ମଧ୍ୟ କର୍ମଚାରୀମାନେ ଅସହାୟ ହୋଇ ଚାହିଁ ରହିଥିଲେ। ଗ୍ରାମବାସୀ ପାଣି ପକାଇ ନିଆଁ ଲିଭାଉଥିବା ବେଳେ ଗ୍ରାମର ଧରମା ସାମଲଙ୍କ ଶରୀରର କିଛି ଅଂଶ ପୋଡ଼ିଯାଇଥିଲା। ଗୁରୁତର ଧରମାକୁ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ ଗ୍ରାମକୁ ଯାଇନପାରି ଅଧବାଟରେ ଅଟକି ରହିଥିଲା। ଗ୍ରାମବାସୀ ଓ ଆମ୍ବୁଲାନ୍ସ କର୍ମଚାରୀମାନେ ଷ୍ଟ୍ରେଚର୍ ଯୋଗେ ତାଙ୍କୁ ଟେକି ଟେକି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ।
ଏହି ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବିପନ୍ନ ପରିବାରର ସମସ୍ତ ଆବାସପତ୍ର ସମେତ ବର୍ଷକର ଅମଳ ଧାନ, ଟଙ୍କା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଏହି ବିପନ୍ନ ପରିବାରଗୁଡ଼ିକୁ ସହାୟତା ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି ଗ୍ରାମବାସୀ। ଏପରିକି ସ୍ୱାଧୀନତାର ଏତେ ବର୍ଷ ପରେ ମାଳପୁର ଗ୍ରାମକୁ ରାସ୍ତା ଖଣ୍ଡିଏ ନଥିବା ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ଗ୍ରାମବାସୀ। ତୁରନ୍ତ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବେ ବୋଲି ଦାବି କରିଛନ୍ତି।

## ପାରାଦୀପ କଲେଜରେ ରାଜନୀତି ବିଜ୍ଞାନ ସମ୍ମାନ



ପାରାଦୀପ,୨୧।୧(ସମିସ): ପାରାଦୀପ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ "ଗଣତନ୍ତ୍ରରେ ନ୍ୟାୟ ପାଳିକାର ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମାନକୁ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡଃ ରତ୍ନାକର ରାୟ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏଥିରେ ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ସସ୍ମିତା ଶତପଥୀ ପୌରହିତ କରିଥିବା ବେଳେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।ଅଧ୍ୟାପିକା ଡଃ ତପସ୍ୱିନୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ।ବିଭାଗୀୟ ମୁଖ୍ୟ ଡଃ ମମତା ଖଣ୍ଡାୟତରାୟ ଏହି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ରାଜନୀତି ବିଜ୍ଞାନ ର ଛାତ୍ରଛାତ୍ରୀ ମାନେ ସେମାନଙ୍କର ନିବନ୍ଧ ପାଠ କରିଥିଲେ। ବହୁ ଛାତ୍ରଛାତ୍ରୀ ଶେଷରେ ଅଧ୍ୟାପିକା ଖିରାବ୍ଧି ତନୟା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ଜଗତସିଂହପୁର,୨୧।୧(ସମିସ): ଜଗତସିଂହପୁର ଜିଲ୍ଲାର ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ ୧୯୯୫ ବ୍ୟାଚ (କଳା ବିଭାଗ) ପକ୍ଷରୁ ସ୍ମୃତିଚାରଣ ସଭା ଏବଂ ବନ୍ଧୁମିଳନ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଏହି ବ୍ୟାଚର ବନ୍ଧୁମାନେ ବିଭିନ୍ନ ସ୍ଥାନରେ ବନ୍ଧୁମିଳନ କରି ଆସୁଛନ୍ତି। ଚଳିତ ବର୍ଷ ମହାବିଦ୍ୟାଳୟ ପରିସରରେ ଆୟୋଜନ ହୋଇଥିବାବେଳେ ବିଗତ ୩୦ବର୍ଷ ତଳର ସ୍ମୃତିକୁ ସମସ୍ତେ ମନେ ପକାଇଥିଲେ। ଏହି ଅବସରରେ ବନ୍ଧୁମାନେ ମହାବିଦ୍ୟାଳୟର ବିଭିନ୍ନ ସ୍ଥାନ ବୁଲିବା ସହିତ ସେ ସମୟର ପାଠପଢ଼ା ଏବଂ ବର୍ତ୍ତମାନର ବ୍ୟବସ୍ଥା ସମ୍ପର୍କରେ ତୁଳନାତ୍ମକ ଆଲୋଚନା କରିଥିଲେ। ପରେ ସାଙ୍ଗମାନେ ନିଜ ନିଜର ବ୍ୟକ୍ତିଗତ ବୃତ୍ତି ଓ କାର୍ଯ୍ୟ ସମ୍ପର୍କରେ ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ। ଶେଷରେ ନାଚଗୀତର ଆସର ଜମିଥିଲା। ଏହି କାର୍ଯ୍ୟକ୍ରମରେ ୫୦ ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଜାତୀୟ କନ୍ୟା ସନ୍ତାନ ଦିବସରେ ସଚେତନତା ପଦଯାତ୍ରା



ଜଗତସିଂହପୁର,୨୧।୧(ସମିସ): ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରେ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଜାତୀୟ କନ୍ୟା ସନ୍ତାନ ଦିବସ ଅବସରରେ ଏକ ସଚେତନତା ପଦଯାତ୍ରା ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରାଟି ଜିଲ୍ଲାପାଳଙ୍କ କାର୍ଯାଳୟଠାରୁ ଆରମ୍ଭ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଦେଇ ପୁନଶ୍ଚ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରେ ସମାପ୍ତ ହୋଇଥିଲା। ଏହି ପଦଯାତ୍ରାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ବିଷ୍ଣୁପ୍ରିୟା ସେଠୀ, ସୁରକ୍ଷା ଅଧିକାରିଣୀ ରମଣୀ ଲାକ୍ରା, ମହିଳା ସଶକ୍ତୀକରଣ କେନ୍ଦ୍ରର ସମସ୍ତ କର୍ମଚାରୀ, ଜିଲ୍ଲା ସମାଜ ମଙ୍ଗଳ ଉପବିଭାଗର ସମସ୍ତ କର୍ମଚାରୀ, ଅଙ୍ଗନବାଡ଼ି କର୍ମୀ, ୱାନ୍ ଷ୍ଟପ ସେଣ୍ଟର୍ କର୍ମକର୍ତ୍ତା ଓ କିଶୋରୀମାନେ ଅଂଶଗ୍ରହଣ କରିଥିଲେ।

## ସରକାରୀ ପଲିଟେକନିକ୍‌ରେ ଅଷ୍ଟମ ବାର୍ଷିକୀ କ୍ରୀଡ଼ା ଉଦ୍‌ଯାପିତ



ନାଉଗାଁ,୨୧।୧(ସମିସ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ୍ ଅନ୍ତର୍ଗତ କଣିପଡ଼ାରେ ଥିବା ପଲିଟେକନିକ୍‌ରେ ଅଷ୍ଟମ ବାର୍ଷିକୀ କ୍ରୀଡ଼ା ଆଥଲେଟିକ୍ ଆସୋସିଏସନର ସଭାପତି ତଥା ଅନୁଷ୍ଠାନର ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡଃ ସର୍ବେଶ୍ୱର ପରିଡ଼ା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସୈନିକ ଗୁନ ଦାସ ଯୋଗଦେଇ କ୍ରୀଡ଼ାର ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ସିଲ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପସଭାପତି ସମୀର ରଞ୍ଜନ ବେହେରା, ଉପସଭାପତି ଜଗନ୍ନାଥ ପଟ୍ଟନାୟକ, ବରିଷ୍ଠ ଅଧ୍ୟାପକ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଗାଁ ମୁରବୀ ବିଷ୍ଣୁ ପରିଡ଼ାଙ୍କ ସ୍ମୃତି ଚାରଣ




ପାରାଦୀପ,୨୧।୧(ସମିସ) : ପାରାଦୀପ ଉପକଣ୍ଠ ବିଶ୍ୱାଳି ଗ୍ରାମର ମୁରବୀ ସ୍ୱର୍ଗତ ବିଷ୍ଣୁ ଚରଣ ପରିଡ଼ାଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ବିଶ୍ୱାଳି ଯାତ୍ରା ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଭୟ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ମୃତି ସଭାରେ ଅବସରପ୍ରାପ୍ତ ଶିକ୍ଷକ ଧୀରେନ୍ଦ୍ର କୁମାର ଦାସ, ସାରଙ୍ଗଧର ବେହେରା ଓ ପ୍ରବୀର ରାଉତ ପ୍ରମୁଖ ଉପସ୍ଥିତି ରହି ସ୍ୱର୍ଗତ ବିଷ୍ଣୁ ଚରଣଙ୍କ ଅଭୁଲା ଦିନର ସ୍ମୃତିକୁ ମନେପକାଇ ଥିଲେ ତାଙ୍କର ସମ୍ପର୍କୀୟ ଓ ତାଙ୍କ ସହ ସମୟ କାଟିଥିବା ତାଙ୍କର ବନ୍ଧୁବାନ୍ଧବ ଓ ଗ୍ରାମବାସୀ। ସେ ଏକା ଧାରରେ ଜଣେ ପରୋପକାରୀ ଓ ମିଷ୍ଟଭାଷୀ ବ୍ୟକ୍ତିତ୍ୱ ରୂପେ ବେସ ସୁନାମ ଅର୍ଜନ କରିଥିଲେ। ତାଙ୍କ ନେତୃତ୍ୱ ରେ ବିଶ୍ୱାଳି ଗ୍ରାମରେ ଅନେକ ମଠ, ମନ୍ଦିର ସେ ପ୍ରତିଷ୍ଠା କରିଥିଲେ। ଗ୍ରାମରେ ଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା କରିବା ସହ ନବନିର୍ମିତ ତ୍ରିନାଥ ମନ୍ଦିର ଓ ଶ୍ରୀଶ୍ରୀ ବିଶ୍ୱବିହାରୀ ମନ୍ଦିର ତିଆରିରେ ତାଙ୍କର ଅଗ୍ରଣୀ ଭୂମିକା ଥିଲା। ଗାଁ ରେ ଶିକ୍ଷା ବ୍ୟବସ୍ଥାରେ କିପରି ଉନ୍ନତି ଆସିବ ଓ ଗାଁ କିପରି ଏକାଠି ହେବ ତା' ଉପରେ ସେ ଧ୍ୟାନ ଦେଉଥିଲେ। ଆଜି ତାଙ୍କର ସ୍ମୃତିଚାରଣ ସଭାରେ ପୂର୍ବତନ ସାଂସଦ ଡାକ୍ତର କୁଳମଣି ସାମଲ, କଟକ ମହାନଗରନିଗମର ମୁଖ୍ୟଯନ୍ତ୍ରୀ ଇଂ ଅତନୁ ସାମନ୍ତ, ଅରୁଣ କୁମାର ବିଶ୍ୱାଳ, ପୂର୍ବତନ ସରପଞ୍ଚ କରୁଣାକର ପଟ୍ଟନାୟକ, ଧୀରେନ୍ଦ୍ର ସ୍ୱାଇଁ, ପରିବେଶବିତ ଅମରେଶ ନରେଶ ସାମନ୍ତ, ଅଶୋକ କୁମାର ମାଝୀ, ଯୁବ ସମାଜସେବୀ ମାନଭଞ୍ଜନ ମଲ୍ଲ, ରାଜକିଶୋର ପତି, ହିରଣ୍ୟ କୁମାର ଶଗଡ଼ିଆ, ସମାଜସେବୀ ନିତ୍ୟାନନ୍ଦ ପରିଡ଼ା, ପ୍ରଫୁଲ୍ଲ କୁମାର ପରିଡ଼ା, ଆଲୋକ ସାହୁ, ଶରତ କୁମାର ଜେନା, ବିକାଶ ମାଝୀ, ଅନୀଲ ତରାଇ, ଇଂ. ଧୀରେନ୍ଦ୍ର କୁମାର ସାହୁ, ଇଂ ପବିତ୍ର ବେହେରା, ଇଂ ତରଣୀସେନ ସାମଲ, ଚନ୍ଦ୍ରକାନ୍ତ ସାମଲ, ମଥୁରାନନ୍ଦ ତରାଇ ପ୍ରମୁଖ ସ୍ମୃତି ଚାରଣ ସଭାରେ ଉପସ୍ଥିତ ଥିଲେ। ଶେଷରେ ସ୍ୱର୍ଗତ ପରିଡାଙ୍କ ଜ୍ୟେଷ୍ଠପୁତ୍ର ଇଂ. ବିପିନ ବିହାରୀ ପରିଡା ପିତାଙ୍କ ସ୍ମୃତିଚାରଣ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଇଂ.ବିପିନ ବିହାରୀ ପରିଡ଼ା, ତପନ କୁମାର ପରିଡ଼ା, ରମନ କୁମାର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।

## ରବି ଋତୁ ପାଇଁ ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ



ଜଗତସିଂହପୁର,୨୧।୧(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହଠାରେ ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ରବି ଋତୁ ୨୦୨୫-୨୬ ନିମନ୍ତେ ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ. ସୋନାଲ କହିଲେ ଜଗତସିଂହପୁର ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା। ଚାଷୀମାନଙ୍କ ନିମନ୍ତେ ସରକାର ବହୁତ ଯୋଜନା କରିଛନ୍ତି। କୃଷକ ମାନେ ଯେପରି ପ୍ରତ୍ୟେକ ଯୋଜନାର ସୁଫଳ ପାଇପାରିବେ ସେଥିପ୍ରତି କୃଷି ବିଭାଗ ଅଧିକାରୀମାନେ ଯତ୍ନବାନ ହେବା ଆବଶ୍ୟକ। ଜିଲ୍ଲାରେ ଏହିସବୁ ଯୋଜନାଗୁଡ଼ିକୁ ବିଭିନ୍ନ କୃଷକ ସମ୍ପର୍କ ମେଳା, କୃଷି ସଚେତନତା କାର୍ଯ୍ୟକ୍ରମ , ଅଡିଓ ଭିଡିଓ କ୍ଲିପ୍, ୱାଲ ପେଣ୍ଟିଂ ଆଦି ଜରିଆରେ ହିତାଧିକାରୀମାନଙ୍କ ପାଖରେ ପହଞ୍ଚାଇବା ଆବଶ୍ୟକ ବୋଲି ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଅର୍ଗାନିକ ଫାର୍ମିଂ, ଫାର୍ମ ପଣ୍ଡର ସଦୁପଯୋଗ କରିବା ପାଇଁ ଜିଲ୍ଲାପାଳ କହିଥିଲେ। ବୈଠକରେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ କହିଲେ ଯେ, ତଳିଆ ଅଞ୍ଚଳରେ ପାଣି ଜମି ରହିବା କାରଣରୁ ଫସଲ କ୍ଷତି ହେବାର ଆଶଙ୍କା ରହୁଛି। ସେଥିପ୍ରତି ଦୃଷ୍ଟି ରଖି ସମସ୍ତ ସୁବିଧା କରିବାକୁ ସେ ପରାମର୍ଶ ଦେଇଥିଲେ।ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କୁଳମଣି ବାରିକ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ଚଳିତ ରବି ଋତୁରେ ସମସ୍ତ ଫସଲକୁ ମିଶାଇ ମୋଟ ୭୫,୯୮୦ ହେକ୍ଟର ଜମିରେ କୃଷିକାର୍ଯ୍ୟ ନିର୍ଦ୍ଧାରଣ କରାଯାଇଛି। ସେଥିମଧ୍ୟରୁ ୨୬୫୦ ହେକ୍ଟରରେ ଖାଦ୍ୟଶସ୍ୟ,୬୮୭୮୦ହେକ୍ଟର ରେ ଡାଲି ଜାତୀୟ ଫସଲ ,୪୨୫୦ ହେକ୍ଟର ରେ ତୈଳ ବୀଜ,୩୦୦ହେକ୍ଟରରେ ଆଖୁ ଚାଷ ନିମନ୍ତେ ଲକ୍ଷ ଧାର୍ଯ୍ୟ ରହିଛି। ତାଳଦଣ୍ଡା,ମାଛଗାଁ, ମହାନଦୀ ବ୍ୟାରେଜ୍ ଡିଭିଜନ, ଉଠା ଜଳସେଚନ ପଏଣ୍ଟ, ନଳକୂପ ମାଧ୍ୟମରେ ୨୪୨୪୭ ହେକ୍ଟର ଜମିରେ ଏବଂ ଅନ୍ୟ ଜଳସେଚନ ମାଧ୍ୟମ ରେ୩୯୮୫୧ ହେକ୍ଟର ଜମିକୁ ଜଳସେଚନ ସୁବିଧା ରହିଛି। ୧୦୫ କ୍ୱିଣ୍ଟାଲ ସୋରିଷ ବିହନ,୩୦୦ କ୍ୱିଣ୍ଟାଲ ଚିନା ବାଦାମ ପାଇଁ ଇଣ୍ଡେଣ୍ଟ ଦିଆଯାଇଛି। ଜିଲ୍ଲାର ଚାଷୀ ମାନଙ୍କୁ ସମବାୟ ଓ ବିଭିନ୍ନ ବ୍ୟାଙ୍କ୍ ଜରିଆରେ ୧୭୪୧୪୬.୨୮ ଲକ୍ଷ ଋଣ ଟଙ୍କା ପ୍ରଦାନ କରାଯିବାର ଧାର୍ଯ୍ୟ ଲକ୍ଷ ରହିଛି। ଉନ୍ନତ କୃଷି ଯନ୍ତ୍ରପାତି ର ବ୍ୟବହାର, ଡାଲି ଜାତୀୟ ଶସ୍ୟ ଅମଳ ବୃଦ୍ଧି, ଇଣ୍ଟିଗ୍ରେଟେଡ୍ ମାଇକ୍ରୋନିଉଟ୍ରିଏଣ୍ଟ ପରିଚାଳନା, ସିଡ ଭିଲେଜ ପ୍ରୋଗ୍ରାମ, ଇ-ପେଷ୍ଟ, ସର୍ଭେଲାନ୍ସ ମାଧ୍ୟମରେ କୀଟ ଦମନ, ଜୈବସାର, ଭର୍ମିକମ୍ପୋଷ୍ଟ, ମିଲେଟ ମିଶନ, ଟ୍ରାକ୍ଟର ସାହାଯ୍ୟରେ ମଞ୍ଜି ବୁଣା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା। ବୈଠକରେ ଆଖୁ ଚାଷ, ଇନଟିଗ୍ରେଟେଡ ଫାର୍ମିଂ ସିଷ୍ଟମ୍, ବିହନ ଯୋଗାଣ, ରାସାୟନିକ ସାର, ଫସଲ ସୁରକ୍ଷା, ମୃତ୍ତିକା ପରୀକ୍ଷଣ, ଶ୍ରୀ ଅନ୍ନ ଅଭିଯାନ, ତୈଳବୀଜ ଚାଷ, ଜାତୀୟ ଖାଦ୍ୟ ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜରାଜୀର୍ଣ୍ଣ ନବ ନିର୍ମିତ ବିଦ୍ୟାଳୟ କୋଠା

# ୩ ବର୍ଷ ନ ପୂରୁଣୁ କାନ୍ଥରେ ଫାଟ

କୋଲାବିରା,୨୧।୧(ସମିସ)

କୋଲାବିରା ବ୍ଲକ ଅନ୍ତର୍ଗତ ସମାସିଂହା ସ୍ଥିତ ଗ୍ରାମପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ୬୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ନୂତନ କୋଠା ନିର୍ମାଣକୁ ୩ ବର୍ଷ ନ ପୁରୁଣୁ ବିପଦସଙ୍କୁଳ ଅବସ୍ଥାକୁ ଆସିଥିବା ଦେଖିବାକୁ ମିଳିଛି। ନିମ୍ନମାନର କାର୍ଯ୍ୟ ଯୋଗୁଁ କୋଠା ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଯାଇଥିବା ଅଭିଯୋଗ ହୋଇଛି। ଯାହା କୋଠାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଉକ୍ତ କୋଠାର ଉପର ମହଲାରେ କାନ୍ଥ ଗୁଡିକରେ ଫାଟ ସୃଷ୍ଟି ହେବା ସଙ୍ଗେସଙ୍ଗେ ଅନେକ ସ୍ଥାନରେ ପ୍ଲାଷ୍ଟର ଛାଡି ଯାଇଥିବା ଦେଖିବାକୁ ମିଳିଛି। ଏହା ସହିତ ପାହାଚ ଗୁଡିକ ମଧ୍ୟ ଫାଟି ଆଁ କରିଥିବା ମଧ୍ୟ ଦେଖାଯାଉଛି। ତେବେ ମତ୍ର ୩ ବର୍ଷ ମଧ୍ୟରେ ନୁତନ କୋଠାର ଏତାଦୃଶ ଅବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ନିମ୍ନମାନର ଇଟା ସାଙ୍ଗକୁ ଅନ୍ୟାନ୍ୟ ସାମଗ୍ରୀ ନିମ୍ନ ମାନର ହୋଇଥବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା କୁହାଯାଉଛି। ବିଦ୍ୟାଳୟ କୋଠାଟି ବିପଦ ସଙ୍କୁଳ ତଥା ଅସୁରକ୍ଷିତ ଅବସ୍ଥାରେ ଥିବାରୁ ଶିକ୍ଷକ ବୃନ୍ଦ



ମଧ୍ୟ ଛାତ୍ରଛାତ୍ରୀଙ୍କୁ ସେଠାରେ ବସାଇ ଶିକ୍ଷାଦାନ କରିବାକୁ ଉଚିତ ମଣୁନାହାଁନ୍ତି। କୋଠା ନିର୍ମାଣ ପରଠାରୁ ତାହା କାର୍ଯ୍ୟରେ ଆସିପାରୁନାହିଁ। ତାଛଡା ଶ୍ରେଣୀ କୋଠରି ଅସୁରକ୍ଷିତ ରହିଥିବାନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଇଓଙ୍କ ନିକଟରେ ଦୁଇଦୁଇଥର ଅଭିଯୋଗ କରିସାରିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ତରଫରୁ ଉକ୍ତ କୋଠାକୁ ଭଙ୍ଗାଯାଇ ନୁତନ କୋଠା ନିର୍ମାଣ ନିମନ୍ତେ ଅର୍ଥ ବରାଦ ପାଇଁ ଚାଲିଥିବା ନେଇ ଶୁଣାଯାଉଛି। ଏତେ ବଡ କୋଠାର ଏପରି ଅବସ୍ଥା ବିଷୟରେ ସଂପୃକ୍ତ ଠିକାଦାରକୁ ରିପୋର୍ଟ କରାଯାଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ବେଳେ ପୁନଃ ଏକ ସ୍ଥାନରେ ସମାନ କାର୍ଯ୍ୟପାଇଁ ସରକାରୀ ଅର୍ଥ ବିନିଯୋଗ ପଛରେ ଠିକାଦାର ଓ ପ୍ରଶାସନର ମଧୂଚନ୍ଦ୍ରିକା ଉଜାଗର କରୁଛି ବୋଲି ସାଧାରଣରେ ଆଲୋଚନା ହେଉଛି। ନିୟମାନୁଯାୟୀ ସରକାରୀ କାର୍ଯ୍ୟ ନିର୍ବାହ ସମୟରେ ବିଭାଗୀୟ ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କାର୍ଯ୍ୟ ସମ୍ପାଦିତ ହେବା କଥା ମାତ୍ର ବିଡମ୍ବନା ସମାସିଂହା ଠାରେ ୬୦ଲକ୍ଷ ଟଙ୍କାର କୋଠା ନିର୍ମାଣରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। କୋଠାକୁ ତିନି ବର୍ଷ ନ ପୁରୁଣୁ ନବ ନିର୍ମିତ କୋଠା ଅସୁରକ୍ଷିତ ଅବସ୍ଥାକୁ ଆସିବା ଏବେ ସାଧାରଣରେ ଅଶ୍ଚର୍ଯ୍ୟ ପ୍ରକଟ କରିଛି। ଏସଂକ୍ରାନ୍ତେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମଙ୍ଗଲ କିଶାନଙ୍କୁ ପଚାରିବାରୁ ପିଲାଙ୍କ

### ପ୍ରଶାସନ ପକ୍ଷରୁ ପୁନଃନିର୍ମାଣ ପାଇଁ ମସୁଧା

ଜୀବନ ପ୍ରତି ବିପଦ ସୃଷ୍ଟି ହୋଇପାରେ ବୋଲି ଉକ୍ତ କୋଠାକୁ ପିଲାଙ୍କ ଶିକ୍ଷାଦାନ ପାଇଁ ବ୍ୟବହାର କରାଯାଉନାହିଁ। ଏହା ସହିତ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ଅସୁରକ୍ଷିତ କୋଠା ବିଷୟରେ ଗତ ୧୨ ନଭେମ୍ବର,୧୮ ଡିସେମ୍ବର ଏବଂ ୨୨ ଡିସେମ୍ବର ତିନିଥର ବିଦ୍ୟାଳୟ ପକ୍ଷରୁ ଲିଖିତ ଭାବରେ ଜଣେଇଛୁ। ବର୍ତ୍ତମାନ ସ୍ଥିତିରେ ୬୦ ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ଏହି କୋଠା ସୁରକ୍ଷା ଦୃଷ୍ଟିରୁ ଏ ପର୍ଯ୍ୟନ୍ତ କାମକୁ ଆସିପାରୁନାହିଁ। ଗୋଷ୍ଠି ଶିକ୍ଷା ଅଧିକାରୀ କୋଠା ବିଷୟରେ ଅବଗତ ହେବା ପରେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ଗୋଷ୍ଠି ଉନ୍ନୟନ ଅଧିକାରୀ ଅଶୋକ ମାଝିଙ୍କୁ ପଚାରିବାରୁ ସେଠାକୁ ଯାଇ ସରଜମିନ ତଦନ୍ତ କରାଯାଇ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଛୁ। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ସେଠାରେ ଏକ ଅତିରିକ୍ତ ଶ୍ରେଣୀ କୋଠରି ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ପ୍ରଶାସନ ପକ୍ଷରୁ ଉକ୍ତ କୋଠାକୁ ଅସୁରକ୍ଷିତ ଘୋଷଣା ହେବାପରେ ଉକ୍ତ କୋଠା ଭଙ୍ଗାଯିବ ନା ନୁତନ ନିର୍ମାଣ ହେବ ତାହା ଜିଲ୍ଲାପାଳଙ୍କ ଆଦେଶ ମୁତାବକ ହେବ ବୋଲି କହିଛନ୍ତି। ସଂମାସିଂହା ସ୍ଥିତ ଏହି ସରକାରୀ ବିଦ୍ୟାଳୟ କୋଠା ନିର୍ମାଣରେ ଖର୍ଚ୍ଚ ହୋଇଥିବା ୬୦ ଲକ୍ଷ ଟଙ୍କର ବିନିଯୋଗକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ କଡା ଆଭିମୁଖ୍ୟ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ଝାରସୁଗୁଡା,୨୧।୧(ସମିସ): ବ୍ରଜରାଜନଗର ମହାବିଦ୍ୟାଳୟରେ ଗତ ୧୦ ତାରିଖରୁ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଓଡ଼ିଆ ବିଭାଗ ଅଧ୍ୟାପିକା ତଥା ସେଲ୍ଫ ଡିଫେନ୍ସ ବିଭାଗ ସଂଯୋଜିକା ଡକ୍ଟର ପୁଷ୍ପାଞ୍ଜଳି ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ବିଜୟ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଭାଗିରଥି ତ୍ରିପାଠୀ, ବରିଷ୍ଠ ଅଧ୍ୟାପକ ବିକ୍ରମ ପଧାନ, ଯୁକ୍ତ ଦୁଇ ପ୍ରଭାରୀ ତଥା ଇତିହାସ ବିଭାଗ ମୁଖ୍ୟ ଡ. ରତୁପର୍ଣ୍ଣା ମହାନ୍ତି, ଇଂରାଜୀ ବିଭାଗ ମୁଖ୍ୟ ତଥା ଆକାଡେମିକ ବର୍ଶର ଅଧ୍ୟାପକ ଅଜୟ ଦୀପ ମଞ୍ଚାସିନ ଥିଲେ। ମହାବିଦ୍ୟାଳୟ ସେଲ୍ଫ ଡିଫେନ୍ସ ବିଭାଗ ସହ ସଂଯୋଜକ ଆଶିଷ ଅବସ୍ଥି ସଂଯୋଜନା କରିଥିବାବେଳେ ଅଧ୍ୟାପିକା ସଙ୍ଗୀତା ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଅର୍ଥନୈତିକ ବିଭାଗ ମୁଖ୍ୟ ଡ. ହରିଶଙ୍କର ପାଣ୍ଡେଙ୍କ ସମେତ ବହୁ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ନେଇଥିବା ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ମାଷ୍ଟର ଟ୍ରେନର ନୀତୁ ମନହର ୮ ଦିନ ବ୍ୟାପୀ ଏହି ଶିବିରରେ ସମସ୍ତ ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେଲ୍‌ଫ ଡିଫେନ୍ସ ବିଭାଗ ସଦସ୍ୟ ଅଧ୍ୟାପିକା ଚାନ୍ଦନୀ ବିଶ୍ୱାଳ, ଅଧ୍ୟାପିକା ସୁସ୍ମିତା ତ୍ରିପାଠୀ, ଅଧ୍ୟାପକ ଏସଏସ ପୃଷ୍ଟି ସହଯୋଗ କରିଥିଲେ।

## ଗୋଦମରେ ଚଢ଼ଉ ବେଆଇନ ଗଚ୍ଛିତ ଧାନ ଜବତ

କୋଲାବିରା,୨୧।୧(ସମିସ): ଯୋଗାଣ ବିଭଗ ପକ୍ଷରୁ ଅତର୍କିତ ଚଢ଼ଉ ସମୟରେ କୋଲାବିରା ବ୍ଲକ ଅନ୍ତର୍ଗତ ମାଲିଡିହି ଗ୍ରାମରେ ଟୋକାରାମ ସାହୁ ଏବଂ ରାଜେଶ ପୁଝାରୀଙ୍କ ନିକଟରେ ବେଆଇନ ଭାବରେ ଗଚ୍ଛିତ ଥିବା ଧାନ ଏବଂ ଗାଡିରେ ଲୋଡ ହୋଇଥିବା ଧାନକୁ ଜବତ କରାଯାଇ ତଦନ୍ତ କରାଯାଇଛି। ଜିଲ୍ଲା ଯୋଗାଣ ଅଧିକାରୀ ଦୁର୍ଗାଚରଣ ବେଶ୍ରାଙ୍କ ନେତୃତ୍ୱରେ ଯୋଗାଣ ବିଭାଗର ଅଧିକାରୀମାନେ ଏହି ଚଢ଼ଉରେ ସାମିଲ ରହିଥିଲେ। କୋଲାବିରା ଅତିରିକ୍ତ ତହସିଲଦାର କୌସିକ ମେହେର ମାଜିଷ୍ଟ୍ରେଟ ଭାବରେ ଉପସ୍ଥିତ ରହିଥିଲେ। କୋଲାବିରା ପୁଲିସ ଏହି କାର୍ଯ୍ୟରେ ସହଯୋଗ କରିଥିଲା। କେତେକ ଚାଷୀଙ୍କ ଧାନ ଦୁଇଟି ଟ୍ରକରେ ଲୋଡ କାରାଯାଇଥିଲା ଯାହାକି ତାପର ଦିନ ମଣ୍ଡିକୁ ନେଇ ସେଠାରେ ଅନୁସାଙ୍ଗିକ କାଗଜପତ୍ର ପ୍ରସ୍ତୁତ ହେବାପରେ ମିଲକୁ



ନେବାର କାର୍ଯ୍ୟକ୍ରମ ଥିବା ବିଷୟରେ ବେପାରି ରାଜେଶ ପୁଜାରୀ ତାଙ୍କର ପକ୍ଷ ରଖିଥିବା ବେଳେ ବେପାରି ଟୋକାରାମ ସାହୁଙ୍କ ଗୋଦମରେ ଗଚ୍ଛିତ ରହିଥିବା ହଜାର ହଜାର ବସ୍ତା ଧାନକୁ ଜବତ କରାଯାଇ ତାର ତଦନ୍ତ କରାଯାଉଛି। ରାଜେଶଙ୍କ ନିକଟରୁ ଯୋଗାଣ ବିଭାଗ ଦ୍ୱାରା ଜବତ୍ ଟ୍ରକ୍ ଦ୍ୱୟଥନାକୁ ଅଣା ନ ଯାଇ କୌଣସି ମିଲକୁ ନେଇ ରଖାଯାଇଥିବା ଜଣାପଡିଛି। ଧାନ ଚୋରା ଚାଲାଣ, ଚାଷୀଙ୍କ ଧାନର ଅଭାବି ବିକ୍ରୀ ସାଙ୍ଗକୁ ବଳକା ଧାନର ଥଇଥାନ କରିବାକୁ ନେଇ ଚାଷୀ ନିଶ୍ୱ ହେଉଥିବା ବେଳେ ଧାନ ବେପାରୀଙ୍କ ଚୋରା ଚାଲାଣ ଉପରେ ସରକାର ଅଙ୍କୁଶ ଲଗେଇବାରେ ବିଫଳ ହେଉଛନ୍ତି। ତେବେ ଆଜି ଯେଉଁ ୧୦ ଜଣ ଚାଷୀଙ୍କ ଧାନ ମଣ୍ଡିକୁ ନେବା ପାଇଁ ଲୋଡ ହେଉଥିଲା ସେ ସମସ୍ତ ଚାଷୀଙ୍କୁ ନେଇ ରାଜେଶ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ନିକଟକୁ ଯାଇ ସେମାନଙ୍କ ଧାନ ରହିଥିବା ବିଷୟରେ ବିବୃତ୍ତି ଦେଇଥିବା ଜଣାପଡିଛି।

## ଉଦ୍ଧାର ଶାଗୁଣାକୁ ଚିଡ଼ିଆଖାନା ପଠାଗଲା

କୋଲାବିରା,୨୧।୧(ସମିସ): ଅସୁସ୍ଥ ଶାଗୁଣାର ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାକୁ ସୁରକ୍ଷିତ ଭାବରେ କୋଲାବିରା ବନ ବିଭାଗ ପକ୍ଷରୁ ନନ୍ଦନକାନନ ଚିଡିଆଖାନାକୁ ପଠାଯାଇଛି। ଏବେ ଶାଗୁଣାଟି ସୁସ୍ଥ ଓ ସୁରକ୍ଷିତ ଥିବା ଜଣାପଡିଛି। କୋଲାବିରା ବନାଞ୍ଚଳ ଅଧିନ



କୁଲିହାମାଲ ପଞ୍ଚାୟତ ଅନ୍ତର୍ଗତ ଧୁବେନ ବୁଡ ଗ୍ରାମ ଜଙ୍ଗଲରୁ ଏକ ବଡ ଶାଗୁଣା ଅସୁସ୍ଥ ଥିବାରୁ ଉଡିପାରୁନଥିବା ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି କୋଲାବିରା ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ହିମାଳୟ ଗ୍ରିଫନ୍ ପ୍ରଜାତିର ଲାଲ ତାଲିକାଭୁକ୍ତ ୬୦.୨ କିଲୋଗ୍ରାମ ଓଜନର ଶାଗୁଣାକୁ ବନ ବିଭାଗ ଦ୍ୱାରା ବ୍ଲକ ଭେଟେନାରୀ ଅଧିକାରୀଙ୍କ ମାଧ୍ୟମରେ ଉଦ୍ଧର ଶାଗୁଣାର ପ୍ରାଥମିକ ସ୍ୱାସ୍ଥ୍ୟ ଯାଞ୍ଚ ପରେ ପୁନଃସ୍ଥାପିତ ପାଇଁ ନନ୍ଦନକାନକୁ ପଠାଯାଇଛି। ଝାରସୁଗୁଡା ଡିଏଫଓଙ୍କ ତତ୍ୱାଧାନରେ ଏହି କାର୍ଯ୍ୟରେ କୋଲାବିରା ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲା, ବନପାଳ ରମାକାନ୍ତ ନାଏକ, ଆଶାରାନିବେହେରା, ମାନସପଟେଲ, ବନରକ୍ଷୀକନ୍ଦର୍ପସାହୁପ୍ରମୁଖସହଯୋଗକରିଥିଲେ।

## ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ



ପଦ୍ମପୁର,୨୧।୧(ସମିସ): ଓଡିଶା ସରକାରଙ୍କ ଶ୍ରୀ ଅନ୍ନ ଅଭିଯାନ ଆନୁକୂଲ୍ୟରେ ପଦ୍ମପୁର ବ୍ଲକ ଅନ୍ତର୍ଗତ ସରସମାଲ ଗ୍ରାମରେ ଆଜି ମାଣ୍ଡିଆ ମଣ୍ଡିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସାହୁ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଭାଗର ଏଡ଼ିଓ ପ୍ରଭାସ ଚନ୍ଦ୍ର ପଣ୍ଡା, ବ୍ଲକ୍ କୃଷି ଅଧିକାରୀ ପୁଷ୍ପକ ନାଏକ, ଏଏଓ ସରୋଜ ସାହୁ, ଆରଏମସି ଅଧିକାରୀ ସୁଦୀପ୍ତ ମହାନ୍ତି, ବିଭୁଦତ୍ତ ସାହୁ, ଲୋକେଶ ପ୍ରଧାନ, ଡିପିସି ଅଭିଷେକ ସିଂହ, ଯୁବକ ମାଝୀ ଉପସ୍ଥିତ ଥିଲେ। ସେହିପରି ବ୍ଲକ୍‌ସ୍ତରୀୟ ବିପିସ ତରଣୀସେନ ଦ୍ୱାରୀ, ଏବିପିସି ପପୁ କୁମାର ବେହେରା, ହିସାବରକ୍ଷକ ରାଜିବ ହରିପାଲ, ବ୍ଲକସ୍ତରୀୟ ପ୍ରକ୍ୟୁରମେଣ୍ଟ ଏଜେନ୍ସୀର ବିମଳ, କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡର ଏମଡି ଅଶୋକ କୁମାର ସାହୁ, ପରିଚାଳନା ସଂସ୍ଥା ତ୍ରିରଙ୍ଗା ଯୁବକ ସଂଘ, ଶ୍ରୀ ଅନ୍ନ ଅଭିଯାନର ସମସ୍ତ ସିଆରପି ଓ ଚାଷୀମାନେ ଏଥିରେ ଯୋଗଦେଇଥିଲେ।

## ୨ୟ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ୨୫ରୁ




ପଦ୍ମପୁର,୨୧।୧(ସମିସ): ପଦ୍ମପୁର ହୋଟେଲ ମିରାଇନଠାରେ ସନ୍ତୋଷ କୁମାର ବୈକାରଙ୍କ ସ୍ମୃତିରେ ଆସନ୍ତା ୨୫ ତାରିଖରୁ ପଦ୍ମପୁର ବିଜୁପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ୨ୟ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏନେଇ ବୁଧବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପଦ୍ମପୁର ବ୍ୟାଡମିଣ୍ଟନ ଉନ୍ନୟନ କମିଟିର ସଭାପତି ହରିଶଙ୍କର ସିଂହ, ସମ୍ପାଦକ କିଶୋର ପାତ୍ର, ବଣିକ ସଂଘ ସଭାପତି ତଥା ସିନିୟର ବ୍ୟାଡମିଣ୍ଟନ ଖେଳାଳୀ ପ୍ରତାପ ମିଶ୍ର, ବଂଶୀ ଅଗ୍ରୱାଲ, ବୁଲୁ ବୈକାର ସୂଚାଇଛନ୍ତି। ୧୫ ବର୍ଷରୁ କମ ଯୁଗ୍ମ ଓ ୧୯ ବର୍ଷ ରୁ କମ ଯୁଗ୍ମ ବିଭାଗକୁ ନେଇ ପ୍ରତିଯୋଗିତା ହେବ। ଏଥିରେ ଓଡିଶାର ବିଭିନ୍ନ ଜାଗାରୁ ସର୍ବମୋଟ ୭୦ ଟି ଦଳ ଭାଗ ନେବେ ବୋଲି କମିଟି ପକ୍ଷରୁ ସମ୍ମିଳନୀରେ ସୂଚାଯାଇଥିଲା। ଶେଷରେ ସମ୍ପାଦକ କିଶୋର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ନିପୁନ ସାହୁ, ଫିରୋଜ ଖାନ, ମହମ୍ମଦ ଅବତାବ, ମୋନିତ ପ୍ରଧାନ, ଶ୍ୟାମ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଜଙ୍ଗଲ ଜମିରେ ବେଆଇନ ଭାରୀଯାନ ଚଳାଚଳକୁ ବିରୋଧ

ଝାରସୁଗୁଡା,୨୧।୧(ସମିସ): ଝାରସୁଗୁଡା ଜିଲ୍ଲା ଶ୍ରିପୁରା ଗ୍ରାମରେ ଥିବା ଜଙ୍ଗଲ ଜମିକୁ କିଛି ଘରୋଇ ସଂସ୍ଥା ବେଆଇନ ରାସ୍ତା ରୂପେ ବ୍ୟବହାର କରି ଏହା ଉପରେ ଭାରୀଯାନ ଚଳାଚଳ କରୁଥିବା ଅଭିଯୋଗ ହୋଇଛି। ଯାହା ଦ୍ୱାରା ସୃଷ୍ଟି କରାଯାଇଥିବା ନୂତନ ଜଙ୍ଗଲର କ୍ଷତି ହୋଇଥିବାରୁ ସମ୍ପୃକ୍ତ ଘରୋଇ ସଂସ୍ଥା ଗୁଡିକ ବିରୋଧରେ ଶ୍ରିପୁରା ସରପଞ୍ଚ ବୁଧୁବାର ପୂର୍ବାହ୍ନରେ ବଡ଼ମାଳ ଥାନା ରେ ଏତଲା ଦେଇଥିବା ଜଣାପଡିଛି। ଶ୍ରିପୁରା ସରପଞ୍ଚଙ୍କ ଏତଲା ଅନୁଯାୟୀ, ଶ୍ରିପୁରା ଗ୍ରାମର ଜଙ୍ଗଲ ଜମିରେ ଏକ ପେଡ ମା କେ



### ଶ୍ରିପୁରା ସରପଞ୍ଚଙ୍କ ଥାନାରେ ଏତଲା

ନାମ ଯୋଜନାରେ ଚାରା ରୋପଣ କରାଯାଇଛି। ଉକ୍ତ ଜଙ୍ଗଲ ଜମି ଉପରେ କିଛି ଘରୋଇ ସଂସ୍ଥା ଗୁଡିକ ଭାରୀଯାନ ଚଳାଚଳ କରି ସୃଷ୍ଟି କରାଯାଇଥିବା ନୂତନ ଜଙ୍ଗଲ ର ଚାରା ଓ ବୃକ୍ଷ ଉପରେ ବହୁତ କ୍ଷୟ କ୍ଷତି ପହଞ୍ଚାଉଥିବା ନେଇ ଅଭିଯୋଗ କରିଛନ୍ତି। ଘରୋଇ ସଂସ୍ଥା ଗୁଡିକ ଏହି ଜଙ୍ଗଲ ଜମି ଅଞ୍ଚଳରେ ବେଆଇନ ପାର୍କିଂ କରିବା ସହିତ ଏହି ପଲ୍ଲବୀତ ହେଉଥିବା ନୂତନ ଜଙ୍ଗଲ ଉପରେ ବହୁ କ୍ଷତି ପହଞ୍ଚାଉଛନ୍ତି। ସମ୍ପୃକ୍ତ କମ୍ପାନୀ ଗୁଡିକ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶ୍ରିପୁରା ଗ୍ରାମ ପଞ୍ଚାୟତ ସରପଞ୍ଚ ଯଶୋବନ୍ତୀ ପାଣ୍ଡେ ଏକ ଲିଖିତ ଏତଲା ବଡ଼ମାଳ ଆଇଆଇସିଙ୍କୁ ପ୍ରଦାନ କରିଥିବା ନେଇ ସୂଚନା ମିଳିଛି।

## ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ

ପଦ୍ମପୁର,୨୧।୧(ସମିସ): ପଦ୍ମପୁର ବ୍ଲକ ସମ୍ମିଳନୀ କକ୍ଷଠାରେ ବରଗଡ଼ ଜିଲ୍ଲା ଶିଳ୍ପକେନ୍ଦ୍ର ପକ୍ଷରୁ ଅଣୁ କ୍ଷୁଦ୍ର ମଧ୍ୟମ ପ୍ରତିଷ୍ଠା ନିମନ୍ତେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜବୋଡାସମ୍ବର ବ୍ଲକ୍ ଅଧ୍ୟକ୍ଷ ରଂଜିତ ସିଂ ବରିହା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ୍ ଉନ୍ନୟନ ଅଧିକାରୀ ମନୋଜ କୁମାର ଦେବତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଞ୍ଚଳ କଲେଜର ବାଣିଜ୍ୟ ବିଭାଗ ମୁଖ୍ୟ ନବକୃଷ୍ଣ ମିଶ୍ର, ଡିସିର ବରିଷ୍ଠ ଅଧିକାରୀ ଜ୍ଞାନେନ୍ଦ୍ର କୁମାର ବେହେରା, ସଫଳ ଉଦ୍ୟୋଗୀ ଜ୍ୟୋସ୍ନା ରାଣୀ କର, ପଦ୍ମପୁର ଏଓ ପ୍ରଭାସ ରଞ୍ଜନ ପ୍ରଧାନ, ଆଇପିଓ ଅଭୟ କାନ୍ତ ପାଢି ପ୍ରମୁଖ ମଞ୍ଚାସୀନ ଥିଲେ। ସରକାରୀ ଯୋଜନାରେ ନାରୀମାନେ କିପରି ନିଜେ କ୍ଷୁଦ୍ର ବ୍ୟବସାୟ କରି ଆତ୍ମନିର୍ଭରଶୀଳ ହୋଇ ସଫଳ ଉଦ୍ୟୋଗୀ ହୋଇ ପାରିବେ ସେ ବିଷୟରେ ଆଲୋଚନା ହୋଇଥିଲା। କ୍ଷୁଦ୍ର ବ୍ୟବସାୟ ପାଇଁ ସମସ୍ତ ବ୍ୟାଙ୍କରୁ ୩୫ ପ୍ରତିଶତ ରିହାତିରେ ଲୋନ ନେଇ ବ୍ୟବସାୟ କରିପାରିବେ। ଏଥିରେ ସମସ୍ତ ବ୍ୟାଙ୍କ ସହଯୋଗ କରିବେ ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ।




## ଜିଲ୍ଲାସ୍ତରୀୟ କ୍ରୀଡ଼ା ଉତ୍ସବ



ଦେବଗଡ଼,୨୧।୧(ସମିସ): ଓଡିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ କଳାମାଟି ଷ୍ଟାଡିୟମଠାରେ ଜିଲ୍ଲାସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ତିଳେଇବଣି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ମଙ୍ଗଳ ଅଧିକାରୀ ଡୋମନ ଏକ୍କା ଓ ବ୍ଲକ ସମ୍ପ୍ରସାରଣ ଅଧିକାରୀ ରାମଚନ୍ଦ୍ର ସୋରେନ ଯୋଗ ଦେଇ ଖେଳାଳୀମାନଙ୍କୁ କ୍ରୀଡାର ଉପାଦେୟତା ଏବଂ କ୍ରୀଡା କ୍ଷେତ୍ରରେ ସର୍ବଭାରତୀୟସ୍ତରରେ ସୁନାମ ଅର୍ଜନ କରିବା ପାଇଁ ପରାମର୍ଶ ଦେଇଥିଲେ। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ମନୋରଞ୍ଜନ ବାରିକ ସଂଯୋଜନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଙ୍ଗଲ ଜମିରେ ଚାରାରୋପଣର ସୁରକ୍ଷା ଦାବି



ଝାରସୁଗୁଡା,୨୧।୧(ସମିସ): ଝାରସୁଗୁଡା ଜିଲ୍ଲା ସଦର ବ୍ଲକ ସ୍ଥିତ ଶ୍ରିପୁରା ଗ୍ରାମବାସୀ ଏକ ପେଡ ମା କେ ନାମ ଯୋଜନାରେ ଗ୍ରାମରେ ଥିବା ଜଙ୍ଗଲ ଜମିରେ ୧ ହଜାରରୁ ଉର୍ଦ୍ଧ ଚାରା ରୋପଣ କରିଥିଲେ। ଏହାର ଉପଯୁକ୍ତ ଯତ୍ନ ଓ ସୁରକ୍ଷା ପାଇଁ ସହାୟତା ପ୍ରଦାନ କରିବା ନିମନ୍ତେ ଗ୍ରାମର ଶତାଧିକ ମହିଳା ପୁରୁଷ ଓ ସ୍ଥାନୀୟ ଜନ ପ୍ରତିନିଧି ବଡ଼ମାଳ ଆଇଆଇସିଙ୍କୁ ବୁଧବାର ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ବର୍ଷା ଋତୁରେ ଗ୍ରାମର ଜଙ୍ଗଲ ଜମିରେ ଏକ ହଜାରରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। ଏହାର ସୁରକ୍ଷା ଏବଂ ଯତ୍ନ ପାଇଁ ଗତ କିଛି ଦିନ ହେବ ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ପାରି ନ ଥିବା ଅଭିଯୋଗ କରିଛନ୍ତି। ଏଣୁ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଯଶୋବନ୍ତୀ ପାଣ୍ଡେଙ୍କ ସଭାପତିତ୍ୱରେ ଗତ ଜାନୁୟାରୀ ୧୫ରେ ଗ୍ରାମସଭା କରି ଉକ୍ତ ଜଙ୍ଗଲ ଜମିରେ ରୋପଣ କରାଯାଇଥିବା ଚାରା ତଥା ବୃକ୍ଷ ଗୁଡିକର ଉପଯୁକ୍ତ ଯତ୍ନ ଏବଂ ସୁରକ୍ଷା କରିବା, ଉକ୍ତ ଜଙ୍ଗଲ ଜମିରେ କୌଣସି ଯାନବାହାନ ପ୍ରବେଶ କରାଇ ନ ଦେବା ନେଇଁ ସର୍ବସମ୍ମତି କ୍ରମେ ଗ୍ରାମସଭାରେ ପ୍ରସ୍ତାବ ଗ୍ରହଣ କରିଛନ୍ତି। ଯାହାକି ଆସନ୍ତା ଫେବୃଆରୀ ୨ ତାରିଖ ଠାରୁ ଆରମ୍ଭ କରାଯିବ। ତେଣୁ ଏହି ମା କେ ପେଡ ଯୋଜନାରେ ଲଗାଯାଇଥିବା ଚାରାର ଯତ୍ନ ଓ ସୁରକ୍ଷା କାର୍ଯ୍ୟରେ ପୁଲିସ ନିୟୋଜିତ କରିବା ସହ ପୁଲିସ ଉପସ୍ଥିତ ରହି ବେଆଇନ ଯାନବାହାନ ପ୍ରବେଶ ଦ୍ୱାରା ସୃଷ୍ଟି ହୋଇଥିବା ଚାରା ଉପରେ ଯେପରି କୌଣସି ପ୍ରଭାବ ନ ପଡିବ ସେଥିପାଇଁ ସୁରକ୍ଷା ଓ ସହାୟତା ପ୍ରଦାନ କରନ୍ତୁ ବୋଲି ଦାବିପତ୍ରରେ ଗ୍ରାମବାସୀ ନିବେଦନ କରିଛନ୍ତି। ଏହି ଦାବିପତ୍ରର ଅବିକଳ ନକଲ ଝାରସୁଗୁଡା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ବଡ଼ମାଳ ଆଇଆଇସିଙ୍କ ଜରିଆରେ ପ୍ରଦାନ କରାଯାଇଛି। ବଡ଼ମାଳ ଆଇଆଇସି ପବିତ୍ର ଭୋଇଙ୍କୁ ଏହି ଦାବିପତ୍ର ଦେବା ସମୟରେ ଶ୍ରୀପୁରା ଗ୍ରାମର ଜିଲ୍ଲା ପରିଷଦ ସଭ୍ୟ ଦିଗାମ୍ବର ଭୋଇ,ବ୍ଲକ ଅଧକ୍ଷ ଚିତ୍ରାଣୀ ପଟେଲ, ସରପଞ୍ଚ ଯଶୋବନ୍ତୀ ପାଣ୍ଡେ, ବିରଞ୍ଚି ମାଝୀ, ରୀନା ବାଗ, ମିନତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ମହୋତ୍ସବ 'ଉତ୍ସବ ପ୍ରଧାନପାଟ-୨୦୨୬' ଚତୁର୍ଥ ସନ୍ଧ୍ୟା

# ରୁକୁ ସୁନାଙ୍କ ଗୀତର ତାଳେତାଳେ ଝୁମିଲେ ଦର୍ଶକ






ଦେବଗଡ,୨୧।୧(ସମିସ)

ଦେବଗଡ ଜିଲା ପ୍ରଶାସନ, ସଂସ୍କୃତି ବିଭାଗ ଓ ଓର୍‌ମାସ୍‌ର ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଜିଲା ମହୋତ୍ସବ "ଉତ୍ସବ ପ୍ରଧାନପାଟ-୨୦୨୬' ଆଜି ଚତୁର୍ଥ ସଂଧ୍ୟାରେ ପହଞ୍ଚିଛି। ପ୍ରଧାନପାଟ ଜଳପ୍ରପାତ ନିକଟସ୍ଥ ବଡବଗିଚା ପଡିଆଠାରେ ନିର୍ମିତ ମୁକ୍ତାକାଶ ରଙ୍ଗ ମଞ୍ଚରେ ଉପ ଜିଲ୍ଲାପାଳ ପରୀକ୍ଷିତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବଗଡ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ବରେଣ୍ୟ ଅତିଥି ଭାବେ ବନଖଣ୍ଡ ଅଧିକାରିଣୀ ସୁଶ୍ରୀ ରଶ୍ମି ଜୀ ଯୋଗଦେଇ ଚତୁର୍ଥ ସଂଧ୍ୟାର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶେଷରେ ଜିଲା ଦକ୍ଷତା ଓ ନିୟୋଜନ ଅଧିକାରୀଣୀ କେ. ରୋଜା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।

ସଭାକୁ ଉପସ୍ଥାପିକା ଭାବେ ରାଉରକେଲାର ମୋନାଲିଶା ସାହୁ ପରିଚାଳନା କରିଥିଲେ। ଏହି ଅବସରରେ କ୍ରୀଡା ଓ ଉଦ୍ୟୋଗ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନୂଆଦେଇ ବିବି, ସନ୍ତୋଷ ମୁଣ୍ଡା, ମନୋଜ ମୁଣ୍ଡା, କ୍ରିଷ୍ଣା ଭାଟି,ପରମନନ୍ଦ ରଣା, ରଞ୍ଜନ ନାଏକ, ତପନ ନାଟକ, ଅସ୍ମିନ କେରକେଟା, ଅଙ୍କୁଶ ଭଞ୍ଜଙ୍କ ସମେତ କଳାମାଟି ଏକଲବ୍ୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସେହିପରି ମୁଖ୍ୟମନ୍ତ୍ରୀ ଜନଜାତି ଯୋଜନାରୁ ହିତାଧିକାରୀଙ୍କୁ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନା ସଭା ପରେ ଦେବଗଡ଼ର ଲୋକ ନୃତ୍ୟ, କାଶ୍ମୀର ଲୋକ ନୃତ୍ୟ, ହରିୟାଣା ଲୋକନୃତ୍ୟ, ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୁନାମଧନ୍ୟ କଣ୍ଠ ଶିଳ୍ପୀ ରୁକୁ ସୁନାଙ୍କ ସଂଗୀତରେ ଦର୍ଶକ ଝୁମିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବଗଡ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧିରଜ ଚୋପଦାର ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA



# କୋହ୍ଲସାହିରେ ପ୍ରଶାସନର ପାଦ ପଡ଼ିଲା



ବୌଦ୍ଧ,୨୧।୧(ସମିସ):ବୌଦ୍ଧଜିଲ୍ଲାହରଭଙ୍ଗାବ୍ଲକ ଡୁକୁଲୁଣ୍ଡା ମୌଜାର କୋହ୍ଲସାହିରେ ପ୍ରଶାସନିକ ଟିମ୍ ପହଞ୍ଚିଛି। ଏଠାରେ ଅଧିକାରୀମାନେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିଛନ୍ତି। ବର୍ଷ ବର୍ଷ ଧରି ମୌଳିକ ସୁବିଧାରୁ ବଞ୍ଚିତ କୋହ୍ଲସାହିର ଦୁଃଖ ଦେଖିଛନ୍ତି। ଆଶା ଓ ଅଙ୍ଗନବାଡ଼ିକର୍ମୀଙ୍କ ସହ ଡାକ୍ତରୀ ଦଳ ଘର ଘର ବୁଲି ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଗୁରୁତର ଗ୍ରାମବାସୀଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଛନ୍ତି। ଗ୍ରାମବାସୀଙ୍କୁ ସରକାରୀ ପରିଚୟ ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଜମିପଟା, ଭୋଟର କାର୍ଡ, ଆଧାର କାର୍ଡ ଓ ରାସନ କାର୍ଡ କରାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିପରି ଗାଁର କୋମଳମତି ଶିଶୁଙ୍କୁ ନିକଟସ୍ଥ ଡୁକୁଲୁଣ୍ଡା ଅଙ୍ଗନବାଡ଼ି ଓ ସ୍କୁଲରେ ନାମ ଲେଖାଇବା ପାଇଁ ବ୍ୟବସ୍ଥା କରାଯାଇଛି। ସମସ୍ତ ସରକାରୀ ଜନକଲ୍ୟାଣକାରୀ ଯୋଜନା ଯେପରି ଏହି ଲୋକଙ୍କ ପାଖରେ ପହଞ୍ଚିବ ସେନେଇ ପ୍ରଶାସନ ପ୍ରତିଶ୍ରୁତି ଦେଇଛି।

## ଚିପ୍ସ ବୋଝେଇ ହାଇୱା-ଜେସିବି ବୋଝେଇ ଟ୍ରକ୍ ମୁହାଁମୁହିଁ ଧକ୍କା

ବୌଦ୍ଧ,୨୧।୧(ସମିସ): ବୌଦ୍ଧ ଜିଲ୍ଲା ଚାରିଛକ-କୁସଙ୍ଗ ପୂର୍ତ୍ତ ବିଭାଗ ରାସ୍ତାର ପୁରୁଣା କଟକ ଥାନା କରଞ୍ଜିକଟାଠାରେ ଏଆରଏସଏସ କମ୍ପାନୀର ଚିପ୍ସ ବୋଝେଇ ହାଇୱା ଏବଂ ଜେସିବି ବୋଝେଇ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଚିପ୍ସ ବୋଝେଇ ହାଇୱା ଛତ୍ରଙ୍ଗ ପାର୍ଶ୍ୱରୁ ଯାଉଥିବା ବେଳେ ବିପରୀତ ଦିଗରୁ ଜେସିବି ବୋଝେଇ ଟ୍ରକ୍ ଆସୁଥିଲା। ହଠାତ ଚିପ୍ସ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଜେସିବି ବୋଝେଇ ଟ୍ରକକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଉଭୟ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ଘଟଣା ପରେ କିଛି ଘଣ୍ଟା ରାସ୍ତା ଜାମ୍ ରହିଥିଲା।

## ଚତୁର୍ଥ ଦିନରେ ବୀରନରସିଂହପୁର ନବମ ଗଡ଼ଜାତ ଲୋକ ମହୋତ୍ସବ



ବୌଦ୍ଧ,୨୧।୧(ସମିସ): ନବମ ବୀରନରସିଂହପୁର ଗଡଜାତ ଲୋକ ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ରସରକେଳି ନୃତ୍ୟ ମଞ୍ଚକୁ ଦୁଲୁକାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ଜିଲ୍ଲା ପରିଷଦ ସଭ୍ୟା କଳ୍ପନା ସାହୁ, ଚଳଚିତ୍ର ଜଗତର ବିଶିଷ୍ଟ କଳାକାର ଅଶ୍ରୁମୋଚନ ମହାନ୍ତି, କଳାକ୍ଷେତ୍ର, ଓଡ଼ିଶାର ସମ୍ପାଦକ ବାସୁଦେବ ମାଳବିଷୋୟୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ରୀତାକାନ୍ତି ବଳିୟାରସିଂ ସଭାପତିତ୍ୱ କରିଥିଲେ। ବସନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ନବକିଶୋର ଦୀପ ଓ ସୁରେନ୍ଦ୍ର କର୍ଣ୍ଣ ସଂଯୋଜନା କରିଥିଲେ। ଦୁଃଖୁ ଗାଇଗୌରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଲିସ ଭ୍ୟାନ୍ ଧକ୍କାରେ ସ୍କୁଟି ଆରୋହୀ ଆହତ



ବୌଦ୍ଧ,୨୧।୧(ସମିସ): ବୌଦ୍ଧ ସହର ପୋଷ୍ଟ ଅଫିସ୍ ଛକ ନିକଟରେ ଏକ ସ୍କୁଟିକୁ ବୌଦ୍ଧ ଥାନା ଭ୍ୟାନ୍ ଧକ୍କା ଦେଇଛି। ସ୍କୁଟି ଆରୋହ ବନ ବିଭାଗ ଗାଡ଼ି ଚାଳକ ରାଜେନ୍ଦ୍ର ପାଣିଗ୍ରାହୀ ଆହତ ହୋଇଛନ୍ତି। ଶ୍ରୀ ପାଣିଗ୍ରାହୀ ସ୍କୁଟିରେ ଗାନ୍ଧୀ ଛକ ଦିଗରୁ ଆସି ପୋଷ୍ଟ ଅଫିସ୍ ଛକରୁ ରଥ ସାହି ଆଡକୁ ଯାଉଥିଲେ। ଏତିକି ବେଳେ ସମ୍ମୁଖରୁ ଆସୁଥିବା ପୁଲିସ ଭ୍ୟାନ ତାଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା।

## ମଙ୍ଗଳସୂତ୍ର ଲୁଟି ଯୁବକ ଗିରଫ

ବୌଦ୍ଧ,୨୧।୧(ସମିସ): ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ଅଧୀନ ସାଲେସିଂ ଗ୍ରାମର ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତ ସୁନାହାର ଓ ମଙ୍ଗଳ ସୂତ୍ର ଲୁଟ୍ କରିଥିବା ଅଭିଯୋଗ ହୋଇଛି। ତେବେ ବାଇକ ଛାଡ଼ି ୨ ଜଣ ଲୁଟେରା ସୁନା ଚେନ୍ ଓ ମଙ୍ଗଳ ସୂତ୍ର ସହ ଫେରାର ହୋଇ ଯାଇଛନ୍ତି। ବାଇକ୍ ଚାଳକକୁ ଧରି ସ୍ଥାନୀୟ ଲୋକେ ପୁଲିସ ଜିମା ଦେଇଛନ୍ତି।



ବଘିଆପଡା ବୁଧବାର ସାପ୍ତାହିକ ବଜାରରୁ ବଜାର କରି ସାଲେସିଂ ଗ୍ରାମ ଦରଗଡିଆ ସାହିର ଗିରିଶ ଦିଗାଲ୍ ଓ ତାଙ୍କ ପତ୍ନୀ ମନ୍ଦାକିନୀ ଦିଗାଲ ଚାଲି ଚାଲି ଘରକୁ ଫେରୁଥିଲେ। ଏତିକିବେଳେ ୩ ଜଣ ଲୁଟେରା ବାଇକରେ ଆସି ମନ୍ଦାକିନୀଙ୍କ ବେକରୁ ସୁନା ଚେନ୍ ଓ ମଙ୍ଗଳ ସୂତ୍ର ଝାମ୍ପି ନେଇଥିଲେ। ଭାରସାମ୍ୟ ହରାଇ ବାଇକ ସହ ଚାଳକ ପଡିଯିବାରୁ ସ୍ଥାନୀୟ ଲୋକେ କାବୁ କରି ନେଇଥିଲେ। ଅନ୍ୟ ଦୁଇ ଜଣ ହାର ଓ ମଙ୍ଗଳ ସୂତ୍ର ସହ ଦୌଡି ପଳାଇଥିଲେ।

## ୨୨ କେଜି ଗଞ୍ଜେଇ ଜବତ

ବୌଦ୍ଧ,୨୧।୧(ସମିସ): ବୌଦ୍ଧ ଜିଲ୍ଲା ବାଉଁଶୁଣୀ ପୁଲିସ ପକ୍ଷରୁ ଝାରମୁଣ୍ଡା ରାସ୍ତାରୁ ୨୨ କେଜି ଗଞ୍ଜେଇ ଜବତ ହୋଇଛି। ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ଖବର ପାଇ ବାଉଁଶୁଣୀ ପୁଲିସର ଏକ ଟିମ୍ ଚଢଉ କରିଥିଲା। ଏହି ଘଟଣାରେ ଜଣେ ଅଭିଯୁକ୍ତ ଗିରଫ ହୋଇଛି।

## ଗବଯୋର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ମନମୁଣ୍ଡା,୨୧।୧(ସମିସ): କଣ୍ଟାମାଳ ବ୍ଲକ ଗବଯୋର ଗଙ୍ଗାଧର ମେହେର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ବିଶିଷ୍ଟ ସାହିତ୍ୟିକ ହରିହର ପ୍ରଧାନ, କଣ୍ଟାମାଳ ବିଇଓ ଅଶୋଭ ରଞ୍ଜନ ମାଳି, ଜିଲ୍ଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ଶିମିଳିପଦର ସରପଞ୍ଚ ସାର୍ଦ୍ଦୁଳ ନାଗ, ପୂର୍ବତନ ପ୍ରଧାନ ଶିକ୍ଷକ ଅର୍ଜୁନ ବସ୍ତିଆ ଏବଂ ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ବଶିଷ୍ଠ ପ୍ରଧାନ ସଭାପତିତ୍ୱ କରିଥିବାବେଳେ ସହକାରୀ ଶିକ୍ଷକ ଲକ୍ଷ୍ମଣ ମହାପାତ୍ର ସଂଯୋଜନା କରିଥିଲେ। ଶେଷରେ ଶିକ୍ଷକ ବସନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଶ୍ରୀପତି କମ୍ପ, ପ୍ରଭାତ ସେଠୀ, ଦିବ୍ୟଲୋଚନ ମହାନନ୍ଦିଆ, କର୍ମଚାରୀ ଲଛମନ ମିଶ୍ର, ଲିଙ୍ଗରାଜ ଭୋଇ, ଜଗନ୍ନାଥ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

## ଲୋକ ମହୋତ୍ସବ 'ମାଲେଶ୍ରୀ' ପାଇଁ ପ୍ରସ୍ତୁତି

ବୀରମହାରାଜପୁର,୨୧।୧(ସମିସ): ବୀରମହାରାଜପୁର ମୈତ୍ରୀ ସଦନଠାରେ ମଙ୍ଗଳବାର ଲୋକ ମହୋତ୍ସବ ମାଲେଶ୍ରୀ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ସଭାପତି ତଥା ସ୍ଥାନୀୟ ଉପଜିଲ୍ଲାପାଳ ସୁରେନ୍ଦ୍ର କୁମାର ମେହେରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ସାମ୍ବାଦିକ ସଂଘର ସଭାପତି ସ୍ୱର୍ଣ୍ଣମୃନାଥ ଖଣ୍ଡଗିରି, ସାଂସଦ ପ୍ରତିନିଧି ନଳିନୀ ପଣ୍ଡା, ଜିଲ୍ଲା ବିଜେପି ସଭାପତି ବେଣୁଧର ଦାଶ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନାରାୟଣ ଲୁହା, ଭୂଷଣ କୁମାର ପାତ୍ର, ବରିଷ୍ଠ ସରକାରୀ ଓକିଲ ସତ୍ୟବ୍ରତ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଶ୍ରୀ ଖଣ୍ଡଗିରି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାରେ ବିଭିନ୍ନ ପ୍ରକାର ୧୬ଟି କମିଟି ପାଇଁ ସଦସ୍ୟ ଚୟନ କରାଯାଇଥିଲା। ଯୁଗଳ କିଶୋର ମିଶ୍ର ସଭା ସଂଯୋଜନା କରିଥିବା ବେଳେ ଦ୍ୱିତୀକୃଷ୍ଣ ପଣ୍ଡା ସଭା ବିବରଣୀ ଲିପିବଦ୍ଧ କରିଥିଲେ। କିଶୋର ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଉପଖଣ୍ଡର ୧୫୦ରୁ ଅଧିକ ବ୍ୟକ୍ତି ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ବୌଦ୍ଧ,୨୧।୧ (ସମିସ): ବୌଦ୍ଧ ଜିଲ୍ଲା ସଂଗ୍ରହାଳୟରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରାଥମିକ ବିଦ୍ୟାଳୟ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା, ସଂଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ବିଚାରକ ଭାବେ ଜିଲ୍ଲା ଉନ୍ନୟନ ପରିଷଦ ସଭାପତି ଚିତ୍ତ ରଞ୍ଜନ ଦାଶ, ବରିଷ୍ଠ ସାହିତ୍ୟିକ ରମେଶ ପ୍ରସାଦ ମେହେର, ଜ୍ଞାନେନ୍ଦ୍ର ନାରାୟଣ ରଥ, ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଶ୍ୟାମ ସୁନ୍ଦର ମହାପାତ୍ର, ପ୍ରଧାନ ଶିକ୍ଷକ ପ୍ରଦୀପ ମହାନ୍ତି, ସହକାରୀ ଶିକ୍ଷକ ରାଜକୁମାର ପ୍ରଧାନ, ପ୍ରକାଶ ମେହେର, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କାମାକ୍ଷା ସାହୁ, ସହକାରୀ ଶିକ୍ଷୟତ୍ରୀ ଅନିତା ସୁବୁଦ୍ଧି, ପ୍ରଣତି ପାତ୍ର, କଣ୍ଠଶିଳ୍ପୀ ଚତୁର୍ଭୁଜ କର, ସଙ୍ଗୀତଜ୍ଞ ବୀର ପ୍ରତାପ ସିଂ, ଅବସରପ୍ରାପ୍ତ ଶିକ୍ଷକ ଭୁବନେଶ୍ୱର ମିଶ୍ର ଯୋଗ ଦେଇଥିଲେ। ଅକ୍ଷୟ ମହାକୁଡ଼, ଜିତେନ୍ଦ୍ର ମହାନ୍ତି, ବୀରକିଶୋର କର୍ମୀ, ସୋମନାଥ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ଖଲିଆପାଲି ହାଇସ୍କୁଲର ବାର୍ଷିକ କ୍ରୀଡ଼ା



କଣ୍ଟାମାଳ,୨୧।୧(ସମିସ): ଖଲିଆପାଲି ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାନସ ରଂଜନ ମହାପାତ୍ରଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ରେଣୁକା ନାୟକ ଉଦ୍‌ଘାଟନ କରିଥିଲେ। କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଳି, ସାଂସଦ ପ୍ରତିନିଧି ଦୀପକ ବାରିକ, ଖଲିଆପାଲି ସରପଞ୍ଚ ରେଣୁକା ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ସଞ୍ଜିବ କର୍ଣ୍ଣ, ବିଘ୍ନରାଜ ନାୟକ, ସନ୍ଧ୍ୟାରାଣୀ ବାରିକ ଉପସ୍ଥିତ ଥିଲେ।

## ମହାନଦୀ ଆଳତିଘାଟରେ ଯୋଗାସନ ପ୍ରତିଯୋଗିତା

ବୌଦ୍ଧ,୨୧।୧(ସମିସ): ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାନଦୀ ଆଳତିଘାଟ ପରିସରରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଆସନ, ପ୍ରାଣାୟାମ ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ଦିଲ୍ଲୀପ ଚୌଧୁରୀ, ବିକାଶ ଅଗ୍ରୱାଲା ଓ ଦେବାଶିଷ ପୁରୋହିତ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂ, ଅକ୍ଷୟ ମହାକୁଡ ଓ ସୌମ୍ୟରଞ୍ଜନ ପୁରୋହିତ ପରିଚାଳନା କରିଥିଲେ।

## ମତଦାତା ସଚେତନତା ପ୍ରତିଯୋଗିତାରେ ସଫଳତା



ବୀରମହାରାଜପୁର,୨୧।୧(ସମିସ): ସୁବର୍ଣ୍ଣପୁର, ଜିଲ୍ଲା ବୀରମହାରାଜପୁର ମହାବିଦ୍ୟାଳୟର ଓଡ଼ିଆ ସମ୍ମାନ ତୃତୀୟ ବର୍ଷ ଛାତ୍ରୀ ଚନ୍ଦ୍ରିକା କର୍ଣ୍ଣ ରାଜ୍ୟ ନିର୍ବାଚନ ଆୟୋଗ ତରଫରୁ ମତଦାନ ସଚେତନତା ବିଷୟରେ ହୋଇଥିବା ପ୍ରତିଯୋଗିତା ଓ ରିଲ୍ସରେ ରାଜ୍ୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରଛନ୍ତି। ୨୫ତାରିଖ ରାଜ୍ୟ ନିର୍ବାଚନ କମିଶନ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ମତଦାନ ଦିବସରେ ତାଙ୍କୁ ପୁରସ୍କୃତ କରାଯିବ। କଲେଜ ଅଧ୍ୟକ୍ଷ ହିମାଂଶୁ ଶେଖର ପାଢ଼ୀ ଏହି ସୂଚନା ଦେଇଛନ୍ତି।

## ଚକାବର କ୍ଲଷ୍ଟରରେ କର୍ମଶାଳା



ବୀରମହାରାଜପୁର,୨୧।୧(ସମିସ): ଚକାବର କ୍ଲଷ୍ଟର ଅଧୀନ ବାଘମାରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ଚକାବର କ୍ଲଷ୍ଟରର ନାରାୟଣ ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ବାଘମାରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ମିଶ୍ର ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ପାଠପଢ଼ାକୁ ଅଧିକ ସହଜ, ସରଳ ଓ ଆମୋଦଦାୟକ କରି ଶ୍ରେଣୀଗୃହ ଶିକ୍ଷାଦାନକୁ ଅଧିକ ପ୍ରଭାବଶାଳୀ କରିବା ଏହାର ଲକ୍ଷ୍ୟ। ଚକାବର କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ସେମାନେ ଅଦରକାରୀ ଓ ପୁନଃ ବ୍ୟବହାରଯୋଗ୍ୟ ସାମଗ୍ରୀ ବ୍ୟବହାର କରି ବିଭିନ୍ନ ପ୍ରକାରର ଆକର୍ଷଣୀୟ ଓ ସୃଜନାଣକ ଶୈକ୍ଷିକ ମଡେଲ୍ ପ୍ରସ୍ତୁତ କରିଥିଲେ।

## ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ଶିବିର



ବୌଦ୍ଧ,୨୧।୧(ସମିସ): ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ଅଧୀନ ବିଦ୍ୟାଳୟ ଚକ୍ଷୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଆରସିସି କମଳାକାନ୍ତ ଦଳବେହେରା ଓ ସଂଯୋଜକ ହରି ଶଙ୍କର ଦଣ୍ଡସେନା ଯୋଗ ଦେଇଥିଲେ। ୧୮୩ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ୩୭ ଛାତ୍ରଛାତ୍ରୀ ଚଷମା ଓ ୬ ଜଣ ଛାତ୍ରଛାତ୍ରୀ ଉନ୍ନତ ଚିକିତ୍ସା ପାଇଁ ମନୋନୀତ ହୋଇଥିଲେ। ଶିବିର ପରିଚାଳନାରେ ସିଆରସିସି ରଶ୍ମିରଞ୍ଜନ ଦାଶ, ଅରୁଣ ମେହେର ସହଯୋଗ କରିଥିଲେ।

## ଅଧ୍ୟାପକ ଉଦ୍ଧବ ପଧାନ ସମ୍ମାନିତ

ବୀରମହାରାଜପୁର,୨୧।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ କାଦୋଦରସ୍ଥିତ ମାଁ ଉମାଦେବୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଉଦ୍ଧବ ପଧାନଙ୍କୁ ଶ୍ରେଷ୍ଠ ନାଗରିକ ସମ୍ମାନରେ ସମ୍ମାନିତ କରାଯାଇଛି। ହାପି ମୋମେଣ୍ଟ ଇଣ୍ଡିଆ ଆନୁକୂଲ୍ୟରେ କୋରାପୁଟ ଜିଲ୍ଲା ଜୟପୁରରେ ଜାତୀୟସ୍ତର ସମ୍ମିଳନୀ ଏବଂ "ଶ୍ରେଷ୍ଠ ନାଗରିକ ପୁରସ୍କାର-୨୦୨୬ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀ ପଧାନ ସମ୍ମାନିତ ହୋଇଛନ୍ତି।



### ୨୧ତମ ପାତାଳୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## ସ୍ଥାନୀୟ କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ବିଭୋର

ବୀରମହାରାଜପୁର,୨୧।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀ ପାତାଳୀ କ୍ଷେତ୍ର କୋଟସମଲାଇଠାରେ ଚାଲିଥିବା ୨୧ତମ ପାତାଳୀ ମହୋତ୍ସବ ଆଜି ଦ୍ୱିତୀୟ ସନ୍ଧ୍ୟାରେ ପହଞ୍ଚିଛି। ଦ୍ୱିତୀୟ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଚମତ୍କାର ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିଭୋର କରିଥିଲା। ଟ୍ରଷ୍ଟ ସମ୍ପାଦକ ଉତ୍ତର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଓ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ଉଲୁଣ୍ଡା ଅତିରିକ୍ତ ତହସିଲଦାର ନିରଞ୍ଜନ ଧଳ ଯୋଗଦେଇଥିଲେ। ପୂର୍ଣ୍ଣଚନ୍ଦ୍ର ପାଢୀ ସଭା ପରିଚାଳନା କରିଥିବା ବେଳେ ନଳିନୀକାନ୍ତ ବାଘ ଧନ୍ୟବାଦ ଅର୍ପଣ ଦେଇଥିଲେ। ଟ୍ରଷ୍ଟ ସଦସ୍ୟ ଜାନକୀରାମ ଦେହେରୀ, ଜଗଦିଶ କର୍ଣ୍ଣ, ମହୋତ୍ସବ ଉପଦେଷ୍ଟା ସଦସ୍ୟ ମନୋରଞ୍ଜନ ପାଢୀ ପ୍ରମୁଖ ସହଯୋଗ କରିଥିଲେ। ଆଜି ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଯାହା ଦର୍ଶକଙ୍କୁ ବିଭୋର କରିଥିଲା। ଶ୍ରୀ ଜଗନ୍ନାଥ ଏକାଡେମୀ କୋଟସମଲାଇ, ଖୁଣ୍ଟୁଲାପାଲି ୟୁପି ସ୍କୁଲ୍, କୁଞ୍ଜାପାଲି ସ୍କୁଲ, ବୀଏମପୁର ଓ ଜାଲୋଏ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ମା' ସୁରେଶ୍ୱରୀ ଦଣ୍ଡ କଳା ପରିଷଦ ତରଫରୁ ଦଣ୍ଡ ରତ୍ନ ବିପିନ ଜାଲ ଓ ସାଥୀଙ୍କ ଦ୍ୱାରା ଦଣ୍ଡ ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷରେ ଛଳିଆ ଶିଖରର ଚାଲିଥିବା ଭାଗବତ ସପ୍ତାହ ପାରାୟଣର ଆଜି ଦ୍ୱିତୀୟ ଦିବସରେ ଚତୁର୍ଥ ଓ ପଞ୍ଚମ ଖଣ୍ଡ ଗାନ କରାଯାଇଥିଲା। ଏଥିରେ ବ୍ୟାସ ଭାବେ ସୁଧିର ପୁରୋହିତ ଓ ବାଦ୍ୟଯନ୍ତ୍ରରେ ନରେନ୍ଦ୍ର ବାଘ, ପଞ୍ଚାନନ ମନ୍ତ୍ରୀ, ଅଚ୍ୟୁତାନନ୍ଦ କୁରକୁରିଆ, ଶଶି ଶେଖର ଉଡାନ କାର୍ଯ୍ୟ ସମ୍ପାଦନ କରିଥିଲେ। ସପ୍ତାହ ମଣ୍ଡପରେ କର୍ତ୍ତା ଭାବେ ଚିତ୍ତରଞ୍ଜନ ପାଢୀ ଓ ଗୌରୀ ପାଢୀ କାର୍ଯ୍ୟ ତୁଲାଉଛନ୍ତି। ବୀରମିତ୍ର ପଧାନ, ଅଭିଷେକ ଦେହେରୀ, ଫକୀର ପାଢୀ ଓ ରବିନାରାୟଣ ପୂଜାହାରୀ ପାରାୟଣରେ ସହଯୋଗ କରୁଛନ୍ତି। ଛପନ ପ୍ରହରୀ ନାମ ଯଜ୍ଞ, ଘୃତଯଜ୍ଞ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହେଉଛି।



## ପାରାୟଣ ଓ ନାମଯଜ୍ଞ ପାଇଁ ପ୍ରସ୍ତୁତି

ବୀରମହାରାଜପୁର,୨୧।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ଯଟେସିଙ୍ଗା ଗ୍ରାମ ପଞ୍ଚାୟତର ଚନ୍ଦଲି ମଠରେ ୨୪ ପ୍ରହରୀ ନାମଯଜ୍ଞ ନିମନ୍ତେ କଳସ ଶୋଭାଯାତ୍ରା, ସୁନ୍ଦରାକାଣ୍ଡ ପରାୟଣ ଅନୁଷ୍ଠିତ ହେବ। ଏନେଇ ମଙ୍ଗଳବାର ଚନ୍ଦଲି ମଠ ପରିସରରେ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ହରିହର ପାତ୍ରଙ୍କ ସଭାପତିତ୍ୱ ଏବଂ ବିଶିଷ୍ଟ ସମାଜସେବୀ ପ୍ରେମାନନ୍ଦ ଜଟିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ଚନ୍ଦଲି ଗ୍ରାମବାସୀ ଏବଂ ସମସ୍ତ ବିଭାଗର କମିଟି ସଦସ୍ୟ ଉପସ୍ଥିତ ଥିଲେ। ନାମ ଯଜ୍ଞରେ ଜିଲ୍ଲା ତଥା ଜିଲ୍ଲା ବାହାରର ୮୨ ଗୋଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେବାକୁ ଥିବା ବେଳେ ତନ୍ମଧ୍ୟରୁ ୨୧ ଗୋଟି ମହିଳା ସଂକୀର୍ତ୍ତନ ମଣ୍ଡଳୀ ରହିଥିବା ଜଣାପଡିଛି। ନାମ ଯଜ୍ଞରେ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହେବା ନେଇ ଆକଳନ କରାଯାଇଛି। ୨୪ ତାରିଖରେ କଳସ ଶୋଭାଯାତ୍ରା ଏବଂ ସୁନ୍ଦରାକାଣ୍ଡ ପରାୟଣ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଅଞ୍ଚଳର ସୁନାମଧନ୍ୟ ପରାୟଣ ଗାୟକ ସମ୍ପଦ କୁମାର ପୁଜାହାରୀ ବ୍ୟାସ ଆସନ ଅଳଙ୍କୃତ କରି ପରାୟଣ ଗାନ କରିବେ ବୋଲି ବୈଠକରେ ସୂଚାଯାଇଛି। ତେବେ ନାମ ଯଜ୍ଞକୁ ପରିଚାଳନା କରିବାକୁ ସର୍ବସମ୍ମତି କ୍ରମେ ସମାଜସେବୀ ପ୍ରେମାନନ୍ଦ ଜଟି, ଜିଲ୍ଲା ପରିଷଦ ସଭ୍ୟ ଲବ କୁମାର ସାହୁ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରଂଜିତ କୁମାର ରଥ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିବେକାନନ୍ଦ ପଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ପତି, ଗ୍ରାମ୍ୟ ସଭାପତି ହରିହର ପାତ୍ର, ଗ୍ରାମ୍ୟ ସମ୍ପାଦକ ଅନନ୍ତ ପଧାନ, ବରିଷ୍ଠ ସାମ୍ବାଦିକ ରାଜେଶ କୁମାର ସେଠି, କିଶୋର ହୋତା, ସମାଜସେବୀ ଦାମଦୋର ହୋତା ଏବଂ ଦୟା ହୋତା, ସୁବଳୟା ସରପଞ୍ଚ ପ୍ରୋମଦ କୁମାର ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ପୁରହିତ, ବରିଷ୍ଠ ସାମ୍ବାଦିକ ଯୁଗଳ କିଶୋର ମିଶ୍ର, ସମାଜସେବୀ ଅବଧୂତ ବେହେରା, ପୂର୍ବତନ ସରପଞ୍ଚ ନିତ୍ୟାନନ୍ଦ ସାହୁ, ଗଜେନ୍ଦ୍ର ଦଳେଇ, ଝସକେତନ ଦଳେଇ, କେଶନନ୍ଦ ଦଳେଇ ଏବଂ ବିନୋଦ ଦଳେଇଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ଏହି ଅବସରରେ ମିନାବାଜାରର ବ୍ୟବସ୍ଥା କରାଯାଇଥିବା ବେଳେ ଅନ୍ତିମ ରାଜନୀରେ ପଶ୍ଚିମ ଓଡ଼ିଶାର ସମ୍ବଲପୁରୀ କଣ୍ଠଶିଳ୍ପୀ ଶାଶ୍ୱତ ତ୍ରିପାଠୀଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ବୋଲି ଆୟୋଜକ କମିଟି ପକ୍ଷରୁ ସୂଚାଯାଇଛି।

## କ୍ରିକେଟ ମ୍ୟାଚ ଉଦ୍‌ଘାଟିତ

ବୀରମହାରାଜପୁର,୨୧।୧(ସମିସ)



କେନଝରିଆପାଲି ହାଇସ୍କୁଲ ପଡିଆରେ ଜ୍ୟୋତି ସ୍ପୋର୍ଟିଂ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ୧୯ତମ କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଛି। ଜିଲ୍ଲା ପରିଷଦ ସଭ୍ୟ ଲବ ସାହୁ, ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ ପାତ୍ର, ସହକାରୀ ଶିକ୍ଷକ ଜୀବନ୍ଧନ ରଣା, ଜଗଦୀଶ ପଧାନ, ମୀନକେତନ ରଣା, ଗୌରୀଶଙ୍କର ପୂଜାହାରୀ, ସତ୍ୟନାରାୟଣ ରାଜହଂ. ଚିତ୍ତରଞ୍ଜନ ପଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ବୁରୋଘାଟ ଓ ଆପଟ ନୂଆଁଗଡ଼ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଆପଟ ନୂଆଁଗଡ଼ ଦଳ ବ୍ୟାଟିଂ କରି ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୫୩ରନ୍ କରିଥିଲା। ଜବାବରେ ବୁରୋଘାଟ ଦଳ ୪ ଓଭର ୩ ବଲ୍‌ରେ ୫୪ ରନ୍ କରି ବିଜୟୀ ହୋଇଥିଲା। ୨ୟ ମ୍ୟାଚ୍ ଦେଉଳମୁଣ୍ଡା ଓ ପଣ୍ଡିଆପାଲି ମଧ୍ୟରେ ହୋଇଥିଲା। ପ୍ରଥମେ ଦେଉଳମୁଣ୍ଡା ଦଳ ବ୍ୟାଟିଂ କରି ୮ ଓଭରରେ ୯ ୱିକେଟ୍ ହରାଇ ୫୧ରନ୍ କରିଥିଲ। ଜବାବରେ ପଣ୍ଡିଆପାଲି ଦଳ ୪ ଓଭର ୨ ବଲରେ ୨ ୱିକେଟ ହରାଇ ୫୨ ରନ୍ ପୂର୍ବକ ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚର ବିଜେତା ବୁରୋଘାଟ ଓ ଦ୍ୱତୀୟ ମ୍ୟାଚର ବିଜେତା ପଣ୍ଡିଆପାଲି ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ପ୍ରଥମେ ପଣ୍ଡିଆପାଲି ଦଳ ବ୍ୟାଟିଂ କରି ୬ ଓଭରରେ ୧ ଉଇକେଟ ହରାଇ ୧୦୧ ରନ୍ କରିଥିଲା। ଜବାବରେ ବୁରୋଘାଟ ଦଳ ୬ ଓଭରରେ ୬ ୱିକେଟ ହରାଇ ୫୧ ରନ୍ କରି ପରାସ୍ତ ହୋଇଥିଲା। ପଣ୍ଡିଆପାଲି ଦଳ ବୁରୋଘାଟ ଦଳକୁ ହରାଇ ପ୍ରଥମ ଦଳ ଭାବରେ ସେମିଫାଇନାଲରେ ପ୍ରବେଶ କରିଛି। ଅଶ୍ୱିନୀ ସାହୁଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବରେ କମିଟିର ବରିଷ୍ଠ ସଦସ୍ୟ ବିରସେନ ପଧାନ ପଣ୍ଡିଆପାଲି ଦଳର ରତନ କୁମାରଙ୍କୁ ମ୍ୟାନ ଅଫ ଦି ମ୍ୟାଚରେ ପୁରସ୍କୃତ କରିଥିଲେ। ଖେଳ ପରିଚାଳନାରେ ତରଣୀସେନ ପଧାନ, ପ୍ରବୀଣ ଦେହୁରୀ, ଓମ୍‌ପ୍ରକାଶ ମେଣ୍ଡିଲି, ଦିବ୍ୟକାନ୍ତ ଦେହୁରୀ, ଅରୁଣ ଦନ୍ତା, ନୟନ କର୍ଣ୍ଣ, ଦୀନବନ୍ଧୁ ନାଏକ, ସୁଶାନ୍ତ ମେଣ୍ଡିଲି, ଅଭିଷେକ କର୍ଣ୍ଣ, ଦେବର୍ଷୀ ବାଘ, ଆମ୍ପାୟର ସଚିନ ଦେହୁରୀ ଓ ପୃଥ୍ୱିରାଜ ମହାକୁର ସ୍କୋରର, ଝସକେତନ ରଣା, ତପୁ ପଧାନ ଓ ବେଣୁଧର କର୍ଣ୍ଣ ସହଯୋଗ କରିଥିଲେ।

## ୩ ଦିନରେ ଉଠିଗଲା ପିଚୁ



ମନମୁଣ୍ଡା,୨୧।୧(ସମିସ): କାମ ହେବାର ମାତ୍ର ୩ ଦିନ ପରେ ପିଚୁ ଉଠି ଯାଇଛି। ଏଣୁ କାମ ନିମ୍ନ ମାନର ହୋଇଥିବା ସ୍ପଷ୍ଟ ହୋଇଛି। ମନମୁଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଶୁଣ୍ଡିପଦରରୁ ମାଳିସାହି ୩ କିମି ରାସ୍ତାରେ ଏହା ଦେଖିବାକୁ ମିଳିଛି। ୨୦ ଲକ୍ଷ ଟଙ୍କାରେ ଏହି କାମ ହୋଇଛି। ଏନେଇ ମନମୁଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଶ୍ୟାମ ସୁନ୍ଦର ହେମ୍ବ୍ରମଙ୍କୁ ପଚାରିବାରେ କାମ ନିମ୍ନମାନର ହୋଇ ନାହିଁ। ପିଚୁ ସେଟ୍ ହେବାକୁ ପ୍ରାୟ ଏକ ମାସ ଲାଗେ। ଗାଡ଼ି ଯିବାରେ ପିଚୁ ଉଠି ନାହିଁ। କେହି ବଦନାମ କରିବା ପାଇଁ ତାହା ହାତରେ ଉଠାଇ ଦେଇଥିବା ଜଣା ପଡୁଛି। ଏହା ଜାଣିବା ପରେ ସେ ସବୁ ଜାଗାରେ ଯୁଦ୍ଧକାଳୀନ ଭିତ୍ତିରେ ପୁନଃ କାମ କରାଯାଉଛି ବୋଲି ସେ କହିଥିଲେ।

# ରୁପାକୁଣ୍ଡରେ ପାନୀୟଜଳ ସମସ୍ୟା ଉତ୍କଟ, ଉପଜିଲ୍ଲାପାଳଙ୍କୁ ଫେରାଦ

ଚମ୍ପୁଆ,୨୧ା୧(ସମିସ):

ଚମ୍ପୁଆ ବ୍ଲକ୍ ଉଛବାଲି ପଞ୍ଚାୟତର ପିକ୍‌ନିକ୍‌ସ୍ଥଳୀ ତଥା ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇନଥିବା ଦେବ ସ୍ଥାନ ଭାବେ ପରିଚିତ ରୁପାକୁଣ୍ଡ ଅଞ୍ଚଳରେ ଉତ୍କଟ ପାନୀୟଜଳ ସମସ୍ୟା ଦେଖିବାକୁ ମିଳିଛି। ପାନୀୟଜଳ ସମସ୍ୟା ସହ ଅନ୍ୟାନ୍ୟ ସମସ୍ୟା ନେଇ ଆଜି ମନ୍ଦିର କମିଟି ଉପଜିଲ୍ଲାପାଳଙ୍କ ଠାରେ ଫେରାଦ ହୋଇ ସମାଧାନ ନିମନ୍ତେ ଦାବି କରିଛନ୍ତି। ଅଭିଯୋଗ ଅନୁସାରେ ପୁଣ୍ୟତୋୟା ବୈତରଣୀ ନଦୀ କୂଳରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ରୂପାକୁଣ୍ଡ ଅବସ୍ଥିତ। ଏହି କୁଣ୍ଡ ଓ ଦେବସ୍ଥାନର ସମ୍ପର୍କ ଖିଚିଂ ସହ ରହିଥିବା ଅଞ୍ଚଳବାସୀ କୁହନ୍ତି। ବର୍ଷ ସାରା ଏଠାରେ ବଣଭୋଜି ତଥା ମକର ସମୟରେ ପର୍ଯ୍ୟଟକଙ୍କ ଗହଳି ଦେଖିବାକୁ ମିଳିଥାଏ। ଏଠାରେ ରୂପେଶ୍ୱର ମହାଦେବ ମନ୍ଦିରରେ ନିୟମିତ ପୂଜା ହୋଇଆସୁଥିବା ବେଳେ ସ୍ଥାନୀୟ ଲୋକ ତଥା ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥାଏ। ମାତ୍ର ଏଠାରେ ପାନୀୟଜଳର ସୁବ୍ୟବସ୍ଥା ନଥିବା ବେଳେ ବୈତରଣୀ ନଦୀ ତଟ ଦିନକୁଦିନ ନଦୀରେ ଲିନ ହେବାକୁ ବସିଲାଣି। ଫଳରେ ମନ୍ଦିରର ଭବିଷ୍ୟତକୁ ନେଇ ସ୍ଥାନୀୟ ଲୋକେ ଚିନ୍ତା ପ୍ରକଟ କଲେଣି। ଏହାର ସମାଧାନ ସମେତ ପାନୀୟଜଳର ସୁବ୍ୟବସ୍ଥା ନିମନ୍ତେ ଉପଜିଲ୍ଲାପାଳଙ୍କୁ ଗୁହାରି କରିବା ସହିତ ମନ୍ଦିର କମିଟି ସଭାପତି ଡମ୍ବରୁଧର ନାଏକ, ସମ୍ପାଦକ ଭଳାନାଥ ନାଏକ ଓ ସଦସ୍ୟ ହେମନ୍ତ ନାଏକ, ବୈଶାଖୁ ନାଏକ ପ୍ରମୁଖ ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି। ଏ ନେଇ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଚମ୍ପୁଆ ବିଡିଓଙ୍କୁ ଅବଗତ କରାଇବା ସହିତ ତୁରନ୍ତ ପଦକ୍ଷେପ ନେବା ପାଇଁ ପ୍ରତିଶୃତି ପ୍ରଦାନ କରିଛନ୍ତି।

# ବଳକା ଧାନ ପାଇଁ ଆସୁନି ଟୋକନ; ବଢ଼ୁଛି ଚାଷୀଙ୍କ ଚିନ୍ତା

ହାଟଡ଼ିହୀ,୨୧ା୧(ସମିସ): ଚଳିତବର୍ଷ ସରକାର ଚାଷୀମାନଙ୍କ ଠାରୁ ଉପଯୁକ୍ତ ପରିମାଣର ଧାନ ଉଠାଉ ନଥିବାବେଳେ ଅଳ୍ପ ପରିମାଣର ଟୋକନ୍ ଆସୁଛି। ଫଳରେ ଲୋକେ ବଳକା ଧାନ ବିକ୍ରି ନେଇ ଚିନ୍ତାରେ ପଡ଼ିଛନ୍ତି। ପ୍ରତିଦିନ ସମବାୟ ସମିତିକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। ସମବାୟ ସମିତିର କେହି ବି ଅଧିକାରୀ ଏ ନେଇ ସନ୍ତୋଷଜନକ ଉତ୍ତର ଦେଇପାରୁନାହାନ୍ତି। ଜଳକଳଙ୍ଗ ଗ୍ରାମର ଚାଷୀ ମଙ୍ଗୁଳି ଚରଣ ନାୟକଙ୍କ କହିବା ଅନୁଯାୟୀ ତାଙ୍କର ୪୮ କ୍ୱିଣ୍ଟାଲ ଧାନ ବିକିବା ପାଇଁ ଟୋକନ୍ ଆସିବା କଥା। ମାତ୍ର ୨୩ କ୍ୱିଣ୍ଟାଲ ଧାନ ବିକିବାକୁ ଟୋକନ୍ ମିଳିଛି। ଏତେ କମ୍ ପରିମାଣର ଟୋକନ୍ ଆସିବାରୁ ସେ ସଙ୍ଗେ ସଙ୍ଗେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପ୍ରଥମ ପର୍ଯ୍ୟାୟରେ ଏତିକି



ଆସିଛି, ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ଅଧିକ ଟୋକନ୍ ଆସିପାରେ ବୋଲି କହିଥିଲେ। ମାତ୍ର ମାସାଧିକାଳ ଅତିକ୍ରମ ପରିବା ପରେ ମଧ୍ୟ ଆଉ ଟୋକନ୍ ଆସୁନି। ତେଣୁ ସେ କିପରି ତାଙ୍କ ବଳକା ଧାନ ବିକିବେ ସେ ନେଇ ଚିନ୍ତାର ଅଛନ୍ତି। ସେହିପରି ହାଟଡ଼ିହୀ, ବଡ଼ରମ୍ପାସ, ଆମ୍ବ୍ରୋ, ଛେନାପଦି, ବଞ୍ଚୋ ଆଦି ଗ୍ରାମରେ ଅନେକ ଚାଷୀଙ୍କ ଏପରି ସମସ୍ୟା ହୋଇଥିବାବେଳେ ଅନେକ ଚାଷୀଙ୍କ ଆଦୌ ଟୋକନ୍ ଆସିନାହିଁ। ଏ ସମ୍ପର୍କରେ ମରେଗାଁ ସମବାୟ ସମିତିର ସମ୍ପାଦକ ଶରତ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଅନେକ ଲୋକ ଆମ ପାଖକୁ ଏପରି ଅଭିଯୋଗ ମାନ ଧରି ଆସୁଛନ୍ତି, କିନ୍ତୁ ଆମ ପାଖରେ କୌଣସି ଉତ୍ତର ନଥିବାରୁ ସେମାନେ ନିରାଶ ହୋଇ ଫେରିବାକୁ ବାଧ ହେଉଛନ୍ତି।

# ଲୋକତନ୍ତ୍ର ସେନାନୀ ସଙ୍ଘର ବୈଠକ



ଆନନ୍ଦପୁର,୨୧ା୧(ସମିସ):

କେନ୍ଦୁଝର ଜିଲ୍ଲା ଲୋକତନ୍ତ୍ର ସେନାନୀ ସଂଘର ଏକ ସ୍ୱତନ୍ତ୍ର ବୈଠକ ଜିଲ୍ଲା ପ୍ରଭାରୀ ଅଧ୍ୟାପକ ଗଦାଧର ମିଶ୍ରଙ୍କ ବାସଭବନ "ସୋମନୀଡ଼'ରେ ପୂର୍ବତନ ବିଧାୟକ କ୍ଷୀରୋଦ ପ୍ରସାଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନକୁ ରାଜ୍ୟ ଲୋକତନ୍ତ୍ର ସେନାନୀ ସଂଘର ଡେପୁଟି ସେକ୍ରେଟେରୀ ସତ୍ୟନାରାୟଣ ମହାପାତ୍ର ଉଦ୍‌ଘାଟନ କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରତ୍ୟେକ ବିନ୍ଦୁରେ ଥିବା ସଂଘ ସମସ୍ୟା ସହିତ ପରଲୋକଗତ ସେନାନୀ ସଦସ୍ୟଙ୍କ ପରିବାରକୁ ପେନସନ ପ୍ରଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସହିତ ଆନୁସଙ୍ଗିକ ହିନ୍ଦୁ ସଂଗଠନ ମାଧ୍ୟମରେ ହେବାକୁ ଥିବା ବିଶାଳ ଶୋଭାଯାତ୍ରାରେ ସାମିଲ ହେବାପାଇଁ ଜିଲ୍ଲା ଲୋକତନ୍ତ୍ର ସେନାନୀ ସଙ୍ଘ ପକ୍ଷରୁ ଦୃଢ଼ ସମର୍ଥନ ପ୍ରକାଶ ପାଇଥିବାରୁ ସଦସ୍ୟଙ୍କୁ ଶ୍ରୀ ସ୍ୱାଇଁ ଓ ଶ୍ରୀ ମହାପାତ୍ର ଧନ୍ୟବାଦ ପ୍ରଦାନ କରିବା ସହିତ ଏହି ଜନଆନ୍ଦୋଳନକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ଲୋକ ତନ୍ତ୍ର ସେନାନୀ ସଦସ୍ୟ ଅରୁଣ କୁମାର ମିଶ୍ର, ରବୀନ୍ଦ୍ର ପ୍ରସାଦ ଚାନ୍ଦ, ନଗେନ ଚନ୍ଦ୍ର ଚାନ୍ଦ ଓ ନିତ୍ୟାନନ୍ଦ ଦାସ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ଧଳା ଜହର କାରବାରରେ ୩ ଗିରଫ

ଯୋଡ଼ା,୨୧ା୧(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା କଣ୍ଡରା ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଧଳାଜହର (ବ୍ରାଉନ୍‌ସୁଗର୍) କାରବାରରେ ସଂପୃକ୍ତ ୩ଜଣଙ୍କୁ ପୁଲିସ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲଙ୍କ ସୂଚନା ମୁତାବକ ଇନ୍ସପେକ୍ଟର ଆଲୋକ କୁମାର ପରିଡ଼ା ଏବଂ ସହକର୍ମୀ ମଙ୍ଗଳବାର ସନ୍ଧ୍ୟାରେ କଣ୍ଡରା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବ୍ରାଉନ୍‌ସୁଗର୍



କାରବାର ଖବର ପାଇ ସେଠାରେ ଚଢ଼ଉ କରି ଘଟଣାସ୍ଥଳରୁ କିଛି ବ୍ରାଉନ୍‌ସୁଗର ଜବତ କରିଥିଲେ। ଏଥିସହ ଓଡି ୦୯ ଏଇ-୦୦୮୯ ନମ୍ବର ବିଶିଷ୍ଟ କାର୍, ୩ ଟି ମୋବାଇଲ ଫୋନ ଏବଂ ନଗଦ ୧୮ ହଜାର ୨ଶହ ଟଙ୍କା ଜବତ କରିବା ସହ ଏନ୍‌ଡିପିଏସ୍ ମାମଲା କେସ୍ ନଂ ୨୧/୨୦୨୬ ରୁଜୁକରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ସିଭଗଞ୍ଜ ଜିଲ୍ଲାର ରିଣ୍ଟୁ ଅନସାରୀ (୩୦), ଯୋଡ଼ା ବ୍ଲକ୍ ଗୁଆଲି ଅଞ୍ଚଳର ଦେବବ୍ରତ ବାରିକ (୩୪) ଏବଂ ଲୋଇଡ଼ାପଦା ଅଞ୍ଚଳର ସିରପାଣି ମୁଣ୍ଡା(୩୦)। ତେବେ ଆଗକୁ ତଦନ୍ତ ଜାରି ରହିବା ସହ ଅଞ୍ଚଳରେ ଯୋଡ଼ା ପୁଲିସର ତୀକ୍ଷ୍ଣ ନଜର ରହିଛି ବୋଲି ଯୋଡ଼ା ପୁଲିସ ତରଫରୁ ସୂଚନା ଦିଆଯାଇଛି।

# ପାଗଳ କୁକୁର କାମୁଡ଼ାରେ ୧୨ ଗୁରୁତର

ତୁରୁମୁଙ୍ଗା,୨୧ା୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଞ୍ଚଳରେ ଏକ ପାଗଳ କୁକୁର ଆତଙ୍କ ଖେଳାଇଛି। ଏହି କୁକୁର କାମୁଡ଼ାରେ ୧୨ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ବୁଧବାର ସକାଳୁ ପାଗଳ କୁକୁର କାମୁଡ଼ାରେ ବେଗନା ଗ୍ରାମର ୭ ଜଣ ଗୁରୁତର ହୋଇଥିବା ବେଳେ ସନ୍ଧ୍ୟାରେ ଆଉ ୫ ଜଣଙ୍କୁ କାମୁଡ଼ି ଲହୁ ଲୁହାଣ କରିଥିଲା। ସେମାନଙ୍କୁ ଗୁରୁତର





ଅବସ୍ଥାରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତର ବ୍ୟକ୍ତିମାନେ ହେଲେ ପାଟଣା ଥାନା ବେଗନା ଗ୍ରାମର ସିଲୁ ନାଏକ(୩୦), କ୍ରିସ୍ ନାଏକ (୫), ଦିବ୍ୟ ସେଠୀ (୨୦), ଦୈତାରୀ ମହାନ୍ତ (୪୦), ବନିତା ସେଠୀ(୨୫), ସାଇ ଶ୍ରଦ୍ଧା ସେଠୀ(୩), ବର୍ଷାରାଣୀ ମହାନ୍ତ(୨୦)। ସେହିପରି ଅସନପାଟ ଗ୍ରାମର ନିରଞ୍ଜନ ଗିରି (୨୧), ପାଟଣାର ଅଜିତ ମୁଣ୍ଡା (୧) ଓ ଭାଲିଆଡାଳ ଗ୍ରାମର ଶକୁନ୍ତଳା ମହାନ୍ତ (୨୭), ନୂଆପଡ଼ା ଗ୍ରାମର ପପୁନ ନାଏକ (୭), ମଲ୍ଲିପଶି ଗ୍ରାମର ହିମାଂଶୁ ଶେଖର ବିଶ୍ୱାସ (୬୦) ଗୁରୁତର ହୋଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି।

# ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବେ ୧୮୮୬ ଛାତ୍ରଛାତ୍ରୀ

ଚମ୍ପୁଆ,୨୧ା୧(ସମିସ): ଚଳିତବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିବାବେଳେ ଚମ୍ପୁଆ ବ୍ଲକ୍ ଶିକ୍ଷା ବିଭାଗ ଅଧୀନରେ ୧୮୮୬ ଜଣ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବେ ବୋଲି ଜଣାଯାଇଛି। ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚମ୍ପୁଆ ବ୍ଲକ୍‌ରେ ୧୦ଟି ପରୀକ୍ଷା କେନ୍ଦ୍ରରେ ୮୮୦ ଜଣ ଛାତ୍ର ଓ ୧୦୦୬ ଜଣ ଛାତ୍ରୀ ବୋର୍ଡ ପରୀକ୍ଷା ଦେବେ। ଏ ନେଇ ବିଭାଗ ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଥିବା ବେଳେ ପରୀକ୍ଷା ସୁଚାରରୂପେ ପରିଚାଳନା ପାଇଁ ଅବ୍‌ଜରଭର୍, ପରୀକ୍ଷା ପରିଚାଳକଙ୍କୁ ନିଯୁକ୍ତ କରାଯାଇଛି। ୧୯ ଫେବୃୟାରୀରୁ ପରୀକ୍ଷା ଆରମ୍ଭ ହୋଇ ୨୧ ମାର୍ଚ୍ଚରେ ଶେଷ ହେବ ବୋଲି ସହକାରୀ ବ୍ଲକ୍ ଶିକ୍ଷା ଅଧିକାରୀ ନରେନ୍ଦ୍ର କୁମାର ନାଏକ ସୂଚନା ଦେଇଛନ୍ତି।

# ଗୟଲମୁଣ୍ଡା ବିଦ୍ୟାଳୟରେ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ଆନନ୍ଦପୁର,୨୧ା୧(ସମିସ): ଗୟଲମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ଶୁଭ୍ରାଂଶୁ ଶେଖର ମିଶ୍ର ଆନନ୍ଦପୁର ଉପଖଣ୍ଡସ୍ତରୀୟ କ୍ୱିଜ୍ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଥିବାରୁ ବିଦ୍ୟାଳୟରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରେଣୀ ଶିକ୍ଷକ ଦୁର୍ଯ୍ୟୋଧନ ମହାନ୍ତଙ୍କ ସହିତ ଅନ୍ୟ ଶିକ୍ଷକମାନଙ୍କର ନିଷ୍ଠାପର ମାର୍ଗଦର୍ଶନ ଫଳରେ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗନେବାକୁ ସାହସ ଓ ପ୍ରେରଣା ପାଉଛନ୍ତି। ବିଦ୍ୟାଳୟର ପ୍ରାୟ ସମସ୍ତ ପ୍ରତିଯୋଗିତାରେ ସକ୍ରିୟ ଭାଗନେଇ କୃତକାର୍ଯ୍ୟ ହେଉଥିବାରୁ ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ଉତ୍ସାହ ବୃଦ୍ଧି ପାଇଛି। ଆଦିବାସୀ ଅଞ୍ଚଳରେ ଅବସ୍ଥିତ ଏହି ବିଦ୍ୟାଳୟ ପ୍ରତିଭା ଅନ୍ୱେଷଣରେ ଲଗାତାର ସଫଳତା ପାଇଁ ପଞ୍ଚାୟତବାସୀ ଓ ଅଭିଭାବକମାନେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସମସ୍ତ ଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା

ଆନନ୍ଦପୁର,୨୦ା୧(ସମିସ):



କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, କେନ୍ଦୁଝର ଆନୁକୂଲ୍ୟରେ ଆନନ୍ଦପୁର ଷ୍ଟାଡିୟମ ପରିସରରେ ତିନିଦିନିଆ "ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ହାଟଡିହୀ ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଘସିପୁରା ଜିଲ୍ଲା ପରିଷଦ (ଜୋନ୍ ନଂ ୧୨) ସଭ୍ୟ ସଂଜୀବ କୁମାର ମଲ୍ଲିକ ଏବଂ ଜୋନ୍ ନଂ ୨ ଜିଲ୍ଲା ପରିଷଦ ସଭ୍ୟ ଜିତେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହି ଚାଷୀମାନଙ୍କୁ ଆଧୁନିକ ଯନ୍ତ୍ରପାତିର ବ୍ୟବହାର କରି କୃଷି କ୍ଷେତ୍ରରେ ଉନ୍ନତି ଆଣିବାକୁ ପରାମର୍ଶ ଦେଇଥିଲେ। ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଏବଂ ଉତ୍ତରାଞ୍ଚଳ ସମ୍ବଲପୁରର କୃଷି ଅଧିକ୍ଷଣ ଯନ୍ତ୍ରୀ ଇଂ. ନରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ସରକାରୀ ଯୋଜନା ଓ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ଅବସରରେ ବିଭିନ୍ନ ପ୍ରକାରର ଉନ୍ନତ କୃଷି ଯନ୍ତ୍ରପାତି ଯଥା- ଡ୍ରୋନ୍, ଟ୍ରାକ୍ଟର, ହାରଭେଷ୍ଟର ଏବଂ ସିଞ୍ଚନ ଯନ୍ତ୍ରର ପ୍ରଦର୍ଶନୀ କରାଯାଇଥିଲା। ଏହି ମେଳାରେ ଯନ୍ତ୍ରପାତିଗୁଡ଼ିକ ରିହାତି ଦରରେ ବିକ୍ରୟ ପାଇଁ ଉପଲବ୍ଧ କରାଯାଇଛି। କୃଷି ଜିଲ୍ଲା ଅଧିକାରୀ ଶ୍ରୀ ନୀଳମାଧବ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ କୃଷି ଅଧିକାରୀ ଜୟନ୍ତ କୁମାର ଦାଶ (ଆନନ୍ଦପୁର), ଶୁଭଶ୍ରୀ ନାୟକ (ଘସିପୁରା), ଉମାଞ୍ଜରୀ ମହାନ୍ତ (ହାଟଡିହୀ), ପରିଚାଳକ ହରିଓଁ ପାଣିଗ୍ରାହୀ ଏବଂ କୃଷିକର୍ମଚାରୀ ଅମିୟ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଫଳ ଚାଷୀଙ୍କୁ ସମ୍ମାନ ଓ କୃଷି ପୁରସ୍କାର ପ୍ରଦାନ କରାଯାଇଥିଲା। ଡିଜିଟାଲ ଫସଲ ସର୍ବେକ୍ଷଣ ଓ କୃଷକ ପଞ୍ଜୀକରଣ ଚାଷୀଙ୍କୁ ବୈଷୟିକ ଜ୍ଞାନକୌଶଳ ଶିକ୍ଷା ପାଇଁ ସ୍ୱତନ୍ତ୍ର ପାଠଶାଳା ଓ ଆଲୋଚନାଚକ୍ର ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତଏହି ମେଳା ଆସନ୍ତା ଜାନୁୟାରୀ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଞ୍ଚଳର ସମସ୍ତ ଚାଷୀ ଭାଇଭଉଣୀମାନେ ଏହି ମେଳାରେ ଯୋଗଦେଇ କୃଷି ଯନ୍ତ୍ରପାତି ଓ ସରକାରୀ ସୁବିଧା ସୁଯୋଗର ଲାଭ ଉଠାଇବାକୁ କୃଷି ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ମେଳାରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ବିକ୍ରୟ ହେଉଛି। ଆନନ୍ଦପୁର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରିୟଦର୍ଶିନୀ ନାୟକ ଏ ନେଇ ସୂଚନା ଦେଇଛନ୍ତି।

# ଆନନ୍ଦପୁର ପୌରପାଳିକା ପକ୍ଷରୁ 'ବନ୍ଦେ ମାତରମ୍' ଉତ୍ସବ

ଆନନ୍ଦପୁର,୨୧ା୧(ସମିସ): ଆନନ୍ଦପୁର ପୌରପାଳିକା ପକ୍ଷରୁ ରାଷ୍ଟ୍ରଗୀତ "ବନ୍ଦେମାତରମ୍'ର ୧୫୦ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇଯାଇଛି। ବଙ୍କିମ୍ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଏହି ଗୀତର ସାମୂହିକ ଗାନ ଉତ୍ସବ ଆନନ୍ଦପୁର ପୌରପାଳିକା ପକ୍ଷରୁ କଲ୍ୟାଣ ମଣ୍ଡପଠାରେ ରାଜଶ୍ରୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଯୋଗଦେଇ ଦେଶାତ୍ମବୋଧ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବବ୍ରତ ବଳଙ୍କ ଅଧ୍ୟକ୍ଷତାରେ ସାଂସଦ ପ୍ରତିନିଧି ରାମଚନ୍ଦ୍ର ସାହୁ,



ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, ଡିଏମ୍‌ଏମ୍ ରାକେଶ ମଲିକ, କାଉନ୍‌ସିଲର ସନତ କର, ସମ୍ବିତ ଦାସ, କୃଷ୍ଣ ରଣା, ନିବେଦିତା ବେହେରା, ଲିନାରାଣୀ ସାହୁ, ସୁପ୍ରିୟା ମିଶ୍ର ଜ୍ୟୋତ୍ସ୍ନାରାଣୀ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୌରପାଳିକା ସ୍ୱଚ୍ଛସାଥି ସଂଗୀତା ଦଳେଇ ପ୍ରିୟଙ୍କା ଭଞ୍ଜ କବିତା ରାଜ ରଞ୍ଜିତା ବେହେରା, ସତ୍ୟଭାମା ସାହୁ, ଜୟନ୍ତୀ ସେନାପତି, ମିନତୀ ବାରିକ, ସଂଯୁକ୍ତା ସେନ, ସରୋଜିନୀ ଜେନା ପ୍ରମୁଖ ସହଯୋଗ କରିଥିଲେ। କର୍ମଚାରୀ ତୁଷାରକାନ୍ତ ରଣା, ଧନୁର୍ଜୟ ଦାଶ, ଶୁଭକାନ୍ତ ଜେନା, ଅଂଶୁମାନ ପାଢ଼ୀ, ଏସ୍କେ. ଶାହାବାଜ ଆଲାମ, ଭାଗୀରଥି ଦାଶଙ୍କ ସହ ସ୍ୱଚ୍ଛସାଥୀ, ସ୍ୱଚ୍ଛକର୍ମୀ ଓ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ।

## ଖଣି ଅଞ୍ଚଳରେ ନିଆରା ପଦକ୍ଷେପ

# ଷ୍ଟ୍ରବେରୀ ଚାଷ କରି ଉଦାହରଣ ପାଲଟିଛନ୍ତି ଗଙ୍ଗାଧର

କେନ୍ଦୁଝର/ଯୋଡ଼ା,୨୧ା୧(ସମିସ):

କେନ୍ଦୁଝର ଜିଲ୍ଲା ଯୋଡ଼ା ଅଞ୍ଚଳର ଲାଲ ମାଟିରେ ଚାଷର ନୂଆ ଅଧ୍ୟାୟ ଆରମ୍ଭ କରିଛନ୍ତି ଚମକପୁର ପଞ୍ଚାୟତ ଅଧୀନ ରେଭେନ୍ସାପୁର (କ) ଗାଁର ଗଙ୍ଗାଧର ମୁଣ୍ଡା। ସ୍ଥାନୀୟ ବୃଦ୍ଧାଶ୍ରମ ନିକଟସ୍ଥ ସୁନା ନଦୀ କୂଳରେ ଆଧୁନିକ ପଦ୍ଧତିରେ ଚାଷ କରି ସଫଳତାର ନୂଆ କାହାଣୀ ଲେଖିଛନ୍ତି ଗଙ୍ଗାଧର। ଟାଟା ଷ୍ଟିଲ୍ ଫାଉଣ୍ଡେସନ ସହଯୋଗ ଫଳରେ ପ୍ରାକୃତିକ ପଦ୍ଧତିରେ ଚାଷ କରି ଆଜି ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ୨୦୨୦ ମସିହାରେ ଏକ ସରକାରୀ ପ୍ରକଳ୍ପ ପାଇଁ ନିଜ ଜମି ହରାଇବା ପରେ ଗଙ୍ଗାଧର ଯୋଡ଼ା ଅଞ୍ଚଳକୁ ଆସିଥିଲେ। ଜମିହରା ପରିବାରର ଅଧିକାଂଶ ଲୋକ ଖଣିରେ ଶ୍ରମିକ ଭାବେ କାମ କରୁଥିବା ବେଳେ ଗଙ୍ଗାଧର କିନ୍ତୁ ପିଲାଦିନର ସ୍ୱପ୍ନକୁ ସାକାର କରିବା ପାଇଁ ଲାଗିପଡ଼ିଥିଲେ। ସ୍କୁଲରେ ପାଠ ପଢ଼ିବା ବେଳେ ସେ ଯେତେବେଳେ କହୁଥିଲେ ମୁଁ "କୃଷକ' ହେବି, ସେତେବେଳେ ଅନ୍ୟମାନେ ତାଙ୍କ କଥାକୁ ହସରେ ଉଡ଼ାଇ ଦେଉଥିଲେ। ହେଲେ ସେହି ସ୍ୱପ୍ନକୁ ବାସ୍ତବ ରୂପ ଦେବାକୁ ଅଣ୍ଟା ଭିଡ଼ିଥିଲେ ଗଙ୍ଗାଧର।

ସ୍ଥାନୀୟ ଜମି ମାଲିକମାନଙ୍କ ସହଯୋଗରେ ପଡ଼ିଆ ପଡ଼ିଥିବା ଚାରି ଏକର ଜମିକୁ ଉଦ୍ଧାର କରି ସେଠାରେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ଜମି ମାଲିକଙ୍କୁ ବୁଝାଇବା ଓ ସେ ମାଟିରେ କିଭଳି ଚାଷ କରାଯାଇପାରିବ ଜାଣିବାକୁ ୩ ମାସ ସମୟ ଲାଗିଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ରାସାୟନିକ ସାର ବ୍ୟବହାର ପରେ ମାଟିର ଉର୍ବରତା ହ୍ରାସ ପାଉଥିବା ଦେଖି ଗଙ୍ଗାଧର ଚିନ୍ତିତ ଥିଲେ। ଏହି ସମୟରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ ତାଙ୍କୁ ସହାୟତାର ହାତ



ବଢ଼ାଇଥିଲା। ଫାଉଣ୍ଡେସନ ପକ୍ଷରୁ ତାଙ୍କୁ ମଲ୍‌ଚିଂ ବୀଜାମୃତ ଏବଂ ଜୀବାମୃତ ଭଳି ପ୍ରାକୃତିକ ଚାଷ ପ୍ରଣାଳୀ ବାବଦରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାଦ୍ୱାରା ଚାଷ ଖର୍ଚ୍ଚ କମିବା ସହ ଅମଳ ମଧ୍ୟ ବୃଦ୍ଧି ପାଇଲା। ଜମିରେ ବିଭିନ୍ନ ପ୍ରକାରର ପନିପରିବା, ଶାଗ ଏବଂ ପିଜୁଳି, ଅମୃତଭଣ୍ଡା ଭଳି ଫଳ ଚାଷ କରିବା ସହ ଷ୍ଟ୍ରବେରୀ ଚାଷ କରି ଗଙ୍ଗାଧର ସମସ୍ତଙ୍କୁ ଚକିତ କରିଦେଇଛନ୍ତି।

ବିଗତ ତିନିବର୍ଷ ଧରି ଏହି ଜମିରେ ଷ୍ଟ୍ରବେରୀ ଚାଷ କରିଆସୁଥିବା ଗଙ୍ଗାଧର କହନ୍ତି "ଷ୍ଟ୍ରବେରୀ ଏକ ଲାଭଦାୟକ ଚାଷ ଓ ଏ ଅଞ୍ଚଳର ଜଳବାୟୁ ଦେଖି ମୁଁ ପ୍ରଥମେ ଆଶଙ୍କାରେ ଥିଲି, କିନ୍ତୁ ଚାଷ କଲାପରେ ଜାଣି ପାରିଲି ଏହି ଚାଷ ମଧ୍ୟ ଏଭଳି ଜାଗାରେ ହୋଇ ପାରିବ। ଏହା ମୋତେ ପ୍ରେରଣା ମଧ୍ୟ ଦେଇଛି ଆଗକୁ ଅଧିକରୁ ଅଧିକ ଚାଷ କରିବା ପାଇଁ। ଏ ସମସ୍ତ ସହାୟତା ଏବଂ ମାର୍ଗଦର୍ଶନ ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନକୁ ଦେସ ଧନ୍ୟବାଦ ଦେଇଛନ୍ତି। ସେ ଏହି ଷ୍ଟ୍ରବେରୀ ଚାଷରୁ ବାର୍ଷିକ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ପାଆନ୍ତି। ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ପଲିହାଉସ୍, ବିହନ ଏବଂ ବୈଷୟିକ ପରାମର୍ଶ ବଳରେ ସେ ମାସିକ ପ୍ରାୟ ୨୬ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି। ଖଣି ଗୁଣ୍ଡରୁ ଫସଲକୁ ସୁରକ୍ଷା ଦେବା ପାଇଁ ସେ ଡ୍ରିପ୍ ଇରିଗେସନ୍ ଏବଂ ସ୍ପ୍ରିଙ୍କଲର ବ୍ୟବହାର କରୁଛନ୍ତି। ଚାଷ ପାଇଁ ଆଗ୍ରହୀ ଥିବା ଆଖପାଖ ଅଞ୍ଚଳର ଅନେକ ଲୋକ ଗଙ୍ଗାଧରଙ୍କ ଫସଲ ଜମି ବୁଲି ଦେଖିବା ସହ ତାଙ୍କଠାରୁ ପ୍ରାକୃତିକ ଚାଷ ପ୍ରଣାଳୀ ସମ୍ପର୍କରେ ପଚାରି ବୁଝୁଛନ୍ତି। ଖଣିର ଛାଇ ତଳେ ଗଙ୍ଗାଧର ବୁଣିଥିବା ଏହି ସବୁଜ ସ୍ୱପ୍ନ ଆଜି ସାରା କେନ୍ଦୁଝର ଜିଲ୍ଲାର ଚାଷୀଙ୍କୁ ଏକ ନୂଆ ଦିଗ ଦେଖାଇଛି। ଗଙ୍ଗାଧରଙ୍କ ସଫଳତା ସମ୍ପର୍କରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ଯୋଡ଼ା ଇମ୍ପାକ୍ଟ କ୍ଲଷ୍ଟର୍ ମୁଖ୍ୟ ରବୀନ୍ଦ୍ର କୁମାର କହିଛନ୍ତି, "ଗଙ୍ଗାଧରଙ୍କ ସଫଳତା ପ୍ରମାଣ କରିଛି ଯେ, ସଠିକ୍ କୌଶଳ ଏବଂ ସହଯୋଗ ମିଳିପାରିଲେ ପ୍ରତିକୂଳ ପରିବେଶରେ ମଧ୍ୟ କୃଷିକୁ ଜୀବିକା ଭାବେ ଗ୍ରହଣ କରାଯାଇପାରିବ।

# ଜିତୁ ଦାଶଙ୍କୁ 'ନୃତ୍ୟ ଗରିମା' ସମ୍ମାନ



ଆନନ୍ଦପୁର,୨୧ା୧(ସମିସ): ଭୁବନେଶ୍ୱରସ୍ଥିତ ମା'ବୈଷ୍ଣୋଦେବୀ ମହିଳା ସମିତିର ୧୫ତମ ବାର୍ଷିକ ଉତ୍ସବ ସିଆର୍‌ପି ରେଣ୍ଟାର କଲୋନୀରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବୀଣାପାଣି କଳାନିକେତନର ନୃତ୍ୟ ଗୁରୁ ଜିତୁ ଦାଶଙ୍କୁ ନୃତ୍ୟ ଗରିମା ସମ୍ମାନରେ ସମ୍ମାନିତ କରାଯାଇଛି। ସମ୍ମାନିତ ଅତିଥି ରୂପେ କର୍ପୋରେଟର ପିଙ୍କି ସ୍ୱାଇଁ ଓ ସମ୍ପାଦିକା ଜାନକୀ ସାହୁ ଯୋଗ ଦେଇଥିଲେ। ଓଡ଼ିଶା ତଥା ଓଡ଼ିଶା ବାହାରେ ବହୁ ପ୍ରତିଷ୍ଠିତ ମଞ୍ଚରେ ନୃତ୍ୟାଭିନୟ ନିର୍ଦ୍ଦେଶନା ତଥା ନୃତ୍ୟ ପରିବେଷଣ କରିଥିବାରୁ କର୍ପୋରେଟର ପିଙ୍କି ସ୍ୱାଇଁ, ଜାନକୀ ସାହୁ ଓ ମହିଳାସମିତିର ସଦସ୍ୟ ନୃତ୍ୟ ଗୁରୁଙ୍କୁ ନୃତ୍ୟ ଗରିମା ସମ୍ମାନରେ ସମ୍ମାନିତ କରିଥିଲେ। ଶେଷରେ କଟକର ନୃତ୍ୟ ଗୁରୁ ଡ. ଶୁଭଲକ୍ଷ୍ମୀ ଦାସଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶୁଭ୍ରାଂଶୁ ପଟ୍ଟନାୟକ।

# କଲେଜ ଛାତ୍ରଛାତ୍ରୀଙ୍କ ବିଶ୍ୱ ଯୁବକେନ୍ଦ୍ର ପରିଦର୍ଶନ




କିଶୋରନଗର, ୨୧।୧(ସମିସ): ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ନୃତତ୍ତ୍ୱ ବିଭାଗ ଛାତ୍ରଛାତ୍ରୀମାନେ ବୁଧବାର ବିଶ୍ୱ ଯୁବକେନ୍ଦ୍ର, ବଣିନାଳୀ କ୍ଷେତ୍ର ପରିଦର୍ଶନ କରିଛନ୍ତି। ବିଭାଗୀୟ ଅଧ୍ୟାପକ, ଅଧ୍ୟାପିକାଙ୍କ ସହଯୋଗରେ ୨୦ ଛାତ୍ରଛାତ୍ରୀ ପରିଦର୍ଶନରେ ଆସିଥିଲେ। ବିଶ୍ୱ ଯୁବକେନ୍ଦ୍ର ତରଫରୁ ସେମାନଙ୍କୁ ସ୍ୱାଗତ କରାଯାଇ ଗୁଣ୍ଡୁରିଖଳି ଗ୍ରାମରେ ଚାଲୁଥିବା ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ ଓ ବିକାଶ କାର୍ଯ୍ୟକ୍ରମ କିପରି କାର୍ଯ୍ୟକାରୀ ହେଉଛି ସେ ସମ୍ବନ୍ଧରେ ଅବଗତ କରିଥିଲେ। ମାନସିକ ରୋଗୀଙ୍କୁ ଚିହ୍ନଟ, ଡାକ୍ତରୀ ପରାମର୍ଶ, ଭତ୍ତା, ଭିନ୍ନକ୍ଷମ ପ୍ରମାଣପତ୍ର ଆଦି ବିଷୟରେ ବର୍ଣ୍ଣନା କରିବା ସହ ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ଚିହ୍ନଟ କରାଯାଇଥିବା ମାନସିକ ରୋଗୀଙ୍କ ସହ ସାକ୍ଷାତ କରିଥିଲେ। ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ପିଲାମାନଙ୍କୁ ସମାଜ ଗଠନରେ ସ୍ୱେଚ୍ଛାସେବୀ ସଂଗଠନର ଭୂମିକା, ଚାଲୁଥିବା ବିଭିନ୍ନ ପ୍ରକଳ୍ପ ଦ୍ୱାରା କିପରି ଲୋକେ ଲାଭବାନ ହେଉଛନ୍ତି ସେ ସମ୍ପର୍କରେ ଜଣାଇଥିଲେ। ସଂଯୋଜିକା ଶାଶ୍ୱତି ମିଶ୍ର, ଅଧ୍ୟାପକ ଶଶାଙ୍କ ପ୍ରଧାନ, ଚମ୍ପକ କୁମାର ସାହୁ, ଅଧ୍ୟାପିକା ଓମ ବଙ୍ଗମୟୀ କବିକନ୍ୟା, କ୍ରିଷ୍ଟାରାଣୀ ଲିମା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର କାର୍ଯ୍ୟକ୍ରମ ସଂଯୋଜିକା ପୂଜା ସ୍ୱାଇଁ ଓ ଜ୍ୟୋସ୍ମିତା ପ୍ରଧାନ, ସଂଯୋଜକ ଅଭିଷେକ ମହାପାତ୍ର ଓ ଅଭୟ ଚରଣ ସ୍ୱାଇଁ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦଘାଟିତ

ଅନୁଗୋଳ, ୨୧।୧(ସମିସ)



ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ବିଦ୍ୟାର୍ଥୀଙ୍କ ସମୃଦ୍ଧିରେ ଦେଶର ସମୃଦ୍ଧି ନିର୍ଭର କରେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଦେବାଶିଷ ସାହୁ ଯୋଗଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ମଞ୍ଚ ପରିଚାଳନା କରିଥିଲେ। ଉତ୍ସବରେ ଜିଲ୍ଲାର ୧୧ ପିଏମଶ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀଙ୍କ ଅଭିନୀତ ଜିଲ୍ଲାସ୍ତରୀୟ ମଡେଲ ପାର୍ଲାମେଣ୍ଟ ଅନ୍ୟତମ ଆକର୍ଷଣ ଭାବେ ସମସ୍ତଙ୍କ ମନ ମୋହିଥିଲା। ଏହାସହ ପିଏମଶ୍ରୀ ଦୋକାନ ଯାତ୍ରା, ଆକାଂକ୍ଷୀ ମେଳା, କ୍ରୀଡ଼ାଙ୍ଗନ, କୁଶଳୀ, ଜିଜ୍ଞାସା ଓ ସାହିତ୍ୟ ସୃଜନୀ ଆଦି ଆକାଂକ୍ଷୀ ପାଠ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ଅନୁଗୋଳ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

● ବିନା ଅନୁମତିରେ ରାସ୍ତା ଖୋଳା

# ଡୁଆରେ ଜନସ୍ୱାସ୍ଥ୍ୟ ବିଭାଗ



ଅନୁଗୋଳ, ୨୧।୧(ସମିସ): ବୁଧବାର ସକାଳେ ସ୍ଥାନୀୟ ଅମଲାପଡ଼ାରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପଲାଇନ କାମ ପାଇଁ ପୌରପାଳିକାର ଅନୁମତିରେ କଂକ୍ରିଟ ରାସ୍ତା ଖୋଳିବାକୁ ଯିବାବେଳେ ଖବର ପାଇ ପୌରପାଳିକାର ଟାସ୍କଫୋର୍ସ ଟିମ ଘଟଣାସ୍ଥଳରେ ପହଞ୍ଚି ପୋକ୍ଲେନ, ଭାଇବ୍ରେଟର, ଡିଜି ଆଦି ଜବତ କରି ନେଇଛନ୍ତି। ବିନା ଅନୁମତିରେ ଗୋଟିଏ ସରକାରୀ ବିଭାଗର ଏଭଳି କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯାଇଛି।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

ଅନୁଗୋଳ, ୨୧।୧(ସମିସ): ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅନୁଗୋଳ ପୋକ୍ସୋ କୋର୍ଟ ବୁଧବାର ଦୋଷୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜୀମାନା ନିର୍ଦ୍ଦେଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ ଏନଟିପିସି ଥାନା ଟୋଲକବେଡ଼ା ଗ୍ରାମର ବିଶ୍ୱାସ ନାଏକ। ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ସେପ୍ଟେମ୍ବର ୩ରେ ବିଶ୍ୱାସ ଜଣେ ୧୩ ବର୍ଷୀୟ ନାବାଳିକାଙ୍କୁ ଅପହରଣ କରି ଆନ୍ଧ୍ରପ୍ରଦେଶ ନେଇଯାଇଥିଲେ। ସେଠାରେ ତାଙ୍କ ସହ ଦୁଷ୍କର୍ମ କରିଥିଲେ। ଏ ନେଇ ନାବାଳିକାଙ୍କ ବାପା ଥାନାରେ ଏତଲା ଦେଇଥିଲେ। ପୁଲିସ ତଦନ୍ତ କରି ନାବାଳିକାଙ୍କୁ ଆନ୍ଧ୍ରପ୍ରଦେଶରୁ ଉଦ୍ଧାର କରିବା ସହ ବିଶ୍ୱାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୁଧବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ପୋକ୍ସୋ କୋର୍ଟ ବିଚାରପତି ସୌମ୍ୟା ଶୁଭଦର୍ଶିନୀ ବିଶ୍ୱାସଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଦିଲୀପ କୁମାର ଦାସ ମାମଲା ପରିଚାଳନା କରୁଥିଲେ।

## ସଷ୍ଟେନେବଲ୍ ଡେଭଲପମେଣ୍ଟ ଗୋଲ୍ ଅଭିଯାନ

ଅନୁଗୋଳ, ୨୧।୧(ସମିସ): ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ତରଫରୁ ଦୁଇଦିନିଆ ସ୍ଥାୟୀ ବିକାଶ ଲକ୍ଷ୍ୟ ସଷ୍ଟେନେବଲ୍ ଡେଭଲପମେଣ୍ଟ ଗୋଲ୍ ଉପରେ ସଚେତନତା ଅଭିଯାନ ଆୟୋଜନ କରାଯାଇଛି। ପ୍ରଥମ ଦିନରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟଠାରେ ୧୭ଟି ଏସ୍‌ଡିଜି ବିଷୟରେ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଶେଷ ଦିନରେ ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ କଲେଜସ୍ତରୀୟ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ପରିବେଶ ପ୍ରଦୂଷଣ, ଲିଙ୍ଗଗତ ସମାନତା, ପରିମଳ, ସ୍ୱଚ୍ଛଶକ୍ତି ଏବଂ ଏହାର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଭଳି ବିଷୟ ଉପରେ କହିଥିଲେ। ମୁଖ୍ୟଅତିଥି ଭାବେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ପଟେଲ ଯୋଗଦେଇ ଛାତ୍ରଛାତ୍ରୀ କିପରି ସ୍ଥାୟୀ ବିକାଶ ଲକ୍ଷ୍ୟ ନିମନ୍ତେ ସଜାଗ ହୋଇପାରିବେ ସେ ବିଷୟରେ କହିଥିଲେ। ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଗାନେ ମୁର୍ମୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ଜାଗ୍ରତ କଲେ ସଶକ୍ତ ରାଷ୍ଟ୍ର ସମ୍ଭବ ବୋଲି କହିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ, ଅଧ୍ୟାପକ ଅଧ୍ୟାପିକା, ଅଭିଭାବକଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ‘ନାଲକୋ ଓଡ଼ିଶାର ପ୍ରଗତିର ସାଥୀ’






● ପ୍ରାରମ୍ଭରୁ କ୍ରମାନ୍ୱୟରେ ଲାଭ କରିଚାଲିଛି
● ମହାରତ୍ନ ମାନ୍ୟତା ବାଟରେ ଚାଲୁଛି କମ୍ପାନୀ

ଅନୁଗୋଳ, ୨୧।୧(ସମିସ): ବିଂଶ ଶତାବ୍ଦୀର ୮୦ ଦଶକରେ ଭାରତ ସରକାରଙ୍କ ସର୍ବବୃହତ ଆଲୁମିନିୟମ କମ୍ପାନୀ ନାଲକୋ ପ୍ରତିଷ୍ଠା ହେବା ଦିନରୁ ଆଜିଯାଏଁ କ୍ରମାଗତ ଭାବେ ଲାଭବାନ ହୋଇ ଦେଶ ପ୍ରଗତିରେ ସାମିଲ ହୋଇଛି। ନାଲକୋ ଓଡ଼ିଶାର ପ୍ରଗତିର ସାଥୀ ହୋଇଛି। ନାଲକୋକୁ ଆଧୁନିକ କୋଣାର୍କର ଆଖ୍ୟା ମିଳିଛି। ନାଲକୋର ସମ୍ପ୍ରସାରଣ ଯୋଜନା ରହିଛି। ଦାମନଯୋଡ଼ିଠାରେ ବକ୍ସାଇଟ ଖଣି ମଧ୍ୟ ସମ୍ପ୍ରସାରଣ ହେଉଛି। ନାଲକୋର ମୁଖ୍ୟ ୟୁନିଟ ସ୍ମେଲଟର କାରଖାନା ୨୦୩୦ ସୁଦ୍ଧା ଉତ୍ପାଦନ କ୍ଷମତା ଦ୍ୱିଗୁଣିତ କରିବ। ଏହି ଆଶା ନେଇ ନାଲକୋକୁ ଆଗକୁ ବଢ଼ି ନବରତ୍ନରୁ ଉନ୍ନୀତ ହୋଇ ମହାରତ୍ନର ମାନ୍ୟତା ପାଇଁ ଆଶାବାଦୀ ରହିଛୁ ବୋଲି ନାଲକୋ ମାନବ ସମ୍ବଳ ନିର୍ଦ୍ଦେଶକ ଆଶୁତୋଷ ରଥ ପ୍ରକାଶ କରିଛନ୍ତି। ଅନୁଗୋଳସ୍ଥିତ ନାଲକୋ ଏସ ଏଣ୍ଡ ପି କମ୍ପ୍ଲେସରେ ଆୟୋଜିତ ବାର୍ଷିକ ପ୍ରେସ ମିଡିଆ ସମାବେଶରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରଥ କହିଥିଲେ ଯେ ନାଲକୋ ଲାଭାଂଶର ୨ ପ୍ରତିଶତ ସିଏସଆର ଯୋଜନାରେ ଖର୍ଚ୍ଚ କରିବାଠାରୁ ଅଧିକ ଖର୍ଚ୍ଚ କରୁଛି। ଚଳିତ ବର୍ଷ ୭୦ରୁ ୮୦ କୋଟି ଟଙ୍କା ଏହି ଯୋଜନାରେ ବ୍ୟୟବରାଦ ହୋଇଛି। ପାରିପାର୍ଶ୍ୱିକ ଗ୍ରାମବାସୀଙ୍କ ପାଇଁ ଘର ମୁହଁରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛୁ। ବାର୍ଷିକ ପ୍ରାୟ ୧ ଲକ୍ଷ ୨୦ ହଜାର ଲୋକଙ୍କୁ ମଗଣାରେ ଚିକିତ୍ସା ଓ ଔଷଧ ବିତରଣ କରୁଛୁ। ଏଥିସହ ଗ୍ରାମବାସୀଙ୍କ ପାଇଁ ସ୍ୱତନ୍ତ୍ର ବହିର୍ଚିକିତ୍ସା କେନ୍ଦ୍ର ଖୋଲାଯାଇଛି। ଯେଉଁଠି ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। କନ୍ୟାରତ୍ନଙ୍କ ଶିକ୍ଷା, ଆଦିବାସୀଙ୍କ ଶିକ୍ଷା, ଏବଂ ନାଲକୋ ଲାଡ୍‌ଲି ଯୋଜନାରେ ଶିକ୍ଷା ଦେଉଛୁ। ପାରିପାର୍ଶ୍ୱିକ ଅଞ୍ଚଳର ଯୁବପିଢ଼ିଙ୍କ ଦକ୍ଷତା ବିକାଶ କରି ବିଭିନ୍ନ କମ୍ପାନୀରେ ସେମାନଙ୍କ ନିଯୁକ୍ତି ପାଇଁ ନାଲକୋ ସୁଯୋଗ ସୃଷ୍ଟି କରୁଛି। ପରିବେଶ ପ୍ରଦୂଷଣ ଦିଗରେ ନାଲକୋ ସର୍ବଦା ଯତ୍ନଶୀଳ ରହିଛି। ପ୍ରଦୂଷଣ ପରିଚାଳନାରେ ଅପଗ୍ରେଡ୍ କରୁଛି ବୋଲି ସେ କହିଥିଲେ। ସମାବେଶରେ ନାଲକୋ ଏସ ଆଣ୍ଡ ପି କମ୍ପ୍ଲେକ୍ସର ଇଡି, ସମସ୍ତ ଜିଏମ ଉପସ୍ଥିତ ଥିଲେ। ଜିଏମ ରାଜାରାମ ମିଶ୍ର ଏବଂ ଲୋକସମ୍ପର୍କ ବିଭାଗ, ନାଲକୋ ଫାଉଣ୍ଡେସନ ବିଭାଗ ଅଧିକାରୀ, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ‘ବନ୍ଦେ ମାତରମ୍’ର ୧୫୦ ବର୍ଷ ପୂର୍ତ୍ତି ପାଳନ



ପାଲଲହଡ଼ା, ୨୧।୧(ସମିସ): ପାଲଲହଡ଼ା ଉପଖଣ୍ଡ ଶରତ ଚନ୍ଦ୍ର କ୍ଲବରେ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳନ ତଥା ସାମୂହିକ ବନ୍ଦେ ମାତରମ୍ ଗାନ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ରାଷ୍ଟ୍ରୀୟ ଗୀତର ଗୌରବମୟୀ ଇତିହାସ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପାଲଲହଡ଼ା ବିଡିଓ ନିଶାନ ମିଶ୍ର, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାସ, ବରିଷ୍ଠ ଆଇନଜୀବୀ ତନ୍ମୟ ସାହୁ, ବିଜେପି ପାଲଲହଡ଼ା ମଣ୍ଡଳ ସଭାପତି ଆଶିଷ ସାମଲ, ପଞ୍ଚାନନ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ସୁର ସଙ୍ଗମ ସଙ୍ଗୀତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



କଣିହାଁ, ୨୧।୧(ସମିସ): କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ସୁର ସଙ୍ଗମ ସଙ୍ଗୀତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ମହାବିଦ୍ୟାଳୟ ସଭାପତି ରବିନାରାୟଣ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଓଏଚପିସିର ସିନିୟର ଜିଏମ ସରୋଜ କୁମାର ବହିଦାର, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ନୃସିଂହ ଚରଣ ବରାଳ, ଧ୍ରୁବଚରଣ ଧିର, ହରେକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅତିଥିଙ୍କୁ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ମହାବିଦ୍ୟାଳୟର କଳାକାରଙ୍କ ଦ୍ୱାରା ମଧ୍ୟରାତ୍ର ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ‘ସ୍ମୃତିରେ ତୁମେ ଖୋକାଭାଇ’ ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ



ତାଳଚେର, ୨୧।୧(ସମିସ): ସ୍ମୃତିରେ ତୁମେ ଖୋକାଭାଇ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ତାଳଚେର ହାଟତୋଟା ମାର୍କେଟ କମ୍ପ୍ଲେସଠାରେ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ତାଳଚେର ଏସ୍‌ଡିପିଓ ଭରତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଦେବୀ ମିଶ୍ର ଯୋଗଦେଇ ସଙ୍ଗୀତ ଦୁନିଆକୁ ଖୋକାଭାଇ ଅକ୍ଷୟ ମହାନ୍ତିଙ୍କ ଅବଦାନ ଚିର ସ୍ମରଣୀୟ ବୋଲି କହିଥିଲେ। ଅନୁଷ୍ଠାନର କଣ୍ଠଶିଳ୍ପୀମାନେ ସୁମଧୁର ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ସଭାପତି ଡ. ଦେବେନ୍ଦ୍ର କୁମାର ସିଂ, ସାଧାରଣ ସମ୍ପାଦକ ସାମ୍ବାଦିକ ଭାଗ୍ୟରଥୀ ମହାପାତ୍ର, ସହସମ୍ପାଦକ ଦୀପକ କୁମାର ଦେବତା ସଙ୍ଗୀତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। କଳାକାରଙ୍କ ଦ୍ୱାରା ପରିବେଷିକ ଅକ୍ଷୟ ମହାନ୍ତିଙ୍କ ଅନେକ ସୁପରହିଟ ସଙ୍ଗୀତ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ଅନୁଷ୍ଠାନର ଉପଦେଷ୍ଟା ସମାଜସେବୀ ଜ୍ୟୋତିରଞ୍ଜନ ଦାସ, ଆଇନଜୀବୀ ରାଜେନ୍ଦ୍ର ସିଂ, ଶ୍ରମିକ ନେତା ସୁଲେଖ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ଜେବିଆର ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ, ଯୁବ ଆଇନଜୀବୀ ଜ୍ଞାନେଶ୍ୱର ସାହୁ, କବୟିତ୍ରୀ ରତ୍ନପ୍ରଭା ବାଇ, ସମାଜସେବୀ କ୍ଷୀରୋଦ ସାହୁ, ବାପି ମହାନ୍ତି ପ୍ରମୁଖଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଦ୍ୟୁତ୍ ଚାର୍ଜହୋଇ ପୋଡ଼ିଗଲା ଲକ୍ଷାଧିକ ଟଙ୍କାର ଘରୋଇ ଉପକରଣ



ତାଳଚେର, ୨୧।୧(ସମିସ): ତାଳଚେର ପୌରପରିଷଦ କାର୍ଯ୍ୟାଳୟ ପଛପାର୍ଶ୍ୱରେ ଥିବା ମହାରଣା ସାହିରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ନୂତନ ଖୁଣ୍ଟ ପୋତି ବିଦ୍ୟୁତ୍ ସଂଯୋଗ କରାଯାଉଥିବା ବେଳେ ଚାର୍ଜହୋଇ ଲକ୍ଷାଧିକ ଟଙ୍କାର ଘରୋଇ ଉପକରଣ ପୋଡ଼ିଯାଇଥିବା ସାହିବାସିନ୍ଦା ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ ବିଭାଗ ପକ୍ଷରୁ ଅନଭିଜ୍ଞ କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜନ କରାଯାଇଥିବାରୁ ଏପରି ଘଟିଥିବା ସାହି ଲୋକେ କହିଛନ୍ତି। ସକାଳେ କିଛି କର୍ମଚାରୀ ଲାଇନ କାଟି ଖୁଣ୍ଟରେ ତାର ଟାଣିଥିଲେ। ପରେ ବିଦ୍ୟୁତ୍ ଚାର୍ଜ କରିବା ଫଳରେ ସାହିବାସିନ୍ଦାଙ୍କ ଘରର ଫ୍ରିଜ୍, କୁଲର, ବଲ୍‌ବ, ଫ୍ୟାନ୍ ଇତ୍ୟାଦି ପୋଡ଼ିଯାଇଥିଲା। ବିଭାଗ ପକ୍ଷରୁ ଲୋକଙ୍କୁ କ୍ଷତିପୂରଣ ଦେବାକୁ ଦାବି ହେଉଛି।

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରତିଯୋଗିତା

କିଶୋରନଗର, ୨୧।୧(ସମିସ): କିଶୋରନଗର ପଞ୍ଚାୟତ ସମିତି ତରଫରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ବିଭିନ୍ନ ପ୍ରତିଯୋଗିତା କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଉପକନିଷ୍ଠ, କନିଷ୍ଠ, ଉପବରିଷ୍ଠ, ବରିଷ୍ଠ ବର୍ଗରେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ତରଣୀସେନ ସାହୁ, ବୀଣାପାଣି ସାହୁ, ରୋଜାଲିନ ପ୍ରଧାନ, ପ୍ରଧାନଶିକ୍ଷକ ରଞ୍ଜିତ ସାହୁ, ଉତ୍କଳ କେଶରୀ ସାହୁ, ସୁଶାନ୍ତ କୁମାର ପ୍ରଧାନ, ସୁଦାମ ଚରଣ ପ୍ରଧାନ, ଶୁକଦେବ ସାହୁ, ପ୍ରଶିକ୍ଷଣ ବିଦ୍ୟାଳୟର ସୁବ୍ରତ କୁମାର ପାଣିଗ୍ରାହୀ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୁନେଲିକା ଖମାରି, ରୁଚିସ୍ମିତା ପରିଡ଼ା, ଆଦର୍ଶ ବିଦ୍ୟାଳୟର ପ୍ରତାପରୁଦ୍ର ବିଶି, ଶିକ୍ଷକ ମହେଶ୍ୱର ମେହେର, ଅଶୋକ କୁମାର ପ୍ରଧାନ, ଅଭିଜିତ ପ୍ରଧାନ, ଅଜିତ ବିଶ୍ୱାଳ, ପିଣ୍ଟୁ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଜାନୁଆରୀ ୨୬ରେ ବରପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ଏହାସହ ତୃତୀୟ, ପଞ୍ଚମ ଓ ଅଷ୍ଟମ ବୃତ୍ତି ପରୀକ୍ଷାରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସଦାଶିବ ଦେହୁରୀ ମେଧାବୃତ୍ତି ଏବଂ କ୍ରୀଡ଼ା ଓ ସୁରଭିରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀଙ୍କୁ ହୃଷୀକେଶ ମେଧା ସମ୍ମାନ ପ୍ରଦାନ କରାଯିବ। ପ୍ରତିଯୋଗିତାରେ ବ୍ଲକର ସମସ୍ତ ମହାବିଦ୍ୟାଳୟ, ସିଟି ସ୍କୁଲ, ଉଚ୍ଚ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏବିଇଓ ରମଣୀ ରଞ୍ଜନ ସାହୁ ସହଯୋଗ କରିଥିଲେ।



# ତ୍ରିଧାରା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

କିଶୋରନଗର, ୨୧।୧(ସମିସ)



ବଇଣ୍ଡା ତ୍ରିଧାରା ସାହିତ୍ୟ ସଂସଦର ତ୍ରୟୋଦଶ ବାର୍ଷିକ ଉତ୍ସବ ପାଳିତ ହୋଇଛି। ସଂସଦ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଜନତା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ଖମାରୀ ଯୋଗଦେଇ ସାହିତ୍ୟିକମାନେ ସବୁବେଳେ ସରଳ ଓ ବୋଧଗମ୍ୟ ଶବ୍ଦ ସଂଯୋଜନା କରିବା ଉଚିତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଗବେଷକ ଅକ୍ଷୟ କୁମାର ପଟ୍ଟନାୟକ ଯୋଗଦେଇ ଆଠମଲ୍ଲିକର ଇତିହାସ ବିଷୟରେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଫରିଦାବାଦରେ ରହୁଥିବା ବରିଷ୍ଠ ଲେଖକ ଡ. ସୁନୀଲ କୁମାର ଦାସ, ପୁରୀର ଅଧ୍ୟାପକ ଅଶୋକ କୁମାର ନାୟକ, କଟକର ବରିଷ୍ଠ ଲେଖକ ରୁଦ୍ରପ୍ରସନ୍ନ ସାହୁ, ତାଳଚେରର ବରିଷ୍ଠ ଲେଖକ ତଥା ସଂଗଠକ ଇଂ ଜଳଧର ପ୍ରଧାନ ଯୋଗଦେଇଥିଲେ। ଜନତା ମହାବିଦ୍ୟାଳୟର ଅଧ୍ୟାପକ କାଳିଆ ସେଠୀ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ତ୍ରିଧାରା ସାହିତ୍ୟ ସଂସଦ ସମ୍ପାଦକ ଡ. ରମେଶ ଚନ୍ଦ୍ର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂସଦ ତରଫରୁ ବିଶିଷ୍ଟ ଗବେଷକ ଅକ୍ଷୟ କୁମାର ପଟ୍ଟନାୟକଙ୍କୁ ତ୍ରିଧାରା ନାଗରିକ ସମ୍ମାନ, ବଇଣ୍ଡାର ଗଣପତି ସ୍ୱାଇଁ ଓ ରଞ୍ଜିତା ମିଶ୍ରଙ୍କୁ ତ୍ରିଧାରା କବି ସମ୍ମାନ, ଅନୁଗୋଳର ଧୀରେନ ମିଶ୍ରଙ୍କୁ ତ୍ରିଧାରା ସାହିତ୍ୟ ସମ୍ମାନ, ଶିକ୍ଷକ ରଜନୀକାନ୍ତ ଦେହୁରୀଙ୍କୁ ମଧୁ କୋକିଳ ସ୍ମୃତି ସମ୍ମାନ, ଶିକ୍ଷକ ସଚ୍ଚିଦାନନ୍ଦ ସାହୁଙ୍କୁ ଶିକ୍ଷାଯୋଗୀ ଗୋବିନ୍ଦ ସ୍ମୃତି ସମ୍ମାନ, ଜରପଡ଼ାର ଭୋଳେଶ୍ୱର ପ୍ରଧାନଙ୍କୁ ଶତାୟୁ ସାଧକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ରସାୟନ ପକ୍ଷରୁ ଅଧ୍ୟାପକ ଅଶୋକ କୁମାର ନାୟକଙ୍କୁ ରସାୟନ ସମୀକ୍ଷକ ସମ୍ମାନ, କବୀ ବିନୀତା ପ୍ରଧାନ, କବି ଭେଷଜ କୁମାର ଭୋଜ, ରବୀନ୍ଦ୍ର ନାଥ ଚୌଧୁରୀ, ତ୍ରିଲୋଚନ ଦାସ, କାଳିଚରଣ ମିଶ୍ରଙ୍କୁ କବି ସମ୍ମାନ, ଗାଳ୍ପିକା ଲିପିକା ମହାପାତ୍ରଙ୍କୁ ଗଳ୍ପ ପାଇଁ ସମ୍ମାନିତ କରାଯାଇଥିଲା। ତ୍ରିଧାରା ସାହିତ୍ୟ ସଂସଦ ତରଫରୁ ଅନୁଷ୍ଠିତ ରଙ୍ଗୋଲି, ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଂସଦର ମୁଖପତ୍ର ତ୍ରିଧାରା ଓ ରସାୟନ, ସାହିତ୍ୟିକ ଡ. ରମେଶ ଚନ୍ଦ୍ର ମିଶ୍ରଙ୍କ ପୁସ୍ତକ ‘ମୁଠାଏ ବିଭଙ୍ଗ ଚିତ୍ର’, ସାହିତ୍ୟିକ ଶ୍ରୀବସ୍ତ ପ୍ରଧାନଙ୍କ ପୁସ୍ତକ ‘ପଥ ଅପଥ’ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥଇଲା। ଦ୍ୱିତୀୟ ଅଧିବେଶନରେ କବିତା ପାଠ ହୋଇଥିଲା। ଭୁବନେଶ୍ୱରର କବି କାଳୀଚରଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କବିତା ପାଠ ସଭାରେ ସମ୍ମାନିତ ଅତିଥି ଭାବେ କବି କୈଳାସ ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। କବୟିତ୍ରୀ ରଞ୍ଜିତା ମିଶ୍ର ଓ କବି ବିପିନ ବିହାରୀ ପୃଷ୍ଟି କବିତା ସଂଯୋଜନା କରିଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା କବି କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। କବି ଚିଦାନନ୍ଦ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। କବି ନିତ୍ୟାନନ୍ଦ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାଧପୁର ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



କିଶୋରନଗର, ୨୧।୧(ସମିସ): ସ୍ଥାନୀୟ ମାଧପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଉନବିଂଶ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରାଜେନ୍ଦ୍ର ପ୍ରସାଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଗୋଳ ଡିଇଓ ନିରଞ୍ଜନ ସାହୁ, ମୁଖ୍ୟବକ୍ତା ରୂପେ କିଶୋରନଗର ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ ଓ ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟ ସମ୍ପାଦକ ଅଂଶୁମାନ ଦେହୁରୀ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ପରେ ପ୍ରଧାନଆଚାର୍ଯ୍ୟ ବିଦ୍ୟାଳୟ ବିବରଣୀ ପାଠ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମ୍ପାଦକ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ବନ୍ଦେ ମାତରମ୍ ସାମୂହିକ ଗାନ



କୁତ୍ରା, ୨୧।୧(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକର ସଦରମହକୁମା କୁତ୍ରା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ମଙ୍ଗଳବାର ବନ୍ଦେ ମାତରମ ସଙ୍ଗୀତର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବ୍ଲକସ୍ତରୀୟ ସାମୁହିକ ବନ୍ଦେ ମାତରମ ସଙ୍ଗୀତର ଗାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ କୁତ୍ରା ବ୍ଲକ ଅଧକ୍ଷା ଶାନ୍ତିଲତା ଲାକ୍ରା ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବରେ କୁତ୍ରା ସାଂସଦ ପ୍ରତିନିଧି ଦେବେନ୍ଦ୍ର ସିଂ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋପିନାଥ ଖାଖା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲିଲି ସଞ୍ଜିତା ମିଞ୍ଜ, ଖତକୁରବାହାଲ ସମିତିସଭ୍ୟା ପୁଷ୍ପା ତିର୍କୀ, କୁତ୍ରା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀ କାନ୍ତ ଶାଶିନୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ରାଉଳ ଓ କୁତ୍ରା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଭିଷଣ ବାରିକ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ବ୍ଲକର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା। କୁତ୍ରା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କମଲେନ୍ଦୁ ପାଣିଗ୍ରାହୀ ଓ ନିତୁ ପାତ୍ର ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୃତି ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ଗୋଷ୍ଠୀ ଅର୍ଥ ଅଧିକାରୀ ସରମିଲା ଖାଲଖୋ ଧନ୍ୟବାଦ ଅର୍ପଣ କରିଥିଲେ।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ଲହୁଣିପଡ଼ା, ୨୧।୧(ସମିସ): ଲହୁଣିପଡ଼ା ଥାନା ଖଜୁରୀନାଳି ଗ୍ରାମର ଜୈନକା ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିବା ଲହୁଣିପଡ଼ା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ଦୁଷ୍କର୍ମ ଅଭିଯୋଗରେ ନାରାୟଣ ମୁଣ୍ଡା (୨୧) କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଅଭିଯୋଗ ମୁତାବକ ଗତ ଡିସେମ୍ବର ୨୧ ତାରିଖରେ ନାବାଳିକା କଲେଜ ଯିବା ପାଇଁ ଅପେକ୍ଷା କରିଥିବା ବେଳେ ଯୁବକ ଜଣକ କଲେଜରେ ଛାଡ଼ିଦେବାକୁ କହି ନାବାଳିକାଙ୍କୁ ଗାଡ଼ିରେ ବସାଇ ଆଣିଥିଲା। ଟାଙ୍କଯୋଡ଼ା କ୍ରସର ନିକଟରେ ନିଛାଟିଆ ଦେଖି ନାବାଳିକାଙ୍କ ସହ ଦୁଷ୍କର୍ମ କରିଥିଲା। ଏହାର କିଛିଦିନ ପରେ ମୋବାଇଲ ମଧ୍ୟ ଛଡାଇ ନେଇଥିଲା। ଏନେଇ ଗତକାଲି ନାବାଳିକା ତରଫରୁ ଲିଖିତ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରିବା ସହ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ହାଇଡ୍ରୋସିଲ୍ ଅସ୍ତ୍ରୋପଚାର ଶିବିର



ରାଉରକେଲା, ୨୧।୧(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସୁନ୍ଦରଗଡ଼ ଓ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ହାଇଡ୍ରୋସିଲ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଫାଇଲେରିଆ ନିରାକରଣ ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ଶିବିର ଜିଲ୍ଲା ପ୍ରଶାସନ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ସୁନ୍ଦରଗଡ଼ ଓ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ମିଳିତ ଉଦ୍ୟମ କ୍ରମେ ଗତ ୬ ତାରିଖଠାରୁ ଆରମ୍ଭ ହୋଇଛି। ଏହି ଶିବିରରେ ମୋଟ ୫ ଜଣ ବ୍ୟକ୍ତିଙ୍କର ହାଇଡ୍ରୋସିଲ ଅସ୍ତ୍ରୋପଚାର ହୋଇଯାଇଛି। ବଡଗାଁ ଓ ସବଡେଗା ବ୍ଲକର ରୋଗୀମାନଙ୍କୁ ଏହି ଶିବିରକୁ ଅଣାଯାଇଥିଲା। ତେବେ ୧୦୦ ହାଇଡ୍ରୋସିଲ୍ ଅପରେସନ୍ ପାଇଁ ଲକ୍ଷ୍ୟ ରଖାଯାଇଛି। ହସ୍ପିଟାଲ ଅଧିକ୍ଷଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭି.ବି.ଡି) ପ୍ରଫେସର ଦଳେଇ, ସର୍ଜନ ଡା ଗୁରୁ, ହସ୍ପିଟାଲ ମେନେଜର, ଓଟି ଟିମ ଓ ଭି.ବି.ଡି ଉପସ୍ଥିତ ଥିଲେ। ଏହି ଅବସରରେ ଡା. ସ୍ୱାଇଁ କ୍ୟୁଲେକ୍ସ ମଶା କାମୁଡିବା ଦ୍ୱାରା ଫାଇଲେରିଆ ତଥା ହାଇଡ୍ରୋସିଲ ସାଧାରଣତଃ ହୋଇଥାଏ ବୋଲି କହିଥିଲେ।

## ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଜବ ନୀତି

# କାର୍ଯ୍ୟକ୍ରମର ପୂର୍ବରାତ୍ରରେ ନିର୍ଦ୍ଦେଶନାମାକୁ ନେଇ ଅସନ୍ତୋଷ

ରାଉରକେଲା, ୨୧।୧(ସମିସ)

ସୁନ୍ଦରଗଡ଼ ଜିଲ୍ଲାର ନୂଆଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଜବ ନୀତି। ବ୍ଲକସ୍ତରରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ପୂର୍ବଦିନ ରାତ୍ରରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଉଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗୋଟିଏ ଦିନ ପୂର୍ବରୁ ଚିଠି ଜାରି କରି ତହିଁ ଆର ଦିନ ଏହି କାର୍ଯ୍ୟ କରିବାକୁ ନିର୍ଦ୍ଦେଶାନାମା ପ୍ରଦାନ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତିରେ ଘୋର ଅସୁବିଧା ହେଉଥିବା ନେଇ ଶିକ୍ଷକମାନେ କ୍ଷୋଭ ବ୍ୟକ୍ତ କରିଛନ୍ତି।

ସୂଚନାନୁଯାୟୀ, ନିକଟରେ ଅନୁଷ୍ଠିତ ନୂଆଗାଁ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଜାନୁଆରୀ ୧୭ ତାରିଖ ଦିନ ଆୟୋଜିତ ହେବାକୁ ଥିବା ବେଳେ ତାହାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଜାନୁୟାରୀ ୧୬ ତାରିଖ ସଂଧ୍ୟାରେ ବ୍ଲକର ସମସ୍ତ ସ୍କୁଲଗୁଡିକୁ ଗେଷ୍ଠୀ ଶିକ୍ଷାଧିକାରୀଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଯାହାଦ୍ୱାରା କାର୍ଯ୍ୟକ୍ରମରେ ରଖାଯାଇଥିବା ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ବିଜ୍ଞାନ ସମ୍ବନ୍ଧୀୟ କୁଇଜ୍ ପ୍ରତିଯୋଗିତା ସମ୍ପର୍କରେ କୌଣସି ସ୍କୁଲର ପ୍ରଧାନ ଶିକ୍ଷକ ସେମାନଙ୍କ ଛାତ୍ରଛାତ୍ରୀମାନଙ୍କୁ ସୂଚନା ଦେଇ ପାରିନଥିଲେ। ୧୭ ତାରିଖରେ ଯେଉଁ ସ୍କୁଲର ଛାତ୍ରଛାତ୍ରୀମାନେ ଏନେଇ ସୂଚନା ପାଇଲେ ସେମାନେ ବିଜ୍ଞାନ ସମ୍ବନ୍ଧୀୟ କୁଇଜ୍ ପ୍ରତିଯୋଗିତା ବିଷୟରେ ଆବଶ୍ୟକ ପ୍ରସ୍ତୁତି ମଧ୍ୟ ହୋଇ ପାରିନଥିଲେ।




ଯାହା ଫଳରେ ବ୍ଲକ ତରଫରୁ ଆୟୋଜିତ ଉକ୍ତ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତାରେ ଯଥେଷ୍ଟ ସଂଖ୍ୟକ ପ୍ରତିଯୋଗୀ ଅଂଶ ଗ୍ରହଣ କରିପାରି ନଥିଲେ। ସେତିକି ନୁହେଁ ବହୁ ଖବର ପାଇ ନଥିବାରୁ ଶତାଧିକ ମେଧାବୀ ଛାତ୍ରଛାତ୍ରୀ ଏହି କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହୋଇଥିଲେ। ଯାହାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସୁତରାଂ ରାତିରେ ଚିଠି ସକାଳେ ପ୍ରତିଯୋଗିତା ବ୍ଲକ ଶିକ୍ଷା ଅଧିକାରୀଙ୍କ ଏହି ନିର୍ଦ୍ଦେଶାନାମା ଧର୍ମକୁ ଆଖି ଠାର ସଦୃଶ୍ୟ ବୋଲି ସାଧାରଣରେ ଆଲୋଚନା ହେଉଛି। ସେପଟେ ୧୭ ତାରିଖ ଦିନ ସାରା ଓଡ଼ିଶାରେ ଗୋଟିଏ ଦିନ ହିଁ ଶିକ୍ଷକ ଓ ଅବିଭାବକ ବୈଠକ (ପିଟିଏମ) ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ରହିଥିଲା। ଏହି ପିଟିଏମ୍ କାର୍ଯ୍ୟକ୍ରମ ପାଇଁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବ୍ୟସ୍ତ ରହିଥିବା ବେଳେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ନେଇ ନୂଆଗାଁ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଏତାଦୃଶ ଚିଠି ସମସ୍ତଙ୍କୁ ବ୍ୟତିବ୍ୟସ୍ତ କରିଥିଲା। ଯାହାକୁ ଶିକ୍ଷକ ମହାଲରେ ଘୋର ନିନ୍ଦା କରାଯାଇଥିଲା। କେବଳ ସେତିକି ନୁହେଁ ଜାନୁଆରୀ ୧୯ ତାରିଖ ଦିନ ବ୍ଲକସ୍ତରୀୟ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ ରଖାଯାଇଥିବା ବେଳେ ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ୧୮ ତାରିଖ ଦିନ ରାତିରେ ଏହି କାର୍ଯ୍ୟକ୍ରମ ପାଇଁ ସିଆରସିସିମାନେ ସମସ୍ତ ପ୍ରଧାନ ଶିକ୍ଷକମାନଙ୍କୁ ଚିଠି ପଠାଇଥିଲେ। ଏପରିକି କେତେକ ଶିକ୍ଷକ ୧୯ ତାରିଖ ସକାଳେ ଏ ସଂକ୍ରାନ୍ତରେ ଅବଗତ ହୋଇଥିଲେ। ଏହି 'ବନ୍ଦେ ମାତରମ୍' କାର୍ଯ୍ୟକ୍ରମରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ଛାତ୍ରଛାତ୍ରୀମାନେ ଗୀତ, କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଛାତ୍ରଛାତ୍ରୀମାନେ ଯଥେଷ୍ଟ ପୂର୍ବରୁ ଅବଗତ ହୋଇ ନଥିବାରୁ ଅନେକ ମେଧାବୀ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ବ୍ଲକସ୍ତରୀୟ ଏହି ସବୁ ପ୍ରତିଯୋଗିତା ବିଷୟରେ ଗୋଟିଏ ଦିନ ପୂର୍ବରୁ ଚିଠି ଦେଇ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନଙ୍କୁ ଅଂଶଗ୍ରହଣ କରିବାକୁ କୁହାଯିବା କେତେ ଦୂର ଯୁକ୍ତିଯୁକ୍ତ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏ ସମସ୍ତ ସରକାରୀ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅପରିଣାମଦର୍ଶିତା ତଥା ଖାମଖିଆଲ ନୀତି ଯୋଗୁଁ ଶହ ଶହ ସଂଖ୍ୟାରେ ମେଧାବୀ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ନୂଆଗାଁ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାଲଗୀ ମନି ଟୁଡୁଙ୍କୁ ପଚାରିବାରୁ, ବିଡିଓଙ୍କ କହିବା ମୁତାବକ ଏପରି ହୋଇଛି। ତେବେ ଏନେଇ ତଦନ୍ତ ହେବ ବୋଲି ସେ କହିଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ, ନୂଆଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ୬ ମାସରୁ ଊର୍ଦ୍ଧ୍ୱ ହେବ ନୂଆଗାଁ ବ୍ଲକରେ ଯୋଗଦାନ କରିଛନ୍ତି। ସେ ଯୋଗଦାନ କରିବାର କିଛି ମାସ ପରେ ନୂଆଗାଁ ବ୍ଲକରେ କାର୍ଯ୍ୟରତ ଜଣେ ଡାଟା ଏଣ୍ଟ୍ରି ଅପରେଟରଙ୍କ ଇଙ୍ଗିତରେ ଶିକ୍ଷକମାନଙ୍କର ବଦଳି ପ୍ରକ୍ରିୟା ହୋଇଥିଲା। ଯାହାକୁ ନେଇ ଅନେକ ଅନିୟମିତତା ତଥା ପାତରଅନ୍ତର ରହିଥିବା ଅଭିଯୋଗ ହୋଇଥିଲା।

● 'ସମର୍ପଣ' ଗୁଣବତ୍ତା ମଣ୍ଡଳୀର ଅଭିନବ ପଦକ୍ଷେପ

## ଆର୍‌ଏସ୍‌ପିର ବାର୍ଷିକ ୯୫ ଲକ୍ଷ ସଞ୍ଚୟ ସାଧନ

ରାଉରକେଲା, ୨୧।୧(ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଷ୍ଟିଲ୍ ମେଲ୍ଟିଂ ସପ୍-୧ (ଏସଏମଏସ-୧)ର 'ସମର୍ପଣ' ଗୁଣବତ୍ତା ମଣ୍ଡଳୀ ଦଳର ଏକ ଅଭିନବ ପଦକ୍ଷେପ ଦ୍ୱାରା ବାର୍ଷିକ ପ୍ରାୟ ୯୫ ଲକ୍ଷ ଟଙ୍କା ସଞ୍ଚୟ ସାଧନ ସହ ଇସ୍ପାତ ଗୁଣବତ୍ତା, ପ୍ରକ୍ରିୟା ସ୍ଥିରତା ଏବଂ କାର୍ଯ୍ୟକ୍ଷମ ଦକ୍ଷତାରେ ଉଲ୍ଲେଖନୀୟ ଉନ୍ନତି ମଧ୍ୟ ସାଧିତ ହୋଇଛି। ଏସଏମଏସ-୧ ବିଭାଗରେ ବିଭିନ୍ନ ଇସ୍ପାତ ଗ୍ରେଡ୍ ଉତ୍ପାଦନ ପାଇଁ ଷ୍ଟିଲ୍ ଟ୍ୟାପ୍ କରିବା ପରେ ଲାଡେଲରେ କ୍ରୋମିୟମ୍, ଭାନାଡିୟମ୍, ଆଲୁମିନିୟମ୍ ଏବଂ ଅନ୍ୟ ସ୍ୱତନ୍ତ୍ର ମହଙ୍ଗା ଧାତବ ସାମଗ୍ରୀର ଆବଶ୍ୟକତା ରହିଛି। ପାରମ୍ପରିକ ଭାବେ ଏହି ମିଶ୍ରଣ ଗୁଡ଼ିକ ଓଭରହେଡ୍ କ୍ରେନ୍ କିମ୍ବା ମାନୁଆଲ୍ ଷୋଭେଲ ଫିଡିଂ ମାଧ୍ୟମରେ ସମ୍ପାଦିତ କରାଯାଉଥିଲା। ଯାହା ବିଶେଷକରି ମାନୁଆଲ୍ କାର୍ଯ୍ୟ ସମୟରେ ପ୍ରାୟତଃ ଅନୁପଯୁକ୍ତ ଡୋଜିଂ, ଲାଡେଲ୍ ବାହାରେ ସାମଗ୍ରୀ ସ୍ପିଲେଜ୍ ଏବଂ ଗୁଣବତ୍ତା ଅସଙ୍ଗତି ସୃଷ୍ଟି କରୁଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ଚିହ୍ନଟ କରି, 'ସମର୍ପଣ' ଗୁଣବତ୍ତା ମଣ୍ଡଳୀ ଦଳ ବିସ୍ତୃତ ମାନସମନ୍ଥନ ଏବଂ ବିଶ୍ଳେଷଣ କରିବା ସହିତ ଏକ ଅଭିନବ ଭାଇବ୍ରୋଫିଡର ବ୍ୟବସ୍ଥା ବିକଶିତ କରିଥିଲେ। ଏହି ବ୍ୟବସ୍ଥା ବିଭିନ୍ନ ଷ୍ଟିଲ୍ ଗ୍ରେଡ୍ ପାଇଁ ସଠିକ୍ ଡୋଜିଂକୁ ସୁନିଶ୍ଚିତ କରି ମିଶ୍ରଣ ସାମଗ୍ରୀର ସଠିକ୍ ଓଜନ ଏବଂ ନିୟନ୍ତ୍ରିତ ମିଶ୍ରଣକୁ ସକ୍ଷମ କରିଥାଏ। ଭାଇବ୍ରୋଫିଡରକୁ କନଭର୍ଟର ନିକଟରେ ୭.୫ ମିଟର ଫ୍ଲୋରସ୍ତରରେ ରଣନୀତିକ ଭାବରେ ସ୍ଥାପନ କରାଯାଇଥିଲା, ଯାହା କାର୍ଯ୍ୟର ସୁଗମତା ଏବଂ ଉନ୍ନତ ସୁରକ୍ଷାକୁ ସୁନିଶ୍ଚିତ କରିଥିଲା। ଭାଇବ୍ରୋଫିଡର ବ୍ୟବସ୍ଥାର ପ୍ରଚଳନ ଦ୍ୱାରା ଇସ୍ପାତ ଗ୍ରେଡ୍ ଗୁଣବତ୍ତାରେ ଉଲ୍ଲେଖନୀୟ ଉନ୍ନତି, ସେକେଣ୍ଡରୀ ଷ୍ଟିଲ ମେକିଙ୍ଗ ବିଚ୍ୟୁତିରେ ବର୍ଦ୍ଧନ ହ୍ରାସ ଏବଂ କ୍ରୋମିୟମ, ଭାନାଡିୟମ ଏବଂ ଆଲୁମିନିୟମ ଭଳି ମହଙ୍ଗା ମିଶ୍ରଧାତୁ ସାମଗ୍ରୀର ନିରାପଦ ସଂରକ୍ଷଣ ତଥା ନିୟନ୍ତ୍ରିତ ପରିଚାଳନା ସମେତ ଅନେକ ଲାଭ ମିଳି ପାରିଛି। ଏକ ବିସ୍ତୃତ ମୂଲ୍ୟ ବିଶ୍ଳେଷଣରୁ ଜଣାପଡ଼ିଛି, ଏହି ପଦକ୍ଷେପର ଫଳସ୍ୱରୂପ ସାମଗ୍ରୀ କ୍ଷତି ହ୍ରାସ ଏବଂ ଉନ୍ନତ ପ୍ରକ୍ରିୟା ନିୟନ୍ତ୍ରଣ ହେତୁ ପ୍ରତିବର୍ଷ ପ୍ରାୟ ୯୫ ଲକ୍ଷ ଟଙ୍କା ସଞ୍ଚୟ ସାଧନ ହୋଇ ପାରିଛି। ଏହି ଦଳରେ ଜୁନିୟର ଇଞ୍ଜିନିୟର ମନୋରଞ୍ଜନ ସାହୁ, ଜୁନିୟର ଇଂଜିନିୟରିଂ ଆସୋସିଏଟ ତ୍ରିନାଥ ବାରିକ, ଅମର କୁମାର ଭୂୟାଁ, ନିଶିକାନ୍ତ ବାରିକ ଏବଂ ରୋହିତ କୁମାର ଅନ୍ତର୍ଭୁକ୍ତ ଥିଲେ। ଏହି ଦଳରେ ଏସଏମଏସ - ୧ ବିଭାଗର ଡେପୁଟି ମ୍ୟାନେଜର ଅର୍ଜୁନ ଚରଣ ବେହେରା ଏହି ଦଳର ଫେସିଲିଟେଟର ଥିଲେ। ଏସଏମଏସ-୧ ବିଭାଗର ସିଜିଏମଙ୍କ କାର୍ଯ୍ୟାଳୟରେ ଜାନୁଆରୀ ୧୯ ତାରିଖ ଦିନ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏସଏମଏସ - ୧ ବିଭାଗର ସିଜିଏମ ବି ସୁନୀଲ କାର୍ଥା, ଗ୍ରେଟର ନୋଏଡାରେ ନିକଟରେ ଅନୁଷ୍ଠିତ ଏନସିକ୍ୟୁସି ୨୦୨୫ରେ ଆରଏସପି ପାଇଁ ପାର ଏକ୍ସଲେନ୍ସ ପୁରସ୍କାର ଜିତିବା ନିମନ୍ତେ ଦଳର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ରାଉରକେଲା, ୨୧।୧(ସମିସ): ରାଜଗାଙ୍ଗପୁର ସ୍ଥିତ ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଶୋକ କୁମାର ବେଉରା ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଛାତ୍ରୀମାନଙ୍କ ବ୍ୟକ୍ତିଗତ ସୁରକ୍ଷା ଓ ମାନସିକ ଦୃଢତା ବିକାଶ ପାଇଁ ଆଇରକ୍ଷା ପ୍ରଶିକ୍ଷଣ ଜରୁରୀ ବୋଲି କହିଥିଲେ। ଆଇକ୍ୟୁଏସି ସଂଯୋଜକ ସପନ କୁମାର ପଣ୍ଡା ଭାରତର ସମ୍ପ୍ରତିକ ଘଟଣାଗୁଡ଼ିକୁ ଉଲ୍ଲେଖ କରି ଛାତ୍ରୀମାନଙ୍କୁ ଆତ୍ମରକ୍ଷା ବିଷୟରେ ସଚେତନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ସସ୍ମିତା ଦାଣ୍ଡସେନା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ରୂପରେଖା ସଂକ୍ଷିପ୍ତରେ ବ୍ୟାଖ୍ୟା କରିଥିଲେ। ପିଇଟି ପୁଷ୍ପଲତା ସଡଙ୍ଗୀ ଛାତ୍ରୀମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ।




● ରାଜ୍ୟସ୍ତରୀୟ କିକ୍ ବକ୍ସିଂ ଲିଗ୍

## ମୁନି ଓରାମଙ୍କ ରୌପ୍ୟ



ବଣାଇଁ, ୨୧।୧(ସମିସ): ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ନରେନ୍ଦ୍ର ଗ୍ରାମ ପଞ୍ଚାୟତର ବଡ଼ପଡ଼ା ଗାଁର ସାହସୀ ଝିଅ ମୁନି ଓରାମ। ଉପଖଣ୍ଡର ପ୍ରଥମ ମହିଳା ଖେଳାଳୀ ଭାବେ ଯାଜପୁର ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖି ଇନ୍‌ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ମହିଳା କିକ୍ ବକ୍ସିଂ ଲିଗ୍‌ରେ ଜିଲ୍ଲା ଟିମ୍‌ରୁ ଲୋ- କିକ୍ ବର୍ଗରେ ଖେଳି ଉଚ୍ଚ କୋଟିର ପ୍ରଦର୍ଶନ କରିବା ସହ ୫୨ କିଲୋ ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ଆଦିବାସୀ ଗରିବ ପରିବାରରୁ ଆସିଥିବା ମୁନି ଆସନ୍ତା ମାର୍ଚ୍ଚ ମାସରେ କର୍ଣ୍ଣାଟକ ରାଜ୍ୟର ବେଙ୍ଗାଲୁରୁରେ ହେବାକୁ ଥିବା ଜାତୀୟସ୍ତର ଖେଳରେ ଯୋଗ ଦେବା ପାଇଁ ମନୋନୀତ ହୋଇଛନ୍ତି। କୌଣସି ସଂସ୍ଥା କିମ୍ବା ସରକାରଙ୍କ ଠାରୁ ସହାୟତା ପାଇଲେ ଭଲ ପ୍ରଦର୍ଶନ କରି ଦେଶ ପାଇଁ ଗୌରବ ଆଣିବେ ବୋଲି ସେ କହିଛନ୍ତି। ତେବେ ମୁନିଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

## ୫ ଦିନିଆ ନକ୍ ଆଉଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ



ଲହୁଣିପଡ଼ା, ୨୧।୧(ସମିସ): ଲହୁଣୀପଡ଼ା କ୍ରିକେଟ ଖେଳ ପଡ଼ିଆଠାରେ ଲହୁଣିପଡ଼ା ସ୍ପୋର୍ଟସ ଆସୋସିଏସନ ପକ୍ଷରୁ ୧୭ ତମ ପାଞ୍ଚଦିନିଆ ନକ ଆଉଟ କ୍ରିକେଟ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୧୬ ଟି କ୍ରିକେଟ ଦଳ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ରାଜମୁଣ୍ଡା ଦଳ ଲହଙ୍ଗାପଡ଼ା କ୍ରିକେଟ ଦଳକୁ ୯ ଉଇକେଟରେ ପରାସ୍ତ କରିଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲହୁଣୀପଡ଼ା ସରପଞ୍ଚ ନେଲସନ ହେମ୍ବ୍ରମ, ମୁଖ୍ୟବକ୍ତା ଭାବେ ନିରେଶ ଚୌରାସିଆ, ସାମ୍ବାଦିକ ବିଭୁତି ଭୂଷଣ କର, ଧୀରେନ୍ଦ୍ର ମାହାନ୍ତ, ଦାଶରଥି ପଣ୍ଡା, ସୁଜିତ ମହାପାତ୍ର, ପଞ୍ଚାନନ କର ଯୋଗ ଦେଇଥିଲେ। ଲହୁଣିପଡ଼ା ସ୍ପୋର୍ଟସ ଆସୋସିଏସନର ସଭାପତି ଏମ୍‌ଡି ଛୋଟୁ ଅଧ୍ୟକ୍ଷତା କରିଥିବା ବେଳେ ବିକାଶ ଜୟସ୍ୱାଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନିହାର ରଞ୍ଜନ ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଅମ୍ପାୟାର ଭାବେ ମୁନୁ ମାହାନ୍ତ, ନିକୁଞ୍ଜ ସିଂ ଖେଳ ପରିଚାଳନା କରିଥିଲେ। ସୁଶାନ୍ତ ମାହାନ୍ତ, ଏମଡି ଅମିନ, ଟିକିନା ପ୍ରଧାନ, ଏମଡି ଗଲୁ, ଲିଙ୍କନ ପାତ୍ର, ବିଟୁ ସା, ରାଜା ସା, ନିଖିଳ ଠାକୁର, ନିତେସ ଜୟସ୍ୱାଲ, ଜିତେନ୍ଦ୍ର ମାହାନ୍ତ, ବାଦଲ ସା, ମୋହିତ ଜୟସ୍ୱାଲ, ଚଞ୍ଚଳ ନାଏକ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଶେଷରେ ସୁଧାଂଶୁ ଶେଖର ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୁଡାନ୍ତ ପର୍ଯ୍ୟାୟରେ ରାଉରକେଲା ହାଫ୍ ମାରାଥନ୍ ପ୍ରସ୍ତୁତି

# ୫୮୦୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀଙ୍କ ପଞ୍ଜୀକରଣ

ରାଉରକେଲା, ୨୧।୧(ସମିସ)

ରାଉରକେଲା ହାଫ୍ ମାରାଥନ୍ -୨୦୨୬ ଉଦ୍‌ଘାଟନୀ ପର୍ବ ଆୟୋଜନ ପାଇଁ ପ୍ରସ୍ତୁତି ଚୁଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏଥିପାଇଁ ୫୮୦୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ପଞ୍ଜୀକରଣ କରିଥିବା ସୂଚନା ମିଳିଛି। ସେପଟେ ରାଉରକେଲା ହାଫ୍ ମାରାଥନ୍ -୨୦୨୬ ଆୟୋଜନର ଆଉ ୨ ଦିନ ବାକି ରହିଥିବା ବେଳେ ଏନେଇ ଇସ୍ପାତ ସହରବାସୀଙ୍କ ମଧ୍ୟରେ ଦୌଡ଼ ଉତ୍କଣ୍ଠା ଦେଖିବାକୁ ମିଳିଛି। ଏହି ମେଗା କ୍ରୀଡା ଇଭେଣ୍ଟ ପାଇଁ ଅଫିସିଆଲ ବିବ୍ ଏବଂ ଟି-ସାର୍ଟ ବଣ୍ଟନ ଜାନୁଆରୀ ୨୦ ତାରିଖରୁ ଆରମ୍ଭ ହୋଇଛି। ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ମାନବ ସମ୍ବଳ ବିଭାଗର ସିଜିଏମ୍ ମାନସ ରଞ୍ଜନ ରଥ, ସହର ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗର ସିଜିଏମ୍ ବିକେ ଜୋଜୋ, ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ୍ ଟିଜି କାନେକର ଏବଂ ସିଣ୍ଟର ବିଭାଗର ସିଜିଏମ୍ ଶେଖର ନାରାୟଣଙ୍କ ସହିତ ଅଂଶଗ୍ରହଣକାରୀମାନଙ୍କୁ କିଟ୍ସ ସହିତ ବିବ୍ ପ୍ରଦାନ କରିଥିଲେ। ତେବେ ଫିଟ୍ ଇଣ୍ଡିଆ' ଅଭିଯାନକୁ ସୁଦୃଢ ଲକ୍ଷ୍ୟରେ ଆୟୋଜିତ ଏହି ରାଉରକେଲା ହାଫ୍ ମାରାଥନ୍‌ର ସୁଗମ ପରିଚାଳନା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜନସାଧାରଣଙ୍କୁ ରାସ୍ତା ବନ୍ଦ ଏବଂ ବିକଳ୍ପ ଟ୍ରାଫିକ୍ ମାର୍ଗ ବିଷୟରେ ସୂଚନା ଦେବା ପାଇଁ ରଣନୈତିକ ସ୍ଥାନରେ ବିସ୍ତୃତ ରୁଟ୍ ଚାର୍ଟ ପ୍ରଦର୍ଶନ କରୁଥିବା ବ୍ୟାନରଗୁଡ଼ିକ ସ୍ଥାପନ କରାଯାଇଛି। ଏହି ମେଗା କ୍ରୀଡା ଇଭେଣ୍ଟକୁ ଦେଶବ୍ୟାପୀ ଦୌଡ଼ ଉତ୍ସାହୀମାନଙ୍କ ଠାରୁ ଏକ ଉତ୍ସାହପୂର୍ଣ୍ଣ ପ୍ରତିକ୍ରିୟା ମିଳିଥିବା ବେଳେ ପଞ୍ଜିକରଣର ଶେଷ ଦିନର ବହୁ ପୂର୍ବରୁ ୫୮୦୦ ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଏଥିନିମନ୍ତେ ପଞ୍ଜିକରଣ କରିଥିଲେ। ଯାହା ଫଳରେ ପଞ୍ଜିକରଣ ପ୍ରକ୍ରିୟା ବନ୍ଦ କରାଯାଇଥିଲା। ମୋଟ ପଞ୍ଜୀକରଣ ମଧ୍ୟରୁ, ୧୦୦୦ରୁ ଅଧିକ ଦୌଡାଳି ୨୧.୧ କିଲୋମିଟର ହାଫ୍ ମାରାଥନ୍ ବର୍ଗ ପାଇଁ ପଞ୍ଜୀକରଣ କରିଛନ୍ତି। ଯାହାକୁ ସମଧରଣର ପ୍ରଥମ ଥର ପାଇଁ ଆୟୋଜିତ ପ୍ରତିଯୋଗିତା ନିମନ୍ତେ ଏକ ଉଲ୍ଲେଖନୀୟ ସଫଳତା ବୋଲି ବିବେଚନା କରାଯାଉଛି। ଏଥି ସମେତ ପାର୍ଶ୍ୱାଞ୍ଚଳ ଗ୍ରାମଗୁଡିକରୁ ୨୦୦୦ରୁ ଅଧିକ ଦୌଡାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ପଞ୍ଜୀକରଣ କରିଛନ୍ତି। ମାରାଥନରେ ଆହୁରି ଉତ୍ସାହ ବୃଦ୍ଧି ପାଇଁ, ଅର୍ଜୁନ ପୁରସ୍କାର ବିଜେତା ମିନତୀ ମହାପାତ୍ର, ସୁନୀଲ ପାତ୍ର, ରୋମେନ ଘୋଷ, ଆନ୍ତର୍ଜାତୀୟ ମାରାଥନ ବିଜେତା ଡକ୍ଟର ସୁନିତା ଗୋଦରା, ଷ୍ଟାର ଆଥଲେଟ୍ ରଚିତ୍ରା ମିସ୍ତ୍ରୀ, ରାଉରକେଲାର ହକି ତାରକା ବୀରେନ୍ଦ୍ର ଲାକ୍ରା ଏବଂ ବହୁ ପ୍ରଖ୍ୟାତ କ୍ରୀଡାବିତ୍ ରାଉରକେଲା ହାଫ୍ ମାରାଥନ -୨୦୨୬ରେ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ପ୍ରେରଣା ଦେବେ ବୋଲି ଜଣାପଡ଼ିଛି।



### ଅଫିସିଆଲ ବିବ୍ ଏବଂ ଟି-ସାର୍ଟ ବଣ୍ଟନ ଆରମ୍ଭ

### ରାସ୍ତାସୂଚୀ ଓ ଟ୍ରାଫିକ ନିୟମାବଳୀ

ରାଉରକେଲା, ୨୧।୧(ସମିସ): ଇସ୍ପାତ ସହରରେ ପ୍ରଥମଥର ପାଇଁ ଆସନ୍ତା ଜାନୁଆରୀ ୨୪ ତାରିଖରେ ହାଫ୍ ମାରାଥନ ଆୟୋଜିତ ହେବାକୁ ଯାଉଥିବାରୁ ଏଥିନିମନ୍ତେ ରାସ୍ତା ସୂଚୀ ସହ ଯାତାୟାତ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଟ୍ରାଫିକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ଅନୁଯାୟୀ ଜାନୁଆରୀ ୨୩ ତାରିଖ (ଶୁକ୍ରବାର) ରାତି ୧୨ ଘଟିକା ଠାରୁ ଜାନୁଆରୀ ୨୪ ତାରିଖ (ଶନିବାର) ସକାଳ ୧୨ ଘଟିକା ପର୍ଯ୍ୟନ୍ତ ସେକ୍ଟର-୬ ବିଏସଏନଏଲ ଛକରୁ ଇସ୍ପାତ ଷ୍ଟାଡିୟମ୍, ଇସ୍ପାତ ଷ୍ଟାଡିୟମ୍ ଠାରୁ ସେକ୍ଟର-୪ ମଧୁବନ ଛକ, ମଧୁବନ ଛକରୁ ଆମ୍ବାଗାନ ଛକ, ଏୟାରପୋର୍ଟରୁ ଏୟାରପୋର୍ଟ ଛକ ରିଙ୍ଗ୍ ରୋଡ୍ ହୋଇ ଏଷ୍ଟେଟ୍ ଅଫିସ୍ ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ରୂପେ ଯାତାୟାତ ପାଇଁ ବନ୍ଦ ରହିବ। କିନ୍ତୁ ଜାନୁଆରୀ ୨୪ ତାରିଖ ସକାଳ ୬ ଘଟିକା ପର୍ଯ୍ୟନ୍ତ ଏବଂ ତା'ପରେ କେବଳ ମେଡିକାଲ୍ ଜରୁରୀକାଳୀନ ପରିସ୍ଥିତି ପାଇଁ ଡିପିଏସ ଛକ, ସେକ୍ଟର-୭/୧୭ ଛକ, ରାଉରକେଲା କ୍ଲବ୍ ଛକ ଏବଂ ସେକ୍ଟର-୫ ମେଣ୍ଟେନାନ୍ସ ବୁଥ୍ ଛକ ରାସ୍ତା ଅତିକ୍ରମ କରିବାକୁ ଅନୁମତି ଦିଆଯିବ। ଏହି ସମୟ ମଧ୍ୟରେ ବିକଳ୍ପ ମାର୍ଗ ବ୍ୟବହାର କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯିବା ସହ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିବାକୁ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଅନୁରୋଧ କରାଯାଇଛି।




● ଉପଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ବିସ୍ଥାପିତ ସଂଘର ବିକ୍ଷୋଭ

## ବିସ୍ଥାପିତଙ୍କୁ ଆର୍‌ଏସ୍‌ପିରେ ନିଯୁକ୍ତି ଦାବି



ରାଉରକେଲା, ୨୧।୧(ସମିସ): ବିସ୍ଥାପିତଙ୍କୁ ଆରଏସପିରେ ନିଯୁକ୍ତି ପାଇଁ ବିସ୍ଥାପିତ ସଂଘ ପକ୍ଷରୁ ଦାବି କରାଯାଇଛି। ଏନେଇ ବୁଧବାର ୭୦ ମୌଜା ବିସ୍ଥାପିତ ସଂଘ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକପତ୍ର ମୁତାବକ, ୨୦୧୩ ଫେବୃଆରୀ ୧ ତାରିଖରେ ପଞ୍ଚମ ଆରପିଡିଏସି ବୈଠକରେ ବିସ୍ଥାପିତ ବଢ଼ତି ପରିବାରର ସଦସ୍ୟଙ୍କୁ ୩ ମାସ ମଧ୍ୟରେ ନିଯୁକ୍ତି ଦେବାକୁ ପ୍ରସ୍ତାବ ଗୃହିତ ହୋଇଥିଲା। ଏହାରି ମଧ୍ୟରେ ଦୀର୍ଘ ୬ ବର୍ଷ ବିତିଗଲା ପରେ ମଧ୍ୟ କାହାରି ଚାକିରି ହୋଇନଥିଲା। ସାଢେ ୬ ବର୍ଷ ବିତିଗଲା ପରେ ୨୦୧୯ ଡିସେମ୍ବର ୨୧ର ଷଷ୍ଠ ଆରପିଡିଏସି ବୈଠକ ଆଇଟିଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ଆରପିଡିଏସି ବୈଠକରେ ୧୦୯୮ ଜଣଙ୍କୁ ଯଥାଶୀଘ୍ର ସେଲ୍‌ଫ ବୋର୍ଡରେ ପ୍ରସ୍ତାବ ପାରିତ କରି ନିଯୁକ୍ତି ଦେବା ପାଇଁ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଭିତ୍ତିକରି ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଏକ ଚିଠି ସଂଖ୍ୟା ୩୯୭୬, ୨୦୨୦ ଡିସେମ୍ବର ୧୨ରେ ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କୁ ଷଷ୍ଠ ଆରପିଡିଏସି ବୈଠକରେ ପାରିତ ହୋଇଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ। ତେଣୁ ସପ୍ତମ ଆରପିଡିଏସି ବୈଠକ ଆୟୋଜନ କରି ନିଯୁକ୍ତି ଦାବି କରାଯାଇଛି। ଏହି ଅବସରରେ ସଭାପତି ଖାଡା କୁଜୁର, ସାଧାରଣ ସମ୍ପାଦକ ପୁଟନ ଖାଲଖୋ, ସହ ସମ୍ପାଦକ ଜୁଗିଆ କୁଜୁର, ଉପଦେଷ୍ଟା ବସନ୍ତ କିସାନ, ଅନିଲ ଲାକ୍ରା, ତିଲ ଲାକ୍ରା ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# କଟକ ସିଟି



ଯୋଗାଣ ବିଭାଗର 'ଆଗୁଆ ବଣ୍ଟନ' ନୀତି

# ହନ୍ତସନ୍ତ ହିତାଧିକାରୀ, ଆର୍ଥିକ ସଙ୍କଟରେ ଖୁଚୁରା ବିକ୍ରେତା

କଟକ,୨୧।୧(ସମିସ): ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଆଗୁଆ ସାମଗ୍ରୀ ବଣ୍ଟନ ପ୍ରକ୍ରିୟା ଏବେ ଉଭୟ ପଡିକାର୍ଡ ଧାରୀ ଓ ଖୁଚୁରା ବିକ୍ରେତାଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ରାଜ୍ୟରେ ବଳକା ଚାଉଳ ରଖିବା ପାଇଁ ପର୍ଯ୍ୟାପ୍ତ ଗୋଦାମ ଘର ନ ଥିବାରୁ ଏବଂ କେନ୍ଦ୍ରୀୟ ସଂସ୍ଥା ଏଫସିଆଇ ଚାଉଳ ଉଠାଇବାକୁ ସହମତି ପ୍ରକାଶ କରୁ ନ ଥିବାରୁ ବିଭାଗ ପକ୍ଷରୁ ପଡିକାର୍ଡଧାରୀଙ୍କୁ ଏକାଥରକେ ଦୁଇରୁ ତିନି ମାସର ଚାଉଳ ଉଠାଇବାକୁ ବାଧ କରାଯାଉଛି। ଫଳରେ ଗରିବ ପଡ଼ି କାର୍ଡଧାରୀମାନେ ନିଜ କ୍ଷୁଦ୍ର ବାସଗୃହରେ ଏତେ ପରିମାଣର ଖାଦ୍ୟଶସ୍ୟ ମହଜୁଦ ରଖିବା ନେଇ ହଇରାଣ ହରକତ ହେଉଛନ୍ତି। ଅପରପକ୍ଷରେ, ଖୁଚୁରା ବିକ୍ରେତା ବା ଡିଲରମାନେ ଅଗ୍ରୀମ ଭାବେ ସାମଗ୍ରୀ ବଣ୍ଟନ କରି ମଧ୍ୟ ସେମାନଙ୍କର ପ୍ରାପ୍ୟ ପାରିଶ୍ରମିକ ପାଇବାରୁ ବଞ୍ଚିତ ହେଉଥିବା ଭଳି ସଂଗୀନ ଅଭିଯୋଗ ସାମ୍ନାକୁ ଆସିଛି। ସାଧାରଣ ବଣ୍ଟନ ବ୍ୟବସ୍ଥା ଆଇନ୍‌ରେ ଡିଲରମାନଙ୍କୁ ଅଗ୍ରୀମ ପାରିଶ୍ରମିକ ପ୍ରଦାନର ସ୍ପଷ୍ଟ ନିୟମ ରହିଥିଲେ ହେଁ, ନୂତନ ସରକାର

## ଗୋଦାମ ଅଭାବରୁ ଜବରଦସ୍ତି ୩ ମାସର ଚାଉଳ ବଣ୍ଟନ

## ମାସ ମାସ ଧରି ପାରିଶ୍ରମିକ ନ ପାଇ ଡିଲରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

ଆସିବା ପରେ ଏହି ବ୍ୟବସ୍ଥାକୁ ଉପେକ୍ଷା କରାଯାଇଛି। ବର୍ତ୍ତମାନ ଡିଲରମାନେ ମାସ ମାସ ଧରି ସାମଗ୍ରୀ ବଣ୍ଟନ ସାରିବା ପରେ ମଧ୍ୟ ପାରିଶ୍ରମିକ ପାଇବା ପାଇଁ ଯୋଗାଣ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। ଜାନୁଆରୀରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ତିନି ମାସର ଚାଉଳ ଗତ ଡିସେମ୍ବର ମାସରୁ ବଣ୍ଟନ ଶେଷ ହୋଇଥିଲେ ହେଁ, ଡିସେମ୍ବରର ପାରିଶ୍ରମିକ ଏ ପର୍ଯ୍ୟନ୍ତ ପ୍ରଦାନ କରାଯାଇ ନାହିଁ। ଏହା ଡିଲରମାନଙ୍କୁ ଘୋର ଆର୍ଥିକ ସଙ୍କଟ ମଧ୍ୟକୁ ଠେଲି ଦେଇଛି। ଡିଲରମାନଙ୍କ ସମସ୍ୟା କେବଳ ପାରିଶ୍ରମିକରେ ସୀମିତ ନାହିଁ। କ୍ୱିଣ୍ଟାଲ ପିଛା ମାତ୍ର ୯୦ ଟଙ୍କା ଲାଭାଂଶ ମିଳୁଥିବା ବେଳେ ସେଥିରୁ ଦୋକାନ ଘର ଭଡ଼ା, ବିଦ୍ୟୁତ ଖର୍ଚ୍ଚ ଏବଂ ସହାୟକଙ୍କ ଦରମା ଭରଣା କରିବା ସେମାନଙ୍କ ପାଇଁ ଅସମ୍ଭବ ହୋଇପଡ଼ିଛି। ବିଶେଷ କରି ଇ-ପିଓଏସ୍ ମେସିନ ପାଇଁ ଆବଶ୍ୟକ ନେଟ୍ ଖର୍ଚ୍ଚ ଓ ପେପର ରୋଲ୍ ବାବଦକୁ କ୍ୱିଣ୍ଟାଲ ପିଛା ପ୍ରାୟ ୨୧ରୁ ୨୫ ଟଙ୍କା ବ୍ୟୟ ହେଉଥିବା ବେଳେ ସରକାର ମାତ୍ର ୧୪ ଟଙ୍କା ପ୍ରଦାନ କରୁଛନ୍ତି। ଏଭଳି ସ୍ଥିତିରେ ପରିବାର ପ୍ରତିପୋଷଣ କରିବା ଡିଲରଙ୍କ ପାଇଁ କଷ୍ଟକର ହୋଇଛି। ଅନ୍ୟପଟେ, ବିନା ପାରିଶ୍ରମିକରେ ଯୋଗାଣ ଅଧିକାରୀମାନେ ଇ-କେୱାଇସି କାର୍ଯ୍ୟ ସାରିବାକୁ ଡିଲରମାନଙ୍କୁ ତାଗିଦ୍ କରୁଥିବାରୁ କ୍ଷେତ୍ରସ୍ତରରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଏହି ପ୍ରସଙ୍ଗ ଗତ ବିଧାନସଭା ଅଧିବେଶନରେ ମଧ୍ୟ ଉଠିଥିଲା। ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଶଙ୍କ ପ୍ରଶ୍ନର ଉତ୍ତର ଦେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅଗ୍ରୀମ ପାରିଶ୍ରମିକ ନିୟମକୁ ସ୍ୱୀକାର କରିଥିଲେ। ଓଡ଼ିଶା ଫେୟାର ପ୍ରାଇସ ସପ୍ ଡିଲର୍ସ ଆସୋସିଏସନ୍‌ର ରାଜ୍ୟ ସାଧାରଣ ସମ୍ପାଦକ ସୈୟଦ୍ ଏକ୍ରାମ ହୁସେନଙ୍କୁ ପଚାରିବାରୁ ସେ ଏ ପ୍ରସଙ୍ଗରେ ଉଦବେଗ ପ୍ରକାଶ କରିବା ସହ କହିଥିଲେ ଯେ, ପ୍ରଶାସନିକସ୍ତରରେ ଏହା କାର୍ଯ୍ୟକାରୀ ନ ହେବା ପଛରେ ରାଜ୍ୟର ମାନ୍ଦା ଆର୍ଥିକ ସ୍ଥିତି କିମ୍ବା ବିଭାଗୀୟ ଉଦାସୀନତା ରହିଥିବା ଆଶଙ୍କା କରାଯାଉଛି। ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁଚାରୁରୂପେ ଚଳାଇ ରଖିବାକୁ ହେଲେ ସରକାର ତୁରନ୍ତ ସମସ୍ତ ବକେୟା ପ୍ରଦାନ କରିବା ସହ ନିୟମ ଅନୁଯାୟୀ ଅଗ୍ରୀମ ପାରିଶ୍ରମିକ ବ୍ୟବସ୍ଥା ତୁରନ୍ତ ଲାଗୁ କରାଯାଉ ବୋଲି ସେ ଦାବି କରିଛନ୍ତି।

ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

# ଦ୍ୱିତୀୟ ଦିନରେ ଛାତ୍ରୀଙ୍କ ରିଲେ ଧାରଣା



କଟକ,୨୧।୧(ସମିସ): ଗୋଟିଏ ପଟେ ରାଜ୍ୟର ପ୍ରଥମ ମହିଳା ମହାବିଦ୍ୟାଳୟ ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରସଙ୍ଗରେ ସରକାର ନିରବ ରହିଥିବା ବେଳେ ଅନ୍ୟ ପଟରେ ଛାତ୍ରୀଙ୍କ ପକ୍ଷରୁ ମଧ୍ୟ ସରକାରଙ୍କ ବିରୋଧରେ ଧାରଣା ଜାରି ରହିଛି। ଆଜି ରିଲେ ଧାରଣାର ଦ୍ୱିତୀୟ ଦିନରେ ମଧ୍ୟ ଛାତ୍ରୀମାନେ କଲେଜ କ୍ୟାମ୍ପସ ଭିତରେ ଏକଜୁଟ ହୋଇ ସରକାରଙ୍କ ଅବିଚାର ବିରୋଧରେ ନାରା ଦେଇ ବିକ୍ଷୋଭ ପ୍ରଦର୍ଶନ ସହ ଦସ୍ତଖତ ଅଭିଯାନ ଜାରି ରଖିଥିଲେ। ଆଗାମୀ ଦିନରେ ଏନେଇ କଟକ ସହରର ବୁଦ୍ଧିଜୀବୀ ଓ ସହରବାସୀଙ୍କ ସହଯୋଗ ଲୋଡ଼ାଯିବ ବୋଲି ବୋଲି ଛାତ୍ରୀ ଗୋଷ୍ଠୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ସରକାର ଯଦି ଶୈଳବାଳାକୁ ଅବିଳମ୍ବେ ବିଶ୍ୱବିଦ୍ୟାଳୟ ମାନ୍ୟତା ନ ଦିଅନ୍ତି ତେବେ ଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନକୁ ଜୋରଦାର କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଧାରଣାରେ ମାହେଶ୍ୱରୀ ପଟ୍ଟନାୟକ, ସୁଦେଷ୍ଣା ସେଠୀ, ଅହଲ୍ୟା ସୟ, ଇଶା ପ୍ରିୟଦର୍ଶିନୀ, ମୌସୁମୀ ବେହେରା, ହରପ୍ରିୟା ପାଢ଼ୀ, ବିଜୟିନୀ ମିଶ୍ର, ତପସ୍ୱିନୀ ପିଙ୍ଗୁଆ, ରୁପାଲୀ ନାଏକ, ଲକ୍ଷ୍ମୀପ୍ରଭା ଜେନା, ବିଜୟିନୀ ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସିହ୍ନା, କ୍ରିଷ୍ଟାଞ୍ଜଳି ସାହୁ, ସ୍ମିତାରାଣୀ ନାୟକ, ସାହେନା ପରବିନ, ନେହା ଫିରଦୌସ, ଜ୍ୟୋତିରୂପା ବେହେରା, ସିମରନ ଶର୍ମା ପ୍ରମୁଖ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

# ନୂଆବଜାର ସେଣ୍ଟ ଜାଭିୟର୍ସରେ ଆଶୀର୍ବାଦ ଉତ୍ସବ ସଙ୍କଳ୍ପ





କଟକ,୨୧।୧(ସମିସ): ବୁଧବାର ନୂଆବଜାରସ୍ଥିତ ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡରୀ ଇଂରାଜୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଚଳିତ ବର୍ଷର ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ ଉତ୍ସବ "ସଂକଳ୍ପ" ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟର ମହାନିର୍ଦ୍ଦେଶକ ଡଃ ଜି.ଏସ୍ ପଟ୍ଟନାୟକ ମୁଖ୍ୟଅତିଥିରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦ୍‌ଘାଟନ କରିବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀଙ୍କୁ ସେବା ମନୋବୃତ୍ତିରେ ଉଦ୍‌ବୁଦ୍ଧ ହେବା ପାଇଁ ଉପଦେଶ ଦେବା ସହିତ ସେମାନଙ୍କର ଆଗାମୀ ଭବିଷ୍ୟତର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ନବମ ଓ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ନୃତ୍ୟ, ନାଟକ, ଗୀତ ଆଦି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ଆଲମାମାଟର ଓ ସ୍ମୃତି ଫଳକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ ତ୍ରିପାଠୀ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ସଫଳତା ପ୍ରାପ୍ତି ସହ ନିଜକୁ ଏକ ଉତ୍ତମ ନାଗରିକ ରୂପେ ଗଢି ତୋଳିବା ପାଇଁ ଉପଦେଶ ଦେଇଥିଲେ। ବିଦ୍ୟାଳୟର ପାରମ୍ପରିକ ପ୍ରଥା ଅନୁଯାୟୀ ଦଶମଶ୍ରେଣୀର ହେଡ୍ ବୟ ଓ ହେଡ୍ ଗାର୍ଲ ନବମ ଶ୍ରେଣୀର ଡେପୁଟି ହେଡ ବୟ ଓ ହେଡଗାର୍ଲଙ୍କୁ ଶପଥ ପାଠ କରାଇ କାର୍ଯ୍ୟଭାର ନ୍ୟସ୍ତ କରିଥିଲେ। ଇତି ମଧ୍ୟରେ ଦଶମ ଶ୍ରେଣୀର ଛାତ୍ର ଓମ୍ ପ୍ରକାଶ ବେହେରା, ଛାତ୍ରୀ ଆଦ୍ୟାଶା ବିଶ୍ୱାଳ ଓ ଦ୍ୱାଦଶ ଶ୍ରେଣୀର ଛାତ୍ର ହମାଦ ଅହମ୍ମଦ ଓ ଛାତ୍ରୀ ଶ୍ରୀବଲ୍ଲୀ ସ୍ୱୟଂସ୍ମିତା ମାଷ୍ଟର ଜେଭିୟର୍ସ ଓ ମିସ୍ ଜେଭିୟର୍ସ ରୂପେ ସମ୍ମାନିତ କରାଯାଇଥିଲା। ତତ୍‌ପରେ ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତାଙ୍କୁ ଆପ୍ୟାୟିତ କରାଯାଇଥିଲା। ପରିଶେଷରେ ବିଦ୍ୟାଳୟର ଡେପୁଟି ହେଡବୟ ଓ ଡେପୁଟି ହେଡ୍ ଗାର୍ଲ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇ ଉତ୍ସବର ପରିସମାପ୍ତି କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମଟିକୁ ନିର୍ଦ୍ଦେଶକ ଡଃ ପ୍ରଭୁଚରଣ ମହାନ୍ତି ଓ ସମସ୍ତ ମହଲରେ ପ୍ରଶଂସା କରାଯାଇଥିଲା।

# ନେତାଜୀ ଜୟନ୍ତୀରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ୬୮ତମ ଶାଖାର ଉଦ୍‌ଘାଟନ

କଟକ,୨୧।୧(ସମିସ): ବ୍ରିଟିଶ୍ ଅମଳର ୧୮୮୩ ମସିହାରୁ କଟକ ସହରର କେନ୍ଦ୍ରସ୍ଥଳରେ ଅସୁରକ୍ଷିତ ଅବସ୍ଥାରେ ଥିବା କୋଠାଘରର ହେବ ମରାମତି। ବଦଳିବ ପରିପାଟୀ। ପରିବର୍ତ୍ତନ ହେବନି ପୁରୁଣା କିର୍ତ୍ତୀରାଜି। କେବଳ ଢାଞ୍ଚାରେ ହେବ ସାମାନ୍ୟ ପରିବର୍ତ୍ତନ। ଆଉ ଦୁଇଦିନ ପରେ ଖ୍ରୀଷ୍ଟ କଲିଜିଏଟ ବିଦ୍ୟାଳୟ ପରିସର କୋମଳମତି ଶିଶୁମାନଙ୍କ ହସରୋଳରେ ହେବ କୋଳାହଳମୟ। ପରିସରର ସୁଉଚ୍ଚ ଅଟ୍ଟାଳିକା ହୋଇ ଉଠିବ ଶୈକ୍ଷିକ ବାତାବରଣ। ପୁରୁଣା ଖ୍ରୀଷ୍ଟ କଲେଜିଏଟ ସ୍କୁଲ କିନ୍ତୁ ରହିବ। ସ୍କୁଲ୍ ପରିସର ପାଶ୍ୱର୍କୁ ଲାଗି ସେଣ୍ଟ ଜାଭିୟର୍ସ ଗ୍ରୁପ ଆରମ୍ଭ କରିବାକୁ ଯାଉଛି ନିଜସ୍ୱ ପରିଚାଳନାରେ ପରିଚାଳିତ ତାର ନୂତନ ବିଦ୍ୟାଳୟ ସେଣ୍ଟ ଜାଭିୟର୍ସ ହାଇସ୍କୁଲ୍। ଚଳିତ ଶିକ୍ଷାବର୍ଷ ଠାରୁ ଏଠାରେ ଖୋଲିବ ସିବିଏସଇ ପାର୍ଟନରେ ନୂତନ ପାଠଶାଳା। ବାଲ ବାଟିକା ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ଚାଲିବ ପାଠପଢ଼ା। ପରବର୍ତ୍ତୀ ଅବସ୍ଥାରେ ଅନ୍ୟାନ୍ୟ ଶ୍ରେଣୀ ଗୁଡିକ ଖୋଲିବ ବୋଲି କଟକ ଖ୍ରୀଷ୍ଟିଆନ ଏଜୁକେସନ ବୋର୍ଡ (ସିସିଇବି) ସହିତ ୫୦ ବର୍ଷିଆ ଚୁକ୍ତି ଅବସରରେ କହିଛନ୍ତି ସେଣ୍ଟ ଜାଭିୟର୍ସ ଏଜୁକେସନାଲ ଟ୍ରଷ୍ଟର ଅଧ୍ୟକ୍ଷ ଡଃ ପ୍ରଭୁ ଚରଣ ମହାନ୍ତି। ଆସନ୍ତା ଜାନୁୟାରୀ ୨୩ ତାରିଖ ସରସ୍ୱତୀ ପୂଜା ତଥା ନେତାଜୀଙ୍କ ଜୟନ୍ତୀରେ ମାନ୍ୟଗଣ୍ୟ ଅତିଥିଙ୍କ କରକମଳରେ ଆନୁଷ୍ଠାନିକ ଭାବେ ସେଣ୍ଟ ଜାଭିୟର୍ସ ଗ୍ରୁପ ଦ୍ୱାରା ପରିଚାଳିତ ଏହି ୬୮ତମ ନୂତନ

## ■ ଯୋଗଦେବେ ଆଇଆଇଟି ଶିକ୍ଷାବିତ୍ ଆନନ୍ଦ କୁମାର

## ■ ପ୍ରଥମ ଶହେ ବିଦ୍ୟାର୍ଥୀଙ୍କୁ ମାଗଣା ଶିକ୍ଷାଦାନ

ବିଦ୍ୟାଳୟର ହେବ ଶୁଭାରମ୍ଭ। ସେହିଦିନ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୭ ଫୁଟ ଉଚ୍ଚର ପୂର୍ଣ୍ଣାବୟବର ହେବ ଅନାବରଣ। ସାନ୍ଧ୍ୟ ଅଧିବେଶନକୁ ଆହୁରି ଗମ୍ଭୀର କରିବେ ଚର୍ଚ୍ଚିତ ଆଇଆଇଟି ଶିକ୍ଷାବିତ୍ ଆନନ୍ଦ କୁମାର। ନିଜର ଅଧ୍ୟବସାୟ ବଳରେ ସେ କିପରି ନିଜକୁ ଗଢ଼ିତୋଳିବା ସହ ଅନ୍ୟମାନଙ୍କୁ ତିଆର କରିବାକୁ ସକ୍ଷମ ହୋଇଛନ୍ତି ସେ ସଂକ୍ରାନ୍ତରେ ଉପସ୍ଥିତ ଅବିଭାବକ ଓ ବିଦ୍ୟାର୍ଥୀଙ୍କୁ ଦେବେ ଦୀକ୍ଷାନ୍ତ ପରାମର୍ଶ। ସୂଚନା ଥାଉକି, ଶୀତ ତାପ ନିୟନ୍ତ୍ରିତ, ଟାଇଲ ଚଟାଣରେ ନିର୍ମିତ କୋଠାରେ ସିବିଏସଇର ନୂତନ ପାଠ୍ୟ ଖସଡାନୁଯାୟୀ କୃତ୍ରିମ ବୁଦ୍ଧିମତା, ମହାକାଶ ସଂକ୍ରାନ୍ତୀୟ ଶିକ୍ଷା ସାଙ୍ଗକୁ ସଂସ୍କୃତି ପରମ୍ପରା ବାବଦରେ ପିଲାମାନଙ୍କର ଧ୍ୟାନ ଆକର୍ଷଣ କରାଯିବ ଉକ୍ତ ବିଦ୍ୟାଳୟରେ। ଆର୍ଟ ଅଫ ଲାଇବ୍ରେରୀ, ସାଇନ୍ସ ଲାବ୍ରୋଟାରୀ, କମ୍ପ୍ୟୁଟର ଲାବ, ରୋବୋଟିକ ଲାବ, ସ୍ପୋର୍ଟସ, ମ୍ୟୁଜିକ, ଡ୍ୟାନ୍ସ ଭଳି ସମସ୍ତ ପ୍ରକାର ସୁବିଧା ଏହି ବିଦ୍ୟାଳୟରେ ବିଦ୍ୟାର୍ଥୀମାନେ ପାଇପାରିବେ। ବିଶେଷ କରି ବାପା ମା'ଙ୍କୁ ଭଲପାଇବା, ପରିବେଶକୁ ସୁରକ୍ଷିତ ରଖିବା, ଦେଶାତ୍ମବୋଧକତା, ଜଳ ସଞ୍ଚୟ ଧନ ସଞ୍ଚୟ ସଂକ୍ରାନ୍ତରେ ପିଲାମାନଙ୍କୁ ଶିକ୍ଷାଦେବା ଉପରେ ବିଦ୍ୟାଳୟ କରିବ ଫୋକସ ବୋଲି ଅଧ୍ୟକ୍ଷ ଡଃ ମହାନ୍ତି କହିଛନ୍ତି। ଏପ୍ରିଲ ପ୍ରଥମ ସପ୍ତାହରୁ ବିଧିବଦ୍ଧ ଭାବେ ପାଠ ପଢ଼ା ଆରମ୍ଭ ହେବାକୁ ସ୍ଥିର ହୋଇଥିଲେ ବି ଜାନୁୟାରୀ ୨୩, ୨୪, ୨୫ ତିନିଦିନ ମଧ୍ୟରେ ନାମ ଲେଖାଇବାକୁ ଆବେଦନ କରିଥିବା ପ୍ରଥମ ୧୦୦ ଜଣ ମେଧାବୀ ବିଦ୍ୟାର୍ଥୀଙ୍କୁ ମାଗଣା ଶିକ୍ଷାଦାନ କରାଯିବାକୁ ପରିଚାଳନା କମିଟି ନିଷ୍ପତ୍ତି ନେଇଥିବା ଅଧ୍ୟକ୍ଷ ଡ. ପ୍ରଭୁଚରଣ ମହାନ୍ତି ସୂଚନା ଦେଇଛନ୍ତି।

# ଶିଶୁ ସାହିତ୍ୟିକମାନେ ସମାଜର ବିଶ୍ୱକର୍ମା

## ଏକାମ୍ର ଶିଶୁ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



କଟକ,୨୧।୧(ସମିସ): ଏକାମ୍ର ଶିଶୁସାହିତ୍ୟ ସଂସଦର ବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠାନର ସଭାପତି ଡ. ଶରତ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଗୀତଗୋବିନ୍ଦ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ମହେଶ୍ୱର ମହାନ୍ତି କହିଲେ ଯେ ଶିଶୁ ସାହିତ୍ୟିକମାନେ ହେଉଛନ୍ତି ଦେଶ ଓ ଜାତିର ବିଶ୍ୱକର୍ମା। ସାହିତ୍ୟ ରଚନା ମାଧ୍ୟମରେ ଶିଶୁମାନଙ୍କୁ ସୁନାଗରିକ କରି ଗଢିବାରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ୍ ଡ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଶିଶୁମନସ୍ତତ୍ତ୍ୱକୁ ଆଧାର କରି ଶିଶୁସାହିତ୍ୟ ରଚନା କରାଯାଉ ବୋଲି ପରାମର୍ଶ ଦେଇଥିଲେ। ବରେଣ୍ୟ ଅତିଥି ଶିଶୁ ସାହିତ୍ୟିକ ଡ. ସୁନାମଣି ରାଉତ ଶିଶୁମାନଙ୍କ ଉପରେ ପାଠର ବୋଝ ନ ଲଦି ସେମାନଙ୍କ ହସଖୁସିର ପିଲାଦିନ ଫେରାଇଦେବାକୁ ଅଭିଭାବକ ଓ ଶିଶୁ ସାହିତ୍ୟିକଙ୍କୁ ପରାମର୍ଶ ଦେଇଥିଲେ। ଉତ୍ସବରେ ଡ. ରାଜକିଶୋର ପାଢ଼ୀ ଓ କବିତା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁର ଚରିତ୍ର ଗଠନରେ ଶିଶୁ ସାହିତ୍ୟିକମାନଙ୍କ କର୍ତ୍ତବ୍ୟବୋଧ ସଂପର୍କରେ ଆଲୋଚନା କରିଥିଲେ। ଉତ୍ସବରେ ଡ. ବିଜୟା ପାତ୍ର, ମୂରଲୀଧର ପରିଡା, ଡ. ହଂସନାଥ ମୁଦୁଲି, ଶରତ ନାୟକ, କୁଞ୍ଜବିହାରୀ ସାହୁ ଓ ପ୍ରଶାନ୍ତ ମଙ୍ଗରାଜଙ୍କୁ ସେମାନଙ୍କ କୃତି ଓ କୃତିତ୍ୱ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ମୁଖପତ୍ର "ଏକାମ୍ର କୁସୁମ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ସଂସଦର କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂପାଦିକା ହରିପ୍ରିୟା ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବାହ୍ନରେ ଡ. ବିଷ୍ଣୁଚରଣ ସାହୁଙ୍କ ସଭାପତିତ୍ୱରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଉପସଭାପତି ଅର୍ଜୁନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# କ୍ରୀଡ଼ାବିତ ଶୁଭାଶିଷ କରଙ୍କ ପରଲୋକ



କଟକ,୨୧।୧(ସମିସ): କ୍ରୀଡ଼ାବିତ୍, ସମାଜସେବୀ ଓ ପ୍ରକାଶକ ଶୁଭାଶିଷ କରଙ୍କ ଆଜି ସକାଳେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ହସ୍ପିଟାଲ ଠାରେ ହୃଦ୍‌ଘାତରେ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୬୦ ବର୍ଷ ହୋଇଥିଲା। ରାଜ୍ୟ ଫୁଟ୍‌ବଲ୍ ଟିମ୍‌ରେ ସେ ରାଜ୍ୟସ୍ତରୀୟ ପ୍ରତିନିଧିତ୍ୱ କରିବା ସହ ଫୁଟ୍‌ବଲ୍ କୋଚ୍ ଭାବରେ ସେ ମଧ୍ୟ ପ୍ରଶିକ୍ଷଣ ପ୍ରଦାନ କରୁଥିଲେ। ସେ ଭେଟରାନ୍ ଫୁଟ୍‌ବଲ୍ ଆସୋସିଏସନ୍‌ର ସଂପାଦକ, କଟକ ଜିଲ୍ଲା କ୍ରୀଡ଼ା ସଂସଦର ଯୁଗ୍ମ ସଂପାଦକ, କ୍ରିକେଟ୍ ଆସୋସିଏସନ୍ ଓ ଫୁଟ୍‌ବଲ୍ ଆସୋସିଏସନ୍‌ର ବିଭିନ୍ନ କମିଟିର ସଦସ୍ୟ ଭାବରେ କାର୍ଯ୍ୟ କରିଥିଲେ। ସେ କଟକ ମହାନଗର ଶାନ୍ତି କମିଟିର ଉପ-ସଭାପତି ଓ ଅନ୍ନପୂର୍ଣ୍ଣା ଥିଏଟର୍ 'ବି'ର ଉପସଭାପତି ଭାବେ କାର୍ଯ୍ୟ କରୁଥିଲେ। ଦୀର୍ଘବର୍ଷ ଧରି ଶ୍ରୀଶ୍ରୀ ଜୟଦୁର୍ଗା ସମିତି, ସୂତାହାଟ, କଟକର ସଭାପତି ଥିଲେ। ଶୁଭାଶିଷ ବିଖ୍ୟାତ କ୍ରୀଡ଼ାବିତ୍, ପ୍ରକାଶକ ଓ ଚଳଚ୍ଚିତ୍ର ପ୍ରଯୋଜକ ଦେବବ୍ରତ କର ଓ ମାତା ରାଜଲକ୍ଷ୍ମୀ କରଙ୍କ ଜ୍ୟେଷ୍ଠ ପୁତ୍ର ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ ସୁଜତା କର, ପୁତ୍ର ସାଇଶିବ କର, କନ୍ୟା ଆଲ୍‌ଭିନା କର, ଲଭ୍‌ଲିନା କର, ଦୁଇ ଭାଇ ଶିବାଶିଷ କର, ସ୍ନେହାଶିଷ କର, ଭଉଣୀ ଶୁଭଲକ୍ଷ୍ମୀ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ପୂର୍ବତନ ବିଧାୟକ ମହମ୍ମଦ୍ ମୋକିମ୍, ଓସିଏ ସଂପାଦକ ସଂଜୟ ବେହେରା, ଓଓଏର ସଂପାଦକ ଅଭିଜିତ୍ ପାଲ୍, ରାଜ୍ୟ ବିଜେପି ସଂପାଦିକା ସ୍ମୃତି ପଟ୍ଟନାୟକ, ବିଜେପି କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, କଟକ ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ନାଥ ସାହୁ, କଳା ବିକାଶ କେନ୍ଦ୍ରର ସଭାପତି ଡ. ବିଜୟାନନ୍ଦ ସିଂହ, ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ବ୍ରହ୍ମାନନ୍ଦ ବିଶ୍ୱାଳ, ରାଜୀବ ଷଡ଼ଙ୍ଗୀ, ଶଶିକାନ୍ତ ରାଉତ, ଆଲାଦିନୀ କର, କବି ଅମୀୟ ମହାପାତ୍ର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶବାଧାରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶୁଭାଶିଷ କରଙ୍କ ତିରୋଧାନରେ କଟକ ମେୟର ସୁବାସ ସିଂହ, ଡ. ଦ୍ୱୀପାୟନ ପଟ୍ଟନାୟକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପାଇବେ 'ଛାତ୍ର ଗୌରବ' ସମ୍ମାନ

କଟକ,୨୧।୧(ସମିସ): ବିଧାୟକ, ପୂର୍ବତନ ମନ୍ତ୍ରୀ ତଥା ରେଭେନ୍ସା କଲିଜିଏଟ ସ୍କୁଲର ପୁରାତନ ଛାତ୍ର ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଚଳିତ ବର୍ଷର ମର୍ଯ୍ୟାଦା ପୂର୍ଣ୍ଣ "ଛାତ୍ର ଗୌରବ' ଉପାଧି ଲାଭ କରିବାକୁ ମନୋନୀତ ହୋଇଛନ୍ତି। ଆସନ୍ତା ୨୩ ତାରିଖ ସନ୍ଧ୍ୟାରେ ସ୍କୁଲରେ ହେବାକୁ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଜୟନ୍ତୀ ଉତ୍ସବରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଶ୍ରୀ ସ୍ୱାଇଁଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ସେହିପରି ଆଦର୍ଶ ଶିକ୍ଷକ ମହମ୍ମଦ ମୋତିଉଲ୍ଲା ନାଜିମ ସଂସଦ ପକ୍ଷରୁ "କୃତୀ ଶିକ୍ଷକ' ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି ବୋଲି ସଂସଦର କର୍ମକର୍ତ୍ତାମାନେ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

ସୁଭାଷ ସଙ୍ଗଠନର ଦାବି

# ସ୍ଥାପନ ହେଉ ନେତାଜୀଙ୍କ ୨୦୦ ଫୁଟ ପ୍ରତିମୂର୍ତ୍ତି

କଟକ,୨୧।୧(ସମିସ): ସ୍ୱାଧୀନତା ଆନ୍ଦୋଳନର ଅନନ୍ୟ ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୨୦୦ଫୁଟର ପ୍ରତିମୂର୍ତ୍ତି କଟକରେ ସ୍ଥାପନ ହେଉ। ଜନ୍ମମାଟିରେ ବିଶାଳ ପ୍ରତିମୂର୍ତ୍ତି ପ୍ରତିଷ୍ଠା ନେତାଜୀଙ୍କ ପାଇଁ ମର୍ଯ୍ୟାଦାର ପ୍ରତୀକ ହେବ। କଟକରୁ ଆରମ୍ଭ ହେବ ଅଭିଯାନ, ସ୍ୱର ଦିଲ୍ଲୀ ଯାଏ ପହଞ୍ଚିବ। ନେତାଜୀ ଜୟନ୍ତୀରୁ ଦସ୍ତଖତ ଅଭିଯାନ ଆରମ୍ଭ କରାଯିବାକୁ ଯୋଜନା ଥିବା ବେଳେ ଲକ୍ଷ୍ୟ ରହିଛି ୫୦ହଜାର ଦସ୍ତଖତ ସଂଗ୍ରହ। ଏହି ଦସ୍ତଖତ ସମ୍ବଳିତ ବହି ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଯିବ। କଟକର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସୁଭାଷ ସଙ୍ଗଠନ ପକ୍ଷରୁ ଏଭଳି ଅଭିନବ ଅଭିଯାନ ଆରମ୍ଭ କରାଯିବାକୁ ଆଜି ଘୋଷଣା କରାଯାଇଛି।

ଭାରତର ସ୍ୱାଧୀନତା ଆନ୍ଦୋଳନର ଜ୍ୱଳନ୍ତ ପ୍ରତୀକ ନେତାଜୀ ସୁଭାଷ ଚନ୍ଦ୍ର ବୋଷ। ଦେଶପ୍ରେମ, ତ୍ୟାଗ ଓ ସାହସର ଅମର ଦୃଷ୍ଟାନ୍ତ ହେଉଛନ୍ତି ନେତାଜୀ। ତାଙ୍କ ଆହ୍ୱାନରେ ସାହାସୀ ଯୁବପୀଢ଼ୀ ଏକଜୁଟ ହୋଇ ଦେଶ ପାଇଁ ବଳିଦାନ ଦେଇଥିଲେ। ତାଙ୍କ ଦ୍ୱାରା ଗଠିତ ଆଜାଦ ହିନ୍ଦ ସେନା ଗୋରା ସରକାରଙ୍କ ନିଦ ହଜାଇ ଦେଇଥିଲା। ମାତ୍ର ନେତାଜୀଙ୍କୁ ଯଥୋଚିତ ସମ୍ମାନ ମିଳି ପାରିନାହିଁ। ତାଙ୍କ ଜନ୍ମମାଟିରେ ବିଶାଳ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇ ନେତାଜୀଙ୍କୁ ଚିର ସ୍ମରଣୀୟ ରଖିବାର ଉଦ୍ୟମ କରାଯିବ ବୋଲି ସୁଭାଷ ସଙ୍ଗଠନର ସମ୍ପାଦକ ସୁରେଶ ମହାନ୍ତି କହିଛନ୍ତି। ତାଙ୍କ ସୂଚନା ମୁତାବକ, ଏହି ଦାବି ଦିଲ୍ଲୀ ପର୍ଯ୍ୟନ୍ତ

## ୨୩ରୁ ଆରମ୍ଭ ହେବ ଦସ୍ତଖତ ଅଭିଯାନ

## ୫୦ହଜାର ଦସ୍ତଖତ ସମ୍ବଳିତ ବହି ପ୍ରଧାନମନ୍ତ୍ରୀଙ୍କୁ ପଠାଯିବ

ପହଞ୍ଚାଯିବ। ନେତାଜୀ ଜୟନ୍ତୀରୁ ଦସ୍ତଖତ ଅଭିଯାନ ଆରମ୍ଭ ହେବ। ୫୦ହଜାର ଦସ୍ତଖତ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଅଭିଯାନରେ କଟକର ସମସ୍ତ ବୁଦ୍ଧିଜୀବୀଙ୍କୁ ସାମିଲ କରାଯିବ। ଦଳଗତ ନିର୍ବିଶେଷରେ ସମସ୍ତଙ୍କୁ ଏକଜୁଟ ହେବାକୁ ଆହ୍ୱାନ ଦିଆଯିବ। ଲକ୍ଷ୍ୟ ଅନୁସାରେ ଦସ୍ତଖତ ସଂଗ୍ରହ କରାଯିବା ପରେ ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିକଟକୁ ପଠାଯିବ। ଏହାଛଡା ସଂସ୍କୃତି ମନ୍ତ୍ରୀଙ୍କୁ ଭେଟି ମଧ୍ୟ ଦାବି ଉପସ୍ଥାପନ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ନେତାଜୀଙ୍କ ୧୨୯ତମ ଜୟନ୍ତୀ ଉପଲକ୍ଷେ ସୁଭାଷ ସଙ୍ଗଠନ ତରଫରୁ ୧୨୯ଫୁଟର ପତାକା ଶୋଭାଯାତ୍ରା ମଧ୍ୟ ଆୟୋଜନ ହେବ। ସହିଦ ପାର୍କରୁ ଆରମ୍ଭ ହେବାକୁ ଥିବା ଏହି ଶୋଭାଯାତ୍ରା କଲେଜଛକ ପର୍ଯ୍ୟନ୍ତ ଆସିବ।

# ଉପରାଷ୍ଟ୍ରପତିଙ୍କ କଟକ ଗସ୍ତକୁ ନେଇ ଆରଡିସିଙ୍କ ସମୀକ୍ଷା



କଟକ,୨୧।୧(ସମିସ): ନେତାଜୀଙ୍କ ଜୟନ୍ତୀ ଅବସରରେ ଉପରାଷ୍ଟ୍ରପତି ସି.ପି ରାଧାକ୍ରିଷ୍ଣନନ୍ ଓଡ଼ିଶା ଗସ୍ତରେ ଆସିବେ। ଓଡ଼ିଆ ବଜାର ସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିଦର୍ଶନ କରିବେ। ଏହି ଅବସରରେ ଉପରାଷ୍ଟ୍ରପତି ଜିଲ୍ଲା ସଂସ୍କୃତି ଭବନ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହା ସହିତ ନେତାଜୀଙ୍କ ଜନ୍ମସ୍ଥାନରେ ପୋଷ୍ଟଲ ବିଭାଗ ଏବଂ ସଂସ୍କୃତି ବିଭାଗ ତରଫରୁ ପୋଷ୍ଟାଲ ସଂଗ୍ରହାଳୟର ଉଦଘାଟନ କରାଯିବାର କାର୍ଯ୍ୟକ୍ରମ ରହିଛି। ଉପରାଷ୍ଟ୍ରପତିଙ୍କ ସମେତ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ଥିବାରୁ ଏହାକୁ ଶୃଙ୍ଖଳିତ ଓ ସୂଚାରୁରୂପେ ପରିଚାଳନା କରିବା ପାଇଁ ଆଜି କଟକ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ପୁନମ ତାପସ ଗୁହାଙ୍କ ଅଧ୍ୟକ୍ଷତାରେ ସମୀକ୍ଷା କରାଯାଇଛି। ଏଥିରେ ଜିଲ୍ଲା ପ୍ରଶାସନ, କଟକ ମହାନଗର ନିଗମ ଏବଂ କଟକ କମିଶନରେଟ ପୁଲିସର ବରିଷ୍ଠ ପଦାଧିକାରୀ ମାନେ ସାମିଲ ହୋଇଥିଲେ। ଏଥିପାଇଁ ସୁରକ୍ଷାକୁ କଡାକଡ଼ି କରାଯାଇଛି। ପ୍ରାୟ ୩୬ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଗୁରୁବାର କାରକେଡ ରିହରସଲ କରାଯିବ ବୋଲି ଜଣାପଡ଼ିଛି।

# ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ରାୟଗଡ଼ା,୨୧।୧(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ଅମଲାଭଟ୍ଟା, ପେଣ୍ଟା ନିକଟସ୍ଥ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୫ରୁ ଆରମ୍ଭ ହୋଇ ୨୦ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡା.ଶ୍ୟାମା ମହାପାତ୍ରଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ସୁଚାରୁ ଭାବେ ପରିଚାଳିତ ହୋଇଥିଲା। ସୁଶ୍ରୀ ନିଶାରାଣୀ ପେଡେନ୍ତି ଓ ସୁଶ୍ରୀ ଦୀପିକା ନେମାଳଙ୍କ ତତ୍ତ୍ୱାବଧାନରେ ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳର ତାଲିମ ପ୍ରଦାନ କରାଯାଇଥିଲା। ଆତ୍ମରକ୍ଷା କ୍ଲବ୍‌ର ମୁଖ୍ୟ ଦାୟିତ୍ୱପ୍ରାପ୍ତ ଅଧିକାରୀ ଗିରିଜା କହଁର ଓ କ୍ଲବ୍‌ର ସଂଯୋଜିକା ସୁସ୍ମିତା ଶର୍ମାଙ୍କ ସହିତ ଅନ୍ୟ ସମସ୍ତ କର୍ମକର୍ତ୍ତାମାନଙ୍କ ସହଯୋଗରେ ଏହି ତାଲିମ୍ ଶିବିର ସଫଳ ରୂପେ ସମାପନ ହୋଇଥିଲା। ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସମାପନ ସମାରୋହ ଆଜି ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ସମାରୋହର ମୁଖ୍ୟ ଅତିଥି ଭାବେ ଚାନ୍ଦିଲି ପୁଲିସ ଥାନା, ରାୟଗଡ଼ାର ଥାନାଧିକାରୀ ଉତ୍ତମ କୁମାର ସାହୁ ଯୋଗ ଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ଆବଶ୍ୟକତା ଓ ଗୁରୁତ୍ୱ ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ଶ୍ରୀ ସାହୁ ସାଇବର ଅପରାଧ, ଗୃହହିଂସା, ସମାଜରେ ଘଟୁଥିବା ବିଭିନ୍ନ ପ୍ରକାର ଅପରାଧ ଏବଂ ସେଗୁଡ଼ିକର ପ୍ରତିରୋଧକ ପଦକ୍ଷେପ ସମ୍ପର୍କରେ ଛାତ୍ରୀମାନଙ୍କୁ ଦିଗଦର୍ଶନ ଦେଇଥିଲେ। ସମାରୋହର ସଭାପତିତ୍ୱ ମହାବିଦ୍ୟାଳୟର ଅଧ୍ୟକ୍ଷା କରିଥିବାବେଳେ ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ଡା. ପବିତ୍ରମୋହନ ପ୍ରଧାନ ଓ ଡା. ସୁନିଲ କୁମାର ବିଶୋୟୀ ଉପସ୍ଥିତ ଥିଲେ।



## ଟ୍ରେନ୍‌ରେ କଟିଗଲେ ପୂର୍ଣ୍ଣ ନାଗ

# ଧାରଣାରେ ପଡ଼ିଥିବା ଶବ ଉପରେ ଚାଲିଲା ଟ୍ରେନ୍

ଗୁଣୁପୁର,୨୧।୧(ସମିସ) : ଦେଖା ମିଳି ନ ଥିଲା ଜିଆରପି ପୋଲିସ୍ ମୃତଦେହ ଉପରେ ପୁଣି ଚାଲିଲା ରାଜ୍ୟରାଣି ଟ୍ରେନ୍ ର ଇଞ୍ଜିନ୍ ଏହି ଭଳି ଘଟଣା ଗୁଣୁପୁର ରେଳ ଷ୍ଟେସନ୍ ନିକଟରେ ଦେଖିବାକୁ ମିଳିଛି। ଗୁଣୁପୁର-ବିଶାଖାପାଟଣା ଟ୍ରେନ୍‌ରେ କଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ରେଳ ଧାରଣା ଉପରେ ଦୀର୍ଘ ସମୟ ଧରି ଶବ ପଡି ରହିଥିଲା। ଏପରିକି ରାଜ୍ୟରାଣୀ ଭଳି ଯାତ୍ରୀବାହୀ ଟ୍ରେନ୍ ମୃତ ଶରୀର ଉପରେ ଦେଇ ଚଳାଚଳ କରିଥିଲା। ଏଭଳି ଦୃଶ୍ୟ ଆଜି ଦେଖିବାକୁ ମିଳିଥିଲା ଗୁଣୁପୁର ରେଳ ଷ୍ଟେସନ ନିକଟରେ। ମୃତକ ଜଣକଙ୍କ ହେଲେ ପଦ୍ମପୁର ବ୍ଲକ ଅନ୍ତରଝୋଲି ଗ୍ରାମର ପୂର୍ଣ୍ଣ ନାଗ । ମୃତକ ଜଣକ ଗୁଣୁପୁର ମେଡିକାଲ କଲୋନି କ୍ୱାଟର ମଧ୍ୟରେ ଥିବା ନିଜ ଝିଅ ପାଖରେ ରହୁଥିଲେ। କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଛି ତାହାର କାରଣ ଅସ୍ପଷ୍ଟ ରହିଛି। ରାଜ୍ୟରାଣି ଟ୍ରେନ୍ ସମୟ ହେବାରୁ ତାର ଇଞ୍ଜିନ୍ ଚେଞ୍ଜ କରିବା ପାଇଁ ପୁଣି ଶବ ପଡିରହିଥିବା ଟ୍ରାକ୍‌ରେ ଆସି ଶବ ଉପର ଦେଇ ପୁଣି ଚାଲି ଯାଇଥିଲା। ମୃତକ ପାଖରେ ପରିବାର ଲୋକେ ପହଞ୍ଚିବା ପର ଶବ ଚିହ୍ନଟ ହୋଇଥିଲା।



**● ଜିଆରପି ପୁଲିସର ଦେଖା ମିଳିଲାନି**

ବିଳମ୍ବରେ ଜିଆରପି ପୋଲିସ୍ ପହଞ୍ଚି ଶବକୁ ଜବତ କରି ଘଟଣାର ତଦନ୍ତ କରୁଛି। ଆସନ୍ତା କାଲି ଶବ ବ୍ୟବଚ୍ଛେଦ ହେବାପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ସୂଚନା ମିଳିଛି।

# ଓକିଲଙ୍କୁ ଧମକଚମକ ଅଭିଯୋଗ

ମାଲକାନଗିରି,୨୧।୧(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ସଦର ଥାନାରେ ଓକିଲଙ୍କୁ ଧମକଚମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଜଣେ ଓକିଲଙ୍କ ନାମରେ ଅନ୍ୟ ଜଣେ ଓକିଲ ଅଭିଯୋଗ ଆଣିଛନ୍ତି। ସୂଚନା ଅନୁଯାୟୀ, ମାଲକାନଗିରି ସଦର ମହକୁମାରେ କାର୍ଯ୍ୟରତ ଶୁଭମ୍ କଟିଆ ଜଣେ ଓକିଲ । ସେ ମାଲକାନଗିରି ସଦର ମହକୁମା ନିବାସୀ ଜ୍ଞାନରଂଜନ ସାହୁ ନାମକ ଅନ୍ୟ ଜଣେ ଓକିଲଙ୍କ ନାମରେ ମାଥିଲି ଥାନାରେ ଅଭିଯୋଗ କରଛନ୍ତି। ଉକ୍ତ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି ଯେ, ସୁଭମ୍ କଟିଆ ତାଙ୍କର କିଛି ଲୋକଙ୍କୁ ନେଇ ବେଲ୍ ନିମନ୍ତେ ଓକିଲାତାନାମା ଦେବା ପାଇଁ ମାଥିଲି ଥାନାକୁ ଯାଇଥିଲେ । ସେ ତାଙ୍କ କାର୍ଯ୍ୟ ସାରି ବାହାରକୁ ଆସିବା ପରେ ଓକିଲ ଜ୍ଞାନରଂଜନ ସାହୁ ତାଙ୍କୁ ବିଭିନ୍ନ ଧମକ ଚମକ ଦେଇଥିଲେ।ଏଥିସହ ଆରୋଫ ଆରଫାତ୍ ନାମକ ବ୍ୟକ୍ତିଙ୍କୁ ମଧ୍ୟ ଅପହରଣ କରି ନେଇ ଯାଇଥିବା ଅଭି ଯୋଗ ପତ୍ରରେ ଉଲ୍ଲେଖ ରହିଛି। ତେବେ ଜ୍ଞାନରଂଜନ ସାହୁଙ୍କ ସହ ଅନ୍ୟ ଜଣେ ବ୍ୟକ୍ତି ମଧ୍ୟ ଥିବା ଉଲ୍ଲେଖ ରହିଛି। ପୁଲିସ ଏ ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

# ସୁସ୍ଥ ପରିବେଶ ଗଠନ ପାଇଁ ପ୍ରେସ୍ କ୍ଲବର ଉଦ୍ୟମ




ରାୟଗଡ଼ା,୨୧।୧(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ହାଲୁଆ ଗ୍ରାମ ନିକଟସ୍ଥ ସେବା ସମାଜ ଗୃହ ଠାରେ ପ୍ରେସ୍ କ୍ଲବର ବନ୍ଧୁ ମିଳନ ତଥା ସୁସ୍ଥ ପରିବେଶ ଗଠନ ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାନୁଆରି ୭ ତାରିଖରେ ପ୍ରେସ କ୍ଲବର ନୂତନ କମିଟି ଚୟନ ପରେ ଏହା ପ୍ରଥମ କାର୍ଯ୍ୟକ୍ରମ ହୋଇଥିବାରୁ କ୍ଲବର ସଦସ୍ୟମାନେ ଉତ୍ସାହିତ ରହିଥିବା ଦେଖିବାକୁ ମିଳିଥିଲା। ପ୍ରେସ କ୍ଲବ ସଭାପତି ସଂଗ୍ରାମ କେଶର ପଟନାୟକଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ୱାଇ.ଦାମୋଦର ରାଓ, ସଂଗଠନ ସମ୍ପାଦକ ସୁଶାନ୍ତ ପ୍ରଧାନ ଓ ଯୁଗ୍ମ ସମ୍ପାଦକ ସୁଶାନ୍ତ ଦାସ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କ୍ଲବ ସଭାପତି ସଂଗ୍ରାମ ଓ ସଦସ୍ୟ ବି.ଶ୍ରୀନିବାସଙ୍କ ନେତୃତ୍ୱରେ ଏକତ୍ରିତ ହୋଇ ଉକ୍ତ ସେବା ସମାଜ ପରିସର ପଡ଼ିଆ ସଫା କରି ଏକ ସୁସ୍ଥ ପରିବେଶ ଗଠନ ନିମନ୍ତେ ସଚେତନତା ସୃଷ୍ଟି କରିଥିଲେ। ହାଲୁଆ ତୋଟାକୁ ବଣଭୋଜି କରିବାକୁ ଆସୁଥିବା ଲୋକେ ଭୋଜିଭାତ କରିବା ପରେ ଅଳିଆ ସଫା କରି ଦୂରରେ ଫୋପାଡିଲେ ଉକ୍ତ ଅଞ୍ଚଳର ପରିବେଶ ସୁସ୍ଥ ରହିବ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଏଡିଆଇପିଆରଓ ଦେବରାଜ ଟାକିରି, ଗ୍ରନ୍ଥାଗାରିକ ଡମ୍ବୁରୁଧର ପଣ୍ଡା, ଜେକେ ପେପର ମିଲର ଲୋକସମ୍ପର୍କ ଅଧିକାରୀ ସ୍ମୃତିରେଖା କର ଓ ଟିମ୍, ଉକ୍ରଳ ଆଲୁମିନା ଇଂଟରନେସନାଲ କମ୍ପାନୀର ଜିଏମ୍ ପିତାମ୍ବର ବେହେରା, ସହ ଲୋକସମ୍ପର୍କ ଅଧିକାରୀ ଅମଜଦ୍ ଅଲୀ, ଆଦିତ୍ୟ ଆଲୁମିନା ରିଫାଇନେରୀ କମ୍ପାନୀର ସିଏସଆର ମୁଖ୍ୟ ତନ୍ମୟ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ପ୍ରେସ କ୍ଲବର ଉପସ୍ଥିତ ସଦସ୍ୟମାନେ ସାମ୍ବାଦିକଙ୍କ ସୁରକ୍ଷା ବୀମା ଓ ବିକାଶ ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୋର୍ କମିଟି ସଦସ୍ୟ ସୁବ୍ରତ ଚୌଧୁରୀ, ପୂର୍ବତନ ସଭାପତି ଯୋଗେଶ୍ୱର ଦାସ, ପୂର୍ବତନ ଉପସଭାପତି ସିଏଚ.ଶ୍ରୀନିବାସ, କେ.ନୀତିନ ଚୌଧୁରୀ, ଗୋପାଳ ଅଧିକାରୀ, ଆଶିଷ ରଞ୍ଜନ ପଣ୍ଡା, ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରେଳ ଷ୍ଟେସନରୁ ଗଞ୍ଜେଇ ଜବତ, ୧ ଗିରଫ

ରାୟଗଡ଼ା,୨୧।୧(ସମିସ): ରାୟଗଡ଼ା ରେଳ ଷ୍ଟେସନ ପ୍ଲାଟଫର୍ମ ନଂ-୧ରେ ଆଜି ରାତିରେ ସରକାରୀ ରେଳବାଇ ପୁଲିସ (ଜିଆରପି) ପାଟ୍ରୋଲିଂ ସମୟରେ ଟ୍ରେନ୍ ଯୋଗେ ଚୋରା ଚାଲାଣ ହେବାକୁ ଥିବା ୮କେଜି ୨୪୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରିଛି। ମାମଲାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଜିଆରପି ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ହୋଇଥିବା ବ୍ୟକ୍ତି ଜଣଙ୍କ ହେଲେ ତାମିଲନାଡୁ ରାଜ୍ୟର ତିରୁଭଲ୍ଲୁର ଜିଲ୍ଲାର ମାଣିକ୍ୟମ ଘାସଗାନ ୩୧ ବର୍ଷ ବୋଲି ଜଣାପଡିଛି। ଏ ନେଇ ମିଳିଥିବା ସୂଚନା ପ୍ରକାରେ ଜିଆରପି ଡିଏସପି ପ୍ରଭାତ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ଜିଆରପି ଥାନା ଆଇଆଇସି ବିନୟ ପ୍ରସାଦ ମିଞ୍ଜଙ୍କ ନେତୃତ୍ୱରେ ଏସଆଇ ସନ୍ତୋଷ ପରିଡା, ଏଏସଆଇ ମାଣିକ ଚନ୍ଦ୍ର ଗୌଡ଼, ମଳୟ ମାଝି, ଶୁଭ୍ରାଂଶୁ ପଣ୍ଡା ଓ କନଷ୍ଟେବଲ ଅନୁଜ ବୈଦ୍ୟଭୁଷଣ ପ୍ରମୁଖ ପ୍ଲାଟଫର୍ମ ନଂ-୧ରେ ପେଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତ ଠାରେ ଥିବା ବ୍ୟାଗକୁ ସନ୍ଦେହ କରି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେଥିରୁ ଗଞ୍ଜେଇ ଥିବା ଜାଣିବାକୁ ପାଇବା ପରେ ଥାନାରେ ଅଟକ ରଖାଯାଇ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଫୁଲବାଣି ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରି ତାମିଲନାଡୁ ଚୋରା ଚାଲାଣ ପାଇଁ ଅଭିଯୁକ୍ତ ରାୟଗଡ଼ାକୁ ଆସି ରାୟଗଡ଼ାରୁ ଟାଟା ଏର୍ଣ୍ଣାକୁଲମ ଟ୍ରେନ ଯୋଗେ ଯାତ୍ରା କରିବା ପାଇଁ ରାତ୍ରିରେ ଷ୍ଟେସନ ପ୍ଲାଟଫର୍ମରେ ଟ୍ରେନ୍‌କୁ ଅପେକ୍ଷା କରିଥିଲେ।



# କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ

ରାମନାଗୁଡ଼ା,୨୧।୧(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ସଦର ମହକୁମା ସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଗୌରୀ ପ୍ରସାଦ ପଣ୍ଡାଙ୍କ ନିର୍ଦ୍ଦେଶନା ଓ ଶାରୀରିକ ଶିକ୍ଷା ଶିକ୍ଷକ ଚନ୍ଦନ କୁମାର ନିମାଲାଙ୍କ ପରିଚାଳନାରେ ସବ୍-ଜୁନିୟର, ଜୁନିୟର ଓ ସିନିୟର ବିଭାଗରେ ଦୀର୍ଘ ଲମ୍ଫ, ଉଚ୍ଚ ଲମ୍ଫ, ଶଟ୍‌ପୁଟ୍, ଡିସକସ୍ ଥ୍ରୋ, ବ୍ୟାଡମିଣ୍ଟନ, ଧିର ସାଇକେଲ ଚାଳନା, ଦୌଡ଼ି ଟଣା, ମ୍ୟୁଜିକାଲ୍ ଚେୟାର ଆଦି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଦ୍ୱିତୀୟ ଦିନର ଶେଷରେ ଏକ ପୁରସ୍କାର ବଣ୍ଟନ ସମାରୋହ ଆୟୋଜିତ ହୋଇଥିଲା। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି, ପଦକ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ-ଶିକ୍ଷୟିତ୍ରୀ ସମାରୋହଟିକୁ ସୂଚାରୁ ରୂପେ ପରିଚାଳନା କରିଥିଲେ।



# ମାର୍କେଟ କମିଟି ଗୃହ ଉଦ୍‌ଘାଟିତ




କାଲିମେଳା,୨୧।୧(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ କାଲିମେଳା ବଜାର କମିଟି ଗୃହ ଉଦ୍‌ଘାଟନ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ସ୍ଥାନୀୟ କୃଷକ ଓ ବ୍ୟବସାୟୀଙ୍କୁ ଭଲ ବଜାର ସୁବିଧା ମିଳିବା ସହ ବିନା ମଧ୍ୟସ୍ଥିରେ ନିୟନ୍ତ୍ରିତ ବଜାର କମିଟି ସହାୟତାରେ ଗ୍ରାହକଙ୍କୁ ସିଧାସଳଖ କୃଷିଜାତ ଦ୍ରବ୍ୟର ବିକ୍ରୀ ହୋଇ ପାରିବ ବୋଲି ସେ କହିଛନ୍ତି। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଧାୟକ ପ୍ରତିନିଧି ନିହାର ରାୟଙ୍କ ସମେତ ବଜାର କମିଟିର ସଦସ୍ୟ, ସ୍ଥାନୀୟ ଦୋକାନୀ, ପରିବା ବ୍ୟବସାୟୀ ଏବଂ ସ୍ଥାନୀୟ ଯୁବ ଗୋଷ୍ଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ମାଧ୍ୟମିକ ଶିକ୍ଷକ ଯୋଗ୍ୟତା ପରୀକ୍ଷା

ମାଲକାନଗିରି, ୨୧।୧(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ତରଫରୁ ଆଜି ମାଲକାନଗିରି ଜିଲ୍ଲାର ୩ଟି କେନ୍ଦ୍ରକୁ ନେଇ ସୁରୁଖୁରୁରେ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଯୋଗ୍ୟତା ପରୀକ୍ଷା ଆୟୋଜିତ ସମ୍ପନ୍ନ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟଏହାକୁ ପରିଚାଳନା କରିଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ସୂଚନା ଅନୁଯାୟୀ, ୩ଟି କେନ୍ଦ୍ରରେ ସର୍ବମୋଟ ୭୩୮ ପରିକ୍ଷାର୍ଥୀ ଭାଗ ନେଇଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶଅନୁସାରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଓ ଭାଗୀରଥି ବେହେରା, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜଗନ୍ନାଥ ବେହେରା କେନ୍ଦ୍ର ସବୁ ନିରୀକ୍ଷଣ କରିଥିବା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିଜ ନିଜ ବ୍ଲକର କେନ୍ଦ୍ରକୁ ପରିଚାଳନା କରିଥିଲେ।

# ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଉଦ୍‌ଘାଟିତ

ଡାବୁଗାଁ,୨୧।୧(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦରମହକୁମା ନର୍ସରୀସ୍ଥିତ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ଠାରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ୨ ଦିନିଆ ବ୍ଲକ ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଛତୁ ଚାଷ ମିଶନ, ଫୁଲ ଚାଷ ମିଶନରେ ସାମିଲ ହେବା, ବିଶେଷ କରି ମସଲା ଉନ୍ନୟନ ଏଥିରେ ଡାବୁଗାଁ ସହକାରୀ ଉଦ୍ୟାନ କୃଷି ଅଧିକାରୀ ରବିଶଙ୍କର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଗୁପ୍ତ ବିଶୋଇ, ବ୍ଲକ କୃଷି ଅଧିକାରୀ ସୁଦେଷ୍ଣା ଧଳ, ମୃତ୍ତିକା ସଂରକ୍ଷଣ ଅଧିଦର୍ଶକ ନିରୋଜ ମଲ୍ଲିକ, ଡଙ୍ଗରିଗୁଡା ସରପଞ୍ଚ ରାମକୁମାର ଗଣ୍ଡ, ଡାବୁଗାଁ ସରପଞ୍ଚ ବିନୋଦ ସୌରା, ଭାଜପା ନେତା ଜି. କିରଣ କୁମାର, ଉଦ୍ୟାନ ଅଧିଦର୍ଶକ ପ୍ରମୋଦ ଗୌଡ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଉଦ୍ୟାନ କୃଷି କ୍ଷେତ୍ରରେ ମହିଳା ମାନଙ୍କୁ ଅଧିକ ସଶକ୍ତି କରଣ କରିବା ପାଇଁ ସେମାନଙ୍କୁ ଯୋଜନା ମାଧ୍ୟମରେ ଲଙ୍କା ଚାଷ, ଧନିଆ ଚାଷ, ଅଦା ଓ ହଳଦୀ ଚାଷ, ମେଥି ଚାଷ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ଛ ଏହା ବ୍ୟତୀତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ଶଙ୍କର ଜାତୀୟ ପନିପରିବା ଚାଷରେ ସହାୟତା, ଆଳୁ ଓ ପିଆଜ ଚାଷରେ ସହାୟତା, ଅମଳ ପରବର୍ତ୍ତୀ ପରିଚାଳନା ଓ ବିକ୍ରୟ ସହାୟତା, ସ୍ୱତନ୍ତ୍ର ଫଳ ଚାଷ ଯୋଜନା, ମହୁମାଛି ପାଳନ, ମହାନା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତକର୍ମ ନିଯୁକ୍ତି ଯୋଜନାରେ ହିତାଧିକାରୀଙ୍କ ଜମିରେ ଫଳ ଚାଷ ପାଇଁ ସରକାରୀ ସହାୟତା ପାଇବା ଉପରେ ଆଲୋଚନା କରଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉଦ୍ୟାନ ବିଭାଗ ବ୍ୟତୀତ କୃଷି ବିଭାଗ ବିଭିନ୍ନ ଯୋଜନା ସମ୍ପର୍କରେ ବିଭାଗୀୟ ଅଧିକାରୀ ମାନେ ଚାଷୀ ମାନଙ୍କୁ ନିଜ ବିଭାଗରେ ଥିବା ସରକାରୀ ଯୋଜନା ଗୁଡିକ ରେ ମିଳୁଥିବା ସହାୟତା ଉପରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରୁ ୧୫୦ ଜଣ ସ୍ୱଯଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଚାଷୀ ମାନେ ଯୋଗ ଦେଇଥିଲେ।



# ପାଇଥିବା ଦାମୀ ମୋବାଇଲ ଫେରାଇଲେ ସାଂସଦଙ୍କ ପିଏ

ରାୟଗଡା, ୨୧।୧(ସମିସ): ମାନବିକତା ଦେଖାଇଛନ୍ତି କୋରାପୁଟ ସାଂସଦ ସପ୍ତଗିରି ଉଲ୍କାକାଙ୍କ ବ୍ୟକ୍ତିଗତ ସଚିବ (ପିଏ) ବାପି ପଟ୍ଟନାୟକ। ବୁଧବାର ଦିନ ବାପି ପଟ୍ଟନାୟକଙ୍କୁ ରାୟଗଡ଼ା ସହରସ୍ଥିତ ତେଜସ୍ୱୀ ହୋଟଲ ଛକ ନିକଟରେ ଏକ ଦାମିକିଆ ମୋବାଇଲ ଫୋନ ମିଳିଥିଲା। ମୋବାଇଲ ଫୋନଟିକୁ ନିଜ ପାଖରେ ରଖିଥିଲେ। କିଛି ସମୟ ପରେ ଉକ୍ତ ଫୋନକୁ ଏକ କଲ ଆସିଥିଲା। ବାପି ଉକ୍ତ କଲକୁ ରିସିଭ କରିବା ପରେ ବ୍ୟକ୍ତି ଜଣଙ୍କ ନିଜକୁ ଦେବାଶିଷ ପତି ବୋଲି କହିବା ସହ ଫୋନଟି ତାଙ୍କର ବୋଲି କହିଥିଲେ। କଲ କରିଥିବା ବ୍ୟକ୍ତିଙ୍କୁ ବ୍ୟସ୍ତ ନ ହେବା ପାଇଁ କହିବା ସହ ତାଙ୍କ ନମ୍ବର ଦେଇ ତାଙ୍କୁ ଯୋଗାଯୋଗ କରିବା ପାଇଁ ସର୍କିଟ ହାଉସକୁ ଡକାଇଥିଲେ ବାପି । କିଛି ସମୟ ମଧ୍ୟରେ ଦେବାଶିଷ ସର୍କିଟ ହାଉସରେ ପହଞ୍ଚିବା ପରେ ବାପି ପାଇଥିବା ମୋବାଇଲ ଫୋନକୁ ଦେବାଶିଷଙ୍କୁ ହସ୍ତାନ୍ତର କରିଥିଲେ। ଦେବାଶିଷ ଫୋନଟି ପାଇବା ପରେ ଖୁସିବ୍ୟକ୍ତ କରିବା ସହ ବାପି ପଟ୍ଟନାୟକଙ୍କୁ ମାନବିକତା ଦେଖାଇ ମୋବାଇଲଟି ଫେରସ୍ତ କରିଥିବାରୁ ସାଧୁବାଦ ଜଣାଇଥିଲେ।



# ପାରମ୍ପରିକ ଲୋକ ସଙ୍ଗୀତ ଓ ଗୀତ କୁଡ଼ିଆ ପ୍ରତିଯୋଗିତା

ମାଲକାନଗିରି,୨୧।୧ (ସମିସ): ମାଲ୍ୟବନ୍ତ ଉତ୍ସବ ଉପଲକ୍ଷେ ପାରମ୍ପରିକ ଲୋକ ସଙ୍ଗୀତ ଓ ଗୀତ କୁଡ଼ିଆ ପ୍ରତିଯୋଗିତା ସ୍ଥାନୀୟ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ଗ୍ରାମରୁ ୧୦୦ରୁ ଅଧିକ କଳାକାର ଓ ଆଦିବାସୀ ଗୀତ କୁଡ଼ିଆ ଗାୟକ, ଗାୟିକା ମାନେ ଯୋଗ ଦେଇ ପାରମ୍ପରିକ ସଙ୍ଗୀତ ପରିବେଷଣ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ସଂନ୍ୟାସ ନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୋଜନା ଉପ ନିର୍ଦ୍ଦେଶକ ଗୋଲକ ଚନ୍ଦ୍ର ଦଳାଇ ଯୋଗଦେଇ ଅନୁଷ୍ଠାନିକ ଭାବେ ଲୋକ ସଙ୍ଗୀତ ପ୍ରତିଯୋଗିତାକୁ ଉଦ‌୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ରତ୍ନାକର ଦାଶ ଯୋଗଦେଇ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପାରମ୍ପରିକ ଲୋକ କଳା ସଂସ୍କୃତି ଲୋକ ସଙ୍ଗୀତ ଧିରେ ଧିରେ ଲୋପ ପାଇଯାଉଥିବା ବେଳେ ଏବେ ବି ମାଲକାନଗିରି ଜିଲ୍ଲା ବନବାସୀ ମାନେ ପୁରୁଣା ଗୀତ କୁଡ଼ିଆ, ଲୋକ ସଙ୍ଗୀତକୁ ବଞ୍ଚାଇ ରଖିଛନ୍ତି ବୋଲି କହିଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା କଳାକାର ମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେମାନଙ୍କ ପାରମ୍ପରିକ ସଙ୍ଗୀତ ପରିବେଶଣ କରିଥିଲେ। ଗୁପ୍ତେଶ୍ୱର ପାଣିଗ୍ରାହୀ, ଶୁରେଶ ରାଓ, ଘେନୁ ମୁଦୁଲି ବିଚାରପତି ମଣ୍ଡଳରେ କାର୍ଯ୍ୟ ତୁଲାଇ ଥିବା ବେଳେ ଶ୍ୟାମସୁନ୍ଦର ନାୟକ, ବିନାଶ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଲୋକ ସଙ୍ଗୀତ ପ୍ରତିଯୋଗିତା ଶେଷରେ ଅତିଥି ମାନେ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ଜିଲ୍ଲା ସଂସ୍କୃତି ବିଭାଗର ଦେବାଶିଷ ବିଶ୍ୱାଳ, ସନ୍ତୋଷ କୁମାର ବିଶ୍ୱାସ, ଦ୍ୱିତୀକୃଷ୍ଣ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ରାତି ପାହିଲେ ବଞ୍ଚିବାକୁ ବୃନ୍ଦାବତୀଙ୍କ ସଂଘର୍ଷ

ଉମରକୋଟ,୨୧।୧ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ତୋହରା ପଞ୍ଚାୟତର ମୀରାପାରା ଗାଁର ଲୋକ ସଂଖ୍ୟା ଶହେରୁ ଅଧିକ ହୋଇଥିବା ବେଳେ ପାଖାପାଖି ୨୦ ପରିବାର ରହୁଛନ୍ତି। ସେଥିମଧ୍ୟରୁ ଗାଁର ବୃଦ୍ଧା ବୃନ୍ଦାବତୀ ଗୌଡ଼ଙ୍କ ଦୁଃଖ ଶୁଣିବାକୁ କାହା ପାଖରେ ସମୟ ନାହିଁ। ଅଭିଯୋଗ ଅନୁଯାୟୀ ମୀରାପରାର ବୃନ୍ଦାବତୀ ଗୌଡ଼ (୬୮) ଙ୍କୁ ସରକାରଙ୍କ ବାର୍ଦ୍ଧକ୍ୟ ଭତ୍ତା ମିଳୁନାହିଁ। ବୟସର ଅପରାହ୍ନରେ ପହଞ୍ଚିଥିଲେ ମଧ୍ୟ ଆଧାରରେ ବୟସ ଭୁଲ ଥିବାରୁ ସେ ଏଥିରୁ ବଞ୍ଚିତ ରହିଛନ୍ତି। ଆଧାରରେ ତାଙ୍କର ଜନ୍ମ ତାରିଖ ୮।୨।୧୯୭୫ ଉଲ୍ଲେଖ ରହିଛି। ଯାହା ବର୍ତ୍ତମାନର ବୟସ ଅନୁସାରେ ୫୧ ବର୍ଷ। ସରକାରୀ ବାବୁଙ୍କୁ ଯେତେ ଅନୁରୋଧ କଲେ ବି ତାଙ୍କର ବୟସକୁ ସଂଶୋଧନ କରାଯାଇ ପାରୁନାହିଁ। ବୃନ୍ଦାବତି କୁହନ୍ତି, ଏ ବୟସରେ କୁଲି କାମ ଦେବାକୁ କେହି ରାଜି ନୁହନ୍ତି। ଆଖିକୁ ଭଲ ଭାବରେ ଦେଖା ଯାଉ ନଥିବାରୁ କୁଆଡେ ଯିବା ସମ୍ଭବ ହେଉନି। ସ୍ୱାମୀ ଆରପାରିକୁ ଯିବାର ପନ୍ଦର ବର୍ଷ ବିତିଲାଣି। ଘର କହିଲେ ଝାଟି ମାଟି କୁଡ଼ିଆ। ଘର ପାଇଁ ବି ଗୁହାରି କରିଛି। ହେଲେ ଆଜି କାଲି କହି ଗଡାଇ ଚାଲିଛନ୍ତି। ବୃନ୍ଦାବତୀଙ୍କ ସହ ରହୁଥିବା ସାନ ପୁଅ ଝିନ ଗୌଡ଼ର ଝିଅ ହେମବତୀ ଗୌଡ଼ ମଧ୍ୟ ମାନସିକ ବିକୃତ। ବାପା ମାଆ କୁଲି କାମ ଗଲେ ହେମବତୀକୁ ଅସହାୟ ଜେଜେ ମାଁ ପାଖରେ ଛାଡି ଯିବାକୁ ପଡେ ବୋଲି ଗ୍ରାମବାସୀ କହିଛନ୍ତି। ହେମବତୀ ସରକାରୀ ଦିବ୍ୟାଙ୍ଗ ପ୍ରମାଣ ପତ୍ର ପାଇଛନ୍ତି, ଯାହା ଶତକଡ଼ା ଚାଳିଶ ଭାଗ ରହିଥିବା ପତ୍ରରେ ଉଲ୍ଲେଖ ରହିଛି। ଏ ନେଇ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ମିଶ୍ରଙ୍କ ଧ୍ୟାନ ଆକର୍ଷଣ କରିବାରୁ ଆଧାର ସଂଶୋଧନ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। ଏମିତି ଅନେକ ଆଧାର ତ୍ରୁଟି ପାଇଁ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହେଉଛନ୍ତି। ମାନସିକ ଦିବ୍ୟାଙ୍ଗ 'ହେମବତୀ'ର ଅନ୍‌ଲାଇନ ଅଭିଯୋଗ ପୋର୍ଟାଲରେ ନାହିଁ। ଯେଉଁଥି ପାଇଁ ସେ ନିଜେ ସେହି ଗାଁକୁ ଯାଇ ଦିବ୍ୟାଙ୍ଗ ଝିଅର ଭତ୍ତା ପାଇଁ ବ୍ୟବସ୍ଥା କରିବେ ବୋଲି ପ୍ରତିଶୃତି ଦେଇଛନ୍ତି।



# ଛାତ୍ରଛାତ୍ରୀଙ୍କୁ ଚଷମା ବଣ୍ଟନ

ମାଥିଲି,୨୧।୧ (ସମିସ): ଆଜି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଉଦୁଲିବେଡା ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ଚକ୍ଷୁ ସମସ୍ୟା ଥିବା ଛାତ୍ରଛାତ୍ରୀଙ୍କୁ ଚଷମା ପ୍ରଦାନ କରାଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସଙ୍କ ନିର୍ଦ୍ଦେଶ କ୍ରମେ ଭାରପ୍ରାପ୍ତ ବିଆରପି ରତ୍ନାକର ପାଳ, ସିଆରସିସି ମନୋଜ କୁମାର ବେହେରା , ଜିଲ୍ଲା ଆଇଇଡି କୋର୍ଡିନେଟର ସୌମେନ୍ଦ୍ର କେଶରୀ ମହାପାତ୍ର ଓ ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ୧୧ ଜଣ ଛାତ୍ରଛାତ୍ରୀଙ୍କୁ ଚଷମା ପ୍ରଦାନ କରିଥିଲେ। ବୀର ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ମାଧ୍ୟମରେ ଏହି ଉପକରଣ ପ୍ରଦାନ କରାଯାଇଥିବା ବେଳେ ଏହାର ଯତ୍ନ ଓ ବ୍ୟବହାର ସମ୍ପର୍କରେ ବୁଝାଇଥିଲେ। ସେହିପରି ମାଥିଲି ସଦର ମହକୁମା ଠାରେ ଥିବା ଟିଓଏମ୍ ବିଦ୍ୟାଳୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ, ସିଆରସିସି ନିହାର ରଞ୍ଜନ ବିଶ୍ୱାସ ଯୋଗଦେଇ ୬ଜଣ ଛାତ୍ରଛାତ୍ରୀ ମାନଙ୍କୁ ଚଷମା ପ୍ରଦାନ କରିଥିଲେ। ସେହିପରି ବ୍ଲକ୍‌ରେ ସମସ୍ତ ୨୦ଟି ପଞ୍ଚାୟତରେ ଥିବା ଶିକ୍ଷା ବିଭାଗର କ୍ଲଷ୍ଟର ଗୁଡିକରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକର ସମସ୍ତ ବିଦ୍ୟାଳୟରେ ଚକ୍ଷୁ ସମସ୍ୟା ଥିବା ଛାତ୍ରଛାତ୍ରୀ ମାନଙ୍କୁ ଚଷମା ବଣ୍ଟନ କରାଯାଇଛି ବୋଲି ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।



# ଭୁବନେଶ୍ୱର ସିଟି



● ବୋରୱେଲ୍ ଗାଡ଼ିରୁ ବୋହିଗଲା ତେଲ

# ଦୁଇ ଘଣ୍ଟା ଅଟକିଲା ରାଜପଥ

ଭୁବନେଶ୍ୱର, ୨୧।୧ (ସମିସ): ପଳାଶୁଣି ଛକରେ ଅଘଟଣ ଘଟିଛି। ବୋରୱେଲ୍ ଗାଡ଼ିରୁ ତେଲ ଲିକେଜ୍ ହୋଇ ରାସ୍ତାରେ ଭାସିଛି। ଫଳରେ ଜାତୀୟ ରାଜପଥରେ ଚଳାଚଳ ଠପ୍ ହୋଇଯିବା ସହ ବାଣୀବିହାର ଯାଏଁ ଭିଡ଼ ସୃଷ୍ଟି ହୋଇଛି। ରାସ୍ତାରେ ବାଲି ପକାଇବା ପରେ ଯାଇ ପରିସ୍ଥିତି ସ୍ୱାଭାବିକ ହୋଇଛି।



■ ପଳାଶୁଣିରୁ ବାଣୀବିହାର ଲମ୍ବାଧାଡ଼ି
■ ବାଲି ପକାଇବା ପରେ ଚାଲିଲା ଗାଡ଼ି



ସୂଚନା ଅନୁସାରେ, ବୁଧବାର ସନ୍ଧ୍ୟାରେ ଏକ ବୋରୱେଲ୍ ଗାଡ଼ି ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଇଥିଲା। ୮ଟା ୨୦ ସମୟରେ ରସୁଲଗଡ଼ ଫ୍ଲାଇଓଭର ଅତିକ୍ରମ କରି ପଳଶୁଣୀ ଛକରେ ପହଞ୍ଚିବା ବେଳକୁ ଗାଡ଼ିର କ୍ରସ୍ ନଟ୍ ଭାଙ୍ଗି ଯାଇଥିଲା। ଫଳରେ ହାଇଡ୍ରୋଲିକରୁ ତେଲ ଲିକ୍ ହୋଇ ରାସ୍ତା ସାରା ଭାସିଥିଲା। ପରିସ୍ଥିତି ଏମିତି ହୋଇଥିଲା ଯେ, ପ୍ରାୟ ଦୁଇ ଶହ ମିଟର ପର୍ଯ୍ୟନ୍ତ ରାସ୍ତାରେ ତେଲ ଭାସି ତେଲ ବୋହିଥିଲା। ତେଲରେ ଚକା ଖସିବାରୁ ଏକାଧିକ ବାଇକ୍ ଚାଳକ ରାସ୍ତାରେ ଖସି ପଡ଼ିଥିଲେ। ଗାଡ଼ି ଗୁଡ଼ିକ ପଡ଼ିଯିବା ପରେ ରାସ୍ତା ଜାମ୍ ହୋଇ ଯାଇଥିଲା। ଭୁବନେଶ୍ୱର-କଟକ ରାସ୍ତାର ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା। କଟକ ଆଡ଼କୁ ଯାଉଥିବା ଗାଡ଼ି ଗୁଡ଼ିକ ରାଜପଥରେ ଅଟକି ରହିଥିଲେ। ଖବରପାଇ ମଞ୍ଚେଶ୍ୱର ଥାନା ଓ ଟ୍ରାଫିକ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣାକୁ ଏଡ଼ାଇବା ଲାଗି ଗାଡ଼ି ଚଳାଚଳକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦେଇଥିଲେ। ଯାତାୟାତ ବନ୍ଦ ହୋଇଯିବାରୁ ସ୍ଥିତି ଅସମ୍ଭାଳ ଭିଡ଼ ହେବା ସହ ଜାତୀୟ ରାଜପଥ ଅଟକି ଯାଇଥିଲା। ଭୁବନେଶ୍ୱର - କଟକ ମୁଖ୍ୟ ରାସ୍ତା ହୋଇଥିବାରୁ ହଜାର ହଜାର ଗାଡ଼ି ଅଟକି ଯାଇଥିଲେ। ଏମିତିକି ବାଣୀବିହାର ଓଭରବ୍ରିଜ ପର୍ଯ୍ୟନ୍ତ ଗାଡ଼ି ଗୁଡ଼ିକର ଲମ୍ବା ଧାଡ଼ି ଲାଗିଥିଲା। ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ଗାଡ଼ିଗୁଡ଼ିକ ମଧ୍ୟ ଏଥିରୁ ବାଦ୍ ପଡ଼ିନଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ଟ୍ରାଫିକ ପୁଲିସ ପକ୍ଷରୁ ପିତାପଲ୍ଲୀ ଛକରୁ ଗାଡ଼ି ଗୁଡ଼ିକ ଡାଇଭର୍ଟ କରିଥିଲା। ଏପଟେ ବାଲି ମଗାଇ ରାସ୍ତାରେ ପକାଇଥିଲା ପୁଲିସ। ତେଲ ଭାସୁଥିବା ଦୁଇ ଶହ ମିଟର ରାସ୍ତାରେ ବାଲି ପକାଇଥିଲା। ରାତି ପ୍ରାୟ ୧୦ଟା ବେଳକୁ ଗୋଟିଏ ପରେ ଗୋଟିଏ ଗାଡ଼ି ଛଡ଼ା ଯାଇଥିଲା। ଧୀରେ ଧୀରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପରେ କ୍ରେନ୍ ସହାୟତାରେ ବୋରୱେଲ୍ ଗାଡ଼ିକୁ ହଟାଇ ଦିଆଯାଇଥିଲା।

ରାଜଧାନୀରେ ଲଜ୍ଜା

# ବିବାହ ଆଳରେ ମହିଳାଙ୍କୁ ଦୁଷ୍କର୍ମ

ଭୁବନେଶ୍ୱର, ୨୧।୧ (ସମିସ): ପୁଣି ରାଜଧାନୀରେ ନାରୀ ସୁରକ୍ଷାର ଧଜିଆ ଉଡ଼ିଛି। କିଛିଦିନର ବ୍ୟବଧାନରେ ଆଉଜଣେ ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି। ବିବାହ କରିବା ଆଳରେ ସ୍ୱାମୀ ପରିତ୍ୟକ୍ତାଙ୍କୁ ଦୁଷ୍କର୍ମ ହୋଇଛି। ବୁଦ୍ଧ ନଗର ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଅଭିଯୋଗ ପାଇବା ପରେ ଅଭିଯୁକ୍ତକୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବଡ଼ବଜାର ଥାନା ପୁରୁଣା ବ୍ରହ୍ମପୁରର ବାପିନି ସାବତ ଓରଫ୍ ବାପି (୪୪)।

■ ସେକ୍ସ ରାକେଟରେ ନିୟୋଜିତ କରିବାକୁ ବାଧ କରୁଥିଲା
■ ଦୁଇ ଦିନ ଗୃହବନ୍ଦୀ ଥିଲେ ମହିଳା; ଅଭିଯୁକ୍ତ ଗିରଫ



ପୁଲିସ ସୂଚନାନୁସାରେ, କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ୨୮ ବର୍ଷୀୟା ମହିଳା ୨୦୧୯ ମସିହାରେ ଜଗତସିଂହପୁରର ଜଣେ ଯୁବକଙ୍କୁ ବିବାହ କରିଥିବା ବେଳେ ତାଙ୍କର କନ୍ୟା ସନ୍ତାନ ଅଛନ୍ତି। ହେଲେ ସେ କୌଣସି କାରଣରୁ ସ୍ୱାମୀଙ୍କ ଠାରୁ ଅଲଗା ହୋଇ ଯାଇଥିଲେ। ବୁଦ୍ଧ ନଗର ଅଞ୍ଚଳରେ ଭଡ଼ାରେ ରହିବା ସହ ବିଭିନ୍ନ ଲୋକଙ୍କ ଘରେ ରୋଷେଇ କରି ପରିବାର ପୋଷଣ କରୁଥିଲେ। ବାପି ପ୍ରାୟ ୬ ମାସ ପୂର୍ବେ ଆସି ମହିଳାଙ୍କ ସହ ସଂସ୍ପର୍ଶରେ ଆସିଥିଲା। ପରେ ବିବାହ କରିବ ବୋଲି ପ୍ରତିଶ୍ରୁତି ଦେଇ ବୁଦ୍ଧ ନଗର ସ୍ଥିତ ଘରେ ରହିଥିଲା। ସେଠାରେ ରହିବା ମଧ୍ୟରେ ମହିଳାଙ୍କ ଇଚ୍ଛା ବିରୋଧରେ ଦୁଷ୍କର୍ମ କରିଥିଲା। ମହିଳା ଜଣକ ବିରୋଧ କରିଥିଲେ ମଧ୍ୟ ବାପି ତାଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିଲା।

କେବଳ ଦୁଷ୍କର୍ମ କରି ନ ଥିଲା, ବରଂ ଅନ୍ୟମାନଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲା। ସେକ୍ସ ରାକେଟରେ ନିୟୋଜିତ କରିବାକୁ କହିବାରୁ ମହିଳା ଜଣକ ବିରୋଧ କରିଥିଲେ। ଏଥିରେ ବାପି ରାଗିଯାଇ ମହିଳାଙ୍କୁ ଗୋଟିଏ ଘରେ ଭର୍ତ୍ତି କରି ମାଡ଼ ମାରିଥିଲା। ବାହାର ପଟୁ ତାଲା ପକାଇ ଗୃହବନ୍ଦୀ କରି ରଖିବା ସହ ଖାଇବା ପିଇବାକୁ ଦେଇ ନ ଥିଲା। ଗତ ରବିବାର ଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ଗୋଟିଏ ଘରେ ବନ୍ଦୀ ହୋଇ ରହିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ବାପି ନଥିବାବେଳେ ମହିଳାଙ୍କ ଚିତ୍କାର ଶୁଣି ଘର ମାଲିକ ଆସି ତାଙ୍କୁ ଉଦ୍ଧାର କରି ନିଜ ଘରେ ରଖିଥିଲେ। ଏହାପରେ ବାପି ଆସି ତାଙ୍କୁ ମଧ ଧମକଚମକ ଦେଇଥିଲା। ଗତକାଲି ମହିଳା ଜଣକ ଏନେଇ ଲକ୍ଷ୍ମୀସାଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ବିଳମ୍ବିତ ରାତିରେ ବୁଦ୍ଧ?ଶ୍ୱରୀ କଲୋନି ଅଞ୍ଚଳରୁ ବାପିକୁ ଗିରଫ କରିଥିଲା। ବୁଧବାର ଉଭୟଙ୍କର ଡାକ୍ତରୀମାଇନା କରିବା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।

ବୀଭତ୍ସ ହତ୍ୟାକାଣ୍ଡକୁ କେନ୍ଦ୍ରକରି ଉତ୍ତେଜନା

# କଠୋରତମ ଦଣ୍ଡ ଦାବିରେ ରାସ୍ତାରୋକ





ବାଲିପାଟଣା, ୨୧।୧(ସମିସ): ସାମାନ୍ୟ ଗେଲ ନକଲ ବାକ୍ ବିତଣ୍ଡାକୁ କେନ୍ଦ୍ରକରି ସମ୍ପର୍କୀୟ ମାମୁ ଭଣଜାଙ୍କୁ ହତ୍ୟା କରିବା ପରେ ଭାପୁର ନାଥସାହି ଗ୍ରାମରେ ଉତ୍ତେଜନା ଦେଖା ଦେଇଛି। ଗ୍ରାମବାସୀ ରାସ୍ତାରୋକ କରି ଆସାମୀକୁ କଠୋରରୁ କଠୋରତମ ଦଣ୍ଡ ଦାବି କରିଛନ୍ତି। ଫେରାର ହୋଇଯାଇଥିବା ମାମୁ ମିଥୁନ ନାଥକୁ ବାଲିପାଟଣା ଥାନା ପୋଲିସ ଧରି ନିଜ ହେପାଜତକୁ ନେଇ ପଚରାଉଚରା କରୁଛି। ହତ୍ୟାର ସଠିକ୍ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ପୋଲିସ ହତ୍ୟା ମାମଲାର ତଦନ୍ତ କରିଛି। ଗ୍ରାମବାସୀ ରାସ୍ତାରୋକ କରି ନ୍ୟାୟ ଦାବି କରୁଥିବା ବେଳେ ପୋଲିସ ଓ ସ୍ଥାନୀୟ ନେତୃତ୍ୱଙ୍କ ସହିତ ବିଧାୟକ ନବକିଶୋର ମଲ୍ଲିକ ଉପସ୍ଥିତ ରହି ଲୋକଙ୍କୁ ବୁଝାସୁଝା କରିଛନ୍ତି। ବର୍ତ୍ତମାନ ୫ ଦିନ ଧରି ନିକଟରେ ତ୍ରିବେଣୀ ମହୋତ୍ସବ ଚାଲିଥିବାରୁ ଏହି ଅଞ୍ଚଳରେ ରାତ୍ରି ସମୟରେ ପ୍ରାୟତଃ ଜନଗହଳି ଲାଗି ରହୁଛି। ଏହି ସମୟରେ ଏଭଳି ନାରକୀୟ ଘଟଣା ସମସ୍ତଙ୍କୁ ଚକିତ କରିଦେଇଛି। ମଙ୍ଗଳବାର ରାତି ପ୍ରାୟ ସାଢେ ଏଗାରଟାରେ ଶୀତ ପାଇଁ ନିଆଁ ପୋଉଁଥିବା ୧୯ ବର୍ଷର ଯୁବକ ଉପେନ୍ଦ୍ର ନାଥ (ଲିପୁ) ସମ୍ପର୍କୀୟ ମାମୁ ମିଥୁନ ନାଥଙ୍କୁ ଅନ୍ୟ ସମୟ ଭଳି ଥଟ୍ଟା ମଜା କରିଥିଲା। ସେ କେବେବି କଳ୍ପନା କରି ନ ଥିଲା ଯେ ମାମୁ ହଠାତ୍ ତା ପେଟକୁ ଛୁରି ଭୁଷି ହତ୍ୟା କରିଦେବ ବୋଲି। ଏ ପର୍ଯ୍ୟନ୍ତ କୌଣସି କାରଣ ଜଣା ପଡ଼ି ନ ଥିଲେ ବି ମିଥୁନ ଜଣେ ଅପରାଧିକ ମାନସିକତାର ଲୋକ ବୋଲି ଜଣା ପଡ଼ିଛି। ତଦନ୍ତ ପରେ କାରଣ ସ୍ପଷ୍ଟ ହୋଇପାରିବ। ସ୍ଥାନୀୟ ଅଞ୍ଚଳରେ ଏହା ଏକ ଆଲୋଚନାର ବିଷୟବସ୍ତୁ ହୋଇଛି। ଘଟଣା ଘଟିବା ପରଠାରୁ ପୋଲିସ ତରଫରୁ କଡା ସୁରକ୍ଷା ପାଇଁ ଫୋର୍ସ ମୁତୟନ କରାଯାଇଛି। ଏ ସି ପି ଅଭିମନ୍ୟୁ ନାୟକ, ବାଲିପାଟଣା ଥାନା ଆଇଆଇସି ସୁର୍ଯ୍ୟାଂଶୁ ଶେଖର ପାଢ଼ୀ, ବାଲିଅନ୍ତା ଥାନା ଆଇ ଆଇ ସି ଅନିଲ ପରିଡ଼ା, ତଦନ୍ତକାରୀ ବନମାଳୀପୁର ଫାଣ୍ଡି ଅଧିକାରୀ ରାକେଶ କୁମାର ସାମଲ ଉପସ୍ଥିତ ରହି ଅବସ୍ଥା ଅନୁଧାନ କରୁଛନ୍ତି।

## ଚିକେନ୍ ଦୋକାନୀଙ୍କୁ ଖଣ୍ଡାରେ ଆକ୍ରମଣ; ଜଣେ ଗିରଫ

ଭୁବନେଶ୍ୱର, ୨୧।୧ (ସମିସ): ଚିକେନ୍ ଦୋକାନୀଙ୍କୁ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପାଣ୍ଡରାର ବିକାଶ ବେହେରା (୨୫)।

ପୁଲିସ ସୂଚନାନୁସାରେ, ଗତମାସ ୧୩ ତାରିଖ ଦିନ ବିକାଶ, ରୋହିତ ଭଞ୍ଜ, ରାକା ଓ ସହଯୋଗୀମାନେ ପାଣ୍ଡରା ଛକରେ ଥିବା ଏସକେ ସମସୁରଙ୍କ ଚିକେନ ଦୋକାନକୁ ଯାଇଥିଲେ। ସେଠାରେ ପହଞ୍ଚି ଦାଦାବଟି ସହିତ ମାଗଣାରେ ଚିକେନ ମାଗିଥିଲେ। ବିରୋଧ କରିବାରୁ ରାକା ଖଣ୍ଡାର ପଛ ପାର୍ଶ୍ୱ ସାହାଯ୍ୟରେ ସମସୁରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ପରେ ସମସ୍ତେ ମିଶି ସମସୁର। ଉପସ୍ଥିତ ଥିବା ତାଙ୍କ ଭାଇଙ୍କୁ ଏକ ଲୁହାଛଡ଼ରେ ଆକ୍ରମଣ କରିଥିଲେ। ଫଳରେ ଉଭୟ ଗୁରୁତର ହୋଇଥିଲେ। ପାଟି ଶୁଣି ସ୍ଥାନୀୟ ଲୋକମାନେ ଆସିଯିବାରୁ ଅଭିଯୁକ୍ତମାନେ ଫେରାର ହୋଇ ଯାଇଥିଲେ। ଏନେଇ ସମସୁ ଅଭିଯୋଗ କରିବା ପରେ ମଞ୍ଚେଶ୍ୱର ଥାନା ପୁଲିସ ବିକାଶକୁ ଗିରଫ କରିବା ସହ ଖଣ୍ଡା ଜବତ କରିଥିଲା।

## କାର୍‌ରେ ପିସ୍ତଲ ଗ୍ରାଫିକ୍ସ; ଧରିଲା ପୁଲିସ



ଭୁବନେଶ୍ୱର, ୨୧।୧ (ସମିସ): କାରରେ ପିସ୍ତଲ ଗ୍ରାଫିକ୍ସ କରି ବୁଲୁଥିବା ବେଳେ ଧରିଛି ସହିଦନଗର ଥାନା ପୁଲିସ। ଏ ସଂକ୍ରାନ୍ତରେ ମୋଟରଯାନ ଆଇନ ଓ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରିଛି। ଚାଳକକୁ ନୋଟିସ୍ ଦେଇ ଛାଡ଼ିଥିବା ବେଳେ ଗାଡ଼ିକୁ ଜବତ କରିଛି। ସୂଚନା ଅନୁସାରେ, ଆଜି ଏକ କାର୍ ବେପରୁଆ ଗାଡ଼ି ଚାଳନା କରି ଯାଉଥିଲା। ଗାଡ଼ିର ପଛପଟେ ବନ୍ଧୁକ ଷ୍ଟିକର୍ ଲାଗିଥିବା ବେଳେ ଦିସ୍ କାର୍ ଇଜ୍ ପ୍ରୋଟେକ୍ଟେଡ୍ ବାଏ ୯ ଏମ୍ଏମ୍ ବୋଲି ଲେଖା ହୋଇଥିଲା। ଏମିତି ଏକ କାର୍ ଆଜି ରାଜଧାନୀରେ ବୁଲି ସାଧାରଣରେ ଆତଙ୍କ ଖେଳାଉଥିଲା। ରାସ୍ତାରେ ଉତ୍ପାତ କରୁଥିବା ବେଳେ ସହିଦନଗର ଥାନା ପୁଲିସ ତାକୁ ପିଛା କରି ଧରିଥିଲା।

## ୩ ବାଲି ବୋଝେଇ ହାଇୱା ଜବତ; ଚାଳକ ଅଟକ

ବାଲିଅନ୍ତା, ୨୧।୧(ସମିସ): ଖୋର୍ଦ୍ଧା ଜିଲ୍ଲା ଖଣି ବିଭାଗ ଓ ବାଲିପାଟଣା ଥାନା ପୁଲିସ ଟିମ ମିଳିତ ଭାବେ ଆଜି ପୂର୍ବାହ୍ଣରେ ବାଳକାଟି – ଝିଣ୍ଟିଶାସନ ଗ୍ରାମ ଉନ୍ନୟନ ରାସ୍ତାରେ ଅତର୍କିତ ଚଢ଼ଉ କରି ୩ଟି ବେଆଇନ ବାଲି ବୋଝେଇ ହାଇୱା ଜବତ କରିଛନ୍ତି। ଜବତ ହାଇୱା ପିଛା ୨ ଲକ୍ଷ ଟଙ୍କା ଲେଖାଏଁ ଜରିମାନା କରାଯାଇଥିବା ଜଣାଯାଇଛି। ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ ଲଘୁ ଖଣିଜ ଦ୍ରବ୍ୟ ଚାଲାଣ ନିୟମାନୁସାରେ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିବ। ହେଲେ ସମୟ ପାଖାପାଖି ୧୦ଟା ହେବ ୩ଟି ହାଇୱା ଭାର୍ଗବୀ ନଦୀର ଝିଣ୍ଟିଶାସନ ନିଲାମ ଘାଟରୁ ବାଲି ନେଇ ବାଳକାଟି ଅଭିମୁଖେ ଯାଉଥିବା ବେଳେ ସ୍ଥାନୀୟ ଲୋକେ ଗାଡି ଅଟକାଇଥିଲେ। ପରେ ବାଲିପାଟଣା ଥାନା ପୁଲିସ ଏବଂ ଖଣି ଅଧିକାରୀ ପହଞ୍ଚି ଗାଡି ଜବତ କରିଥିଲେ। କନିଷ୍ଠ ଖଣି ଅଧିକାରୀ ସୁଦୀପ୍ତ ବେହେରା ଓ ପି. ବନି ଜ୍ୟାକସନଙ୍କ ସମେତ ବାଲିପାଟଣା ପୁଲିସ ସେଠାରେ ପହଞ୍ଚି ହାଇୱା ଜବତ କରିଥିଲା। ସୂଚନାଯୋଗ୍ୟ ପ୍ରତ୍ୟହ ଝିଣ୍ଟିଶାସନ ଘାଟରୁ ବେଆଇନ ଭାବେ ନିର୍ଦ୍ଧାରିତ ସମୟ ଠାରୁ ଢେର ଅଧିକ ସମୟ ଧରି ବାଲି ଚାଲାଣ ହେଉଥିବା ଅଭିଯୋଗ ହେଉଛି।

## ମନ୍ତ୍ରୀଙ୍କ ପିଏ ନାଁ ନେଇ ଡାକ୍ତରଙ୍କୁ ଠକେଇ

ଭୁବନେଶ୍ୱର, ୨୧।୧ (ସମିସ): ଆଇନ୍ ମନ୍ତ୍ରୀଙ୍କ ପିଏ ବୋଲି ପରିଚୟ ଦେଇ ଡାକ୍ତରଙ୍କୁ ଚୂନ ଲଗାଇଛନ୍ତି ଧୂର୍ତ୍ତ। ପୂଜାର୍ଚ୍ଚନା ଆଳରେ ୩୫ ହଜାର ଟଙ୍କା ଠକି ନେଇଛନ୍ତି। ଏଭଳି ଠକେଇ କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଭରତପୁରର ବିରେନ୍ ପ୍ରଧାନ (୨୮) ଓ ବୈଦ୍ଧ ଥାନା ଅଞ୍ଚଳର ସିଦ୍ଧାନ୍ତ ମିର୍ଧା (୨୫)।



ପୁଲିସ କହିବା ଅନୁସାରେ, ବିରେନ୍ ନିଜକୁ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ବ୍ୟକ୍ତିଗତ ସହାୟକ ବୋଲି ପରିଚୟ ଦେଇ ରେଡିଓଲୋଜି ଡାକ୍ତର ସତ୍ୟ ସୁନ୍ଦର ମହାପାତ୍ରଙ୍କ ମୋବାଇଲକୁ କଲ୍ କରିଥିଲା। ମନ୍ତ୍ରୀ ରେଡିଓଲୋଜି ହସ୍ପିଟାଲ ପ୍ରତିଷ୍ଠା କରିବାକୁ ଚାହୁଁଥିବାରୁ, ସେ ବିଷୟରେ କଥା ହେବା ଲାଗି ମନ୍ତ୍ରୀ ଲାଇନରେ ଅଛନ୍ତି ବୋଲି କହିଥିଲା। ପରେ ନିଜେ ମନ୍ତ୍ରୀଙ୍କ ପରି ସ୍ୱର କରି ଡାକ୍ତରଙ୍କ ସହ କଥା ହେବା ସହିତ ମନ୍ତ୍ରୀ ଖୁବଶୀଘ୍ର ଆପଣଙ୍କ ପାଖକୁ ଯିବେ ବୋଲି କହିଥିଲା। ପରବର୍ତ୍ତୀ ସମୟରେ ଜଣେ ମହିଳା ନିଜକୁ ମାତା ବୋଲି ପରିଚୟ ଦେଇ ବିରେନ୍ ଫୋନରୁ ଡାକ୍ତରଙ୍କ ସହ କଥା ହୋଇଥିଲେ। ଫୁଲବାଣୀରେ ଯଜ୍ଞ ଚାଲିଥିବା ବେଳେ ଏଥିପାଇଁ ୩୫ ହଜାର ଟଙ୍କା ମାଗିଥିଲେ। ଡାକ୍ତର ସତ୍ୟ ସୁନ୍ଦର ଫୋନ୍ କଲକୁ ସତ ବୋଲି ଭାବି ଦେଇଥିଲେ। ମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ ଭାବି ସେ ଦେଇଥିବା ୟୁପିଆଇ ନମ୍ବରକୁ ୩୫ ହଜାର ଟଙ୍କା ଦେଇଥିଲେ। ଠକେଇର ଶିକାର ହୋଇଥିବା ଆଶଙ୍କା କରି ସତ୍ୟ ସୁନ୍ଦର ଭରତପୁର ଥାନାରେ ଏତଲା ଦେବାପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଠକମାନେ ବୈଦ୍ଧ ସ୍ଥିତ ଏକ ଜନସେବା କେନ୍ଦ୍ର ମାଧ୍ୟମରେ ଟଙ୍କା ନେଇଥିବା ଜଣାପଡ଼ିଥିଲା। ସିଦ୍ଧାନ୍ତ ସେହି ଟଙ୍କାକୁ ଗ୍ରହଣ କରିଥିବା ଜାଣିବା ପରେ ପୁଲିସ ତାକୁ ଉଠାଇ ଆଣିଥିଲା। ତା' ଠାରୁ ସୂଚନା ପାଇ ବିରେନକୁ ଗିରଫ କରିଥିଲା। ସେମାନଙ୍କ ଠାରୁ ମୋଟ ୮୫ ହଜାର ଟଙ୍କା ଜବତ କରିଥିଲା।

## ବାଇକ୍ ଚୋରି ଗ୍ୟାଙ୍ଗର ୪ ଗିରଫ

ଭୁବନେଶ୍ୱର, ୨୧।୧ (ସମିସ): ରାଜଧାନୀରୁ ବାଇକ୍ ଚୋରି କରୁଥବା ଗ୍ୟାଙ୍ଗର ୪ ଜଣଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଭରତପୁର ଥାନା ଅଞ୍ଚଳର ପିଣ୍ଟୁ ପ୍ରଧାନ ଓରଫ୍ କାହ୍ନା (୨୨), କାଳିଆ ପରିଚ୍ଛା (୨୦), ପୁରୀ ଅଠରନଳାର ରାଜା ପାତ୍ର (୨୩) ଓ ବୋଲଗଡ଼ର ଦୀପକ ବେହେରା (୨୬)।

ପୁଲିସ ସୂଚନାନୁସାରେ, ସହିଦନଗରରେ କୋଚିଂ ସେଣ୍ଟର ହେମନ୍ତ ସେଠୀ ତାଙ୍କ ସ୍କୁଟିକୁ ପାର୍କିଂ କରିଥିଲେ। ଗତ ସୋମବାର ରାତିରେ ପିଣ୍ଟୁ ତାଙ୍କ ଗାଡ଼ିର ତାଲା ଭାଙ୍ଗି ଚୋରି କରିବାକୁ ଚେଷ୍ଟା କରିଥିଲା। ଶବ୍ଦ ଶୁଣି ହେମନ୍ତ ପାଟି କରିବାରୁ ସେ ଘଟଣାସ୍ଥଳରୁ ପଳାଇ ଯାଇଥିଲା। କିନ୍ତୁ ଯିବା ସମୟରେ ସେ ତାଙ୍କର ସାଇକେଲଟିକୁ ଚୋରି କରି ନେଇଥିଲା। ହେମନ୍ତଙ୍କ ଅଭିଯୋଗ ଆଧାରରେ ସହିଦନଗର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ସିସିଟିଭି କ୍ୟାମେରା ଫୁଟେଜରୁ ପିଣ୍ଟୁକୁ ଚିହ୍ନଟ କରି ଥାନାକୁ ଉଠାଇ ଆଣିଥିଲା। ତା ଠାରୁ ମିଳିଥିବା ତଥ୍ୟ ଅନୁସାରେ, ଭୁବନେଶ୍ୱର ଓ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରି କାଳିଆ, ରାଜା ଓ ଦୀପକକୁ ଗିରଫ କରିଥିଲା। ସେମାନଙ୍କ ଠାରୁ ୪ଟି ବାଇକ୍, ଗୋଟିଏ ସାଇକେଲ, ଗୋଟିଏ ଖଣ୍ଡା ଓ ତିନୋଟି ମୋବାଇଲ ଫୋନ୍ ଜବତ କରିଥିଲା।

## ଦୁଇ ମହଲାରୁ ବୃଦ୍ଧାଙ୍କୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ

ଭୁବନେଶ୍ୱର, ୨୧।୧ (ସମିସ): ଭିତରୁ କବାଟ ଦେଇ ଶୋଇ ପଡ଼ିଥିବା ବୃଦ୍ଧାଙ୍କୁ ଉଦ୍ଧାର କରିଛି ଅଗ୍ନିଶମ ବାହିନୀ। ସୂଚନା ଅନୁସାରେ, ସହିଦନଗର ଅଞ୍ଚଳର ୭୨ ବର୍ଷୀୟା ବୃଦ୍ଧା ସାବିତ୍ରୀ ତୁଲା ବୁଧବାର ଦୁଇ ପ୍ରହରରେ ଭିତରୁ କବାଟ ଦେଇ ଶୋଇ ପଡ଼ିଥିଲେ। ପରିବାର ଲୋକେ କବାଟ ବାଡ଼େଇବାପରେ ମଧ କୌଣସି ଉତ୍ତର ଦେଇ ନ ଥିଲେ କି କବାଟ ଖୋଲି ନଥିଲେ। ଅନ୍ୟ କୌଣସି ଦ୍ୱାର ନ ଥିବାରୁ ପରିବାର ଲୋକେ ବ୍ୟସ୍ତ ହୋଇ ପଡ଼ିଥିଲେ। ଖବରପାଇ ସଚିବାଳୟ ଫାୟାର ଷ୍ଟେସନର ପ୍ରଦୀପ ଜେନା, ନରେନ୍ଦ୍ର ସିଂ ଓ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦଉଡ଼ି ସିଡ଼ି ସହାୟତାରେ ଦୁଇ ମହଲାରେ ଥିବା ବାଲକୋନୀକୁ ଯାଇଥିଲେ। ବାଲକୋନୀ ପଟରୁ ସାବିତ୍ରୀ ଶୋଇଥିବା ରୁମକୁ ପଶି କବାଟ ଖୋଲିଥିଲେ।

## ପଞ୍ଜାବର ମୋଷ୍ଟ ୱାଣ୍ଟେଡ୍ ଭୁବନେଶ୍ୱରରୁ ଗିରଫ



ଭୁବନେଶ୍ୱର, ୨୧।୧ (ସମିସ): ପଞ୍ଜାବ ପୁଲିସ ପାଇଁ ମୋଷ୍ଟ ୱାଣ୍ଟେଡ୍ ଥିବା ଅଭିଯୁକ୍ତ ଭୁବନେଶ୍ୱର ଏୟାରପୋର୍ଟରୁ ଧରାପଡ଼ିଛି। ଗିରଫ ଅଭିଯୁକ୍ତ ହେଉଛି ଜୀବନ ସିଂ।

ସୂଚନା ଅନୁସାରେ, ଜୀବନ ପଞ୍ଜାବରେ ଏକାଧିକ ଠକେଇ ଓ ଅନ୍ୟାନ୍ୟ ଗୁରୁତର ମାମଲା ରହିଥିଲା। ମାମଲା ରୁଜୁ ହେବାପରେ ସେ ଦେଶ ବାହାରକୁ ପଳାଇଥିଲା। ଫଳରେ ତା' ନାମରେ ଲୁକ ଆଉଟ ନୋଟିସ ଜାରି ହୋଇଥିଲା। ଆଜି ଜୀବନ ଦୁବାଇରୁ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲା। ଯାଞ୍ଚ ସମୟରେ ଇମିଗ୍ରେସନ ଅଧିକାରୀ ତାକୁ ଅଟକ ରଖି ପଞ୍ଜାବ ପୁଲିସକୁ ଖବର ଦେଇଥିଲେ। ପଞ୍ଜାବ ପୁଲିସର ଏକ ଟିମ୍ ଭୁବନେଶ୍ୱର ଆସି ଜୀବନକୁ ଗିରଫ କରିଥିଲା। ସ୍ଥାନୀୟ କୋର୍ଟରେ ହାଜର କରାଇବା ପରେ ଟ୍ରାନଜିଟ୍ ରିମାଣ୍ଡରେ ନେଇଛି।

ଯୁବକଙ୍କୁ ଅପହରଣ ପରେ ଲୁଟ୍

# ତପୋବନରୁ ନେଲେ; ବରମୁଣ୍ଡାରେ ଫିଙ୍ଗିଦେଲେ

ଭୁବନେଶ୍ୱର, ୨୧।୧(ସମିସ): ରାତିର ରାଜଧାନୀରେ ଆତଙ୍କ ଖେଳାଇଛନ୍ତି ଦୁର୍ବୃତ୍ତ। କୋଳଥିଆ ଛକରୁ ଜଣେ ଯୁବକଙ୍କୁ ଅପହରଣ କରି ନେଇ ଲୁଟ୍‌ପାଟ କରିଛନ୍ତି। ଅଭିଯୋଗ ପାଇବା ପରେ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବରମୁଣ୍ଡା ଭଗବତ ବସ୍ତିରେ ରହୁଥିବା ଗଞ୍ଜାମ ଜିଲ୍ଲା କୋଦଳା ଥାନା କେ ନୂଆପଲ୍ଲୀର ପବିତ୍ର ସାହୁ (୨୧)।

■ ବାଟସାରା ପିଟିଲେ, ମୋବାଇଲ ଓ ଟଙ୍କା ଲୁଟିଲେ
■ ଜଣେ ଗିରଫ; ମୁଖ୍ୟ ଅଭିଯୁକ୍ତ ସହ ୩ ଫେରାର

ପୁଲିସ ସୂଚନାନୁଯାୟୀ, ଗତ ସୋମବାର ରାତିରେ ରାଉରକେଲାର ରାକେଶ ମିଶ୍ର ବସ୍ ଯୋଗେ ବ୍ରହ୍ମପୁରରୁ ଭୁବନେଶ୍ୱର ଆସିଥିଲେ। ରାତି ପ୍ରାୟ ସାଢେ ୨ଟା ବେଳେ ସେ ତପୋବନ ଛକରେ ଓହ୍ଲାଇଥିଲେ। ସେହି ସମୟରେ ବରମୁଣ୍ଡାର ବନବାସ ନାୟକ, ପବିତ୍ର ଓ ଦୁଇ ସହଯୋଗୀ ମିଶି ରାକେଶଙ୍କୁ ଜୋରଜବରଦସ୍ତ କାରରେ ଅପହରଣ କରି ନେଇଥିଲେ। ଟେକି ନେବା ପରେ କାରରେ ଧରି ବିଭିନ୍ନ ଅଞ୍ଚଳ ବୁଲିଥିଲେ। କାର୍ ଭିତରେ ରାକେଶଙ୍କୁ ମାରଧର କରିବା ସହ ଧମକଚମକ ଦେଇଥିଲେ। ଏହାରି ଭିତରେ ରାକେଶଙ୍କ ଠାରୁ ମୋବାଇଲ ଫୋନ ଓ ୧୫୦୦ ଟଙ୍କା ଲୁଟି ନେଇଥିଲେ। ଅନେକ ସମୟ ବୁଲିବା ପରେ ବରମୁଣ୍ଡା ମଶାଣି ନିକଟରେ ତାଙ୍କୁ ଫିଙ୍ଗି ଦେଇ ଫେରାର ହୋଇ ଯାଇଥିଲେ। ସେହି ରାସ୍ତା ଦେଇ ଯାଉଥିବା ଜଣେ ବ୍ୟକ୍ତି ରାକେଶଙ୍କୁ ଉଦ୍ଧାର କରି ବରମୁଣ୍ଡା ବସଷ୍ଟାଣ୍ଡ ନିକଟରେ ଛାଡ଼ିଥିଲେ। ଏନେଇ ରାକେଶ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା।



ବୁଧବାର ପବିତ୍ରକୁ ଗିରଫ କରିଥିଲା।

ତେବେ ଇଏ କେବଳ ଗୋଟିଏ ଘଟଣା ନୁହଁ, ଏହି ଗ୍ୟାଙ୍ଗ ଆଗରୁ ଅନେକ ଲୋକଙ୍କୁ ଲୁଟପାଟ କରିଥିବା ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଛି। ବରମୁଣ୍ଡା ବନବାସ ଓରଫ୍ ବନି ନିଶାସକ୍ତ ଓ ଅସାମାଜିକ ଯୁବକଙ୍କୁ ନେଇ ଏକ ଗ୍ୟାଙ୍ଗ ଗଢ଼ିଛି। ଗ୍ୟାଙ୍ଗ୍ ସଦସ୍ୟମାନେ ପ୍ରତିଦିନ ରାତିରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ପୂର୍ବରୁ ଅର୍ଥାତ୍ ତପୋବନ ଲେନ୍? ନିକଟରେ ଛକି ରହିଥାନ୍ତି। ନିର୍ଜନ ସ୍ଥାନ ଦେଖି ବସରୁ ଓହ୍ଲାଉ ଥିବା ଯାତ୍ରୀମାନଙ୍କୁ ଟାର୍ଗେଟ କରି ଲୁଟପାଟ କରନ୍ତି ବୋଲି ପବିତ୍ର ପୁଲିସ ଆଗରେ କହିଛି। ପବିତ୍ରକୁ ପୁଲିସ କୋର୍ଟ ଚାଲାଣ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ବନବାସ ଓ ଅନ୍ୟ ସହଯୋଗୀମାନଙ୍କ ପାଖରେ ପହଞ୍ଚି ପାରିନାହିଁ।

● ମୁରବୀ ଶୂନ୍ୟ ଆଦର୍ଶ ବିଦ୍ୟାଳୟ...

# ୧୬ଟିରେ ଖାଲି ପଡ଼ିଛି ପ୍ରିନ୍ସପାଲ ପଦବୀ

ବ୍ରହ୍ମପୁର,୨୧ା୧(ସମିସ): ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ପ୍ରକଳ୍ପ ଭାବେ ପରିଚିତ ଓଡିଶା ଆଦର୍ଶ ବିଦ୍ୟାଳୟ(ଓଏଭି) ଗୁଡ଼ିକରେ ଗଭୀର ପ୍ରଶାସନିକ ସମସ୍ୟା ଦେଇ ଗତି କରୁଛି । ଗଞ୍ଜାମ ଜିଲ୍ଲାର ଅଧିକାଂଶ ଆଦର୍ଶ ବିଦ୍ୟାଳୟରେ ପ୍ରିନ୍ସିପାଲ(ଅଧ୍ୟକ୍ଷ) ଓ ଭାଇସ ପ୍ରିନ୍ସିପାଲ(ଉପ ଅଧ୍ୟକ୍ଷ) ପଦ ଦୀର୍ଘଦିନ ଧରି ଖାଲି ପଡ଼ିଛି । ଏହାର ପ୍ରଭାବ ପାଠପଢ଼ା, ଶିକ୍ଷକ ପରିଚାଳନା ଓ ପ୍ରଶାସନିକ କାର୍ଯ୍ୟରେ ପଡୁଛି । ସେହିପରି ଅନେକ ବିଦ୍ୟାଳୟ ଇନ୍‌ଚାର୍ଜ ବ୍ୟବସ୍ଥାରେ ଚାଲୁଛି । ଶିକ୍ଷାର ଗୁଣମାନ ଓ ପ୍ରଶାସନିକ ଶୃଙ୍ଖଳା ପ୍ରଭାବିତ ହେଉଛି । ଯାହାକୁ ନେଇ ଅଭିଭାବକ ଓ ଛାତ୍ରଛାତ୍ରୀ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି । ଗଞ୍ଜାମ ଜିଲ୍ଲାରେ ମୋଟ ୨୨ଟି ବ୍ଲକ ରହିଥିବା ବେଳେ ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ଓଡିଶା ଆଦର୍ଶ ବିଦ୍ୟାଳୟ ରହିଛି । କିନ୍ତୁ ଏଥିରୁ ୧୬ଟିରେ ପ୍ରିନ୍ସିପାଲ ପଦବୀ ଦୀର୍ଘଦିନ ହେବ ଖାଲି ପଡ଼ିଛି । ସେହିପରି ୧୨ଟି ଓଏଭିରେ ଭାଇସ ପ୍ରିନ୍ସପାଲ ପଦବୀ ଖାଲି ପଡ଼ିଥିବା ସୂଚନା ମିଳିଛି । ଜିଲ୍ଲାର ଛତ୍ରପୁର, ଚିକିଟି, ଦିଗପହଣ୍ଡି, କବିସୂର୍ଯ୍ୟନଗର, ରଙ୍ଗେଇଲୁଣ୍ଡା ଓ ଶେରଗଡ଼ ବ୍ଲକରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟରେ ସ୍ଥାୟୀ ଅଧ୍ୟକ୍ଷ ରହିଥିବା ବେଳେ ଅନ୍ୟ ସମସ୍ତ ବିଦ୍ୟାଳୟରେ ଅଧ୍ୟକ୍ଷ ପଦବୀ ଖାଲିପଡ଼ିଛି । ସ୍ଥାୟୀ ପ୍ରିନ୍ସପାଲ ନ ଥିବାରୁ ଅନେକ ବିଦ୍ୟାଳୟରେ ଇନ୍‌ଚାର୍ଜ ବ୍ୟବସ୍ଥାରେ କାମ ଚାଲୁଛି । ଯାହାଫଳରେ ଦିନକୁ ଦିନ ନୀତିଗତ ସିଦ୍ଧାନ୍ତ ନେବା, ଶିକ୍ଷା ଗୁଣମାନ ଉନ୍ନତି ଓ ଶିକ୍ଷକ-ଛାତ୍ର ସମସ୍ୟାର ସମାଧାନରେ ବିଳମ୍ବ ହେଉଛି । ଖାଲି ଥିବା ପ୍ରିନ୍ସପାଲ ଓ ଭାଇସ୍ ପ୍ରିନ୍ସପାଲ ପଦବୀ ଶୀଘ୍ର ପୂରଣ ନ ହେଲେ ଆଦର୍ଶ ବିଦ୍ୟାଳୟର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି ।

## ଦାଦାବଟି ନ ଦେବାରୁ ଟଙ୍କା ଓ ଅଳଙ୍କାର ଲୁଟ୍

ବ୍ରହ୍ମପୁର,୨୧ା୧(ସମିସ): ଶ୍ରୀରାମନଗର ପ୍ରଥମ ଲାଇନର ଝୁନୁ ବିଷୋୟୀଙ୍କ ପୁଅକୁ କିଛି ଯୁବକ ଦାଦାବଟି ମାଗିଥିଲେ । ସେ ନ ଦେବାରୁ ତାଙ୍କ ଟଙ୍କା ଓ ରୁପା ଚେନ୍ ଛଡ଼ାଇ ନେଇଗଲେ । ପରେ ୫ରୁ ଉର୍ଦ୍ଧ୍ୱ ଯୁବକ ଆସି ମାସକୁ ୨ହଜାର ଟଙ୍କା ଦାଦାବଟି ଦେବାକୁ ହେବ, ନ ଦେଲେ ଜୀବନ ପ୍ରତି ବିପଦ ଅଛି ବୋଲି ଧମକ ଦେଇଥିଲେ । ଘଟଣାକୁ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

## ଅନଲାଇନ୍ ଟ୍ରେଡିଂ ଲୋଭରେ ୫୬ ହଜାର ହରାଇଲେ ଯୁବକ

ବ୍ରହ୍ମପୁର,୨୧ା୧(ସମିସ): ଅନ୍‌ଲାଇନ ଟ୍ରେଡିଂ କରିବାକୁ ଯାଇ ଗଞ୍ଜାମ ଜିଲ୍ଲା କେ. ନୂଆଗାଁ ଥାନା ଇଲାକାର ଜଣେ ଯୁବକ ସାଇବର ଠକଙ୍କ କବଳରେ ପଡି ୧୦ଲକ୍ଷ ୫୬ହଜାର ହରାଇଛନ୍ତି । ଏନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସୂଚନାପ୍ରକାରେ, କେ ନୂଆଗାଁ ଥାନା ଅଞ୍ଚଳର ଏହି ୩୫ବର୍ଷୀୟ ଯୁବକଙ୍କ ନିକଟକୁ ଏକ ଅଜଣା ନମ୍ବରରୁ ଅନ୍‌ଲାଇନ୍ ଟ୍ରେଡିଂ ପାଇଁ ହ୍ୱାଟ୍ସଆପ୍‌ରେ ମେସେଜ ଆସିଥିଲା । ଲୋଭରେ ପଡ଼ି ସେ ୧୦ଦିନ ଭିତରେ ସାଇବର ଠକ ଦେଇଥିବା ଏକାଧିକ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପ୍ରାୟ ୧୦ଲକ୍ଷ ୫୬ହଜାର ନିବେଶ କରିଥିଲେ । ହେଲେ ଟଙ୍କା ଉଠାଇ ନପାରିବାରୁ ଠକେଇର ଶିକାର ହୋଇଥିବା ଜାଣି ପୁଲିସର ଦ୍ୱାରସ୍ଥ ହୋଇଥିଲେ । ସାଇବର ଥାନା ପୁଲିସ ଉକ୍ତ ମୋବାଇଲ ନମ୍ବର ଓ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାକ୍ କରି ଠକଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା ଜାରି ରଖିଛି ।

## ଚାକିରି ନାଁରେ ମହିଳାଙ୍କ ଠାରୁ ୩ ଲକ୍ଷ ଠକେଇ; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୧ା୧(ସମିସ): ସରକାରୀ ଚାକିରି ନାଁରେ ବ୍ରହ୍ମପୁରର ଜଣେ ମହିଳାଙ୍କ ଠାରୁ ୩ ଲକ୍ଷ ଟଙ୍କା ଠକେଇ ଘଟଣାରେ ମାଷ୍ଟରମାଇଣ୍ଡକୁ ବୈଦ୍ୟନାଥପୁର ଥାନା ପୁଲିସ ଗିରଫ କରିଛି । ସେ ହେଲେ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ରାମନଗର ୫ମ ଲାଇନର ରମେଶ ଚନ୍ଦ୍ର ପ୍ରଧାନ(୪୦) । ସୂଚନାପ୍ରକାରେ, ଖୋଡାସିଂ ବାଞ୍ଛାନିଧିନଗର ୩ୟ ଲାଇନ୍‌ର ଜଣେ ୩୦ ବର୍ଷୀୟ ମହିଳା ଚାକିରି ସନ୍ଧାନରେ ଥିଲେ । ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ଅଙ୍ଗନବାଡି ସୁପରଭାଇଜର ସହ ଅନ୍ୟ ପଦବୀରେ ଚାକିରି ପାଇଁ ସେ ଆଶାୟୀ ଥିଲେ । ଏହି ସମୟରେ ଅଭିଯୁକ୍ତ ରମେଶଙ୍କ ସହ ତାଙ୍କର ପରିଚୟ ହୋଇଥିଲା । ଅଭିଯୁକ୍ତ ରମେଶ ଓ ତାଙ୍କର ଅନ୍ୟ ୩ ଜଣ ସହଯୋଗୀ ସରକାରୀ ଚାକିରି କରାଇଦେବାକୁ କହି ମହିଳାଙ୍କ ଠାରୁ ୩ ଲକ୍ଷ ଟଙ୍କା ନେଇଥିଲେ । ହେଲେ ଦୀର୍ଘଦିନ ପର୍ଯ୍ୟନ୍ତ ଚାକିରି ନମିଳିବାରୁ ସେ ଟଙ୍କା ଫେରସ୍ତ ପାଇଁ କହିଥିଲେ । ହେଲେ ଅଭିଯୁକ୍ତମାନେ ଟଙ୍କା ନଫେରାଇ ବିଭିନ୍ନ ପ୍ରକାର ଧମକ ଦେଇଥିଲେ । ଶେଷରେ ଅନ୍ୟ ଉପାୟ ନପାଇ ମହିଳା ଜଣଙ୍କ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଥିଲେ । ପୁଲିସ ବୁଧବାର ଅଭିଯୁକ୍ତ ରମେଶଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି । ତେବେ ଅଭିଯୁକ୍ତ ରମେଶ ସମେତ ଭୁବନେଶ୍ୱରର ଜଣେ ମହିଳା ଓ ବ୍ରହ୍ମପୁର ଗେଟବଜାର ଓ ବଡକୁଶସ୍ଥଳୀ ଅଞ୍ଚଳର ଅନ୍ୟ ୨ ଜଣେ ବ୍ୟକ୍ତି ମିଶି ଏହି ଚାକିରି ରାକେଟ ଚଳାଇଥିବା ଅଭିଯୋଗକାରୀ ଜଣଙ୍କ ପୁଲିସକୁ ସୂଚନା ଦେଇଛନ୍ତି । ଅଭିଯୁକ୍ତମାନେ ସଂପୃକ୍ତ ମହିଳାଙ୍କ କିଛି ସାଙ୍ଗସାଥିଙ୍କୁ ମଧ୍ୟ ଠକିଛନ୍ତି । ତଦନ୍ତ କରି ରାକେଟର ପର୍ଦ୍ଦାଫାସ କରିବାକୁ ଅଭିଯୋଗକାରିଣୀ ଜଣଙ୍କ ପୁଲିସକୁ ନିବେଦନ କରିଛନ୍ତି ।

# ଶତବାର୍ଷିକୀରେ ଖୁସି ଓ ଚିନ୍ତା

## ଓଡ଼ିଆ ପରିଚୟର ଜୀବନ୍ତ ପ୍ରତୀକ ଉତ୍କଳ ଆଶ୍ରମ

(କ୍ଷୀରସିନ୍ଧୁ ମହାନ୍ତି)
ବ୍ରହ୍ମପୁର,୨୧ା୧(ସମିସ):

ଓଡ଼ିଆ ପରିଚୟର ଜୀବନ୍ତ ପ୍ରତୀକ ଉତ୍କଳ ଆଶ୍ରମ । ସାମାଜିକ, ସାଂସ୍କୃତିକ ଓ ଜାତୀୟ ଚେତନାର ଏକ ଅମୂଲ୍ୟ କେନ୍ଦ୍ର । ଏହା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସୁରକ୍ଷାରେ ଗୁରତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସୁଛି । ଉତ୍କଳ ଆଶ୍ରମ ଓଡ଼ିଆ ଜାତୀୟତାବାଦକୁ ସୁଦୃଢ଼ କରିବାରେ ଐତିହାସିକ ଭୂମିକା ରଖିଛି । ଏଠାରୁ ସୃଷ୍ଟି ବିଭିନ୍ନ

### ଏବେ ବି ଐତିହାସିକ ମାନ୍ୟତାରୁ ବଞ୍ଚିତ

ଆନ୍ଦୋଳନ ଓ କାର୍ଯ୍ୟକ୍ରମ ଓଡ଼ିଆ ଜନମାନସରେ ଚେତନା ସୃଷ୍ଟି କରିଛି । ଉତ୍କଳ ଆଶ୍ରମ ଆଜି ମଧ୍ୟ ଓଡ଼ିଆ ପରିଚୟର ଏକ ଜୀବନ୍ତ ପ୍ରେରଣାସ୍ରୋତ ଭାବେ ଦଣ୍ଡାୟମାନ । ଜାନୁଆରୀ ୨୨ରେ ବ୍ରହ୍ମପୁରର ଉତ୍କଳ ଆଶ୍ରମ ଏହାର ଗୌରବମୟ ଶତବାର୍ଷିକୀର ଦ୍ୱାରଦେଶରେ ପହଞ୍ଚିଛି । ଏହା ସମଗ୍ର ଓଡ଼ିଶା ଗୌରବ ଯେତିକି ଚିନ୍ତା ମଧ୍ୟ ସେତିକି । କାରଣ ଏହି ଶତାୟୁ କୋଠା ଐସହାସିକ ମାନ୍ୟତାରୁ ଏବେବି ବଞ୍ଚିତ । ଶିକ୍ଷାବିତ୍, ସାହିତ୍ୟିକ, ସାମାଜିକ କର୍ମୀ ଏବଂ ସାଂସ୍କୃତିକ



ସଂରକ୍ଷକମାନେ ରାଜ୍ୟ ସରକାରଙ୍କୁ ଏହି ଐତିହାସିକ କୋଠାକୁ ଐତିହ୍ୟ କୋଠା ଘୋଷଣା କରିବାକୁ ଦାବି କରିଛନ୍ତି । ଏହାକୁ ଓଡ଼ିଆ ପରିଚୟର ଏକ ଜୀବନ୍ତ ପ୍ରତୀକ ଭାବରେ ସଂରକ୍ଷଣ କରିବାକୁ ଅନୁରୋଧ କରିଛନ୍ତି । ପ୍ରାୟ ଏକ ଶତାବ୍ଦୀ ପୂର୍ବରୁ ନିର୍ମିତ ଉତ୍କଳ ଆଶ୍ରମ ଅବହେଳାର କ୍ଷତ ବହନ କରୁଛି ।

ଏହି କୋଠା ଦିନେ ଆଧୁନିକ ଓଡ଼ିଶା ଗଠନରେ ମୂଳ ଭୂମିକା ନିର୍ବାହ କରୁଥିଲା । ଏହା କେବଳ ଇଟା ଏବଂ ସିମେଣ୍ଟର ଏକ କୋଠା ନଥିଲା, ବରଂ ଏକ ଚିନ୍ତାଧାରାକୁ ରୁଦ୍ଧିମନ୍ତ କରୁଥିଲା । ଏଠାରୁ ଓଡ଼ିଆ ପ୍ରବୀଣମାନେ ଭାଷା ଉପରେ ଆଧାରିତ ଏକ ପୃଥକ ପ୍ରଦେଶ ବିଷୟରେ ବିଚାର ଆରମ୍ଭ କରିଥିଲେ । ବିତର୍କ ଓ ଆଲୋଚନା ମାଧ୍ୟମରେ ନୂତନ ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନ ଦେଖିଥିଲେ । ସେହି ସ୍ୱପ୍ନ ଶେଷରେ ବାସ୍ତବତାର ରୂପ ନେଲା ୧୯୩୬ ଏପ୍ରିଲ ୧ ତାରିଖରେ । ଉତ୍କଳ ଆଶ୍ରମ ବଡ଼ଖେମୁଣ୍ଡିର ମହାରାଜଙ୍କ ଦ୍ୱାରା ଭୂମି ଦାନ ପରେ ଓଡ଼ିଆ ଭାଷା ଆନ୍ଦୋଳନର ଏକ ପ୍ରମୁଖ କେନ୍ଦ୍ର ଭାବରେ ଉଭା ହୋଇଥିଲା । ସ୍ଥାନୀୟ ନେତାମାନଙ୍କ ପାଇଁ ଏକ ସାଧାରଣ କୁଟା ଛପର ଆଶ୍ରୟସ୍ଥଳ ଭାବରେ ଆରମ୍ଭ ହୋଇ ଧୀରେ ଧୀରେ ଏକ ସ୍ଥାୟୀ କୋଠାରେ ପରିଣତ ହୋଇଥିଲା । ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ଓଡ଼ିଆ ଆନ୍ଦୋଳନର ଅନ୍ୟାନ୍ୟ ସ୍ଥପତିମାନେ ଏଠାରେ ଐତିହାସିକ ବୈଠକ ଏବଂ ସମ୍ମିଳନୀ ଆୟୋଜନ କରିଥିଲେ । ସମୟ ସହିତ ଏହା ଅନେକ ସାଂସ୍କୃତିକ ସଂଗଠନର ଆଶ୍ରୟସ୍ଥଳ ମଧ୍ୟ ହୋଇଗଲା । ଯାହା ଓଡ଼ିଆ ଭାଷା, ସଂସ୍କୃତି ଏବଂ ଚେତନାର ଏକ ଆଲୋକପଥ ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଥିଲା । ୨୬ ଫେବୃଆରୀ ୧୯୨୦ରେ ତତ୍କାଳୀନ ଗଞ୍ଜାମ କଲେକ୍ଟର ସିବି କୋଟେରେଲ ବର୍ତ୍ତମାନର କୋଠାର ଭିତ୍ତିପ୍ରସ୍ଥର ସ୍ଥାପନ କରିଥିଲେ । ବଡ଼ଖେମୁଣ୍ଡିର ରାଜା କୃପାମୟ ଦେବଙ୍କ ଦ୍ୱାରା ଆର୍ଥିକ ସହାୟତା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଉତ୍କଳ ଆଶ୍ରମ କୋଠା ୧୯୨୫ ଜାନୁୟାରୀ ୨୨ରେ ତତ୍କାଳୀନ ମାଡ୍ରାସର ରାଜ୍ୟପାଳଙ୍କ ଦ୍ୱାରା ଆନୁଷ୍ଠାନିକ ଭାବରେ ଉଦ୍‌ଘାଟିତ ହୋଇଥିଲା । ଏହା ସେତେବେଳର ଦକ୍ଷିଣ ଓଡ଼ିଶାର ସାଂସ୍କୃତିକ ଇତିହାସରେ ଏକ ପ୍ରମୁଖ ଘଟଣା ଥିଲା । ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ହେବା ପୂର୍ବରୁ ଏହି କୋଠା ଏହି ଆନ୍ଦୋଳନର ସାକ୍ଷୀ ଥିଲା । ସମ୍ପ୍ରତି ରାଜ୍ୟ ସରକାର ଓଡ଼ିଆ ଅସ୍ମିତା ଉପରେ ଗୁରୁତ୍ୱ ଦେଉଥିବା ବେଳେ ଉତ୍କଳ ଆଶ୍ରମର ସୁରକ୍ଷା ପ୍ରତି ସେତିକି ଗୁରୁତ୍ୱ ଦେବା ଆବଶ୍ୟକତା ରହିଛି ବୋଲି ଶିକ୍ଷାବିତ୍‌ମାନେ ଦାବି କରିଛନ୍ତି । ଏଥିସହିତ ଏଠାରେ ଓଡ଼ିଶା ଗଠନ ସହିତ ଜଡ଼ିତ ବିରଳ ଦଲିଲ, ଫଟୋଗ୍ରାଫ୍ ଏବଂ ସ୍ମାରକୀ ରଖି ସଂଗ୍ରହାଳୟ ପ୍ରତିଷ୍ଠା କ୍ଷେତ୍ରରେ ମଧ୍ୟ ବିଭାଗ ଗୁରୁତ୍ୱ ଦେବାକୁ ଅନୁରୋଧ କରିଛନ୍ତି । ଉତ୍କଳ ଆଶ୍ରମ ୧୦୦ବର୍ଷ ପୂରଣ କରୁଥିବା ହେତୁ ଇତିହାସର ଏହି ନୀରବ ସାକ୍ଷୀକୁ ଐତିହ୍ୟ କୋଠାର ମାନ୍ୟତା ପ୍ରଦାନ କରି ଓଡ଼ିଆ ଲୋକଙ୍କ ସାମୂହିକ ସ୍ମୃତି, ସଂଘର୍ଷ ଏବଂ ଗର୍ବକୁ ସମ୍ମାନ ଜଣାଇବା ଉଚିତ ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି ।

ବ୍ରହ୍ମପୁର ବନଖଣ୍ଡରେ ସରିଲା ପକ୍ଷୀ ଗଣନା

# ୯୯ ପ୍ରଜାତିର ୨୦ ହଜାର ପକ୍ଷୀ ଚିହ୍ନଟ





ବ୍ରହ୍ମପୁର,୨୧ା୧(ସମିସ): ବ୍ରହ୍ମପୁର ବନଖଣ୍ଡରେ ପକ୍ଷୀଗଣନା ଶେଷ ହୋଇଛି । ଚଳିତବର୍ଷ ୯୯ ପ୍ରଜାତିର ୨୦ହଜାରରୁ ଉର୍ଦ୍ଧ୍ୱ ପକ୍ଷୀ ଚିହ୍ନଟ ହୋଇଥିବା ବନବିଭାଗ ସୂତ୍ରରୁ ଜଣାପଡ଼ିଛି । ବନଖଣ୍ଡର ପୋତାଗଡ଼ ଓ ବାହୁଦା ମୁହାଣ ଅଞ୍ଚଳରେ ବ୍ୟାପକ ମାତ୍ରାରେ ପକ୍ଷୀଙ୍କ ସମ୍ଭାର ଥିବା କୁହାଯାଇଛି । ଏହି ବନଖଣ୍ଡର ୪ଟି ବନାଞ୍ଚଳରେ ୫୦ଟି ଟିମ୍ ପକ୍ଷୀ ଗଣନାରେ ନିୟୋଜିତ ଥିଲେ । ବିଭିନ୍ନ ଜଳାଶୟରେ ଏମାନେ ପକ୍ଷୀଗଣନା କରିଥିଲେ । ଚଳିତଥର ରେଡ୍ କ୍ରିଏଷ୍ଟାଡ୍ ପୋଚାର୍ଡ, କମନ କୁଟ୍, କଟନ ପିଗ୍‌ମୀ ଗୁସ୍, ନର୍ଥନ ପେଇଣ୍ଟାଲ, ପୋଚାର୍ଡ, ରୁଡା ସିଲ୍ଡ ଡକ୍, କାସମିଆନ୍‌ଟର୍ନ, ନର୍ଥନ ସ୍ମବର, ବ୍ଲାକ୍ ୱିଙ୍ଗଡ୍ ଷ୍ଟିଲ୍ଟ, ଗଡୱାଲ, ଗଡୱିଟ୍ ଭଳି ପ୍ରଜାତିର ପକ୍ଷୀ ବହୁମାତ୍ରାରେ ଦେଖିବାକୁ ମିଳିଛି । ବ୍ରହ୍ମପୁର ବନାଞ୍ଚଳରେ ନିୟୋଜିତ ୧୩ଟି ଟିମ୍ ସର୍ବାଧିକ ୧୧ହଜାର ୫୧୭ଟି ପକ୍ଷୀ ଚିହ୍ନଟ କରିଥିବା ବେଳେ ଖଲ୍ଲିକୋଟରେ ନିୟୋଜିତ ୧୬ଟି ଟିମ୍ ୫ହଜାର ୨୩୮, ଦିଗପହଣ୍ଡିରେ ନିୟୋଜିତ ୧୩ଟିମ୍ ୧ହଜାର ୪୭୨ଟି ଓ ସାମନ୍ତିଆପଲ୍ଲୀରେ ନିୟୋଜିତ ୮ଟି ଟିମ୍ ୧ହଜାର ୭୯୨ଟି ପକ୍ଷୀ ଠାବ କରିଥିଲେ । ତାମ୍ପରା ହ୍ରଦ ମଧ୍ୟରେ ଚଳିତବର୍ଷ ସର୍ବାଧିକ ୪ହଜାର ୯୨ଟି ପକ୍ଷୀଙ୍କୁ ଗଣନା ଟିମ୍ ଠାବ କରିଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି ।

## ତାଲାବନ୍ଦ ଘରୁ ଲକ୍ଷାଧିକ ଟଙ୍କା ଚୋରି

ବ୍ରହ୍ମପୁର,୨୧ା୧(ସମିସ): ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀନଗର ୧୦ମ ଲାଇନ୍‌ର ଏକ ତାଲା ବନ୍ଦ ଘରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଛି । ଜନାର୍ଦ୍ଦନ ପଣ୍ଡା ଗତ ରବିବାର କୌଣସି କାମରେ ନିଜ ସମ୍ପର୍କୀୟଙ୍କ ଘରକୁ ପରିବାର ସହିତ ଯାଇଥିଲେ । ରବିବାର ରାତିରେ ତାଲା କାଟି ଦୁର୍ବୃତ୍ତ ଘରେ ପଶି ୨ଲକ୍ଷ ଟଙ୍କା, ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିଲେ । ଏନେଇ ଜନାର୍ଦ୍ଦନ ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସିସିଟିଭି ଯାଞ୍ଚ କରୁଛି ।

## ଟେଣ୍ଟ ହାଉସ୍‌ରୁ ଚୋରି, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୧ା୧(ସମିସ): ଏକ ଟେଣ୍ଟ ହାଉସରୁ ଚୋରି ଘଟଣାରେ ଗୋଷାଣୀନୂଆଗାଁ ପୁଲିସ ଫେରାର ଥିବା ବୁଗୁଡ଼ାର ଜଗା ନାୟକ(୩୬)କୁ ଗିରଫ କରି କୋର୍ଟଚାଲାଣ କରିଛି । ପୂର୍ବରୁ ସଚିନ ରେଡ୍ଡୀ ଓ ଭଗବାନ ନାୟକ ଏହି ମାମଲାରେ ଗିରଫ ହୋଇଥିଲେ । ସୂଚନାଯୋଗ୍ୟ ଯେ, ଗତ ୧୪ତାରିଖରେ ଗୁଡ୍‌ସସେଡ୍ ରୋଡରେ ଥିବା ସୁଶାନ୍ତ କୁମାର ପାତ୍ରଙ୍କ ଟେଣ୍ଟ ହାଉସରୁ ଚୋରି ନେଇ ସେ ଥାନାରେ ଅଭିଯୋଗ କରିଥିଲେ ।

## ନିଶା ପାଇଁ ଟଙ୍କା ନଦେବାରୁ ଦିବ୍ୟାଙ୍ଗଙ୍କୁ ଆକ୍ରମଣ

ବ୍ରହ୍ମପୁର,୨୧ା୧(ସମିସ): ଶ୍ରୀରାମନଗର ଦ୍ୱିତୀୟ ଲାଇନରେ ରହୁଥିବା ଦିବ୍ୟାଙ୍ଗ ଯୁବକ ଆୟୁଷ୍ମାନ ତ୍ରିପାଠୀଙ୍କୁ ଉକ୍ତ ସାହିର କିଛି ଯୁବକ ମାରପିଟ କରିଥିବା ବଡ଼ବଜାର ଥାନାରେ ଅଭିଯୋଗ ହୋଇଛି । ଗତ କିଛିଦିନ ହେଲା ସମ୍ପୃକ୍ତ ଯୁବକ ତାଙ୍କୁ ଟଙ୍କା ମାଗିବା ସହ ଖାଇବା ଜିନିଷ ନେଇଯାଉଥିଲେ । ମଙ୍ଗଳବାର ପୁଣି ନିଶା ସେବନ ପାଇଁ ଟଙ୍କା ମାଗିବାରୁ ସେ ମନା କରିଥିଲେ । ଫଳରେ ସେମାନେ ତାଙ୍କୁ ମାରପିଟ୍ କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ଚାମ୍ପିଅନ୍ ଗଞ୍ଜାମ ଦଳକୁ ହ୍ୟାଣ୍ଡବଲ୍ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

ବ୍ରହ୍ମପୁର ଷ୍ଟାଡିୟମରେ ସ୍ୱତନ୍ତ୍ର ହ୍ୟାଣ୍ଡବଲ୍ କୋର୍ଟ ପାଇଁ ନିଆଯିବ ପଦକ୍ଷେପ: ବିଧାୟକ



ବ୍ରହ୍ମପୁର,୨୧ା୧(ସମିସ): ୩୧ତମ ଆନ୍ତଜିଲ୍ଲା ଜୁନିଅର ବାଳିକା ଓ ବାଳକ ପ୍ରତିଯୋଗିତାରେ ଚାମ୍ପିଆନ ଗଞ୍ଜାମର ଉଭୟ ବାଳକ ଓ ବାଳିକା ଦଳକୁ ବ୍ରହ୍ମପୁର ଠାରେ ସମ୍ବର୍ଦ୍ଧନା ଦିଆଯାଇଛି । ପ୍ରତିଯୋଗିତାର ଫାଇନାଲରେ ବାଳିକା ଦଳ ଜଗତସିଂପୁରକୁ ଏବଂ ବାଳକ ଦଳ ପୁରୀକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା । ଉଭୟ ଦଳ ଆଜି ସନ୍ଧ୍ୟାରେ ଟ୍ରେନ ଯୋଗେ ରାୟଗଡା ଜିଲ୍ଲା ବିଷମକଟକରୁ ବ୍ରହ୍ମପୁର ଫେରିଥିଲେ । ବ୍ରହ୍ମପୁର ରେଳଷ୍ଟେସନ ଠାରେ ଉଭୟ ଚାମ୍ପିଅନ ଦଳର ଖେଳାଳିଙ୍କୁ ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଉପସ୍ଥିତ ରହି ଖେଳାଳିଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ଏହି ଅବସରରେ ଷ୍ଟେସନ ଠାରେ କେକ୍ କାଟି ଖେଳାଳିଙ୍କୁ ଖୁଆଇଥିଲେ । ପ୍ରଥମ ଥର ପାଇଁ ଗଞ୍ଜାମ ଜିଲ୍ଲାର ଉଭୟ ବାଳକ ଓ ବାଳିକା ଦଳ ଚାମ୍ପିଆନ ହେବାର ଗୌରବ ଅର୍ଜନ କରିଥିବାରୁ ଖେଳାଳି ଓ ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଉଭୟ ଦଳର ଖେଳାଳିଙ୍କୁ ବିଧାୟକ ପ୍ରସଂଶା କରିବା ସହିତ ଖୁବ୍‌ଶୀଘ୍ର ବ୍ରହ୍ମପୁର ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ସ୍ୱତନ୍ତ୍ର ହ୍ୟାଣ୍ଡବଲ କୋର୍ଟ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଗଞ୍ଜାମ ଜିଲ୍ଲା ସଂଘର କାର୍ଯ୍ୟକାରୀ ସଭାପତି ଆଶୋକ କୁମାର ଶୁକ୍ଳ, ଉପ ସଭାପତି ରାଜେଶ କୁମାର ସାହୁ, ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ି, ସାଂଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ, କୋଷାଧ୍ୟକ୍ଷ ଡ଼ା ମନୋଜ କୁମାର ପାତ୍ର, ଏନଆଇଏସ କୋଚ ପ୍ରଶାନ୍ତ କୁମାର ରଥଙ୍କ ସହ ଜିଲ୍ଲାର ସବୁ ବରିଷ୍ଠ ଖେଳାଳି, ଅଭିଭାବକ ଉପସ୍ଥିତ ରହିଥିଲେ ।

## ଓଡ଼ିଆରେ ଲେଖାଯିବ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମସ୍ତ ନାମ ଓ ସୂଚନା ଫଳକ

ବ୍ରହ୍ମପୁର,୨୧ା୧(ସମିସ):

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ପ୍ରାୟ ସମସ୍ତ ବିଭାଗ ଓ କୋଠାରେ ଓଡିଆ ପରିବର୍ତ୍ତେ ଇଂରାଜୀ ଭାଷାରେ ଲେଖା ହୋଇଛି । ଯାହା ସରକାରୀ ନିୟମ ଓ ନିର୍ଦ୍ଦେଶନାମାର ଖୋଲାଖୋଲି ଉଲ୍ଲଂଘନ । ଏନେଇ ଦୈନିକ 'ସକାଳ'ରେ କ୍ରମାଗତ ଖବର ପ୍ରକାଶ ପାଇଥିଲା । ଗତ ୧୧ତାରିଖରେ "ଭାଞ୍ଜବିହାର'ରେ ଓଡିଆ ଅସ୍ମିତାକୁ ଉପହାସ ଶୀର୍ଷକ ଖବର ପ୍ରକାଶ ପରେ ପ୍ରତିକ୍ରିୟା ପ୍ରକାଶ କରି ଓଡିଆ ଭାଷା ଆନ୍ଦୋଳନ ପକ୍ଷରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏଥି ସହିତ ବିଭିନ୍ନ ସଙ୍ଗଠନ ପକ୍ଷରୁ ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏନେଇ ତୁରନ୍ତ ପଦକ୍ଷେପ ନେଇଛନ୍ତି । କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ନିର୍ଦ୍ଦେଶକ୍ରମେ କୁଳସଚିବ ସଚ୍ଚିଦାନନ୍ଦ ନାୟକ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗୀୟ ମୁଖ୍ୟ ଓ ବିଭିନ୍ନ କେନ୍ଦ୍ରର ନିର୍ଦ୍ଦେଶକଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । କ୍ୟାମ୍ପସର ସମସ୍ତ ନାମ ଓ ସୂଚନା ଫଳକକୁ ଓଡିଆ ଭାଷା ଓ ଅକ୍ଷରରେ ଲେଖିବାକୁ କୁହାଯାଇଛି । ଆବଶ୍ୟକ ସ୍ଥଳେ ଦ୍ୱିଭାଷୀ ଅକ୍ଷରରେ ସେପୁଣି ଓଡ଼ିଆରେ ସ୍ପଷ୍ଟ ଦୃଶ୍ୟମାନ ହେଉଥିବା ଭଳି ଉଲ୍ଲେଖ କରିବାକୁ କୁହାଯାଇଛି । ଏହି ନିର୍ଦ୍ଦେଶନାମାକୁ ଜରୁରୀ ମନେକରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏଭଳି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

ସକାଳ ପ୍ରଭାବ

## ବିଶ୍ୱବିଦ୍ୟାଳୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପାଇଁ କୁଳସଚିବଙ୍କ ଚିଠି

ବ୍ରହ୍ମପୁର,୨୧ା୧(ସମିସ): ଛାତ୍ରଛାତ୍ରୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଖାଲି ପଡିଥିବା ଶିକ୍ଷକ ପଦବୀ ତୁରନ୍ତ ପୂରଣ ପାଇଁ ଉଭୟ ଉଚ୍ଚଶିକ୍ଷା ଓ ଗଣଶିକ୍ଷା ବିଭାଗକୁ ଚିଠି ଲେଖି ଅନୁମତି ଲୋଡିଛନ୍ତି କୁଳସଚିବ । ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଏହି ବିଦ୍ୟାଳୟରେ ଦୁଇଟି ଶାଖା ଯଥା ୯ମ ଓ ୧୦ମ ସହିତ କନିଷ୍ଠ ମହାବିଦ୍ୟାଳୟ ଶାଖାରେ ଯୁକ୍ତ୨ ଶ୍ରେଣୀ ରହିଛି । ଉଭୟ ଶାଖାରେ ୩ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ତେବେ ଶିକ୍ଷକ ଓ ଅଣଶିକ୍ଷକ ଅଭାବ କାରଣରୁ ଛାତ୍ରଛାତ୍ରୀଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହୋଇଛି । ଏନେଇ ଗତ ୧୯ତାରିଖରେ ଦୈନିକ 'ସକାଳ' ଖବର କାଗଜରେ ଏକ ବିସ୍ତୃତ ତଥା ତଥ୍ୟ ସମ୍ବଳିତ ରିପୋର୍ଟ ପ୍ରକାଶିତ ହୋଇଥିଲା । ଯାହାକୁ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(୯ମ ଓ ୧୦ମ) ଶାଖାରେ ଯଥାଶୀଘ୍ର ଖାଲି ପଦବୀ ପୂରଣ ପାଇଁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ନିର୍ଦ୍ଦେଶ କ୍ରମେ କୁଳପତି ସଚ୍ଚିଦାନନ୍ଦ ନାୟକ ଉଭୟ ଉଚ୍ଚଶିକ୍ଷା ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବଙ୍କୁ ଚିଠି ଲେଖି ଅନୁମତି ଲୋଡିଛନ୍ତି । ବିଦ୍ୟାଳୟର ମୋଟ ଅନୁମୋଦିତ ପଦବୀ ସଂଖ୍ୟା ୮ଥିବା ବେଳେ ବର୍ତ୍ତମାନ ଅଛନ୍ତି ମାତ୍ର ୩ଜଣ । ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଥିବା ବେଳେ ୨୦୨୨ମସିହାରୁ ଜଣେ ବରିଷ୍ଠ ଶିକ୍ଷକ ଅସ୍ଥାୟୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି । ଯେତେଶୀଘ୍ର ଶିକ୍ଷକ ପଦବୀ ପୂରଣ ହେବ ବିଦ୍ୟାଳୟର ସ୍ଥିତିରେ ସୁଧାର ଆସିବ ବୋଲି ମତ ପ୍ରକାଶ ପାଇଛି । ସେପଟେ ଗୋଟିଏ କ୍ୟାମ୍ପସରେ ଚାଲୁଥିବା ଯୁକ୍ତ୨ ଶ୍ରେଣୀ ଶାଖାର ଅବସ୍ଥା ନକହିବା ଭଲ । କନିଷ୍ଠ ମହାବିଦ୍ୟାଳୟ ବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭବିଷ୍ୟତ କ'ଣ ହେବ ସେନେଇ କୌଣସି ନିଷ୍ପତ୍ତି ବା ପ୍ରସ୍ତାବ ନଥିବା ଦେଖିବାକୁ ମିଳିଛି ।

## ଗୁରୁନାନକ ପବ୍ଲିକ ସ୍କୁଲର କ୍ରୀଡ଼ା ଉତ୍ସବ ଉଦଯାପିତ



ବ୍ରହ୍ମପୁର,୨୧ା୧(ସମିସ): ଗୁରୁନାନକ ପବ୍ଲିକ ସ୍କୁଲରେ ଚାଲିଥିବା କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଶାନ୍ତ କୁମାର ନରେନ୍ଦ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ ଗଠନ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ସ୍କୁଲର ସଭାପତି ଗୁରୁବିନ୍ଦର୍ ସିଂହ, କୁଲଦୀପ ଧିଲନ ସହ ସ୍କୁଲର ଅଧ୍ୟକ୍ଷ ନିବେଦିତା ସାହୁ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।



# ଭୁବନେଶ୍ୱର ସିଟି

## ସାଇନ୍‌ବୋର୍ଡରେ ମାତୃଭାଷାକୁ ଏମିତି ସମ୍ମାନ

# କେଉଁଠି ଲିଭିଗଲାଣି ତ କେଉଁଠି ଅଧା

ଭୁବନେଶ୍ୱର, ୨୧।୧(ସମିସ): କୌଣସି ଅଫିସ୍ ବା କାର୍ଯ୍ୟାଳୟ, ଅନୁଷ୍ଠାନ ଆଦିକୁ ଜାଣିବା ପାଇଁ ସେହି ଅଫିସ୍ ଆଗରେ ନାମଫଳକ ଲେଖାହୋଇଥାଏ। ଫଳରେ ଜଣେ ଲୋକ ସହଜରେ ଜାଣିପାରିବ। ହେଲେ ଏବେ ବି ଅନେକ ଅଫିସ୍ ବା କାର୍ଯ୍ୟାଳୟ ଆଗରେ ଫଳକ ଥାଇ ମଧ୍ୟ ନ ଥିଲା ପରି ରହିଛି। କେଉଁଠି ନାମଫଳକ ଅଧା ଲେଖା ହୋଇ ଅଛି ତ ଆଉ କେଉଁଠି ଲେଖା ଥାଇ କେବଳ ଚିହ୍ନ ରହିଛି। ନାମ ଫଳକର ଚିହ୍ନବର୍ଣ୍ଣ ନାହିଁ। ସରକାର ଏବେ ଓଡ଼ିଆ ଭାଷାରେ କାମ କରିବା ସହିତ ବିଭିନ୍ନ କାର୍ଯ୍ୟାଳୟ ସହିତ ଛୋଟ ବଡ଼ ଦୋକାନ, ହୋଟେଲ ଆଦିର ନାମ ଓଡ଼ିଆରେ ଲେଖିବାକୁ କହୁଥିବା ବେଳେ ବିଭିନ୍ନ ସରକାରୀ ଅଫିସ୍ ଆଗରୁ ଓଡ଼ିଆ ନାମ ଫଳକ ଝଡ଼ି ପଡୁଥିବାର ଦେଖିବାକୁ ମିଳିଛି।



ରାଜଧାନୀର କଲ୍ୟାଣୀ ମାର୍କେଟ ପାଖ ଅଞ୍ଚଳରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ରହିଛି। ହେଲେ ଏହି କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ଲେଖା ଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ନାମ ମଧ୍ୟରୁ ଅଧା ଝଡ଼ି ପଡ଼ିଛି। ଫଳରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟଣ ପ୍ରତିଷ୍ଠାନ ଲେଖା ହୋଇଛି। ତତ୍‌ସହିତ ଏହି କାର୍ଯ୍ୟାଳୟକୁ ଲାଗିକି ଲେଖା ହୋଇଥିବା କେତେଗୁଡ଼ିଏ ସାଇନ୍ ବୋର୍ଡ଼ ଲିଭିଯାଇଛି। ଫଳରେ ପାଖରେ ଥିବା ଦୋକାନୀମାନେ ଏହି ସାଇନ୍‌ବୋର୍ଡ଼ ଉପରେ ଲୁଗା ଶୁଖାଇବା ଆଦି କାର୍ଯ୍ୟ କରୁଛନ୍ତି।

ଠିକ୍ ଏହିପରି ମଧ୍ୟ ଖୋଦ୍ ଏଜି ଛକରେ ପରିବହନ ବିଭାଗ ରହିଛି। ହେଲେ ଏହି ଅଫିସ୍‌ର ଡ଼ାହାଣ ପାର୍ଶ୍ୱରେ ଖଣ୍ଡା ଲାଇଟ୍ ପଥରରେ ମଧ୍ୟ ସଡ଼କ ପରିବହନ ବିଭାଗ ରହିଛି। ଏହା ଆଗରେ ଫଳକ କିଛି ନାହିଁ। ଏଥିସହିତ ଏହା ରାସ୍ତାର ବ୍ୟାରିକେଡ୍ ଭିତରେ ରହିଥିବାରୁ ରାସ୍ତାକୁ ମଧ୍ୟ ଭଲ ଭାବରେ ଦେଖାଯାଉନାହିଁ। ଜୟଦେବ ଭବନ, ଗୀତଗୋବିନ୍ଦ ସଦନରେ ଗୋଟିଏ ଦିନରେ ଅନେକ କାର୍ଯ୍ୟକ୍ରମ କରାଯାଉଛି। ଶହ ଶହ ଲୋକ ମଧ୍ୟ ଆସୁଛନ୍ତି ହେଲେ ଏହା ଉପରେ ନା ବିଭାଗର ନା କେଉଁ ଅଧିକାରୀଙ୍କର ନଜର ପଡୁନାହିଁ।

କେବଳ ଏହି ନାମ ଫଳକ ନୁହେଁ ସହରର ଅନ୍ୟ ଅଫିସ୍ ଆଗରେ ମଧ୍ୟ ସମାନ ଅବସ୍ଥା। ଅଫିସ୍ ହେଉ କି ରାସ୍ତାକୁ ସୂଚାଉଥିବା ଫଳକରୁ ମଧ୍ୟ ରଙ୍ଗ ଛାଡ଼ିଲାଣି। ଯାହାଦ୍ୱାରା ଲେଖାଯାଇଥିବା ରାସ୍ତା ବି ସଠିକ୍ ଭାବରେ ଦେଖାଯାଉନାହିଁ। ସରକାର ଓଡ଼ିଆ ଅସ୍ମିତା କଥା କହୁଥିବା ବେଳେ ଅଧା ଲେଖା ଲିଭିଗଲାଣି। ଯେଉଁଠି ଯେଉଁଠି ଲେଖା ସବୁ ଲିଭିଛି ସେଠାରେ ପୁର୍ନବାର ନୂତନ ଭାବରେ ଲେଖାଯାଉ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି।

## ଚଳଚ୍ଚିତ୍ର ନିର୍ମାତା ପ୍ରମୋଦ ପତିଙ୍କ ଶ୍ରାଦ୍ଧ ଦିବସ



ଭୁବନେଶ୍ୱର, ୨୧।୧(ସମିସ): ଭାରତୀୟ ଚଳଚ୍ଚିତ୍ର ଜଗତର ଅଭିନବ ଚିତ୍ର ନିର୍ମାତା ପ୍ରମୋଦ ପତିଙ୍କ ୫୦ ତମ ଶ୍ରାଦ୍ଧ ଦିବସ ବାପୁଜୀ ନଗରସ୍ଥିତ କାର୍ଯ୍ୟାଳୟରେ ପାଳିତ ହୋଇଛି। ଟ୍ରଷ୍ଟର ଅଧ୍ୟକ୍ଷ ଶ୍ୟାମସୁନ୍ଦର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଚଳଚ୍ଚିତ୍ର ପ୍ରେମୀ, କଳାନୁରାଗୀ ତଥା ଜନସାଧାରଣ ଯୋଗଦେଇ ପ୍ରମୋଦ ପତିଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ। ଉପସ୍ଥିତ ଅତିଥିମାନେ ଓଡ଼ିଆ ଚଳଚ୍ଚିତ୍ରରେ ପ୍ରମୋଦ ପତିଙ୍କ ପ୍ରବର୍ତ୍ତିତ ନୂତନ ବୈଷୟିକ କୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ତାଙ୍କର ସ୍ମୃତି ରକ୍ଷା ପାଇଁ ଭୁବନେଶ୍ୱରରେ ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ପ୍ରଦତ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହିତ ତାଙ୍କର ଜୀବନୀ ରଚନା ପାଇଁ ଟ୍ରଷ୍ଟର ସମ୍ପାଦକ ଗୋଲକ ବିହାରୀ ସିଂହଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଏହି ସଭାରେ ଉପସ୍ଥିତ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ, ଲଳିତ କୁମାର ସାହୁ, ବଦ୍ରି ପ୍ରସାଦ ଷଡ଼ଙ୍ଗୀ, ଅଶୋକ କୁମାର ମହାନ୍ତି, ସୁନୀଲ କୁମାର ଡାକୁଆ ପ୍ରମୁଖ ପ୍ରମୋଦଙ୍କ ଦାୟିତ୍ୱ ଓ ଅନୁଭୂତି ସମ୍ପର୍କରେ ନିଜ ନିଜ ମତ ଉପସ୍ଥାପିତ କରିଥିଲେ। ଶେଷରେ ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ରଥ ଧନ୍ୟବାଦ ଦେଇଥିଲେ।

## କିସ୍‌ରେ ପ୍ରୌଢ଼ ଶିକ୍ଷା ସମ୍ମିଳନୀ ଉଦ୍‌ଘାଟିତ



ଭୁବନେଶ୍ୱର, ୨୧।୧(ସମିସ): ଭାରତୀୟ ପ୍ରୌଢ଼ ଶିକ୍ଷା ସଂଘ ଓ କିସ୍‌ର ମିଳିତ ସହଯୋଗରେ କିସ୍‌ରେ ସର୍ବଭାରତୀୟ ପ୍ରୌଢ଼ ଶିକ୍ଷା ସମ୍ମିଳନୀ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ ପ୍ରୌଢ଼ ଶିକ୍ଷା ସାମାଜିକ ପରିବର୍ତ୍ତନର ଏକ ପ୍ରମୁଖ ମାଧ୍ୟମ ବୋଲି କହିଥିଲେ। ପ୍ରତିବର୍ଷ ବିଦ୍ୟାଳୟ ଛୁଟି ସମୟରେ ଛାତ୍ରଛାତ୍ରୀମାନେ ନିଜ ନିଜ ଗାଁକୁ ଫେରିବା ବେଳେ ସେମାନଙ୍କୁ ନିଜ ଗାଁରେ ଅତିକମ୍‌ରେ ୧୦ଜଣ ନିରକ୍ଷରଙ୍କୁ ସାକ୍ଷର କରିବା ପାଇଁ ଶ୍ରୀ ସାମନ୍ତ ପରାମର୍ଶ ଦେଇଥିଲେ। ଏହି ଅବସରରେ ଭାରତୀୟ ପ୍ରୌଢ଼ ଶିକ୍ଷା ସଂଘ ପକ୍ଷରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରୌଢ଼ ଶିକ୍ଷା ସଂଘର ସଭାପତି ପ୍ରଫେସର ଏଲ୍. ରାଜା, ସାଧାରଣ ସମ୍ପାଦକ ସୁରେଶ ଖଣ୍ଡେଲୱାଲ, ଆଇଏଇଏର ନିର୍ଦ୍ଦେଶକ ପ୍ରଫେସର ରାଜେଶ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥ ସଂସ୍କୃତିରେ 'ରାମ ଉପାସନା' ଶୀର୍ଷକ ଆଲୋଚନାଚକ୍ର



ଭୁବନେଶ୍ୱର ୨୧।୧(ସମିସ): ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଲକ୍ଷ୍ମୀସାଗର ଆନୁକୂଲ୍ୟରେ 'ଶ୍ରୀଜଗନ୍ନାଥ ସଂସ୍କୃତିରେ ରାମ ଉପାସନା' ଶୀର୍ଷକ ଆଲୋଚନାଚକ୍ର ବୁଧବାର କେନ୍ଦ୍ରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ଗବେଷକ ଡ. ଅମ୍ବରୀଶ ଶତପଥୀ 'ଶ୍ରୀଜଗନ୍ନାଥ ସଂସ୍କୃତିରେ ରାମ ଉପାସନା' ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଏଥିସହିତ ସେ ଜଗନ୍ନାଥଙ୍କ ପ୍ରାଚୀନ ପରମ୍ପରା, ରାମଙ୍କ ସହିତ ତାଙ୍କର ପ୍ରତ୍ୟକ୍ଷ ସମ୍ପର୍କ ଏହାର ଶାସ୍ତ୍ର ସମ୍ମତ ତଥ୍ୟ ସମ୍ପର୍କରେ ଉଦାହରଣ ମାଧ୍ୟମରେ ବିଶଦ ଭାବରେ ବୁଝାଇଥିଲେ। ଏଥିରେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡ. ସଞ୍ଜୟ କୁମାର ବାଗ ସଭାପତିତ୍ୱ କରିଥିବା ବେଳେ ଉତ୍କର୍ଷ କେନ୍ଦ୍ରର ଗବେଷିକା ଡ.ମନସା ଶ୍ରୀଚନ୍ଦନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଡ.ମିତାଲି ମଧୁସ୍ମିତା ମହାନ୍ତି, ଡ.ଜ୍ୟୋତିପ୍ରଭା ମହାନ୍ତି, ଡ.ପ୍ରମୋଦିନୀ ଜେନା, ରୂପଶ୍ରୀ ଧର, ସରିତା ମିଶ୍ର, ଚେତନା ଦାସଙ୍କ ସମେତ ଅନ୍ୟାନ୍ୟ ଭାଷା ସାହିତ୍ୟର ଭାଷାବିତ୍ ଓ ଗବେଷକ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ଅନୁଷ୍ଠାନର ଗବେଷକ ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଠୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଇଲେକ୍ଟ୍ରୋହୋମିଓପାଥିକ୍ ଚିକିତ୍ସା ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ମାର୍ଗଦର୍ଶିକା ହେବ

ଭୁବନେଶ୍ୱର, ୨୧।୧(ସମିସ): ରାଜ୍ୟ ଇଲେକ୍ଟ୍ରୋହୋମିଓପାଥିକ୍ ଚିକିତ୍ସକ ସଂଘ(ସେପା), ଓଡ଼ିଶା ଆନୁକୂଲ୍ୟରେ ଇଲେକ୍ଟ୍ରୋହୋମିଓପାଥିକ୍ ଚିକିତ୍ସା ବିଜ୍ଞାନର ଉଦ୍‌ଭାବକ ଡା. କାଉଣ୍ଟ ସିଜର ମେଟ୍ଟୀଙ୍କ ୨୧୭ ତମ ଜନ୍ମ ବାର୍ଷିକ ଉତ୍ସବ ଏବଂ



୨୨ ତମ ଇଲେକ୍ଟ୍ରୋହୋମିଓପାଥିକ୍ ଜାତୀୟ ସମ୍ମିଳନୀ ବୁଧବାର ଗୀତଗୋବିନ୍ଦ ସଦନ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଏହି ସମ୍ମିଳନୀରେ ବିଧାୟକ ଅଗସ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେପା, ଓଡ଼ିଶା ଏବଂ ଇଣ୍ଡିଆନ୍ ଭେଟେରିନାରୀ ଆସୋସିଏସନ୍ ସହଯୋଗିତାରେ 'ପ୍ରାକୃତିକ ସ୍ୱାସ୍ଥ୍ୟରକ୍ଷାରେ ଇଲେକ୍ଟ୍ରୋହୋମିଓପାଥି' ଶୀର୍ଷକ ଏକ ଆଲୋଚନାଚକ୍ରରେ ସୋଆ ବିଶ୍ୱବିଦ୍ୟାଳୟର ଗବେଷିକା ଡ. ମନଶ୍ରୀ ଶର୍ମା ଏବଂ ମୃଣ୍ମୟୀ ଶର୍ମା, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ଗବେଷିକା ଡ.ଶାନ୍ତ୍ୱନା ପଲାଇ ଏବଂ ଡ. ଯାଜ୍ଞସେନୀ ମେହେର, ବାଗ୍‌ଚି ହସ୍ପିଟାଲ ଭୁବନେଶ୍ୱର ଅଙ୍କୋଲୋଜି ବିଭାଗ ମୁଖ୍ୟ ସୌମିତ୍ର ରଞ୍ଜନ ବାରିକ ଗବେଷଣା ଲବ୍ଧ ତଥ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ସଂଘର ସଭାପତି ଡ. ସରୋଜ କୁମାର ସାହୁ ସଭାପତିତ୍ୱ କରିଥିଲେ ଓ ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ଯୋଗ ଦେଇ ଦିନେ ନା ଦିନେ ଇଲେକ୍ଟ୍ରୋହୋମିଓପାଥି ହିଁ ଚିକିତ୍ସା ଜଗତରେ ନୂତନ ମାର୍ଗଦର୍ଶକ ହେବ ବୋଲି ପ୍ରକାଶ କରିଥିଲେ। ବରିଷ୍ଠ ରାଜନେତା ଜଗନ୍ନାଥ ପ୍ରଧାନ, ଡ. ସରୋଜ କୁମାର ସାହୁ ଏବଂ ସମ୍ପାଦକ ଡାକ୍ତର ପର୍ଶୁରାମ ଖଟୁଆ, ଉପ ସଭାପତି ଡକ୍ତର ମନୋଜ ମାହାଲା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ସହ ସମ୍ପାଦକ ଡ. ରଶ୍ମି ରଞ୍ଜନ ମହାରଥା ଧନ୍ୟବାଦ ଅର୍ପଣ କରିଥିଲେ।

## ରଟନ୍ତି କାଳିକା ବୁଢ଼, ପ୍ରାଚୀ ମହୋତ୍ସବ ଉଦ୍‌ଯାପିତ

ବାଲିଅନ୍ତା, ୨୧।୧(ସମିସ): ଭଗତ ଗୋସାଇଁ ସେବାଶ୍ରମ ନିଜିଗାଁ ଓ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ବାଲିଅନ୍ତା ବ୍ଲକ ପାରିବାସୁଦେଇପୁର ସ୍ଥିତ ପ୍ରାଚୀନଦୀ ତଟ ବନବିହାରୀ ପୀଠରେ ଦୁଇଦିନ ଧରି ଚାଲିଥିବା ୧୦୨ତମ ରଟନ୍ତି କାଳିକା ବୁଡ ପ୍ରାଚୀ ମହୋତ୍ସବ ଉଦଯାପିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ବନମାଳୀ ଜେନା ସଭାପତିତ୍ୱ କରିଥିଲେ। ଅତିଥି ଭାବେ ହଂସନାଥ ସାହୁ ବକ୍ତା, ସରପଞ୍ଚ ଶ୍ରଦ୍ଧେୟା ପାତ୍ର, ମୀନର୍ଭା ଦାଶ, ପ୍ରଦ୍ୟୁମ୍ନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## ମେଣ୍ଢାଶାଳଠାରେ ହେବ ବ୍ରହ୍ମାକୁମାରୀ ଭୁବନେଶ୍ୱର ସବ୍‌ଜୋନ୍‌ର ସ୍ୱର୍ଣ୍ଣ ଜୟନ୍ତୀ



ଭୁବନେଶ୍ୱର, ୨୧।୧(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ସବଜୋନର ସ୍ୱର୍ଣ୍ଣ ଜୟନ୍ତୀ ଅବସରରେ ଏକ ଭବ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସହିତ ଏକ ସମର୍ପଣ ସମାରୋହର ଆୟୋଜିତ ହେବ। ଏହି ଦିବ୍ୟ ଅଲୌକିକ ସମାରୋହରେ ୧୦୮ ଜଣ ପବିତ୍ର ବ୍ରହ୍ମଚାରିଣୀ ନିଜ ଜୀବନକୁ ଈଶ୍ୱରୀୟ ସେବା ଓ ବିଶ୍ୱକଲ୍ୟାଣ ନିମନ୍ତେ ସମର୍ପଣ କରିବେ। ଏହି ତିନିଦିନିଆ ସ୍ୱର୍ଣ୍ଣ ଜୟନ୍ତୀ ସମାରୋହ ମେଣ୍ଢାଶାଳଠାରେ ଅନୁଷ୍ଠିତ ହେବ। ଶୁକ୍ରବାର ଭୁବନେଶ୍ୱର ସବଜୋନ୍ ମୁଖ୍ୟାଳୟ ଫରେଷ୍ଟ ପାର୍କ ଠାରୁ ଡିଆର୍‌ସି. ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ହେବ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ମୁଖ୍ୟାଳୟ ମାଉଣ୍ଟ ଆବୁରୁ ବ୍ରହ୍ମା କୁମାରୀ ଅତିରିକ୍ତ ପ୍ରଶାସନିକ ମୁଖ୍ୟ ସୁଦେଶ ଦିଦିଜୀ, ନୀଲୁ ଦିଦି, ରାଜଯୋଗିନୀ ପାର୍ବତୀ, ରାଜଯୋଗିନୀ ସୁଲୋଚନା ପ୍ରମୁଖ ଯୋଗ ଦେବେ। ଏହି ସମସ୍ତ କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ଭାବେ ଭୁବନେଶ୍ୱର ସବଜୋନ ମୁଖ୍ୟ ଲୀନା ନେତୃତ୍ୱ ନେବା ସହ ଏହି ଆଧ୍ୟାତ୍ମିକ ମହାକୁମ୍ଭରେ ୧୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଓ ନିମନ୍ତ୍ରିତ ବ୍ୟକ୍ତିମାନେ ଯୋଗ ଦେବେ ବୋଲି ସୂଚନା ଦେଇଛନ୍ତି।

## ମଧୁର ଜଳ ମାଛଚାଷର ଉତ୍ପାଦନ ବୃଦ୍ଧି ପାଇଁ ଆହ୍ୱାନ




ଭୁବନେଶ୍ୱର, ୨୧।୧(ସମିସ): କୌଶଲ୍ୟାଗଙ୍ଗସ୍ଥିତ ଆଇସିଏଆର୍‌ସେଣ୍ଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ରେସ୍‌ୱାଟର୍ ଆକ୍ୱାକଲ୍‌ଚର (ଆଇସିଏଆର୍ ସିଫା) ପକ୍ଷରୁ 'ଭାରତରେ ମଧୁର ଜଳ ମାଛଚାଷ ପ୍ରଯୁକ୍ତି ପ୍ରସାର ଭବିଷ୍ୟତ ମାର୍ଗ ନିର୍ଦ୍ଧାରଣ' ଶୀର୍ଷକ ଏକ ଦିନିକିଆ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଭାରତ ସରକାରଙ୍କ କୃଷି ଗବେଷଣା ଓ ଶିକ୍ଷା ବିଭାଗର ସଚିବ ତଥା ଆଇସିଏଆର୍ ମହାନିର୍ଦ୍ଦେଶକ ଡ. ମ୍ୟାଗୀ ଲାଲ ଜାଟ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ଓ ସମାଜ ମଧ୍ୟରେ ସଂଯୋଗ ସୁଦୃଢ଼ କରି ମଧୁର ଜଳ ମାଛଚାଷର ଉତ୍ପାଦକତା ବୃଦ୍ଧି କରିବା ପାଇଁ ଆହ୍ୱାନ ଦେଇଥିଲେ। ଆଇସିଏଆର୍ ଉପମହାନିର୍ଦ୍ଦେଶକ (ମତ୍ସ୍ୟ) ଡ. ଜେକେ ଜେନା, ଆନ୍ତଃଜଳ ମତ୍ସ୍ୟ ବିଭାଗର ଯୁଗ୍ମ ସଚିବ ଡ. ସାଗର ମେହେରା, ଆଇସିଏଆର୍ କୃଷି ସମ୍ପ୍ରସାରଣ ଉପମହାନିର୍ଦ୍ଦେଶକ ଡ. ରାଜବୀର ସିଂହ, ଏନଏଫଡିବିର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ବିକେ ବେହେରା ଯୋଗ ଦେଇଥିଲେ। ଜାତୀୟ କର୍ମଶାଳାର ପ୍ରାରମ୍ଭରେ ଆଇସିଏଆର୍ ସିଫାର ନିର୍ଦ୍ଦେଶକ ଡ. ପିକେ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ପ୍ରଧାନ ବୈଜ୍ଞାନିକ ଡ. ଏଚକେ ଦେ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜିୟୁରେ ଏମବିଏ ଇନ୍ କମ୍ୟୁନିକେସନ ପାଠ୍ୟକ୍ରମ

ଭୁବନେଶ୍ୱର, ୨୧।୧(ସମିସ): ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ରେ 'ଏମବିଏ ଇନ୍ କମ୍ୟୁନିକେସନ ମ୍ୟାନେଜମେଣ୍ଟ' ପାଠ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ବ୍ୟାଚ୍ ଅର୍ଥାତ ଚଳିତ ଶିକ୍ଷାବର୍ଷ ପାଇଁ ଆବେଦନ ଜାରି ରହିଛି। କର୍ପୋରେଟ୍ ସହିତ ମିଡିଆ, କନସଲ୍ଟିଂ ଏବଂ ପବ୍ଲିକ୍ ପଲିସି କ୍ଷେତ୍ରରେ ଦକ୍ଷ କମ୍ୟୁନିକେସନ୍ ମ୍ୟାନେଜର ସୃଷ୍ଟି ପାଇଁ ଏହି ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ, ଅନୁଶାସନମୂଳକ ଶିକ୍ଷା, ଅନୁଭବ ଆଧାରିତ ଶିକ୍ଷା ଏବଂ କ୍ଷମତା-ଆଧାରିତ ଫଳାଫଳକୁ ଗୁରୁତ୍ୱ ଦେଇ ଶିକ୍ଷାଦାନ କରାଯିବ। ବ୍ରାଣ୍ଡ କମ୍ୟୁନିକେସନ୍, କର୍ପୋରେଟ୍ କମ୍ୟୁନିକେସନ୍ ପ୍ରବନ୍ଧନ, ସଙ୍କଟ ପରିଚାଳନା, ମିଡିଆ ପରିଚାଳନା ଏବଂ ଡିଜିଟାଲ କମ୍ୟୁନିକେସନ୍ ଆଦି କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ଅଧିକ ଦକ୍ଷ କରିବ। ସ୍ନାତକରେ ଅତିକମ୍‌ରେ ୫୦% ମାର୍କ ବା ତତସମ ସିଜିପିଏ ରଖିଥିବା ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ସଂରକ୍ଷିତ ବର୍ଗଙ୍କ ପାଇଁ ୪୫% ମାର୍କ ଧାର୍ଯ୍ୟ କରାଯାଇଛି। ପ୍ରବେଶିକା ପରୀକ୍ଷା ଆଧାରରେ ନାମଲେଖା ପାଇଁ ଚୟନ କରାଯିବ। ଏହାସହ ବିଜିୟୁ ପ୍ରବେଶିକା ପରୀକ୍ଷା (ବିଇଟି) ମାଧ୍ୟମରେ ମଧ୍ୟ ନାମଲେଖା ହେବ।

### ଜୁନ୍ ୩୧ ମଧ୍ୟରେ ଆବେଦନ କରିପାରିବେ ଛାତ୍ରଛାତ୍ରୀ

ପ୍ରଥମେ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଲିଖିତ ପରୀକ୍ଷା ଓ ପରେ ବ୍ୟକ୍ତିଗତ ସାକ୍ଷାତକାର ପାଇଁ ଡାକାଯିବ। ଆସନ୍ତା ଜୁନ୍ ୩୧ ତାରିଖ ମଧ୍ୟରେ ଆଶାୟୀମାନେ ଆବେଦନ କରିପାରିବେ।

ବିଶ୍ୱବିଦ୍ୟାଳୟର କୁଳପତି ଡ. କୁଳଭୂଷଣ ବଲୁନୀ କହିଛନ୍ତି, ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ଠିକଣା ମାର୍ଗଦର୍ଶନ କରି ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ପ୍ରଥମ ଲକ୍ଷ୍ୟ ରହିଛି। ପାଠ୍ୟକ୍ରମର ଆରମ୍ଭ ପ୍ରସଙ୍ଗରେ ବିର୍ଲା ସ୍କୁଲ୍ ଅଫ୍ କମ୍ୟୁନିକେସନ୍‌ର ଡିନ୍ ଡ. ଶିବ ଶଙ୍କର ଦାସ କହିଛନ୍ତି ଯେ ଏମବିଏ ଇନ୍ କମ୍ୟୁନିକେସନ ମ୍ୟାନେଜମେଣ୍ଟ କାର୍ଯ୍ୟକ୍ରମ ସଂଗଠନଗୁଡିକର ଉଦୟମାନ ଉତ୍ତମ ଶିକ୍ଷାଦାନ ସହିତ ଭବିଷ୍ୟତର ଆବଶ୍ୟକତାକୁ ଏହି ପାଠ୍ୟକ୍ରମ ପୂରଣ କରିବ। ଅଧିକ ସୂଚନା ପାଇଁ ବିଶ୍ୱବିଦ୍ୟାଳୟ ୱେବସାଇଟକୁ ଯାଇ ଜାଣିପାରିବେ ଏବଂ https://forms.bgu.ac.in/mba ମାଧ୍ୟମରେ ଅନଲାଇନ୍ ଆବେଦନ କରିପାରିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ନେତାଜୀଙ୍କ ଜୟନ୍ତୀ ଉପଲକ୍ଷେ 'ଦେଶପ୍ରେମ ମହୋତ୍ସବ'




ଭୁବନେଶ୍ୱର, ୨୧।୧(ସମିସ): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ୧୩୦ ତମ ଜୟନ୍ତୀ ଅବସରରେ ନେତାଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ଦଳ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ଓ ଆଜାଦ ହିନ୍ଦ୍ ବାହିନୀ ପକ୍ଷରୁ ତିନିଦିନିଆ 'ଦେଶପ୍ରେମ ମହୋତ୍ସବ-୨୦୨୬' ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ପୂର୍ବତନ ଜାତୀୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ରାଜ୍ୟସଭା ସଦସ୍ୟ କମ୍ରେଡ ଦେବବ୍ରତ ବିଶ୍ୱାସ ଯୋଗ ଦେଇଥିଲେ। ଫରୱାର୍ଡ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ୟୁନିଟ ୬ ସ୍ଥିତ ନେତାଜୀ ଭବନ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଢେଙ୍କାନାଳର ମହିଳା ଶ୍ରମିକ ନିରୂପମା ରାଜ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ରବି ଦାସ, ଓ ସୁରେନ୍ଦ୍ର ପାତ୍ର, ଫରୱାର୍ଡ ବ୍ଲକର ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ରାଜ୍ୟ ସମ୍ପାଦିକା କମଳା ସାହୁ, ଆଜାଦ ହିନ୍ଦ୍ ବାହିନୀର ରାଜ୍ୟ ସଂଯୋଜିକା ଲକ୍ଷ୍ମୀ ଦୋରା ପ୍ରମୁଖ ଯୋଗ ଦେଇଥିଲେ। ଅପରାହ୍ଣ ଅଧିବେଶନରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଚକ୍ରଧର ପ୍ରଧାନ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଫରୱାର୍ଡ଼ ବ୍ଲକର ରାଜ୍ୟ ନେତା ସୁଶାନ୍ତ ସୁନା, ଦିଶା ଆଜାଦ, ରିଙ୍କି ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ଏବର୍ଷ ଭଲ ବେପାର; ପୁରୁଣା ମାଲ୍ ବି ସଫା

### ବାହୁଡ଼ିବ ଶୀତ

ଭୁବନେଶ୍ୱର, ୨୧।୧(ସମିସ): ଚଳିତ ସାରା ରାଜ୍ୟରେ ଶୀତର ପ୍ରକୋପ ଦେଖିବାକୁ ମିଳିଛି। ଫଳରେ ଏଥର ଲୋକଙ୍କ ମଧ୍ୟରେ ଶୀତବସ୍ତ୍ରର ବ୍ୟବହାର ମଧ୍ୟ ବଢ଼ିଛି। ସେଥିପାଇଁ ରାଜଧାନୀର ବିଭିନ୍ନ ସ୍ଥାନରେ ଖୋଲିଥିବା ଶୀତବସ୍ତ୍ର ବଜାର ଏବେ ପୁରୁଣା ଷ୍ଟକ ମଧ୍ୟ ସରିବାକୁ ବସିଛି। ଗତ କେଇ ବର୍ଷ ବେପାର ମାନ୍ଦା ଥିବାବେଳେ ଏଥର ସବୁ ବିକ୍ରି ହୋଇଯାଇଛି ବୋଲି ବେପାରୀଙ୍କଠୁ ଶୁଣିବାକୁ ମିଳିଛି।

ରାଜଧାନୀରେ ଆସି ଶୀତବସ୍ତ୍ର ବିକ୍ରି କରୁଥିବା ରାଜ୍ୟ ବାହାର ବେପାରୀଙ୍କଠୁ ଆରମ୍ଭକରି ବିଭିନ୍ନ ଦୋକାନ ଏବଂ ମଲରେ ଶୀତବସ୍ତ୍ରର ଭଲ ବ୍ୟବସାୟ ହୋଇଥିବା ପରିଲକ୍ଷିତ ହୋଇଛି। ଏଥର ଭଲ ଶୀତ ଯୋଗୁଁ ବିଭିନ୍ନ ପ୍ରକାରର ସ୍ୱେଟର, ଜ୍ୟାକେଟ ସାଙ୍ଗକୁ କମ୍ବଳର ଭେରାଇଟି ଲୋକ ବୋହି ନେଇଛନ୍ତି। ରସୁଲଗଡ଼, ଖଣ୍ଡଗିରି ଛକ, ସହୀଦନଗର, ଏକ ନମ୍ବର ହାଟର ଭଳି ସ୍ଥାନରେ ଆସିଥିବା ବାହର ରାଜ୍ୟର ବେପାରୀମାନେ ସାଙ୍ଗରେ ଲକ୍ଷ ଲକ୍ଷ ଟଙ୍କାର ଶୀତ ପୋଷାକ ଧରି ଆସିଥିଲେ। ବର୍ତ୍ତମାନ ଅଧିକାଂଶ ବେପାରୀଙ୍କ ଷ୍ଟଲ ଫାଙ୍କା ହୋଇଯାଇଛି। ଅର୍ଥାତ ଅଧାରୁ ଅଧିକ ବେପାରୀ



ଆଣିଥିବା ଷ୍ଟକ୍ ସରିଯାଇଛି। ଆଉ କିଛି ବେପାରୀଙ୍କ ମତରେ ପୂର୍ବ ବର୍ଷଗୁଡିକର ଥିବା କିଛି ପୁରୁଣା ଷ୍ଟକ୍ ମଧ୍ୟ ଶୀତ ପାଇଁ ବିକ୍ରି ହୋଇଯାଇଛି। ପୂର୍ବ ବର୍ଷ ଗୁଡିକରେ ଶୀତ କମ ପଡ଼ିଥିବାରୁ ଭଲ ବେପାର ହୋଇନଥିଲା। ଫଳରେ ନିରାଶ ହୋଇ ସେମାନେ ଅଧିକାଂଶ ଜିନିଷ ସାଙ୍ଗରେ ଫେରେଇ ନେଇଥିଲେ। କିନ୍ତୁ, ଚଳିତ ବର୍ଷ ଅଧିକ ଶୀତ କାରଣରୁ ସ୍ୱେଟରଠୁ ଆରମ୍ଭକରି ଜ୍ୟାକେଟ୍, ସାଲ କମ୍ବଳ, ଟୋପି ଆଦି ସମସ୍ତ ଶୀତବସ୍ତ୍ରର ଭଲ ଚାହିଦା ଥିବାରୁ ସବୁ ବିକ୍ରି ହୋଇଯାଇଛି। ସାଧାରଣତଃ ରାଜ୍ୟ ବାହାର ବେପାରୀମାନେ ନଭେମ୍ବର ପ୍ରଥମ ସପ୍ତାହରେ ଆସି ଫେବୃଆରୀ ଶେଷ ସପ୍ତାହରେ ଫେରିଯାନ୍ତି। ହେଲେ ଏଥର ପ୍ରାୟତଃ ସବୁ ବିକ୍ରି ହୋଇଯାଇଥିବାରୁ କିଛି ନିଜ ରାଜ୍ୟକୁ ଫେରିଯାଇଛନ୍ତି ତ ଆଉ କିଛି ଫେବୃଆରୀ ପ୍ରଥମ ସପ୍ତାହ ବେଳକୁ ବିକ୍ରି ସାରି ଫେରି ଯିବାକୁ ବାହାରିଛନ୍ତି। ସେହିଭଳି ବିଭିନ୍ନ ଦୋକାନ ଏବଂ ମଲରେ ମଧ୍ୟ ଲୋକଙ୍କୁ ଆକର୍ଷିତ କରିବାକୁ ଅଫର ରହିଥିଲା। ଫଳରେ ଲୋକ ଶୀତ ସାଙ୍ଗକୁ ଅଫର ଦେଖି ଶୀତ ପୋଷାକ ସହ କମ୍ବଳ କିଣି ନେଇଥିଲେ।

ଏ ସମ୍ପର୍କରେ ଜଣେ ଦିଲ୍ଲୀର ବେପାରୀ କୁହନ୍ତି, ଏଥର ଶୀତ ଭଲ ହୋଇଥିବା ଯୋଗୁଁ ବେପାର ଡବଲ ହୋଇଛି। ସେ ସାଙ୍ଗରେ ଆଣିଥିବା ପ୍ରାୟତ ଜିନିଷ ବିକ୍ରି ହୋଇଯାଇଛି। ତାଙ୍କ ପାଖରେ ଆଉ ଅଳ୍ପ କିଛି ଜ୍ୟାକେଟ୍‌ର ଷ୍ଟକ ରହିଛି। ଏଥର ସେ ପ୍ରାୟତଃ ହଜାରେରୁ ଅଧିକ କେବଳ ସ୍ୱେଟର ବିକ୍ରି କରିଥିବାବେଳେ ୫ ଶହରୁ ଅଧିକ କମ୍ବଳ ବିକ୍ରି କରିଥିବା କହିଛନ୍ତି। ସବୁଠୁ ଅଧିକା ବେପାର ଏହି ଡିସେମ୍ବରରୁ ଜାନୁଆରୀ ମଧ୍ୟରେ ହୋଇଛି। ପ୍ରବଳ ଶୀତ ଯୋଗୁଁ ଲୋକ ଅଧିକ ଶୀତବସ୍ତ୍ର ଖୋଜି କିଣି ନେଇଛନ୍ତି। ନଚେତ୍ ଗତ ତିନି ଚାରି ବର୍ଷ ହେବ ବେପାର ମାନ୍ଦା ରହୁଥିଲା। ହେଲେ ଏଥର ଗତ ବର୍ଷର କ୍ଷତି ବି ପୂରଣ ହେଇଯାଇଛି। ସେଥିପାଇଁ ସେ ଜାନୁଆରୀ ଶେଷକୁ ନିଜ ରାଜ୍ୟକୁ ଫେରିଯିବେ।

## ଢେଙ୍କାନାଳ ଜିଲ୍ଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# 'ବାଜି ରାଉତଙ୍କ ବଳିଦାନ ବିଶ୍ୱକୁ ଜଣାଇବା ଆବଶ୍ୟକ'

ଢେଙ୍କାନାଳ,୨୧।୧(ସମିସ):



ଢେଙ୍କାନାଳ ମହିଷାପାଟଠାରେ ଆୟୋଜିତ ଢେଙ୍କାନାଳ ଜିଲ୍ଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଦ୍ୱିତୀୟ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ପୂଜାରୀ ତାଙ୍କ ଅଭିଭାଷଣରେ କହିଲେ ଯେ ପୃଥିବୀର କ୍ରାନ୍ତି ଅନ୍ଦୋଳନରେ ସାମିଲ ହୋଇଥିବା ବାଳକଙ୍କ ମଧ୍ୟରେ ବାଜି ରାଉତ ସମସ୍ତଙ୍କଠାରୁ କମ୍ ବୟସ୍କ। ତାଙ୍କ ବଳିଦାନ ଅନନ୍ୟ। ଏହି ମଞ୍ଚ ତାଙ୍କ ନାମରେ ସମର୍ପଣ କରାଯିବା ସ୍ୱାଗତଯୋଗ୍ୟ। ତଥାପି ବାଜି ରାଉତଙ୍କ ବଳିଦାନକୁ ସାରା ପୃଥିବୀକୁ ଜଣାଇବାର ଆବଶ୍ୟକତା ରହିଛି। ଏଥିପାଇଁ ଆହୁରି ପ୍ରଚେଷ୍ଟାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ ଯେ ମୁଖ୍ୟମନ୍ତ୍ରୀ ଢେଙ୍କାନାଳ ଜିଲ୍ଲାର ବିକାଶ ପାଇଁ ଗୁରୁତ୍ୱ ଦେଇଆସୁଛନ୍ତି। ମହିମା ଗାଦିର ବିକାଶ ପାଇଁ ଅନୁଦାନ ଦିଆଯାଇଛି। ମେଡିକାଲ କଲେଜ ସହ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବ ବୋଲି ସେ କହିଥିଲେ। ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଜେନା କହିଲେ ଯେ ମାଟିର ମହକକୁ ଜଣାଇବାକୁ ମହୋତ୍ସବର ଆୟୋଜନ ହୁଏ। ଢେଙ୍କାନାଳ ମାଟିର ସାହିତ୍ୟ, ଐତିହ୍ୟ, ବୀରତ୍ୱ ଗୌରବାନ୍ୱିତ କରିଛି। ବାଜି ରାଉତଙ୍କ ବୀରତ୍ୱ ବିଶ୍ୱବାସୀଙ୍କୁ ସ୍ତବ୍ଧ କରିଦେଇଥିଲା। ଦେଶଭକ୍ତିର ନିଦର୍ଶନ ତାଙ୍କ ଜୀବନୀରୁ ଦେଖିବାକୁ ମିଳେ। ମହିମା ଧର୍ମର ବାର୍ତ୍ତା ବିଶ୍ୱବାସୀଙ୍କୁ ଉଦ୍‌ବୁଦ୍ଧ କରେ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଏସ୍‌ପି ଅଭିନବ ସୋନକର, ଢେଙ୍କାନାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ କାଳନ୍ଦୀ ବାରିକ, କାମାକ୍ଷାନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ଓଡ଼ାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ମହାନ୍ତି, କଙ୍କଡ଼ାହାଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା ଚାରୁଲତା ମିଶ୍ର ଯୋଗଦେଇଥିଲେ। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ଧନ୍ୟବାଦ ଦେଇଥିଲେ। ବଲିଉଡ୍ ଗାୟକ କୁନାଲ ଗଞ୍ଜାୱାଲାଙ୍କ ଗୀତରେ ଦର୍ଶକ ଝୁମିଥିଲେ। ଜିଲ୍ଲାର ବିଭିନ୍ନ ଅନୁଷ୍ଠାନର ଲୋକନୃତ୍ୟ, ଆସାମର ବିହୁ ନୃତ୍ୟ ପରିବେଷଣ ହୋଇଥିଲା। ବାଜି ରାଉତଙ୍କ ଜନ୍ମଶତବାର୍ଷିକୀ ଅବସରରେ ଢେଙ୍କାନାଳର ଅଲଟରନେଟିଭ୍ ରିଦମ୍ ଥିଏଟର ପକ୍ଷରୁ ନାଟକ ବାଜି ରାଉତ ମଞ୍ଚସ୍ଥ ହୋଇଥିଲା।

## ଓଡ଼ାପଡ଼ାରେ ଧାନମଣ୍ଡି ଉଦଘାଟିତ



ଖଜୁରିଆକଟା,୨୧।୧(ସମିସ): ଓଡ଼ାପଡ଼ା ବ୍ଲକର ବିଭିନ୍ନ ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ ହୋଇଛି। ଗଦାଶିଳା ସେବା ସମବାୟ ସମିତିରେ ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି ରୂପେ ଯୋଗଦେଇ ମଣ୍ଡି ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା କମିଟି ସଦସ୍ୟ ନରୋତ୍ତମ ସାହୁ, ଜିଲ୍ଲା ପରିଷଦ ସଭ୍ୟ ବାଳକୃଷ୍ଣ ସାହୁ, ସମିତି ସମ୍ପାଦକ ଅନୁସୟା ସାହୁ, ଓଡ଼ାପଡ଼ା ଯୋଗାଣ ଅଧିକାରୀ ସୂରଜ ପାଇକରାୟ ଓ ରାଜସ୍ୱ ନିରୀକ୍ଷକ ଯୋଗଦେଇଥିଲେ। ୨୭ ଧାନ ବିକ୍ରି କରିଥିଲେ। ସେହିପରି ଓଡ଼ାପଡ଼ା ସେବା ସମବାୟ ସମିତିରେ ବିଡିଓ ଷଡ଼ଙ୍ଗୀ ମଣ୍ଡି ଉଦଘାଟନ କରିଛନ୍ତି। ଏଠାରେ ଓଡ଼ାପଡ଼ା ଯୋଗାଣ ଅଧିକାରୀ ସୂରଜ ପାଇକରାୟ, ରାଜସ୍ୱ ନିରୀକ୍ଷକ ଅନିଲ କୁମାର ସାହୁ, ସମିତି ସମ୍ପାଦକ ପ୍ରଶ୍ନ କୁମାର ବେହେରାଙ୍କ ସମେତ ପରିଚାଳନା କମିଟି ସଦସ୍ୟ ଯୋଗଦେଇଥିଲେ। ଏଠାରେ ୧୪ ଚାଷୀ ୪୧୨ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ତେବେ ଅନେକ ଚାଷୀଙ୍କୁ ଟୋକନ ମିଳି ନ ଥିବା ବେଳେ ଯେଉଁମାନେ ପ୍ରକୃତ ଚାଷୀ ଏବଂ ଅଧିକ ଜମିରେ ଧାନଚାଷ କରିଛନ୍ତି ସେମାନଙ୍କର ଅଳ୍ପ ପରିମାଣର ଧାନ ଦେବାକୁ ଟୋକନ ମିଳିଥିବା ଅଭିଯୋଗ ହୋଇଛି। ଯେଉଁମାନଙ୍କର ଜମି ନାହିଁ କିମ୍ବା ଚାଷ କରନ୍ତି ନାହିଁ ସେମାନଙ୍କର ଅଧିକ ଧାନ ବିକ୍ରି କରିବା ପାଇଁ ଟୋକନ ମିଳିଥିବା କିଛି ଚାଷୀ ଅଭିଯୋଗ କରିଛନ୍ତି।

## ଜମିରୁ ଧାନ କାଟିନେଇଥିବା ଅଭିଯୋଗ

ଢେଙ୍କାନାଳ,୨୧।୧(ସମିସ): କଙ୍କଡ଼ାହାଡ଼ ଥାନା ଖରଖରି ଗ୍ରାମର ବାର୍ସା ମୁର୍ମୁଙ୍କ ପୁଅ ଲମ୍ବୋଦର ମୁର୍ମୁଙ୍କ ବିଲରୁ ସେହି ଗ୍ରାମର କିଛି ଲୋକ ଧାନ କାଟିନେଇଥିବା ବୁଧବାର ଲମ୍ବୋଦର ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଲମ୍ବୋଦର ଏକ ସରକାରୀ ଜାଗାକୁ ଦୀର୍ଘବର୍ଷ ଧରି ଦଖଲ କରି ୨୦୨୪ରେ ସେଥିରେ ଧାନଚାଷ କରିଥିଲେ। ସେହି ଗ୍ରାମର ଚୁନାରାମ ସୋରେନ, କାଦେ ମାର୍ଣ୍ଡି, ଜିତ୍ରାୟ ମାର୍ଣ୍ଡି, ବିଧାନ ସରୋନ ଓ ଅନ୍ୟ କେତେକ ଲୋକ ମିଶି ଉକ୍ତ ଜମିରୁ ଜୋରଜବରଦସ୍ତ ଧାନା କାଟି ନେଇଥିଲେ। ଏ ନେଇ ଲମ୍ବୋଦରଙ୍କ ବାପା ଓ ମା' କଙ୍କଡ଼ାହାଡ଼ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ପରେ ଲମ୍ବୋଦର ଦଳିତ ସଂଗଠନର ଆଶ୍ରୟ ନେବା ଦ୍ୱାରା ସଂଗଠନ ଉଭୟ ପକ୍ଷଙ୍କୁ ଥାନାକୁ ଡାକି ଆଲୋଚନା କରିଥିଲେ। କିନ୍ତୁ ଏହା ବିଫଳ ହୋଇଥିଲା। ୨୦୨୫ରେ ପୁନଶ୍ଚ ଉକ୍ତ ଜାଗାରେ ୨ୟ ପକ୍ଷମାନେ ଜୋରଜବରଦସ୍ତ ଧାନଚାଷ କରିବାରୁ ଲମ୍ବୋଦର ଥାନା ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ପୁଲିସ ଲମ୍ବୋଦରଙ୍କୁ ନ୍ୟାୟ ପ୍ରଦାନ ନ କରିବାରୁ ୨ୟ ପକ୍ଷମାନେ ଈର୍ଷାନ୍ୱିତ ହୋଇ ତାଙ୍କୁ ଗ୍ରାମରୁ ବାସନ୍ଦ କରିଥିଲେ। ନିଜ ପରିବାରକୁ ଅସୁରକ୍ଷିତ ମନେକରି ବୁଧବାର ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗପତ୍ର ଦାଖଲ କରିଛନ୍ତି। ଯଦି ସରକାରୀ ଜମି ଦଖଲ କରିବା ଭୁଲ୍ ତେବେ ଗ୍ରାମର ଅନେକ ଲୋକ ସରକାରୀ ଜମି ଦଖଲ କରି ବ୍ୟବହାର କରିଆସୁଛନ୍ତି, ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ଲମ୍ବୋଦର ଅଭିଯୋଗ କରିଛନ୍ତି।

## ବିବାହିତା ଝିଅ ନିଖୋଜ ନେଇ ଥାନାରେ ଅଭିଯୋଗ

- ୨୦ ଦିନ ପରେ ବି ମିଳୁନି ପତ୍ତା
- ଏସପି ଅଫିସ ଆଗରେ ଧାରଣା ଦେବେ ବାପଘର ଲୋକେ

ହିନ୍ଦୋଳ,୨୧।୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ଜଣେ ବିବାହିତା ଝିଅ ନିଖୋଜ ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ତିନିବର୍ଷ ତଳେ ହିନ୍ଦୋଳ ଥାନା ନୂଆବଗ ପଞ୍ଚାୟତ କଣ୍ଟାପାଳ ଗ୍ରାମର ବ୍ରଜ ବେହେରାଙ୍କ ଝିଅ ରୁନୁ ବେହେରା ରାଜମୋହନପୁର ହାଇସ୍କୁଲରେ ପଢୁଥିବା ସମୟରେ ସେହି ସ୍କୁଲର ଛାତ୍ର ବାଲିମି ଥାନା କନ୍ତିମିଲି କୁମୁରୁସିଙ୍ଗା ଗ୍ରାମର ଶଙ୍କର ବେହେରାଙ୍କ ପୁଅ କାର୍ତ୍ତିକ ବେହେରାଙ୍କୁ ପ୍ରେମ ବିବାହ କରିଥିଲେ। ପରି ବାପଘର ପକ୍ଷରୁ ଯୌତୁକ ବାବଦ ସମସ୍ତ ଆସବାବପତ୍ର, ଟଙ୍କା, ସୁନା ଇତ୍ୟାଦି ଦିଆଯାଇଥିଲା। ତେବେ ପିଲାଛୁଆ ହେଉ ନ ଥିବା ତଥା ଅଧିକ ଯୌତୁକ ପାଇଁ ଶାଶୂ, ଶଶୁର, ସ୍ୱାମୀ ଝିଅକୁ ନିର୍ଯାତନା ଦେଇଆସୁଥିଲେ। ଗତ ୨ ତାରିଖ ରାତିରେ ରୁନୁଙ୍କୁ ଶାଶୂଘର ଅଧିକ ମାରପିଟ କରିଥିବା ଖବର ପାଇ ପରଦିନ ସକାଳେ ବାପା ଝିଅଘରେ ପହଞ୍ଚିଥିଲେ ମଧ୍ୟ ସେଠାରେ ରୁନୁଙ୍କୁ ପାଇ ନ ଥିଲେ। ଏ ସମ୍ପର୍କରେ ରୁନୁଙ୍କ ଶଶୁର ଶଙ୍କର ବେହେରା ଓ ସ୍ୱାମୀ କାର୍ତ୍ତିକ ବେହେରାଙ୍କୁ ପଚାରିବାରେ ସେମାନେ କିଛି ଜାଣି ନ ଥିବା କହିଥିଲେ। ରାତିରେ କାହାକୁ କିଛି ନ କହି ତୁମ ଝିଅ କୁଆଡ଼େ ଚାଲିଯାଇଥିବା କହିଥିଲେ। ଖୋଜାଖୋଜି କରି ଝିଅକୁ ନ ପାଇବାରୁ ୮ ତାରିଖ ବ୍ରଜ ବାଲିମି ଥାନାରେ ଅଭିଯୋଗ କରିଥିଲେ। ତେବେ ଇତିମଧ୍ୟରେ ୨୦ ଦିନ ବିତିଯାଇଥିଲେ ମଧ୍ୟ ରୁନୁଙ୍କ ପତ୍ତା ମିଳିନାହିଁ। ଏ ନେଇ ବାପଘର ଲୋକେ ଏସ୍‌ପି ଅଫିସ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବାଲିମି ଥାନାଧିକାରୀ ଶୁଚିସ୍ମିତା ମହାନ୍ତିଙ୍କୁ ଯୋଗାଯୋଗ କରିବାରେ ଅଭିଯୋଗ ପାଇଛୁ, ଘଟଣାର ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି। ତେବେ ରୁନୁ ଏବେ ଜୀବିତ ନା ମୃତ ସେ ନେଇ ବାପଘର ଲୋକେ ଚିନ୍ତିତ ହୋଇପଡ଼ିଛନ୍ତି। ଶଶୁର ଘର ଲୋକେ ତାଙ୍କୁ ମାରି ଦେଇଥିବା ସନ୍ଦେହ ସୃଷ୍ଟି ହୋଇଛି। ପୁଲିସ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

## ମୃତକଙ୍କ ପରିବାରକୁ ସହଯୋଗ କଲେ ବ୍ଲକ ଅଧ୍ୟକ୍ଷା

ଢେଙ୍କାନାଳ,୨୧।୧(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକର ଅସହାୟ ଗରିବ ମୃତକଙ୍କ ପରିବାରଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି ପରଜଙ୍ଗ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା। ପରିବାରକୁ ୬ ହଜାର ଟଙ୍କା ଦେଇଛନ୍ତି। ମୃତକ ଶତ୍ରୁଘନ ପଧାନଙ୍କ ମୃତଦେହ ପରଜଙ୍ଗ ମେଡିକାଲରୁ ପଡ଼ାତିରା ପଞ୍ଚାୟତ ବ୍ରାହ୍ମଣଧରା ଗାଁକୁ ପଠାଇଲେ। ସୂଚନାଯୋଗ୍ୟ ବୁଧବାର ଶତ୍ରୁଘନ ଅସୁସ୍ଥ ହେବାରୁ ତାଙ୍କୁ ପରଜଙ୍ଗ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶତ୍ରୁଘନ ଅତ୍ୟନ୍ତ ଗରିବ ହୋଇଥିବାରୁ ପରିବାର ଲୋକେ ମୃତଦେହ ଘରକୁ ନେବାକୁ ମଧ୍ୟ ଅସମର୍ଥ ଥିଲେ। ଖବର ପାଇ ସମାଜସେବୀ ଦୁଃଖବନ୍ଧୁ ବିଶ୍ୱାଳ ମେଡିକାଲରେ ପହଞ୍ଚି ସମସ୍ତ ବ୍ୟବସ୍ଥା କରାଇଥିଲେ। ଏଥିସହ ବ୍ଲକ ଅଧ୍ୟକ୍ଷା ଦଳବେହେରା ଆର୍ଥିକ ସହଯୋଗ କରିଥିଲେ।



## ଜାଭିୟର ପବ୍ଲିକ ସ୍କୁଲରେ ବିଜ୍ଞାନମେଳା

ଭୁବନ,୨୧।୧(ସମିସ): ସ୍ଥାନୀୟ ସେଣ୍ଟ ଜାଭିୟର୍ସ ପବ୍ଲିକ୍ ସ୍କୁଲ୍‌ରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ମଡେଲ ଚାର୍ଟ ଓ ବିଜ୍ଞାନ ଆଧାରିତ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଅତିଥି ଭାବେ ବାଜିରାଉତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ହରେକୃଷ୍ଣ ପଣ୍ଡା, ଭୂଷଳ ଗ୍ରାମସ୍ଥିତ ଏସଟିଏନ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୋମନାଥ ବେହେରା, ମହିଳା ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପକ ଶୁଭମ ବେହେରା ଏବଂ ପ୍ରାଣୀ ବିଜ୍ଞାନ ପ୍ରାଧ୍ୟାପିକା ସମ୍ବେଦିତା ସ୍ୱାଇଁ ଯୋଗଦେଇଥିଲେ। ବିଜ୍ଞାନ ମେଳାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅତିଥି ଓ ବିଚାରକମାନେ ପ୍ରକଳ୍ପଗୁଡ଼ିକୁ ଉଚ୍ଚ ପ୍ରଶଂସା କରିଥିଲେ। ସୁନ୍ଦର ବିଜ୍ଞାନ ମେଳା ଆୟୋଜନ କରିଥିବାରୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୀତେଶ ରଞ୍ଜନ ଦାଶ ଓ ପ୍ରତିଷ୍ଠାତା ଜିତେନ୍ଦ୍ର ଦାସଙ୍କୁ ଅତିଥିମାନେ ପ୍ରଶଂସା କରିଥିଲେ।

## ପରଜଙ୍ଗରେ ବିଶାଳ ହିନ୍ଦୁ ସମ୍ମିଳନୀ

ପରଜଙ୍ଗ,୨୧।୧(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପାଟରପଦା ପଞ୍ଚାୟତ ନିମତଇଲା ଖେଳପଡ଼ିଆରେ ବୁଧବାର ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ହିନ୍ଦୁଙ୍କୁ ଏକତା ସୂତ୍ରରେ ବାନ୍ଧିବାର ପ୍ରୟାସ ଆରମ୍ଭ ହୋଇଛି ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। ମୁଖ୍ୟଅତିଥି ଭାବେ ଆଦିତ୍ୟ ବାହିନୀର ରାଷ୍ଟ୍ରୀୟ ସଂଯୋଜକ ଓ ଜଗନ୍ନାଥ ସଂସ୍କୃତି ଗବେଷକ ମାତୃପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ବେଦଜ୍ଞ ଗୋଲେଖ ବ୍ରହ୍ମଚାରୀ, ପାଟରପଦା ବାଙ୍କବିହାରୀ ସେବାଶ୍ରମର ଶ୍ରୀପାଦ କୃଷ୍ଣ କରୁଣା ଦାସ, ମୁଖ୍ୟବକ୍ତା ଭାବେ ପରଜଙ୍ଗ ବାୟାପାଗଳ ମଠାଧୀଶ ମୁନା ବାବା, ବିଶ୍ୱହିନ୍ଦୁ ପରିଷଦ ପୂର୍ବ ଓଡ଼ିଶାର ସହ ଧର୍ମାଚାର୍ଯ୍ୟ ପ୍ରମୁଖ ମଳୟ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଅଷ୍ଟଶମ୍ଭୁ ମନ୍ଦିର ଚାରିପାଖରେ ଭଜନକୀର୍ତ୍ତନ କରାଯାଇ ସଭା ଆରମ୍ଭ ହୋଇଥିଲା। ସମସ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ପାଟରପଦା ମଣ୍ଡଳ ସଂଯୋଜକ ବଂଶୀଧର ନାୟକ, ଆର୍‌ଏସ୍‌ଏସ୍‌ର ବିଭାଗ ଶାରୀରିକ ଶିକ୍ଷଣ ପ୍ରମୁଖ ବେଣୁଧର ଥମ୍ବ, ପରଜଙ୍ଗ ଖଣ୍ଡର ସହ ସଂଯୋଜକ ଅଶୋକ କୁମାର ଦଳବେହେରା ଏବଂ ସଂଯୋଜକ କ୍ଷୀରୋଦ ସାହୁଙ୍କ ତତ୍ତ୍ୱାବଧାନରେ ସଭା ହୋଇଥିଲା।

## ଏସୟୁଜେ ଜିଲ୍ଲା ଶାଖାର ସାଂଗଠନିକ ବୈଠକ



ଢେଙ୍କାନାଳ,୨୧।୧(ସମିସ): ଷ୍ଟେଟ ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ (ଏସୟୁଜେ) ଜିଲ୍ଲା ଶାଖାର ସାଂଗଠନିକ ବୈଠକ ସ୍ଥାନୀୟ ବୋରାପଦାସ୍ଥିତ ଶେୟାର ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଛି। ଜାତୀୟ ପ୍ରତିନିଧି ମଧୁପ ରଞ୍ଜନ ନନ୍ଦ ପ୍ରଭାରୀ ଭାବେ ଯୋଗଦେଇଥିଲେ। ବୈଠକରେ ସାଂଗଠନିକ କାର୍ଯ୍ୟ ବିଷୟରେ ବିଶଦ ଆଲୋଚନା ହୋଇଥିଲା। ସର୍ବସମ୍ମତି କ୍ରମେ ବରିଷ୍ଠ ସାମ୍ବାଦିକ ଶଶିମଉଳି ରଥଙ୍କୁ ସଭାପତି, ପ୍ରଦ୍ୟୋତ କୁମାର ବିଶ୍ୱାଳଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଉପସ୍ଥିତ ସମସ୍ତ ସଦସ୍ୟ ଏହାକୁ ସମର୍ଥନ କରିଥିଲେ। ଆଗାମୀ ଦିନରେ ଜିଲ୍ଲାରେ ସଂଗଠନ କିପରି ଆହୁରି ସୁଦୃଢ଼ ହେବ ସେ ସମ୍ପର୍କରେ ନୂତନ ସଭାପତି ରଥ ସଦସ୍ୟମାନଙ୍କ ସହଯୋଗ କାମନା କରିଥିଲେ। ଆଗାମୀ ଦିନରେ ଜିଲ୍ଲାସ୍ତରୀୟ ସମ୍ମିଳନୀ କରାଯାଇ ଅନ୍ୟ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯିବ ସାଧାରଣ ସମ୍ପାଦକ ବିଶ୍ୱାଳ କହିଥିଲେ। ନୂତନ ଭାବେ ଗଠିତ ଏସୟୁଜେ ଢେଙ୍କାନାଳ ଶାଖାକୁ ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକଙ୍କ ସମେତ ବରିଷ୍ଠ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି।

## ବାରହା ଆକ୍ରମଣରେ ମହିଳା ଗୁରୁତର

କାମାକ୍ଷାନଗର,୨୧।୧(ସମିସ): କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଭାଗୀରଥିପୁର ଗ୍ରାମରେ ବାରହା ଆକ୍ରମଣରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଗ୍ରାମର ପୁଟି ଦେହୁରୀ। ବୁଧବାର ଦ୍ୱିପ୍ରହର ସମୟରେ ପୁଟି ଗାଁ ନିକଟ ପଡ଼ିଆରେ ଛେଳି ଚରାଉଥିବା ବେଳେ ହଠାତ ଏକ ବାରହା ତାଙ୍କୁ ଆକ୍ରମଣ କରିଥିଲା। ତାଙ୍କର ଡାହାଣ ହାତ ଓ ପେଟକୁ କାମୁଡ଼ି କ୍ଷତାକ୍ତ କରିଦେଇଥିଲା। ପୁଟି ସେଠାରେ ଗୁରୁତର ଅବସ୍ଥାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଛନ୍ତି। କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅଞ୍ଚଳରେ ଅଧିକାଂଶ ସମୟରେ ବନ୍ୟଜନ୍ତୁ ଆକ୍ରମଣରେ ଧନଜୀବନ ନଷ୍ଟ ହେଉଛି। ବନ ବିଭାଗ ଏ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ଦକ୍ଷତା ବିକାଶ କର୍ମଶାଳା

ଖଜୁରିଆକଟା,୨୧।୧(ସମିସ): ହିନ୍ଦୋଳ ଉପଖଣ୍ଡ ଖଜୁରିଆକଆଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ "ଦକ୍ଷତା ବିକାଶ' କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର ପୌରୋହିତ୍ୟ କରିଥିଲେ। କନିଷ୍ଠ ନିୟୋଜନ ଅଧିକାରୀ ମାନସ କୁମାର କାଣ୍ଡି ଛାତ୍ରଛାତ୍ରୀଙ୍କୁ କର୍ମ ନିୟୋଜନ ଉପରେ ରହିଥିବା ସୁବିଧା ସୁଯୋଗ ଉପରେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣିତ ବିଭାଗ ମୁଖ୍ୟ କ୍ୟାପଟେନ ଡ. କିଶୋର କୁମାର ପୃଷ୍ଟି, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ଇତିହାସ ବିଭାଗ ମୁଖ୍ୟ ଡ. ମହେନ୍ଦ୍ର କୁମାର ସ୍ୱାଇଁ କର୍ମଶାଳାର ଆବଶ୍ୟକତା ଉପରେ ମତ ରଖିଥିଲେ। ଆଇକ୍ୟୁଏସି ସଂଯୋଜକ ତଥା ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## କୀର୍ତ୍ତନପୁର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

କଙ୍କଡ଼ାହାଡ଼,୨୧।୧(ସମିସ): କଙ୍କଡ଼ାହାଡ଼ ବ୍ଲକ ବାମ ପଞ୍ଚାୟତ କୀର୍ତ୍ତନପୁର ଗ୍ରାମ ଭାଗୀରଥିପୁର ପଡ଼ାରେ ମା' ବୃନ୍ଦାବତୀ ସଂକୀର୍ତ୍ତନ ମଣ୍ଡଳୀ ସହଯୋଗରେ ଦ୍ୱିତୀୟ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ସମସ୍ତଙ୍କ ମଙ୍ଗଳ କାମନା କରି ଶ୍ରୀଚୈତନ୍ୟ ମାହାପ୍ରଭୁଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ନାମ ସଂକୀର୍ତ୍ତନରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। କାଳନ୍ଦୀ ସିଂହ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ହେମନ୍ତ ପାଢ଼ୀ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ବାମ ସରପଞ୍ଚ ଫକୀର ଚରଣ ମହାନ୍ତ, ସମିତି ସଦସ୍ୟା ଲକ୍ଷ୍ମୀ ହେସା ଯୋଗଦେଇଥିଲେ। ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ମା' ବୃନ୍ଦାବତୀ ସଂକୀର୍ତ୍ତନ ମଣ୍ଡଳୀ ସଭାପତି ବାସନ୍ତୀ ସିଂହ, ସମ୍ପାଦିକା ସାରତି ସିଂହଙ୍କ ସମେତ ସଦସ୍ୟମାନେ ସହଯୋଗ କରିଥିଲେ।

## ଆଇନ ସଚେତନତା ଶିବିର




ଢେଙ୍କାନାଳ,୨୧।୧(ସମିସ): କଙ୍କଡ଼ାହାଡ଼ ବ୍ଲକ ଖଜୁରିଆ ରଘୁନାଥଜିଉ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ଓ ବାଘୁଆ ଗ୍ରାମରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ରଘୁନାଥଜିୟୁ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ନେଇ ଆଇନ ସଚେତନତା ଶିବିର ହୋଇଥିଲା। ଏଥିରେ ପ୍ରାଧିକରଣ ସଚିବ ଶୁଭଙ୍କର ମିଶ୍ର ଅଧ୍ୟକ୍ଷତା କରି ବାଲ୍ୟବିବାହ ନିବାରଣ ଆଇନ, ନିଶା ନିବାରଣ ଆଇନ, ପରିବେଶ ସୁରକ୍ଷା ଆଇନ ଉପରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ କୁମାର ବେହେରା ଯୋଗଦେଇ ବାଲ୍ୟ ବିବାହ ନିବାରଣ ଆଇନ, ନିଶା ନିବାରଣ ଓ ପରିବେଶ ସୁରକ୍ଷା ଆଇନ ଓ ଏସସି ଓ ଏସଟି ଆଇନ ଉପରେ ବାଖ୍ୟା କରିଥିଲେ। ସ୍ୱେଚ୍ଛାସେବୀ ସଙ୍ଗଠନ ଆଭାର ସଂଯୋଜକ ରାକେଶ କୁମାର ମିଶ୍ର ବାଲ୍ୟ ବିବାହର ଅପକାରିତା ଓ ଏହାକୁ ରୋକିବା ଦିଗରେ ଛାତ୍ରଛାତ୍ରୀଙ୍କ ପ୍ରମୁଖ କର୍ତ୍ତବ୍ୟ ହେବା ଉଚିତ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନମୋହନ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ପଙ୍କଜ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପିଏଲଭି ରାମେଶ୍ୱର ମାଇତି ଶିବିର ସଂଯୋଜନା କରିଥିବା ବେଳେ ଆଇନସେବା ପ୍ରାଧିକରଣ କର୍ମଚାରୀ ଦୁଃଖବନ୍ଧୁ ସାହୁ, ପିଏଲଭି ଅନୁପ ନାଏକ ସହଯୋଗ କରିଥିଲେ। ସେହିପରି ବାଘୁଆ ଗ୍ରାମବାସୀଙ୍କୁ ନେଇ ଆଉ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଶୁଭଙ୍କର ମିଶ୍ର, ଗଣେଶ କୁମାର ବେହେରା, ରାକେଶ କୁମାର ମିଶ୍ର, ସୁମିତ୍ରା ଦେହୁରୀ, ଲକ୍ଷ୍ମୀ ମହାଳିକ, ୱାର୍ଡ ମେମ୍ବର ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ବିଭିନ୍ନ ଆଇନ ସମ୍ପର୍କରେ ସଚେତନ କରିଥିଲେ।

## ଡାକ୍ତର ଅଗ୍ରୱାଲ୍ସ ଚକ୍ଷୁ କ୍ଲିନିକ୍ ଉଦ୍‌ଘାଟିତ

ଢେଙ୍କାନାଳ,୨୧।୧(ସମିସ): ସ୍ଥାନୀୟ ମହାବୀର ବଜାର ଜଗନ୍ନାଥ ରୋଡଠାରେ "ଡାକ୍ତର ଅଗ୍ରୱାଲ୍ସ ଚକ୍ଷୁ କ୍ଲିନିକ୍' ଉଦ୍‌ଘାଟିତ ହୋଇଛି। ଏହି କ୍ଲିନିକ୍ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଥିବାବେଳେ ଢେଙ୍କାନାଳରେ ୨୭୫ତମ ଶାଖା ଭାବେ ଖୋଲାଯାଇଛି। ମୁଖ୍ୟଅତିଥି ଭାବେ କ୍ଲିନିକ୍ ସେବାର ଆଞ୍ଚଳିକ ମୁଖ୍ୟ ଡା. ନଭରତ୍ନ ଧନୁକା, ସମ୍ମାନିତ ଅତିଥି ଭାବେ ଡା. ଚନ୍ଦ୍ରଶେଖର ସାହୁ, ଡିଜିଏମ୍ ପ୍ରଦ୍ୟୁମ୍ନ କିଶୋର ମହାନ୍ତି, ଡିଏମ୍ ଜ୍ୟୋତିରଞ୍ଜନ ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଢେଙ୍କାନାଳ ମିଳିତ ଲକ୍ଷ୍ମୀପୂଜା କମିଟିର ପୂର୍ବତନ ସଭାପତି ଜ୍ଞାନେନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଏହି କ୍ଲିନିକ୍ ଖୋଲିବା ଦ୍ୱାରା ସ୍ଥାନୀୟ ଲୋକମାନେ ସୁଲଭ ମୂଲ୍ୟରେ ସେବା ପାଇପାରିବେ ବୋଲି ଅତିଥିମାନେ କହିଥିଲେ।



## ଭୁବନ ପଞ୍ଚାୟତ ସମିତିର ନବମ ଅଧିବେଶନ

# ବାଜିରାଉତଙ୍କ ନାମରେ ଟ୍ରେନ୍ ଚାଲିବ: ସାଂସଦ

ଭୁବନ,୨୧।୧(ସମିସ):

ଭୁବନ ପଞ୍ଚାୟତ ସମିତିର ନବମ ସାଧାରଣ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷା ସିପ୍ରା ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ବାଜିରାଉତଙ୍କ ମାଟିରେ ହେଉଥିବା ବୈଠକରେ ଯୋଗଦେଇ ବହୁତ ଖୁସି ବୋଲି କହିଥିଲେ। ବର୍ତ୍ତମାନ ବୁଢ଼ାପଙ୍କଠାରୁ ସୁକିନ୍ଦା ରୋଡ୍ ପର୍ଯ୍ୟନ୍ତ ମାଲବାହୀ ଟ୍ରେନ ଚାଲିଛି। କିଛିଦିନ ମଧ୍ୟରେ ସମ୍ବଲପୁରରୁ ହାଓଡ଼ା ପର୍ଯ୍ୟନ୍ତ ସହିଦ ବାଜିରାଉତଙ୍କ ନାମରେ ଟ୍ରେନ୍ ଚାଲିବ ବୋଲି ସାଂସଦ କହିଥିଲେ। ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇ ନିର୍ବାଚିତ ପ୍ରତିନିଧିମାନଙ୍କ ସହମତିରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ପୂର୍ବ ବିବରଣୀ ପାଠ କରାଯାଇ ଏହାକୁ ସର୍ବସମ୍ମତି କ୍ରମେ ଦୃଢ଼ୀକରଣ କରାଯାଇଥିଲା। ସହିଦ ବାଜିରାଉତଙ୍କ ଜନ୍ମମାଟି ନୀଳକଣ୍ଠପୁରକୁ ଐତିହ୍ୟ ଗ୍ରାମ ଘୋଷଣା କରାଯାଇଥିବା ବେଳେ ସହିଦଙ୍କ ଜନ୍ମ ଶତବାର୍ଷିକୀ ପାଳନ ପୂର୍ବରୁ ଗ୍ରାମର ବିକାଶ ପାଇଁ ବିଭିନ୍ନ ଉନ୍ନୟନ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ମାଘ ମାସ ଅଧାରୁ ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଆଗାମୀ ଗ୍ରୀଷ୍ମ ଋତୁରେ ଯେଭଳି କୌଣସି ସ୍ଥାନରେ ପାନୀୟ ଜଳ ପାଇଁ ସମସ୍ୟା ସୃଷ୍ଟି ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେବାକୁ ସରପଞ୍ଚ, ସମିତି ସଭ୍ୟମାନେ ଦାବି କରିଥିଲେ। ଅଚଳ ନଳକୂପଗୁଡ଼ିକୁ ସଚଳ କରାଯିବ ଓ ଦୁର୍ଗମ ଅଞ୍ଚଳକୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ଅଧ୍ୟକ୍ଷା ବରାଳ କହିଥିଲେ। ସରପଞ୍ଚ, ସମିତିସଭ୍ୟମାନେ ରାସନ କାର୍ଡ, ଧାନମଣ୍ଡି ସମ୍ପର୍କରେ ଆଲୋଚନା କରିଥିଲେ। ଉପାଧ୍ୟକ୍ଷା ସରୋଜିନୀ ଦ୍ୱିବେଦୀ, ଜିଲ୍ଲା ପରିଷଦ ସଭ୍ୟା ଶିଳାରାଣୀ ସାହୁ, ରମେଶ ଚନ୍ଦ୍ର ସାହୁ, ସୁବାସ ମାଝୀ ଯୋଗଦେଇଥିଲେ। ବିଡିଓ ଆୟୁଷୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଏବିଡିଓ ଅଶୋକ କୁମାର ମିଶ୍ର, ନିର୍ବାହୀ ଯନ୍ତ୍ରୀ ରଞ୍ଜିତ କୁମାର ବେହେରାଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଟ୍ରାନ୍ସଫର୍ମର ଯନ୍ତ୍ରାଂଶ ଚୋରି

ରାଇରଙ୍ଗପୁର,୨୧।୧ (ସମିସ): ବାଦାମପାହାଡ଼ ଥାନା ଅଞ୍ଚଳର ଦୁଇଟି ସ୍ଥାନରୁ ଟ୍ରାନ୍ସଫର୍ମର ଯନ୍ତ୍ରାଂଶ ଚୋରି ହୋଇଛି। ଏ ନେଇ ଟିପିଏନଓଡିଏଲ କୁସୁମୀ ବିଦ୍ୟୁତ୍ ସେକ୍ସନ ପରିଚାଳକ ପ୍ରମୋଦ ଦାସ ବାଦାମପାହାଡ଼ ଥାନାରେ ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ ଲାଇନମ୍ୟାନ ଓ ଅନ୍ୟ କର୍ମଚାରୀ ପଢ଼ିଆ ଓ ବାଦାମପାହାଡ଼ ଅଞ୍ଚଳର ଗ୍ରାମକୁ କାର୍ଯ୍ୟ କରିବାକୁ ଯାଇଥିଲେ। ୨୫ କେଭିର ଟ୍ରାନ୍ସଫର୍ମର କୋର ଓ ଯନ୍ତ୍ରାଂଶ ସାମଗ୍ରୀ ଚୋରି ହୋଇଥିବା ଜାଣି ତାଙ୍କୁ ଜଣାଇଥିଲେ। ଫଳରେ ଉକ୍ତ ଅଞ୍ଚଳର ଶହ ଶହ ପରିବାର ବିଦ୍ୟୁତ ସେବାରୁ ବଞ୍ଚିତ ରହିଛନ୍ତି। ଦୁଇଟି ସ୍ଥାନରୁ ଚୋରି ଯନ୍ତ୍ରାଂଶର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଏ ନେଇ ବାଦାମପାହାଡ଼ ଥାନାରେ ଦୁଇଟି ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

## ସିଦ୍ଧାର୍ଥଙ୍କ ପାଇଁ ବେତନଟୀ ଗର୍ବିତ

ବେତନଟୀ,୨୧।୧(ସମିସ): ବେତନଟୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ରମାକାନ୍ତ ସିଂହ ଓ ମିନତୀ ସିଂହଙ୍କ ପୁତ୍ର ଡ. ସିଦ୍ଧାର୍ଥ ସିଂହ ଗୁଜରାଟର ଅହମ୍ମଦାବାଦ ବିଜେ ମେଡିକାଲ କଲେଜସ୍ଥ ୟୁଏନ ମେହେଟା କାର୍ଡିଆକ୍ ରିସର୍ଚ୍ଚ ସେଣ୍ଟରରୁ କାର୍ଡିଆକ୍ ଆନାସ୍ଥେସିଆରେ ଡି.ଏମ. (ଡକ୍ଟରେଟ୍ ଅଫ ମେଡିସିନ) ଡିଗ୍ରୀ ହାସଲ କରିଛନ୍ତି। ପ୍ରଫେସର ମୃଗେଶ ପ୍ରଜାପତିଙ୍କ ତତ୍ତ୍ୱାବଧାନରେ ତିନିବର୍ଷ ଅଧ୍ୟୟନ ଓ ଗବେଷଣା କରି ସେଏହି ଡିଗ୍ରୀ ଲାଭ କରି ସହକାରୀ ଅଧ୍ୟାପକ ଓ ଗବେଷକ ଭାବେ ସେଠାରେ ଯୋଗଦେଇ ବେତନଟୀକୁ ଗର୍ବିତ କରିଛନ୍ତି। ଏହି ୧୨୫୧ ଶଯ୍ୟା ବିଶିଷ୍ଟ ହୃଦ୍‌ରୋଗ ଗବେଷଣା ପ୍ରତିଷ୍ଠାନ ଭାରତର ସର୍ବବୃହତ୍ ଓ ବିଶ୍ୱର ଦ୍ୱିତୀୟ ହୃଦ୍ ଗବେଷଣା କେନ୍ଦ୍ର ମାନ୍ୟତା ଲାଭ କରିଛି। ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସିଦ୍ଧାର୍ଥ ଚେନ୍ନାଇ ସରକାରୀ ଷ୍ଟାନ୍ ମେଡିକାଲ କଲେଜରୁ ଏମଡିବିଏସ୍ ଡିଗ୍ରୀ, ସିଏମସି ଲୁଧିଆନାରୁ ସ୍ନାତକୋତ୍ତର ଡିଏଓ ମ୍ୟାକ୍ସ, ବିଏଲ କପୁର କର୍ପୋରେଟ ହସ୍‌ପିଟାଲ ନୂଆଦିଲ୍ଲୀରୁ ଡିଏନବି ଡିଗ୍ରୀ ହାସଲ କରି ମୟୂରଭଞ୍ଜର ଗୌରବ ବୃଦ୍ଧି କରିଛନ୍ତି।

## ସରିଲା ବୀରେଶ୍ୱରପୁର ନାଏବ ସରପଞ୍ଚ ନର୍ବାଚନ

ବଡସାହି,୨୧।୧(ସମିସ): ବଡ଼ସାହି ବ୍ଲକ୍ ଅଧୀନ ବିରେଶ୍ୱରପୁର ପଞ୍ଚାୟତରେ ରାଜନୈତିକ ବିବାଦ ଥମିବାର ନାମ ଧରୁନି। ପ୍ରଥମେ ଏହି ପଞ୍ଚାୟତର ନାଏବ ସରପଞ୍ଚଙ୍କ ବିରୋଧରେ ଅନସ୍ଥା ଅଣାଯାଇଥିବାବେଳେ ପରେ ପୁଣି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଅଣାଯାଇଥିଲା। ଯେଉଁଥିରେ କି ଉଭୟ ନିଜର ବହୁମତ ସାବ୍ୟସ୍ତ କରି ନ ପାରି ପରାସ୍ତ ହୋଇଥିଲେ। ଫଳରେ ପଞ୍ଚାୟତର ଉନ୍ନୟନମୂଳକ କାମ ବହୁ ମାତ୍ରାରେ ବାଧାପ୍ରାପ୍ତ ହୋଇଥିଲା। ଜଣେ ୱାର୍ଡ ମେମ୍ବର ଲିଲିମଣୀ ସିଂଙ୍କୁ ଅସ୍ଥାୟୀ ସରପଞ୍ଚ ଦାୟିତ୍ୱ ଦେଇ କାମ ଚଳାଯାଉଥିଲା। ମାତ୍ର ସରକାରଙ୍କ ନିର୍ଦ୍ଦେଶ ଓ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନାଏବ ସରପଞ୍ଚ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଂଚାୟତର ୧୨ଟି ୱାର୍ଡରୁ ୧୦ ଜଣ ୱାର୍ଡ ମେମ୍ବର ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୧୦ ନମ୍ବର ୱାର୍ଡ ମେମ୍ବର ସୁବ୍ରତ ରାଉତ ଏକାକୀ ନାମାଙ୍କନପତ୍ର ଦାଖଲ କରିଥିଲେ। ଫଳରେ ସେ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାଯାଇଛି। ବିଡିଓ ବନଜା ଦାସ ନିର୍ବାଚନ ଅଧିକାରୀ ଥିବାବେଳେ ଜିପିଓ ଅବିନାଶ ପଣ୍ଡା ଓ ପିଇଓ ମହାନ୍ତ ଏହି ନିର୍ବାଚନ ପରିଚାଳନା କରିଥିଲେ। ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ପାଇଁ ବଡସାହି ପୁଲିସ ମୁତୟନ ଥିଲେ।

## ଆଜି ବାଦାମପାହାଡ଼-ଟାଟାନଗର ମେମୁ ଟ୍ରେନ୍ ବାତିଲ

ରାଇରଙ୍ଗପୁର,୨୧।୧(ସମିସ): ମରାମତି କାମ ପାଇ: ବାଦାମପାହାଡ଼-ଟାଟାନଗର ମେମୁ ଟ୍ରେନ ଗୁରୁବାର ସାମୂହିକ ବନ୍ଦ ରହିବ। ଏନେଇ ଦକ୍ଷିଣ-ପୂର୍ବ ରେଳବାଇ ପକ୍ଷରୁ ବିଜ୍ଞପ୍ତି ଯୋଗେ ସୂଚନା ପ୍ରଦାନ କରାଯାଇଛି। ଚକ୍ରଧରପୁର ରେଳ ରୁଟରେ ମରାମତି କାର୍ଯ୍ୟ ନିମନ୍ତେ ଗୋଟିଏ ଦିନ ନିମନ୍ତେ ଟ୍ରେନ ବାତିଲ କରାଯାଇଛି। ବାଦାମପାହାଡ଼-ଟାଟାନଗର ମେମୁ ଟ୍ରେନ ଗୁରୁବାର ବନ୍ଦ ରହିବ। ମରାମତି କାର୍ଯ୍ୟ ଶେଷ ହେବା ପରେ ଶୁକ୍ରବାରଠାରୁ ପୂର୍ବଭଳି ଟ୍ରେନ ଚଳାଚଳ ସ୍ୱାଭାବିକ ହେବ ବୋଲି ସୂଚନା ମିଳିଛି। ସମସ୍ତ ଯାତ୍ରୀଙ୍କ ସହଯୋଗ ନିମନ୍ତେ ରେଳବାଇ ପକ୍ଷରୁ ନିବେଦନ କରାଯାଇଛି।

## ବେତନଟୀ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




ବେତନଟୀ, ୨୧।୧(ସମିସ): ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ବେତନଟୀ ମହାବିଦ୍ୟାଳୟର ସ୍ମାର୍ଟ୍ କ୍ଲାସ୍‌ରୁମରେ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଛି। ଅତିଥି ଭାବେ ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତ, ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ କଳ୍ପଲତା ବେହେରା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବରିଷ୍ଠ ଅଧ୍ୟାପିକା ଶ୍ରୀମତୀ ବାଲିମଣି ସିଂ, ବାଣିଜ୍ୟ ବିଭାଗ ଅଧ୍ୟାପିକା ମନୀଷାରାଣୀ ଅଗ୍ରୱାଲ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ପ୍ରଶିକ୍ଷିକା ସରୋଜିନୀ ସିଂ ଓ ନମିତା ନାଏକ ଉପସ୍ଥିତ ରହି ପ୍ରଶିକ୍ଷଣ କୌଶଳ ସମ୍ପର୍କରେ ଅବଗତ କରାଇଥିଲେ। ଶିବିରରେ ୧୩୫ ଜଣ ଛାତ୍ରୀ ଯୋଗ ଦେଇଛନ୍ତି। ସାଂପ୍ରତିକ ସମାଜରେ ଏହାର ଉପଯୋଗିତା ସମ୍ପର୍କରେ ଅଧ୍ୟକ୍ଷ ଉପସ୍ଥିତ ଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଅଧ୍ୟାପିକା ଭାନୁପ୍ରିୟା ମାଝୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ରାଇରଙ୍ଗପୁରରେ ଚାଲିଛି କଳିଙ୍ଗ ହର୍ବାଲ ମେଳା

# ଶୀତୁଆ ସନ୍ଧ୍ୟାରେ ଜମୁଛି ଲୋକଙ୍କ ଭିଡ଼

■ ହାତପାହାନ୍ତାରେ ମିଳୁଛି ପ୍ରକୃତିଜାତ ଦ୍ରବ୍ୟ ■ ଜଡ଼ିବୁଟି କିଣିବାକୁ ଲୋକଙ୍କ ମଧ୍ୟରେ ଉତ୍ସାହ

ରାଇରଙ୍ଗପୁର,୨୧।୧(ସମିସ)






ରାଇରଙ୍ଗପୁର କଚେରୀ ଷ୍ଟାଡ଼ିୟମ ପରିସରରେ କଳିଙ୍ଗ ହର୍ବାଲ ମେଳା ଚାଲିଛି। ଶୀତୁଆ ସନ୍ଧ୍ୟାରେ ମେଳାରେ ଲୋକଙ୍କ ଭିଡ଼ ଜମୁଛି। ଏହି ମେଳା ମାଧ୍ୟମରେ ଜଡ଼ିବୁଟି, ପ୍ରାକୃତିକ ଔଷଧ ଓ ପ୍ରକୃତିଜାତ ଦ୍ରବ୍ୟ ଭଳି ବହୁ ମୂଲ୍ୟବାନ ଜିନିଷକୁ ହାତପାହାନ୍ତାରେ ଲୋକେ ପାଉଥିବାବେଳେ କିଣିବା ସୁଯୋଗ ହାତଛଡା କରୁନାହାଁନ୍ତି। ଆୟୁର୍ବେଦ ଚିକିତ୍ସା ଓ ଔଷଧର ପ୍ରଚାର ପ୍ରସାର କରିବା ଲକ୍ଷ୍ୟ ରଖି ରାଇରଙ୍ଗପୁର ବନଖଣ୍ଡ ଓ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡ ପକ୍ଷରୁ ମେଳା ଆୟୋଜିତ କରାଯାଇଛି। ଏହାଦ୍ୱାରା ଲୋକମାନେ ଅତି ସହଜରେ ବିଭିନ୍ନ ପ୍ରକୃତି ଜାତ ଦ୍ରବ୍ୟକୁ ଗୋଟିଏ ଯାଗାରୁ ପାଇପାରୁଛନ୍ତି।

ମାନବ ସମାଜ ନିମନ୍ତେ ପ୍ରକୃତି ଅନେକ କିଛି ପ୍ରଦାନ କରିଛନ୍ତି। କିନ୍ତୁ ଏହାର ପ୍ରଚାର ଓ ପ୍ରସାର ଅଭାବରୁ ଲୋକଙ୍କ ମଧ୍ୟରୁ ହଜିଯାଉଛି। ଏହି ମେଳା ଜରିଆରେ ତାହାକୁ ଦୂର କରିବାକୁ ପ୍ରୟାସ କରାଯାଇଛି। ଉକ୍ତ ପ୍ରକୃତି ପ୍ରଦତ୍ତ ଜଡିବୁଟି ପଦ୍ଧତିରେ ପୂର୍ବ କାଳରୁ ବଇଦ ଓ କବିରାଜମାନେ ଚିକିତ୍ସା କରି ସୁସ୍ଥ କରୁଥିଲେ। ଯାହାର କୌଣସି ବି ପାଶ୍ୱର୍ ପ୍ରତିକ୍ରିୟା ହେଉ ନ ଥିଲା। ତେଣୁ ଏହା ଭାରତର ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ରହିଛି।

ହର୍ବାଲ ଦ୍ରବ୍ୟକୁ ଅଧିକ ବ୍ୟାପକ କରାଯିବା ଲକ୍ଷ୍ୟରେ ମେଳାର ଆୟୋଜନ କରାଯାଇଛି। ପ୍ରକୃତିଜାତ ଦ୍ରବ୍ୟରୁ ପ୍ରସ୍ତୁତ ସାମଗ୍ରୀ ମଣିଷ ସମାଜ ପାଇଁ ବିଶେଷ ଉପଯୋଗୀ ହୋଇଥାଏ। ତେଣୁ ମେଳା ଜରିଆରେ ଲୋକେ ପ୍ରାକୃତିକ ଉପଚାର ସମ୍ପର୍କରେ ସଚେତନ ହେବା ସହ ଦ୍ରବ୍ୟ କ୍ରୟ କରୁଛନ୍ତି। ଉକ୍ତ ମେଳାରେ ପ୍ରକୃତି ଜାତ ସାମଗ୍ରୀ ଗୋଟିଏ ଜାଗାରେ ଉପଲବ୍ଧ ମଧ୍ୟ ହୋଇପାରିଛି। ଅଧିକରୁ ଅଧିକ ଔଷଧୀୟ ବୃକ୍ଷରୋପଣ କରି ବୃକ୍ଷଲତା ଔଷଧୀୟ ଗୁଣକୁ ବ୍ୟାଧି ନିରାକରଣରେ ବ୍ୟବହାର କରିବା ପାଇଁ ଆସିଥିବା ବ୍ୟବସାୟୀ ଓ ବୈଦ୍ୟମାନେ ଲୋକଙ୍କୁ ବୁଝାଉଥିବାବେଳେ ହର୍ବାଲ ସାମଗ୍ରୀ ନେବାକୁ ସନ୍ଧ୍ୟା ହେଲେ ଲୋକଙ୍କ ଭିଡ ଲାଗୁଛି।

ଗୋଟିଏ ଜାଗାରେ ଜଙ୍ଗଲ ବା ପ୍ରକୃତି ଜାତ ଖାଦ୍ୟ ସାମଗ୍ରୀ ସହ ଜଡିବୁଟି ଜିନିଷ ମିଳୁଥିବାରୁ ଲୋକମାନେ ବିନା ରସାୟନର ଉପକରଣ କିଣୁଥିବା ଦେଖିବାକୁ ମିଳିଛି। ଆଜିର ଆଧୁନିକ ଜୀବନଶୈଳୀ ମଧ୍ୟରେ ମଣିଷ ନିଜର ଯତ୍ନ ନିମନ୍ତେ ରାସାୟନଯୁକ୍ତ ସାମଗ୍ରୀ ଉପରେ ନିର୍ଭର କରୁଛନ୍ତି। ତେବେ ପ୍ରକୃତି ଜାତ ଦ୍ରବ୍ୟକୁ ହାତ ପାହାନ୍ତାରେ ପାଇ ଖୁସି ହୋଇ ଗ୍ରାହକମାନେ କିଣି ନେଉଥିବା ପରିଲକ୍ଷିତ ହୋଇଛି। ରାଜଧାନୀ ସମେତ ଆଖପାଖ ଅଞ୍ଚଳରୁ ଲୋକମାନେ ଆସି ହର୍ବାଲ ସାମଗ୍ରୀ ନେଉଥିବାବେଳେ ବ୍ୟବସାୟ ବି ଭଲ ହେଉଛି। ଉକ୍ତ ୫ଦିନିଆ ମେଳାରେ ୬୦ଟି ଷ୍ଟଲରେ ପାରମ୍ପରିକ ଚିକିତ୍ସକ ଦୁରାରୋଗ୍ୟ ବ୍ୟାଧିର ନିରାକରଣ ନିମନ୍ତେ ଦ୍ରବ୍ୟ ପ୍ରଦାନ କରୁଛନ୍ତି। ଆଦିବାସୀ ବହୁଳ ରାଇରଙ୍ଗପୁର ଅଞ୍ଚଳରେ ପାରମ୍ପରିକ ଚେରମୂଳିର ଚିକିତ୍ସା ପଦ୍ଧତିକୁ ଲୋକେ ଗ୍ରହଣ କରୁଛନ୍ତି। ହର୍ବାଲ ଜିନିଷ ପ୍ରାକୃତିକ ଉପାୟରେ ହେଉଥିବାରୁ ଏହା ଶରୀର ପାଇଁ ଉପକାରୀ ଅଟେ। ତେଣୁକରି ଉକ୍ତ ମେଳାରେ ଏହାର ଖୁବ ଆଦର ପରିଲକ୍ଷିତ ହୋଇଛି।

## ମଣ୍ଡି ସମସ୍ୟାକୁ ନେଇ ନବନିର୍ମାଣ କୃଷକ ସଂଗଠନର ଧାରଣା



ବାରିପଦା, ୨୧।୧(ସମିସ): ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ଧାନମଣ୍ଡିରେ ବିଭିନ୍ନ ସମସ୍ୟାକୁ ନେଇ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ସହିତ ଆଲେଚନା କରିବା ପାଇଁ ବିଭିନ୍ନ ବ୍ଲକରୁ ନେତୃବୃନ୍ଦ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକତ୍ରିତ ହୋଇଥିଲେ। ତେବେ ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ସଂଗଠନ ପକ୍ଷରୁ ଧାରଣା ଦିଆଯାଇଥିଲା। ଜିଲ୍ଲା ପ୍ରଭାରୀ ଚିନୁ ଦାଶ ଧାନ ମଣ୍ଡିର ସମସ୍ୟାକୁ ନେଇ କହିଥିଲେ ଯେ, ମୟୂରଭଞ୍ଜ ଜିଲ୍ଲାରେ ଅନେକ ଚାଷୀ ଅନଲାଇନ୍ କରି ମଧ୍ୟ ଟୋକନ୍ ପାଇନାହାନ୍ତି। କିଛି ଚାଷୀ ଟୋକନ୍ ପାଇ ମଧ୍ୟ ସମ୍ପୂର୍ଣ୍ଣ ଧାନ ମଣ୍ଡିରେ ଦେଇପାରୁନାହାନ୍ତି। ମଣ୍ଡିରେ କ୍ୱିଣ୍ଟାଲ ପିଛା ୧୦ରୁ ୧୦ କେଜି କଟାଯାଉଛି। ଅନ୍ୟ ଜିଲ୍ଲା ଅପେକ୍ଷା କାହିଁକି ମୟୂରଭଞ୍ଜ ଜିଲ୍ଲାରେ ମାତ୍ରାଧିକ କଟ୍‌ନୀ କରାଯାଉଛି। ଚାଷୀଙ୍କ ଅଖା ବୁରା ଟଙ୍କା ଚୋରି ଓ ମିଲରଙ୍କ ମନମାନି ବିରୋଧରେ ଚାଷୀଙ୍କୁ ଏକ ହେବା ପାଇଁ ଆହ୍ୱାନ ଦେଇଛନ୍ତି। ଉକ୍ତ ଆଲୋଚନାରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଦେଇ ଚାଷୀ ନେତୃତ୍ୱଙ୍କ ସହିତ ଧାନମଣ୍ଡିର ସମସ୍ୟାକୁ ନେଇ ଆଲୋଚନା କରିଥିଲେ। ମିଲରଙ୍କ ଶୋଷଣରୁ ଚାଷୀ କୁଳକୁ ମୁକ୍ତି କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ଆଲୋଚନାରେ ରାଇମଣି ବିଶ୍ୱାଳ, ରାମସାଇ ହେମ୍ବ୍ରମ, ସାଲଖାନ ମାଝୀ, ରବୀନ୍ଦ୍ର ପୁଥାଳ, କରଣ ଟୁଡୁ, ପ୍ରଶାନ୍ତ କରଣ, ଜଗତ ଜୀବନ ସିଂ, ଶ୍ରବଣ କୁମାର ଛାଟିଆ, ସୁଦର୍ଶନ ରାହୁଳ ଓ ପଦ୍ମଲୋଚନ ମହାନ୍ତ ନେତୃତ୍ୱରେ ଅନେକ ଚାଷୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଛତ୍ରାଆମ୍ବ ଛକରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ଦାବି



ଶରତ,୨୧।୧(ସମିସ): କପ୍ତିପଦା ବ୍ଲକ ଅବନ୍ତର୍ଗତ ଛତ୍ରାଆମ୍ବ ଛକରେ ସ୍ଥାୟୀ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରାଯିବା ନିମନ୍ତେ ଶରତ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଛତ୍ରାଆମ୍ବ ଛକ କପ୍ତିପଦା ବ୍ଲକର ମଝିଗୋଡ଼ିଆ ପଞ୍ଚାୟତରେ ଅବସ୍ଥିତ ରହିଛି। ଏହି ଛକରୁ ତିନି ଦିଗକୁ ଯିବା ପାଇଁ ରାସ୍ତା ରହିଛି। ଛକରୁ ପୂର୍ବକୁ ବାଲେଶ୍ୱର ଜିଲ୍ଲାର ଔପଦା ବଜାରକୁ ରାସ୍ତା ଥିବାବେଳେ ଉତ୍ତର-ପଶ୍ଚିମ ଦିଗରେ କପ୍ତିପଦା ବ୍ଲକ କାର୍ଯ୍ୟାଳୟ ଓ ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦାକୁ ଯିବା ପାଇଁ ଏହା ଏକମାତ୍ର ପ୍ରମୁଖ ରାସ୍ତା ରହିଛି। ବ୍ଲକ ଅନ୍ତର୍ଗତ କଳମଗଡିଆ, ରାମଚନ୍ଦ୍ରପୁର, ପଦ୍ମପୋଖରୀ, ରାଣୀପୋଖରୀ, ଶରତ, ରାମଚନ୍ଦ୍ରପୁର ଓ ଶାଳଚୁଆ ପ୍ରମୁଖ ପଞ୍ଚାୟତର ଜନସାଧାରଣ ଏହି ଛକ ଉପରେ ନିର୍ଭର କରୁଥିବାବେଳେ ଏହି ଛକରେ ନାହିଁ ଲୋକଙ୍କ ବିଶ୍ରାମ ନିମନ୍ତେ ପ୍ରତୀକ୍ଷାଳୟ। ଯାତ୍ରୀ ପ୍ରତୀକ୍ଷାଳୟ ନ ଥିବାରୁ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି।

ଛକରୁ ୧୬ କିମି ଦୂରତାରେ ଥିବା ନୂଆସାହି କଲେଜ ଓ କପ୍ତିପଦା କଲେଜ , ୩୦ କିମି ଦୂରତାରେ ଥିବା ଉଦଳା କଲେଜକୁ ଛାତ୍ରଛାତ୍ରୀ ହଇରାଣ ହରକତ ହୋଇ ଯିବାଆସିବା କରନ୍ତି। ବର୍ଷା କି ଖରା ହେଲେ ମଧ୍ୟ ଛାଇ ହେବା ପାଇଁ ଗଛ ମୂଳର ଆଶ୍ରୟନେବାକୁ ପଡ଼ିଥାଏ। ଏହି ଛକରୁ ଔପଦା ଦେଇ ଭୁବନେଶ୍ୱରକୁ ବସ୍ ଯାତାୟାତ କରୁଛି। ରାତ୍ରି ସମୟରେ କେହି ବସରୁ ଓହ୍ଲାଇଲେ କିମ୍ବା ବସ ଧରିବା ପାଇଁ ହେଲେ ଏହି ଛକ ଉପରେ ନିର୍ଭର କରନ୍ତି। ଅଥଚ ଏଠାରେ ବସସ୍ଥାଣ୍ଡ କିମ୍ବା ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବା କୌଣସି ନିର୍ବାଚିତ ଜନପ୍ରତିନିଧି ଚିନ୍ତିତ ନାହାନ୍ତି। ଜନସାଧାରଣଙ୍କ ସାମୂହିକ ସ୍ୱାର୍ଥ ନିମନ୍ତେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଏଠାରେ ଏକ ଯାତ୍ରୀ ପ୍ରତିକ୍ଷାଳୟ ଓ ବସସ୍ଥାଣ୍ଡ ନିର୍ମାଣ କରିବା ନିମନ୍ତେ ନବୀନ ମୁଣ୍ଡରୀ, ସୋମନାଥ ହୋ, ମନୋରଞ୍ଜନ ଗୋଇପାଇ, ବେଲମଣି ତିୟୁ, ଅଞ୍ଜନ କୁମାର ସିଂ, ଟିପୁ ମୁଣ୍ଡରୀ ପ୍ରମୁଖ ଦାବି କରିଛନ୍ତି।

## ନାବାଳିକା ଉଦ୍ଧାର

କୁଆମରା, ୨୧।୧(ସମିସ): ଖୁଣ୍ଟା ଥାନା ଅଞ୍ଚଳର ଜଣେ ନାବାଳିକା ଅପହରଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସପ୍ତମ ଶ୍ରେଣୀର ପାଠ ପଢୁଥିବା ୧୩ ବର୍ଷିୟା ଛାତ୍ରୀ ୧୮ ତାରିଖରେ ନିଖୋଜ ହୋଇଯିବା ପରେ ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ ହୋଇଛି। ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି ଆଜି ପୀଡ଼ିତା ନାବାଳିକାକୁ କୁଳିଅଣା ଥାନା ଅଞ୍ଚଳରୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରିଛି। ତେବେ ଅଭିଯୁକ୍ତ ଜଣକ ମଧ୍ୟ ନାବାଳକ ବୋଲି ଜଣାପଡ଼ିଛି।

## ଗଳା ପୋଲ ଓ ରାସ୍ତା ସମସ୍ୟାର ସମାଧାନ ଦାବି



କଳାବାଡିଆ, ୨୧।୧(ସମିସ): ମାସା ଆର୍ମି ରାଜ୍ୟ ସଭାପତି ସୁକୁଲାଲ ମାର୍ଣ୍ଡିଙ୍କ ପରାମର୍ଶ କ୍ରମେ ଆଜି ବାଙ୍ଗରିପୋଷୀ ମାସା ଆର୍ମି ବ୍ଲକ ସଭାପତି ସାନେଲ ମୁର୍ମୁଙ୍କ ତତ୍ତ୍ୱାବଧାନରେ ବାଙ୍ଗିରିପୋଷୀ ବ୍ଲକ କମିଟି ପକ୍ଷରୁ ବାଙ୍ଗରିପୋଷୀ ବ୍ଲକ ଏବିଡିଓ ଓ ଆରଡବ୍ଲ୍ୟୁଡି ଏକଜିକ୍ୟୁଟିଭ ଇଞ୍ଜିନିୟରଙ୍କ ନିକଟରେ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ବାଙ୍ଗିରିପୋଷୀ ପେଟ୍ରୋଲ ପମ୍ପ ନିକଟରେ ସାଉଥ୍ ଇଷ୍ଟର୍ଣ୍ଣ ରେଳବାଇ ଖଡ଼ଗପୁର ଡିଭିଜନ ଦ୍ୱାରା ନିର୍ମାଣ ହୋଇଥିବା ଗୋଳା ପୋଲ ମଧ୍ୟରେ ବର୍ଷସାରା ପାଣି ଜମିରହୁଛି। ଫଳରେ ଯାତାୟାତ କରିବାରେ ଅନେକ ବାଧା ସୃଷ୍ଟି ହେଉଛି ଓ ଦୁର୍ଘଟଣା ହେବାର ଆଶଙ୍କା ମଧ୍ୟ ଉପୁଜିଲାଣି। ତେଣୁ ଗୋଳା ପୋଲ ପରିବର୍ତ୍ତେ ଓଭରବ୍ରିଜ୍ ନିର୍ମାଣ ପାଇଁ ବାଙ୍ଗରିପୋଷୀ ଏବିଡିଓଙ୍କ ମାଧ୍ୟମରେ ଏସଇଆର ଚିଫ୍ ମ୍ୟାନେଜରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପିଏମ୍‌ଜିଏସ୍‌ୱାଇ ଅଧୀନରେ ଆସୁଥିବା ରାସ୍ତା ଶ୍ୟାମସୁନ୍ଦରଠାରୁ ଆଉଁଳାଗଞ୍ଜା, ବୁଢ଼ୀଖମାରି, ଗୋଠାଣିଦା ଦେଇ ଜଳଡିହାରେ ଶେଷ ହୋଇଥିବା ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ଫଳରେ ଜରୁରିକାଳୀନ ସେବା ବାଧାପ୍ରାପ୍ତ ହେଉଛି। ଏ ଗୁଡିକର ସ୍ଥାୟୀ ସମାଧାନ ନ ହେଲେ ଆଗାମୀ ଦିନରେ ମାସା ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଅନନ୍ତ ମାର୍ଣ୍ଡି, ପ୍ରଧାନ ମୁର୍ମୁ, ବାଲିଆ ମୁର୍ମୁ, କଲ୍ୟାଣ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକ ସୋମନାଥ ସିଂହ ସମ୍ବର୍ଦ୍ଧିତ

ବାରିପଦା, ୨୧।୧(ସମିସ): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ନଂ ୱାର୍ଡସ୍ଥ ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ଆୟୋଜିତ ମକର ମହୋତ୍ସବର ଉଦଯାପନୀ ସନ୍ଧ୍ୟାରେ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ପୂର୍ବତନ ପ୍ରଧାନଶିକ୍ଷକ ସୋମନାଥ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ସିଂହଙ୍କ ଉଦ୍ୟମରେ ବିଦ୍ୟାଳୟଟି ଜିଲ୍ଲା ଓ ରାଜ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବା ସହ ଏହାର ଛାତ୍ରଛାତ୍ରୀ ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ କୃତିତ୍ୱ ହାସଲ କରିଛନ୍ତି। ଆଦର୍ଶ ଶିକ୍ଷକ ସହିତ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରି ଶ୍ରୀ ସିଂହ ବହୁବାର ଜିଲ୍ଲା ଓ ରାଜ୍ୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ୩୪ ବର୍ଷର ଶିକ୍ଷକତା ଭିତରେ ତାଙ୍କର ବହୁ ଛାତ୍ରଛାତ୍ରୀ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବାବେଳେ ବହୁ ଛାତ୍ରଛାତ୍ରୀ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିଛନ୍ତି। ତ୍ରିରଙ୍ଗା କ୍ଲବ ସହିତ ଯୋଡ଼ିହୋଇ ବୃକ୍ଷରୋପଣ ଓ ରକ୍ତଦାନ ଆଦି ମହାତ କାର୍ଯ୍ୟ କରିବା ସହ ମକର ମହୋତ୍ସବର ରୂପରେଖ ବଦଳାଇ ଦେଇଛନ୍ତି ବୋଲି ସ୍ଥାନୀୟ କାଉନସିଲର ନିରୁପମା ମହାନ୍ତିଙ୍କ ସମେତ କ୍ଲବ୍ ସଭାପତି ଆଲୋକ ମହାନ୍ତି, ଉପସଭାପତି ରବୀନ୍ଦ୍ର ମହାନ୍ତି, ସକ୍ରିୟ ସଦସ୍ୟ ସରୋଜ ମହାପାତ୍ର କହିଛନ୍ତି।




## ବାବା ବୀରେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ବ୍ଲେଣ୍ଡର-୧୧୨କୁ ହରାଇ ସତ୍ୟ ଏକାଦଶ ଚାମ୍ପିଅନ

ବଡ଼ସାହି,୨୧।୧(ସମିସ)



ବଡସାହି ବ୍ଲକ୍ ଅଧୀନ ଯୋଗୀନୂଆଗାଁ ପଞ୍ଚାୟତର ବର୍ତ୍ତନା ଗ୍ରାମରେ ଚାଲିଥିବା ବାବ ବୀରେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏଥିରେ ଜିଲ୍ଲା ଓ ଜିଲ୍ଲା ବାହାରୁ ୮ଟି ଦଳ ଭାଗ ନେଇଥିଲେ। ଏମାନଙ୍କ ମଧ୍ୟରୁ ସତ୍ୟ ଏକାଦଶ ଓ ବ୍ଲେଣ୍ଡର-୧୧୨ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଫାଇନାଲ୍ ମ୍ୟାଚ୍‌ରେ ସତ୍ୟ ଏକାଦଶ ବିଜୟୀ ହୋଇ ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଛି। ସତ୍ୟ ଏକାଦଶ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୨୧୨ ରନ ସଂଗ୍ରହ କରିଥିଲା। ଜବାବରେ ବ୍ଲେଣ୍ଡର-୧୧୨ ୧୨ ଓଭରରେ ସମସ୍ତ ୱିକେଟ ହରାଇ ୮୪ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା।

ପୁରସ୍କାର ବିତରଣୀ ଉତ୍ସବରେ କ୍ଲବ୍‌ର ଉପଦେଷ୍ଟା ନିରୋଦ କୁମାର ଜେନା ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ରଣଜୀ ଖେଳାଳି ଲଲାଟେନ୍ଦୁ ବେହେରା, ସମ୍ମାନିତ ଅତିଥି ଭାବେ ଯୁବ ନେତା ସଂଜୟ ବେହେରା ଓ ଖଗେଶ୍ୱର ବେହେରା, କ୍ରୀଡାପ୍ରେମୀ ବାବୁ ଦାସ ଓ ଚାରୁଚନ୍ଦ୍ର ସେନାପତି ପ୍ରମୁଖ ଯୋଗଦେଇ ଆସୋସିଏସନର କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିଅନ ଦଳକୁ ୩୦ ହଜାର ଟଙ୍କା ଓ ଟ୍ରଫି, ରନର୍ସଅପ୍ ଦଳକୁ ୨୫ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସରପଞ୍ଚ ଗୋପୀନାଥ ନାଏକ ଓ ସମିତି ସଭ୍ୟ ନବୀନ ମହାନ୍ତ ଯୋଗଦେଇ ଫିତାକାଟି ଏହାର ଶୁଭ ଉଦଘାଟନ କରିଥିଲେ। ଅମ୍ପାୟାର ଟେଙ୍ଗେ ଟେଙ୍ଗେ ଓ ତପନ ଆଚାର୍ଯ୍ୟ ଖେଳ ପରିଚାଳନା କରିଥିଲେ। ବିଜୟୀ ଦଳର କ୍ୟାପଟେନ ଗୋପାଳ ନାୟକ ମ୍ୟାନ ଅଫ୍ ଦି ମ୍ୟାଚ ଓ ଏନ କୁନାଲ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହେଇଥିଲେ। କ୍ଲବର ସଦସ୍ୟ ଦୀପ୍ତିଭାନୁ ସେନାପତି, କାଜଲ ଜେନା, ପ୍ରଶାନ୍ତ ଜେନା, ସୁଧାଂଶୁ ସେନାପତି, ବ୍ରହ୍ମାନନ୍ଦ ନାୟକ, କ୍ଷୀରୋଦ ଗାଆଁଣ, ଗଣେଶ୍ୱର ବିନ୍ଧାଣୀ, ବିଞ୍ଚି ଗାଆଁଣ ପ୍ରମୁଖ ସହଯୋଗ କରିଥିଲେ। କିଶୋର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ୟୁଟ୍ୟୁବ ଚ୍ୟାନେଲ 'ସୋରେ କ୍ରିକେଟ୍ ଲାଇଭ' ଦ୍ୱାରା ଖେଳର ସିଧା ପ୍ରସାରଣ କରାଯାଇଥିଲା।

## ● ଗଡ଼ିଗାଁ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ

# 'ତିନିଜଣଙ୍କୁ ଗୁରୁ ମାନି ଚଳିଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ'

ମୋରଡା,୨୧।୧(ସମିସ): ମୋରଡା ବ୍ଲକ ଗଡ଼ିଗାଁ ପଞ୍ଚାୟତରେ ଥିବା ପିଏମଶ୍ରୀ ବିଦ୍ୟାଳୟରେ ବୁଧବାର ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି, ବିଦ୍ୟାଳୟର ପ୍ରତିଷ୍ଠାତା ବାଗାମ୍ବର ଦାସ, ସିଆରସିସି ହେମନ୍ତ ମହାନ୍ତ,ମୋରଡା ବ୍ଲକ ଓଷ୍ଟା ସଭାପତି ନୀଳକଣ୍ଠ ନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପାଲୁ ହାଁସଦା, ସମାଜସେବୀ ମିର ମୁସୁଆର ଅଲ୍ଲୀ ଯୋଗଦେଇ ତିନିଜଣଙ୍କୁ ଗୁରୁ ମାନି ଚଳିଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଉକ୍ତ ଉତ୍ସବରେ ୮ଟି ଷ୍ଟଲ କରାଯାଇଥିଲା। ସେଥିରେ ୨୦୩୬ର ଭିଜନ ନେଇ ଆକାଂକ୍ଷା ମେଳା ଷ୍ଟଲ, ଟେଲେଣ୍ଟ ଗ୍ୟାଲେରୀ, ଲାଭକ୍ଷତି କିପରି ଜାଣିବେ ସେଥିପାଇଁ ଦୋକାନ ଯାତ୍ରା, ସାହିତ୍ୟ ସୃଜନି, କୌଶଳୀ ଓ କ୍ରୀଡାଙ୍ଗନ ଷ୍ଟଲ, ମୌଳିକ ସ୍ୱାକ୍ଷରତା ଜ୍ଞାନ ଷ୍ଟଲ ଓ ଧନ୍ଦାମୂଳକ ଶିକ୍ଷାର ଦୁଇଟି ଷ୍ଟଲ ହୋଇଥିଲା। ଯାହାକି ଇଲେକ୍ଟ୍ରୋନିକ୍ସ ଏଣ୍ଡ ହାର୍ଡୱେୟାର, ପର୍ଯ୍ୟଟନ ଓ ଆତିଥ୍ୟ ଶିଳ୍ପ ଉପରେ ପର୍ଯ୍ୟବେସିତ ଥିଲା। ପ୍ରତିଷ୍ଠାତା ଶ୍ରୀ ଦାସ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସ୍ଥାୟୀ ପ୍ରଧାନ ଶିକ୍ଷକ ଓ ଜଣେ କଳା ବିଭାଗ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଅନୁରୋଧ କରିଥିଲେ। ଶିକ୍ଷକ ଦୀପକ ମହାନ୍ତ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ଶରତ ଚନ୍ଦ୍ର ବେହେରାଙ୍କ ସମେତ ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



## ବାଦ ପଡ଼ିଥିବା ପରୀକ୍ଷା କେନ୍ଦ୍ରକୁ ସାମିଲ ଦାବି



ବାଲେଶ୍ୱର,୨୧।୧(ସମିସ): ଆସନ୍ତା ମାଟ୍ରିକ ପରୀକ୍ଷା ପାଇଁ ଭୋଗରାଇ ବ୍ଲକରେ ହୋଇଥିବା ପରୀକ୍ଷା କେନ୍ଦ୍ରମାନଙ୍କ ମଧ୍ୟରୁ ୫ଟି ବିଦ୍ୟାଳୟକୁ ଏଥର ବାଦ ଦିଆଯାଇଛି। ଏଣୁ ଏହି ବାଦ ପଡିଥିବା ବିଦ୍ୟାଳୟକୁ ପୁନର୍ବାର ପରୀକ୍ଷା କେନ୍ଦ୍ର କରିବା ପାଇଁ ଆଜି ବାଦ ପଡ଼ିଥିବା ପରୀକ୍ଷାକେନ୍ଦ୍ର ତଥା ବିଦ୍ୟାଳୟର ପରିଚାଳନା କମିଟିର ମେମ୍ବରମାନେ ଏକ ଦାବିପତ୍ର ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ଚଳିତ ବର୍ଷ ହେବାକୁ ଥିବା ମାଟ୍ରିକ ପରୀକ୍ଷା ପାଇଁ ଭୋଗରାଇ ବ୍ଲକର ଶ୍ରୀକାନ୍ତ ମୋକ୍ଷଦା ସରକାରୀ ଉଚ୍ଚ ବିଦ୍ୟାଳୟ, ନରେନ୍ଦ୍ରନାଥ ହାଇସ୍କୁଲ, ଲୋକନାଥ ସରକାରୀ ଉଚ୍ଚ ବିଦ୍ୟାଳୟ,ଜୟରାମପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଶ୍ରୀମାନ୍ତ ବିଦ୍ୟାନିକେତନ ଏଥିରେ ବାଦ ପଡ଼ିଛି। ଏହି ସବୁ ସ୍କୁଲକୁ ପୁଣିଥରେ ପରୀକ୍ଷା କେନ୍ଦ୍ର ତାଲିକାରେ ଅର୍ନ୍ତଭୁକ୍ତ କରିବା ପାଇଁ ଆଜି ଉକ୍ତ ବିଦ୍ୟାଳୟ ଗୁଡିକର ପରିଚାଳନା କମିଟିର ସଦସ୍ୟ ଏବଂ ଗ୍ରାମବାସୀ ଦାବି କରିଛନ୍ତି। ସେମାନେ କହିଛନ୍ତି ଯେ,ମାଧ୍ୟମିକ ଶିକ୍ଷା ପରିଷଦର ପତ୍ର ସଂଖ୍ୟା ୩୦୮୬ ରେ ଶ୍ରୀକାନ୍ତ ମୋକ୍ଷଦା ସରକାରୀ ଉଚ୍ଚ ବିଦ୍ୟାଳୟକୁ ପରୀକ୍ଷା କେନ୍ଦ୍ର ତାଲିକାରୁ ବାଦ ଦିଆଯାଇଛି। ବିଗତ ୧୦ବର୍ଷ ଧରି ଶୃଙ୍ଖଳିତ ଭାବେ ଏହି ସେଂଟରରେ ପରୀକ୍ଷା କାର୍ଯ୍ୟ ହେଉଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କିଛି ଅଧିକାରୀ ଚଂଚକତା କରି ଏହି କେନ୍ଦ୍ରଟିକୁ ତାଲିକାରୁ ବାଦ ଦେଇଛନ୍ତି। ଯାହାକି ଆଦୌ ଗ୍ରହଣୀୟ ନୁହେଁ। ଏଣୁ ଏହି କେନ୍ଦ୍ର ସମେତ ବ୍ଲକରେ ତାଲିକାରୁ ବାଦ ପଡ଼ିଥିବା ଅନ୍ୟ ସେଂଟର ଗୁଡିକୁ ପୁନରବାର ତାଲିକାଭୁକ୍ତ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଅଞ୍ଜନ କୁମାର ଦାସ, ବାସନ୍ତି ବେଜ, କବିତା ଆଢ଼କ, ସନ୍ଦୀପ କୁମାର ମହାନ୍ତି, ଲକ୍ଷ୍ମଣ ଗିରି, ପୂର୍ଣ୍ଣଚନ୍ଦ୍ର ଦାସ, ଅଶୋକ ଗିରି, ତପନ ଦାସ, ଉତ୍ତମ ବେଜ, ଜଗଦିଶ ବେହେରା, ସୁନୀଲ କୁମାର ମହାନ୍ତି, ଅନନ୍ତ ଜେନା, ଦୀପକ ପାତ୍ର, ରବୀନ୍ଦ୍ର ପଲେଇ, ପ୍ରଭୁରାମ ମଣ୍ଡଳ, ଦୁର୍ଗାଶଙ୍କର ବେଜ ପ୍ରମୁଖଙ୍କ ସହ ଅନ୍ୟମାନେ ଦାବି କରିଛନ୍ତି।

### ଜିଲ୍ଲା ପରିଷଦର ଅଷ୍ଟମ ବୈଠକ

# ପିଆରଆଇ ସଦସ୍ୟଙ୍କୁ ଅଣଦେଖା ନେଇ ହୋହଲ୍ଲା

ବାଲେଶ୍ୱର,୨୧।୧(ସମିସ)




ଜିଲ୍ଲା ପରିଷଦର ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦର ଅଷ୍ଟମ ଜିଲ୍ଲା ପରିଷଦ ବୈଠକ ଅଧ୍ୟକ୍ଷ ନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଭିନ୍ନ ବିଭାଗ ଉପରେ ଆଲୋଚନା କରାଯାଇଥିବା ବେଳେ ପୂର୍ବ ବୈଠକ ଅର୍ଥାତ ଗତ ୨୦୨୫ ମେ ୧୩ରେ ଅନୁଷ୍ଠିତ ହୋଇଥିବା ସପ୍ତମ ବୈଠକରେ ଯାହା କିଛି ଆଲୋଚନା ହୋଇଥିଲା ତାହାର ରିଜୋଲିସନ ସାଙ୍ଗକୁ ଏହି ଜିଲ୍ଲାପରିଷଦ ବୈଠକରେ ସମସ୍ତ ବିଡ଼ିଓମାନଙ୍କୁ ଉପସ୍ଥିତ ରହିବା ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ ଦୀର୍ଘ ୯ମାସ ପରେ ଅନୁଷ୍ଠିତ ଏହି ଅଷ୍ଟମ ବୈଠକରେ ମେମ୍ବରମାନେ ବିରକ୍ତି ପ୍ରକାଶ କରିବା ସହ ହୋ ହଲ୍ଲା କରିଥିଲେ। ପୂର୍ବ ବୈଠକରେ ହୋଇଥିବା ଆଲୋଚନା ଯଥା ସମଗ୍ର ଶିକ୍ଷା, ବନ୍ୟା ମୁକାବିଲା, ସ୍ୱାସ୍ଥ୍ୟ ବିଭାଗ ଉପରେ ଆଲୋଚନା ଏବଂ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଉପରେ ଆସିଥିବା ରିପୋର୍ଟ ଉପରେ ବିବରଣୀ ପ୍ରଦାନ କରାଯାଇଥିଲା। ପରେ ଅଷ୍ଟମ ବୈଠକରେ ଲଘୁ ଓ ଖଣିଜ ପଦାର୍ଥ ଦ୍ରବ୍ୟର ଚୋରା ଚାଲାଣ ଉପରେ ଆଲୋଚନା କରାଯିବା ସହ ଗ୍ରାମ୍ୟ ନିର୍ମାଣ ବିଭାଗ, ପୂର୍ତ୍ତ ବିଭାଗ ଓ ଜଳସେଚନ ବିଭାଗ, ପାନୀୟ ଜଳ ଯୋଗାଣ ବିଭାଗ ସମ୍ବନ୍ଧୀୟ ଆଲୋଚନା କରାଯିବା ସହ ପର୍ଯ୍ୟଟନ ବିଭାଗ, ଖାଦ୍ୟ ଯୋଗାଣ ବିଭାଗ, ଶିକ୍ଷା ଓ ସମଗ୍ର ଶିକ୍ଷା,ସ୍ୱାସ୍ଥ୍ୟ ବିଭାଗ ଆଦି ଉପରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ଏହାଛଡା ପଂଚାୟତ ସମିତିରେ କାର୍ଯ୍ୟକାରୀ କରାଯାଉଥିବା ସମସ୍ତ କାର୍ଯ୍ୟକ୍ରମ ଓ ଗ୍ରାମପଂଚାୟତ ବୈଠକରେ ଜିଲ୍ଲାପରିଷଦ ସଭ୍ୟ, ସଭ୍ୟାମାନଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଆଲୋଚନା ବେଳେ ନୂତନ ସରକାର ଆସିବା ପରେ ପିଆରଆଇ ମେମ୍ବରମାନଙ୍କୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଉଥିବା ନେଇ ସମସ୍ତ ସଭ୍ୟମାନେ ଅଭିଯୋଗ କରିଥିଲେ। ଏହାକୁ ନେଇ କିଛି ସମୟ ଧରି କଥାକଟାକଟି ମଧ୍ୟ ହୋଇଥିଲା। ଏବେ ଜିଲ୍ଲାରେ ଲଘୁ ଖଣିଜ ପଦାର୍ଥ ବହୁଳମାତ୍ରାରେ ଚୋରି ହେବାରେ ଲାଗିଛି। ବିଭିନ୍ନ ସମୟରେ ଚଢ଼ଉ କରାଯାଉଥିବା ବେଳେ ୨୫-୨୬ବର୍ଷରେ ଚୋରା ବାଲି,ପଥର, ମୋରମ ଆଦି ବିଭିନ୍ନ ଲଘୁଖଣିଜ ପଦାର୍ଥ ଉପରେ ୩୨୬ଥର ଚଢ଼ାଉ କରାଯାଇଥିବା ବେଳେ ୫୨୭ଟି ଗାଡିକୁ ଜବତ କରାଯାଇଛି। ଏହାଛଡା ୩୧୫ଟି ମାମଲା ରୁଜୁ କରାଯାଇଥିବା ବେଳେ ଫାଇନ ମଧ୍ୟ ଆଦାୟ କରାଯାଇଛି ବୋଲି ଆଲୋଚନା ହୋଇଥିଲା। ଏହାଛଡା ଜିଲ୍ଲାର ୧୨ଟି ବ୍ଲକ ଏବଂ ୩ଟି ପୌରପରିଷଦ ଏବଂ ଗୋଟିଏ ଏନଏସିରେ ୫୬୪୧୪୯ଟି ପରିବାରକୁ ରାସନ କାର୍ଡ ପ୍ରଦାନ କରାଯାଇଥିବା ବେଳେ ଏଥିରେ ୧୮୯୯୨୨୩ଜଣ ଲୋକ ମଧ୍ୟ ଉପକୃତ ହେଉଛନ୍ତି ବୋଲି ଆଲୋଚନା କରାଯାଇଥିଲା। ଏହାବ୍ୟତିତ ଶିକ୍ଷା କ୍ଷେତ୍ରରେ ବର୍ତ୍ତମାନ ୨୫୦ଟି ସରକାରୀ ସ୍କୁଲରେ ୧୧୩ଜଣ ପ୍ରଧାନ ଶିକ୍ଷକଙ୍କ ପଦବୀ ଖାଲି ଥିବା ବେଳେ ବିଭିନ୍ନ ବିଭାଗରେ ଖାଲି ପଡିଥିବା ପଦବୀ ଉପରେ ଆଲୋଚନା ହୋଇଥିଲା। ଯାହାକି ଏହି ଆଲୋଚନା ବେଳେ ଗୃହରେ ହଟଗୋଳ ଦେଖିବାକୁ ମିଳିଥିଲା। ଏହାବ୍ୟତିତ ଧାନକିଣାକୁ ନେଇ ଗୃହରେ ଅଧିକ ଆଲୋଚନା ହୋଇଥିବା ବେଳେ ବର୍ତ୍ତମାନସୁଦ୍ଧା ସବୁ ମଣ୍ଡିରେ ଧାନ କିଣା ଆରମ୍ଭ ହୋଇପାରିନଥିବା ଯୋଗୁଁ ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାବ୍ୟତିତ ଜଳସେଚନ ବିଭାଗ ଅଧିନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ତଥ୍ୟ ଉପରେ ଆଲୋଚନା କରାଯାଇଥିବା ବେଳେ ପର୍ଯ୍ୟଟନ କ୍ଷେତ୍ରରେ ହେଉଥିବା ବିଭିନ୍ନ ପ୍ରକଳ୍ପ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହାଛଡା ଏହାବ୍ୟତିତ ବିଭିନ୍ନ ସରକାରୀ ଅଧିକାରୀ ବିଭିନ୍ନ କାର୍ଯ୍ୟରେ ଦାୟିତ୍ୱ ହିନତା ପ୍ରଦର୍ଶନ କରୁଛନ୍ତି ବୋଲି ମେମ୍ବରମାନେ ଅଭିଯୋଗ କରିଥିଲେ। ଏହି ବୈଠକରେ ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବସ୍ତା ବିଧାୟିକା ସୁବାସିନି ଜେନା, ଜଳେଶ୍ୱର ବିଧାୟକ ଅଶ୍ୱନୀ ପାତ୍ର, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ,ରେମୁଣା ବିଧାୟକ ତଥା ସରକାରୀ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଦାସ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ସୋର ବିଧାୟକ ମାଧବ ଧଡା, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସମେତ ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଅନସୂୟା ପ୍ରଧାନ, ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ ରାଉତଙ୍କ ସମେତ ସମସ୍ତ ଜିଲ୍ଲାପରିଷଦ ସଭ୍ୟ, ସଭ୍ୟା,ବ୍ଲକ ଚେୟାନମାନେ, ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଗତବର୍ଷର ବିବରଣୀ ପାଠ କରିଥିଲେ।

## ଦଳୀୟ ଭିତ୍ତିରେ କାର୍ଯ୍ୟ ପ୍ରଦାନ ଅଭିଯୋଗ

ବାଲେଶ୍ୱର,୨୧।୧(ସମିସ): ଆଜି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପରିଷଦର ଅଷ୍ଟମ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବିଭିନ୍ନ ବିଭାଗ ଉପରେ ଆଲୋଚନା କରାଯାଇଥିବା ବେଳେ ଜିଆଇଏ ଏବଂ ବିକଶିତ ଗାଁ ବିକଶିତ ଓଡ଼ିଶା ଉପରେ ଗୃହରେ ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଥିଲା। ବୈଠକ ଆରମ୍ଭରୁ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ପର୍ବ ବୈଠକର ବିବରଣୀ ପାଠ କରିବା ପରେ ଏହି ହଟ୍ଟଗୋଳ ଆରମ୍ଭ ହୋଇଯାଇଥିଲା। ବିଶେଷ ପଂଚାୟତ ସମିତିର ମେମ୍ବରମାନେ ଅଭିଯୋଗ କରିଥିଲେ ଯେ, ସେମାନେ ଗାଁରେ ଉନ୍ନତି ପାଇଁ ଯେଉଁ ପ୍ରକଳ୍ପମାନ ଦେଉଛନ୍ତି ତାହାକୁ ବିଡ଼ିଓମାନେ କୌଣସି କାର୍ଯ୍ୟକାରୀ କରୁ ନାହାନ୍ତି। ଏହାଛଡା ବିନା ଗ୍ରାମସଭାରେ କୌଣସି ପ୍ରକଳ୍ପ ପାସ ନହୋଇ ଲିଷ୍ଟରେ ଚଢ଼ିଯାଉଛି। ଯାହାଫଳରେ ସେମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏହାଛଡା ପଂଚାୟତର ଉନ୍ନତି ପାଇଁ ହେଉଥିବା ବିଭିନ୍ନ ପ୍ରକଳ୍ପ ଗୁଡିକ ଉପରେ ବିଡ଼ିଓମାନେ ପିଆରଆଇ ମେମ୍ବରମାନଙ୍କ ସହ କୌଣସି ଆଲୋଚନା ନକରି ସିଧାସଳଖ ସେମାନେ କରୁଛନ୍ତି। ବିକଶିତ ଗାଁ ବିକଶିତ ଓଡ଼ିଶାରେ ଆସୁଥିବା ପ୍ରକଳ୍ପ ଗୁଡିକ ଉପରେ ମଧ୍ୟ କୌଣସି ପ୍ରକାର ଆଲୋଚନା କରାଯାଉନଥିବା ବେଳେ ବିନା ପିଆରଆଇ ମେମ୍ବରମାନଙ୍କ ସହମତରେ ପ୍ରକଳ୍ପ ଗୁଡିକ କିଏ ପ୍ରଦାନ କରୁଛି ତାକୁ ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ଏହାଛଡା ଗ୍ରାମର ଉନ୍ନତି ପାଇଁ କୌଣସି ଗ୍ରାମସଭା ଅନୁଷ୍ଠିତ ହେଉନଥିବା ବେଳେ କିଛି ସ୍ଥାନରେ ଯଦି ବି ହେଉଛି ସେଥିରେ ପିଆରଆଇ ମେମ୍ବରମାନଙ୍କ କୌଣସି ପ୍ରକଳ୍ପକୁ ସ୍ଥାନିତ କରାଯାଉନଥିବା ଅଭିଯୋଗ ହେଉଛି। ବିଡ଼ିଓମାନେ ମନମୁଖୀ କାର୍ଯ୍ୟ କରୁଥିବା ବେଳେ ଗତ ବୈଠକରେ ଆଲୋଚନା ହୋଇଥିଲା ଯେ ବିଡ଼ିଓମାନେ ଏହି ଜିଲ୍ଲାପରିଷଦ ବୈଠକରେ ଉପସ୍ଥିତ ରହିବେ ହେଲେ ଚଳିତ ବୈଠକରେ ସେମାନେ ଉପସ୍ଥିତ ନରହିଥିବାରୁ ମେମ୍ବରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ବୈଠକରେ ରେମୁଣା ବିଧାୟକ ଏବଂ ସଭ୍ୟାମାନଙ୍କ ମଧ୍ୟରେ କଥା କଟାକଟି ହୋଇଥିବା ବେଳେ ଗ୍ରାମସଭାରେ ପିଆରଆଇ ମେମ୍ବରମାନଙ୍କ କୌଣସି ପ୍ରୋପଜାଲ ଯାଉନଥିବା ବେଳେ କେବଳ ଦଳୀୟ ଭିତିରେ ଏହି କାର୍ଯ୍ୟ ଚାଲୁଛି ବୋଲି ସଭ୍ୟାମାନେ କହିଥିଲେ। ଯାହାକୁ ନେଇ ବିଧାୟକ ଏବଂ ସେମାନଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହାଛଡା ସରକାରୀ ସ୍ତରରେ ହେଉଥିବା ଯେ କୌଣସି କାର୍ଯ୍ୟରେ ଜିଲ୍ଲାପରିଷଦ ସଭ୍ୟଙ୍କ ସହ କୌଣସି ଆଲୋଚନା କରାଯାଉ ନାହିଁ ବୋଲି ଅଭିଯୋଗ ହୋଇଥିଲା। ଏ ନେଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଥିଲେ ଯେ,ଗ୍ରାମସଭା ହେଉ କିମ୍ବା ପଲ୍ଲୀସଭାରେ ଯେଉଁ ଜିଆଇଏ ଏବଂ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଯେଉଁ ସବୁ ପ୍ରକଳ୍ପମାନ ଆସିବ ତାହା ପିଆରଆଇ ମେମ୍ବରମାନଙ୍କ ସହମତି ଓ ଦସ୍ତଖତ ହେବ ଏବଂ ପରେ ତାହା ବିଡ଼ିଓଙ୍କ ନିକଟକୁ ଯିବ । ବାକି ଯାହା ସବୁ ଅଭିଯୋଗ ରହିଛି ତାହା ଜିଲ୍ଲାପରିଷଦ ଅଧ୍ୟକ୍ଷ ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ମିଳିତରେ ଏକ ଟିମ ଗଠନ କରି ତଦନ୍ତ କରାଯିବ ବୋଲି କହିଥିଲେ।

## ଯାତ୍ରା ଦେଖିବାକୁ ଯାଇ ପରିବାର ସର୍ବସ୍ୱାନ୍ତ

ଖଇରା, ୨୧।୧(ସମିସ): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ନନ୍ଦୁର ଗ୍ରାମରେ ଏକ ପରିବାର ମୁନୀ ପଡିଆରେ ଚାଲିଥିବା ଯାତ୍ରା ଦେଖିବାକୁ ଯାଇ ସର୍ବସ୍ୱାନ୍ତ ହେବା ପରେ ଚୋର ଧରିବାକୁ ଖଇରା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମର କମଳା ମହାନ୍ତି ନିଜ ପରିବାର ଓ ପଡୋଶୀଙ୍କ ସହ ମଙ୍ଗଳବାର ରାତିରେ ଯାତ୍ରା ଦେଖିବାକୁ ମୁନୀ ପଡିଆକୁ ଯାଇଥିଲେ। ରାତି ପାଖାପାଖି ୨.୩୦ରେ ଘରକୁ ଫେରି କବାଟ ଭଙ୍ଗା ହୋଇଥିବା ଦେଖିଥିଲେ। ଦୁର୍ବୃତ୍ତମାନେ ଆଲମାରି ତାଲା ଭାଙ୍ଗି ନଗଦ ଟଙ୍କା ଓ ଅନ୍ୟାନ୍ୟ ଆସବାବପତ୍ର ଚୋରାଇନେଇଥିବା ନେଇ ଖଇରା ଥାନାରେ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

● ରାଜ୍ୟସ୍ତରୀୟ ଯୁକ୍ତଦୁଇ କାଉନସିଲର ବିଭିନ୍ନ ପ୍ରତିଯୋଗିତା

## ଏଫ୍ଏମ୍ କଲେଜ ଛାତ୍ରଛାତ୍ରୀଙ୍କ ବାଜିମାତ



ବାଲେଶ୍ୱର,୨୧।୧(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତିଯୋଗୀତା କଟକର ଶୈଳବାଳା ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହାର ବିଭିନ୍ନ ପ୍ରତିଯୋଗୀତାରେ ସର୍ବାଧିକ କୃତିତ୍ୱ ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ହାସଲ କରିଛନ୍ତି। ଯୁକ୍ତ ଦୁଇ ଛାତ୍ର ଯୁଗଳ କିଶୋର, ହିନ୍ଦୀ ସୃଜନଶୀଳ ରଚନାରେ ପ୍ରଥମ ଏବଂ ଓଡ଼ିଆ ତର୍କ ପ୍ରତିଯୋଗିତାରେ ଦ୍ୱିତୀୟ, ଅର୍ଥଦର୍ଶୀ ନାୟକ, ହିନ୍ଦୀ ତର୍କ ପ୍ରତିଯୋଗିତାରେ ଦ୍ୱିତୀୟ ଏବଂ ଏକକ ଅଭିନୟରେ ତୃତୀୟ ସୌମ୍ୟ ମହାନ୍ତି, ଇଂରାଜୀ ତର୍କ ପ୍ରତିଯୋଗିତାରେ ଦ୍ୱିତୀୟ ଏବଂ ତତ୍କାଳ ଭାଷଣରେ ଦ୍ୱିତୀୟ, ଦେବାସ୍ମିତା ସେନାପତି, ଓଡ଼ିଶୀ ନୃତ୍ୟରେ ଦ୍ୱିତୀୟ, ନମନ ଦାସ, କୁଇଜ୍ ପ୍ରତିଯୋଗିତାରେ ତୃତୀୟ ଓ ଅନୁରାଗ ମିଶ୍ର, ଓଡ଼ିଆ ପ୍ରବନ୍ଧ ଲିଖନରେ ଦ୍ୱିତୀୟ ସ୍ଥାନ ରାଜ୍ୟ ସ୍ତରରେ ହାସଲ କରି ମହାବିଦ୍ୟାଳୟର ଗର୍ବ ଓ ଗୌରବକୁ ଅଭିବୃଦ୍ଧି କରିଛନ୍ତି। ସେମାନଙ୍କର ମାର୍ଗଦର୍ଶକ ଥିଲେ ଅଧ୍ୟାପିକା ଶାଶ୍ୱତୀ ଦାସ ମହାପାତ୍ର ଓ ଅଧ୍ୟାପକ ପିତାମ୍ବର ବେହେରା। ସେଥିପାଇଁ ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୋନାଲିସା ମହାନ୍ତି, ପ୍ରଶାସନିକ ଅଧିକାରୀ ଡ. ସନ୍ତୋଷ କୁମାର ରାଉତ, ଆକାଡେମିକ ବର୍ଷର ସୁଜିତ୍ କୁମାର ଦାସ, ସହ ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀ ନାରାୟଣ ନାୟକ, ଆକାଉଣ୍ଟ ବର୍ଷାର ମନୋରଞ୍ଜନ ପଣ୍ଡା, ନୋଡାଲ ନାମଲେଖା ଅଧିକାରୀ ପ୍ରିୟଙ୍କା ପତି, ପରୀକ୍ଷା ନିୟନ୍ତ୍ରକ ସୁଲୋଚନା ସିଂ, ସହ ନିୟନ୍ତ୍ରକ,ଅପର୍ଣ୍ଣା ସେଠୀ, ସେକ୍ସନ ଅଧିକାରୀ, ବଳରାମ ନାଏକ,ସମସ୍ତ ଗାଇଡ ଶିକ୍ଷକ, ଶିକ୍ଷୟତ୍ରୀ, ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ର ଛାତ୍ରୀ ମାନେ ଶୁଭେଚ୍ଛା ପ୍ରଦାନ କରିଛନ୍ତି।

## ନର୍ଥ ଓଡ଼ିଶା ଗ୍ରୁପ ଅଫ୍ ଇନ୍ଷ୍ଟିଚ୍ୟୁସନ୍ର ବାର୍ଷିକ ଉତ୍ସବ

ବାଲେଶ୍ୱର,୨୧।୧(ସମିସ): ନର୍ଥ ଓଡ଼ିଶା ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ପକ୍ଷରୁ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ଉତ୍ସବରେ ଓଡ଼ିଶା ପଲିଟେକନିକ, ଓଡ଼ିଶା ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନସ ଓ ନର୍ଥ ଓଡ଼ିଶା ଯୁକ୍ତ ଦୁଇ ବିଜ୍ଞାନ କଲେଜର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଓଡ଼ିଶା ଫଲୋପ ଟ୍ରଷ୍ଟର ପ୍ରତିଷ୍ଠାତା ସମ୍ପାଦକ ପଞ୍ଚାନନ ବେହେରାଙ୍କ ଅଧ୍ୟକ୍ଷତାରେ ପରିଚାଳନା ନିର୍ଦ୍ଦେଶକ ଡ. ଗଣେଶ ନାରାୟଣ ପ୍ରହରାଜ, ଟ୍ରଷ୍ଟି ଇ. ସୁଶୀଲ କୁମାର ଧଳ, ମୁଖ୍ୟ ଅତିଥି ଜିଲ୍ଲା ମୁଖ୍ୟ କ୍ରୀଡ଼ା ଅକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ହିରଣ୍ମୟୀ ଦାଣ୍ଡିଆ, ଡଃ ଲକ୍ଷ୍ମୀକାନ୍ତ ପାଢ଼ୀ, ଅଧ୍ୟକ୍ଷ ଯୁକ୍ତ ଦୁଇ ବିଜ୍ଞାନ, ଡ. ଶାନ୍ତନୁ କୁମାର ଦ୍ୱିବେଦୀ, ଅଧ୍ୟକ୍ଷ ଫିଜିଓଥେରାପି, ଇ. ସତ୍ୟବ୍ରତ ପାତ୍ର, ଅଧ୍ୟକ୍ଷ ଓଡ଼ିଶା ପଲିଟେକନିକ, ଡଃ ଶଶାଙ୍କ ଶେଖର ମହାନ୍ତି, ସୁବେଦାର ନିରାକାର ଭୂୟାଁ, ସମ୍ମାନିତ ଅତିଥି ଭାବେ ସଭା କାର୍ଯ୍ୟରେ ଯୋଗ ଦେଇ ପିଲା ମାନଙ୍କର ଚରିତ୍ର ଏବଂ ଶିକ୍ଷଦାନ ଉପରେ ଆଲୋକପାତ କରିଥିଲେ। ଇ.କାର୍ତ୍ତିକ ସେନାପତି, ଇ. ସୁବ୍ରତ ଭଞ୍ଜ, ପିୟୁଷ ଦୁର୍ଗା, ଲକ୍ଷ୍ମୀକାନ୍ତ ବେହେରା, ଅନିତ୍ୟ ଦାସ, ମଳୟ କୁମାର ବେହେରା, ଅଙ୍କିତା ପଣ୍ଡା, ତମ୍ମନା ନାୟକ, ପ୍ରତ୍ୟୁଷା ନାୟକ, ବନଶ୍ରୀ ମଲିକ, ଶୁଭଶ୍ରୀ ଖିଲାର , ଶ୍ରୀଧର ନାୟକ, ସତ୍ୟରଞ୍ଜନ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## ସୋସିଆଲ ମିଡିଆ ପୋଷ୍ଟ ଉପରେ କଟକଣା ଜାରିକଲା ପୁଲିସ

ବାଲେଶ୍ୱର,୨୧।୧(ସମିସ): ଗୋରୁ ଗାଡି ହେଲପରଙ୍କୁ ପିଟିପିଟି ମାରିଦିଆଯିବା ପରେ ଏହାର ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଛି। ଏହାକୁ ନେଇ ପୁଲିସ ସୋସିଆଲ ମିଡିଆରେ ସଚେତନତା ଜାରି କରାଯାଇଛି ଆଜି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିୱାକର ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ, ବାଲେଶ୍ୱର ପୁଲିସକୁ ଜଣାପଡ଼ିଛି ଯେ ସୋସିଆଲ ମିଡିଆରେ ବହୁ ଲୋକ ଅନୁଚିତ ବ୍ୟବହାର କରିବା ଭ୍ରମାତ୍ମକ କିମ୍ବା ଅନୁଚିତ ପୋଷ୍ଟ କରିବା ସେୟାର ଏବଂ କମେଂଟ ମଧ୍ୟ କରୁଛନ୍ତି। ସେଥିପାଇଁ ଏକ ଆଡଭାଇଜରୀ ଜାରି କରାଯାଇଛି। ଏଥିରେ ସେ ଲୋକମାନଙ୍କୁ ନିବେଦନ କରିଛନ୍ତି ଯେ,ସୋସିଆଲ ମିଡିଆରେ ଭ୍ରମାତ୍ମକ ପୋଷ୍ଟ ନ କରିବା ପାଇଁ। ଯଦି ସୋସିଆଲ ମିଡିଆ ଗ୍ରୁପରେ ଏହିସବୁ ପୋଷ୍ଟ ଗୁଡିକ ଆସୁଛି ତେବେ ତୁରନ୍ତ ପୁଲିସକୁ ଜଣାଇବାକୁ ସେ କହିଛନ୍ତି। ଏହାଛଡା ଯେଉଁମାନେ ଏହି ଭ୍ରମାତ୍ମକ ପୋଷ୍ଟ କରିବେ ତାଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ହେଲପରକୁ ପିଟିପିଟି ମାରିଦେବା ଘଟଣା ସହ ଅନ୍ୟ ଘଟଣା ପାଇଁ ଏହି ଆଡଭାଇଜରୀ ଜାରି କରାଯାଇଛି ବୋଲି ଏସ୍ପି କହିଛନ୍ତି। ଏହାଛଡା କୌଣସି ସାମ୍ପ୍ରଦାୟ ବିରୋଧରେ କୌଣସି ପୋଷ୍ଟ ନକରିବାକୁ କହିଥିବା ବେଳେ କ୍ଷତିକାରକ ପୋଷ୍ଟ ଗୁଡିକର ସ୍କ୍ରିନ ସଟ କିମ୍ବା ଲିଙ୍କ ରଖିବା ପାଇଁ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ଫକୀରମୋହନ ବିଶ୍ୱବିଦ୍ୟାଳୟ

# ଫରେନସିକ୍ ମନୋବିଜ୍ଞାନ ଉପରେ ଦୁଇଦିନିଆ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ

ବାଲେଶ୍ୱର, ୨୧।୧(ସମିସ)




ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରୟୋଗାତ୍ମକ ମନୋବିଜ୍ଞାନ ବିଭାଗ ଦ୍ୱାରା ଫରେନ୍ସିକ ମନୋବିଜ୍ଞାନ ଏବଂ ସମ୍ପର୍କିତ କ୍ଷେତ୍ର ଉପରେ କେନ୍ଦ୍ରିତ ଏକ ଦୁଇଦିନିଆ ଅନ୍ତର୍ଜାତୀୟ କ୍ଷମତା ବିକାଶ ଓ ଶାକ୍ଷରିକ ସମୃଦ୍ଧି କାର୍ଯ୍ୟକ୍ରମ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ, ଗବେଷକ ଓ ଶିକ୍ଷକମାନଙ୍କ ମଧ୍ୟରେ ଶୈକ୍ଷିକ ଜ୍ଞାନ, ବୃତ୍ତିଗତ କୌଶଳ ଓ ଆନ୍ତର୍ଜାତୀୟ ଅନୁଭବକୁ ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। ଭାରତ ଓ ବିଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନରୁ ମୋଟ ୭୯ ଜଣ ଛାତ୍ରଛାତ୍ରୀ, ଗବେଷକ ଓ ଅନୁସନ୍ଧାନମୂଳକ-କାର୍ଯ୍ୟରତ ବିଶେଷଜ୍ଞ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି କ୍ଷମତା ବିକାଶ ଓ ଅନ୍ତର୍ଜାତୀୟ ଶାକ୍ଷରିକ ସହଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ଉମା ପ୍ରସାଦ ବିଶ୍ୱାଳ, (ମନୋଚିକିତ୍ସକ, ପୂର୍ବତନ ବିଭାଗମୁଖ୍ୟ, ପି.ଜି.ଆଇ.ଏମ.ଇ.ଆର ଏବଂ କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର ତଥା ପୂର୍ବତନ ସିଡିଏମଓ, ଭଦ୍ରକ) ଯୋଗଦେଇ 'ଅପରାଧିକ ତଦନ୍ତ, ନୀତି ଓ ନ୍ୟାୟରେ ଫରେନ୍ସିକ ମନୋବିଜ୍ଞାନର ଭୂମିକା' ବିଷୟରେ ଆଲୋଚନା କରି ଅପରାଧିକ ନ୍ୟାୟ ପ୍ରଣାଳୀରେ ଫରେନ୍ସିକ ମନୋବିଜ୍ଞାନୀଙ୍କ ଦାୟିତ୍ୱ ଓ ନୀତିଗତ ଦୃଷ୍ଟିକୋଣ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଫିଲିପାଇନ୍ସ ଜାତୀୟ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନ ପ୍ରଫେସର ପ୍ରଫେସର ଆର୍ଜେଲ ବି. ମାସାଣ୍ଡା ଆମନ୍ତ୍ରିତ ବକ୍ତା ଭାବେ ଯୋଗଦେଇ, ଫରେନ୍ସିକ ମନୋବିଜ୍ଞାନର ମୂଳ ଧାରଣା, ସିଦ୍ଧାନ୍ତମୂଳକ ଦୃଷ୍ଟିକୋଣ, କ୍ଷେତ୍ର, ଭୂମିକା ଓ ଦାୟିତ୍ୱ ସହ ଏହାର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଅନ୍ତର୍ଜାତୀୟ ଏବଂ ଫିଲିପାଇନ୍ସ ପରିପ୍ରେକ୍ଷିତରେ ଆଲୋଚନା କରିଥିଲେ। ଡ. ବିଶ୍ୱାଳ ଓ ପ୍ରଫେସର ମାସାଣ୍ଡାଙ୍କୁ ପ୍ୟାନେଲିଷ୍ଟ ଭାବେ ନେଇ ଆୟୋଜିତ ଫରେନ୍ସିକ ମନୋବିଜ୍ଞାନ ଉପରେ ପ୍ୟାନେଲ ଆଲୋଚନାକୁ ସହାୟକ ଅଧ୍ୟାପକ ଶଶାଙ୍କ ଶେଖର ଗଡ଼ନାୟକ ସମନ୍ୱୟ କରିଥିଲେ, ଯେଉଁଠାରେ ନୀତିଗତ ଚ୍ୟାଲେଞ୍ଜ, ବ୍ୟବହାରିକ ପ୍ରୟୋଗ, ଆନ୍ତର୍ଜାତୀୟ ଦୃଷ୍ଟିକୋଣ ଓ ଉଦୟମାନ ପ୍ରବୃତ୍ତି ଉପରେ ଆଲୋଚନା ହୋଇଥିଲା। ଅନ୍ୟ ଏକ ଅଧିବେଶନରେ ପ୍ରଫେସର ମାସାଣ୍ଡା ଏଲ.ଜି.ବି.ଟି ମନୋବିଜ୍ଞାନ ବିଷୟରେ ଆଲୋଚନା କରି ମାନସିକ ସ୍ୱାସ୍ଥ୍ୟ, ସମାବେଶିତା ତଥା ସାଂସ୍କୃତିକ ଭିନ୍ନତା ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରୟୋଗାତ୍ମକ ମନୋବିଜ୍ଞାନ ବିଭାଗର ସଂଯୋଜକ ଡ. ରାଜଶ୍ରୀ ଦତ୍ତ, ସହାୟକ ଅଧ୍ୟାପିକା ଜସ୍ମିନ ସାମନ୍ତରାୟ ଓ ସହାୟକ ଅଧ୍ୟାପିକା ଜୟନ୍ତୀ ମାଳା, ସହାୟକ ଅଧ୍ୟାପିକା କାର୍ଯ୍ୟକ୍ରମକୁ ସକ୍ଷମ ଭାବେ ସଂଚାଳନା କରିଥିଲେ। ସମାପନୀ ଅଧିବେଶନରେ ସହାୟକ ଅଧ୍ୟାପକ ଶଶାଙ୍କ ଶେଖର ଗଡ଼ନାୟକ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ରିପୋର୍ଟ ପ୍ରସ୍ତୁତ କରିଥିଲେ ଏବଂ ପ୍ରତିଭାଗୀମାନଙ୍କ ମତାମତ ମାଧ୍ୟମରେ କାର୍ଯ୍ୟକ୍ରମର ଶାକ୍ଷରିକ ଓ ବ୍ୟବହାରିକ ଉପକାରିତା ଗୁଡ଼ିକ ଉପସ୍ଥାପିତ କରାଯାଇଥିଲା।

## ସ୍ୱାଧୀନତା ସଂଗ୍ରାମ ସ୍ମୃତି ପରିଷଦର ପ୍ରତିଷ୍ଠା ଦିବସ

ବାଲେଶ୍ୱର,୨୧।୧(ସମିସ): ରେମୁଣା ବ୍ଲକ ଶ୍ରୀଜଙ୍ଗ ଗ୍ରାମରେ ପ୍ରତିଷ୍ଠିତ ସ୍ୱାଧୀନତା ସଂଗ୍ରାମ ସ୍ମୃତି ସ୍ତମ୍ଭଠାରେ ଆଜି ୨୩ତମ ପ୍ରତିଷ୍ଠା ଦିବସ ର ବାର୍ଷିକ ଉତ୍ସବ ପାଳିତ ହୋଇଛି। ସକାଳେ ପିଲା ମାନଙ୍କ ସହିତ ପରିଷଦ ର କର୍ମକର୍ତ୍ତା, ସ୍ଥାନୀୟ ସରପଞ୍ଚ କବିତା ସେଠି ପ୍ରଭାତ ଫେରି କରିବା ପରେ ସ୍ତମ୍ଭଠାରେ



ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅପରାହ୍ନରେ ସ୍ତମ୍ଭ ଠାରେ ପୁଷ୍ପ ପ୍ରଦାନ ପୂର୍ବକ ସହୀଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଯାଇଛି। ସ୍ମୃତି ପରିଷଦ ସ୍ମାରକୀ ଭବନରେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପରିଷଦ ର ସଭାପତି ପ୍ରବୀର କୁମାର ଦାସମହାପାତ୍ର ଅଧ୍ୟକ୍ଷତା କରିଥିଲେ। ହିମାଂଶୁ ଶେଖର ଦାସ ମଞ୍ଚ ଆହ୍ୱାନ କରିଥିଲେ। ମୁଖ୍ୟ ଅତିଥି ଭାବରେ ସମାଜସେବୀ ନେତା ଶୁଭଙ୍କର ମହାପାତ୍ର ଯୋଗଦେଇ ସ୍ମୃତି ଚାରଣ କରିଥିଲେ। ମୁଖ୍ୟ ବକ୍ତା ଭାବରେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଯୋଗ ଦେଇ ଅତୀତରେ ଶ୍ରୀଜଙ୍ଗ ବାସି ଚୌକିଦାରୀ ଟିକସ ବିରୁଦ୍ଧରେ କରିଥିବା ସଂଗ୍ରାମ ଓ ଲବଣ ସତ୍ୟାଗ୍ରହ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ କବି ସର୍ବେଶ୍ୱର ଦାସ ଓ ଶ୍ରୀଜଙ୍ଗ ସରପଞ୍ଚ କବିତା ସେଠି ଯୋଗ ଦେଇ ଉଦବୋଧନ ଦେଇଥିଲେ।

୨୧/୧/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୫୨,୭୧୬/- ସୁନା:୦୨.୨୫୦ ଗ୍ରାମ୍ ରୁପା: ୧୪୯.୫୦୦ ଗ୍ରାମ୍



# ରତ୍ନସିଂହାସନରେ ମହାପ୍ରଭୁଙ୍କ ପଦ୍ମବେଶ

ପୁରୀ,୨୧।୨(ସମିସ): ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ଅତୀବ ରମଣୀୟ ପଦ୍ମବେଶ ଅନୁଷ୍ଠିତ ହୋଇଛି। ବଡ଼ସିଂହାର ବେଶରେ ଠାକୁରଙ୍କର ଏହି ବେଶ କରାଯାଇଛି। ଏହି ବେଶରେ ଦାରୁବିଗ୍ରହ ଶୋଲରେ ନିର୍ମିତ ଶ୍ରୀମୁଖ ପଦ୍ମ, କରପଲ୍ଲବ କଡ଼ି, ହଂସ, ଚୂଳ, ମଗରକୁଣ୍ଡଳ, ପଦ୍ମଫୁଲ, କଦମ୍ବଫୁଲ ଆଦି ଧାରଣ କରିଛନ୍ତି। ଶୋଲ, ଜରି, କଦଳୀପଟ, କନା, କଇଁଥଅଠା, ରଙ୍ଗ ସାହାଯ୍ୟରେ ଏହାକୁ ପାରମ୍ପରିକ କାରିଗରଙ୍କ ଦ୍ୱାରା ତିଆରି କରାଯାଇଛି। ଆବହମାନ କାଳରୁ ବଡ଼ଛତା ମଠ ଏହି ବେଶ ପ୍ରସ୍ତୁତ କରି ଯୋଗାଇଆସୁଛି। ବୁଧବାର ରାତିରେ ବଡ଼ସିଂହାର ବେଶରେ ଠାକୁରଙ୍କୁ ଏହା ଲାଗି ହୋଇଥିଲା। ଏହି ବେଶ ପରେ ଖିରି ଓ ଅମାଲୁ ଭୋଗ କରାଯାଇଥିଲା। ପଦ୍ମବେଶ ଥାଇ ଠାକୁର ପହୁଡ଼ ହୋଇଥିଲେ। ବଡ଼ସିଂହାର ବେଶରେ ଭକ୍ତ ଏହି ଦୁର୍ଲ୍ଲଭ ବେଶ ଦର୍ଶନ କରିଥିଲେ। ଏହି ବେଶ ଥାଇ ଗୁରୁବାର ମଙ୍ଗଳ ଆଳତି ହେବ। ମଙ୍ଗଳ ଆଳତିରେ ଭକ୍ତମାନେ ମହାପ୍ରଭୁଙ୍କୁ ପଦ୍ମବେଶରେ ଦର୍ଶନ କରିବେ। ଏହାପରେ ଅବକାଶ ହୋଇ ବେଶ ଓଲାଗି କରାଯିବ। ସୂଚନାଥାଉ କି, ମାଘ ମାସ ଅମାବାସ୍ୟାଠାରୁ ଶ୍ରୀପଞ୍ଚମୀ ମଧ୍ୟରେ ବୁଧବାର କିମ୍ବା ଶନିବାର ପଡ଼ିଲେ ମହାପ୍ରଭୁଙ୍କର ପଦ୍ମବେଶ ହୋଇଥାଏ।

## ଭିନ୍ନ ଜଣେ ଭକ୍ତ ଚିନ୍ତାମଣି

**ବେଶ ପାଇଁ ଦେଉଛନ୍ତି ପଦ୍ମ ଫୁଲ**



ପୁରୀ: ଶ୍ରୀମନ୍ଦିରର ସେବକ ନ ହୋଇ ମଧ୍ୟ ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ପରୋକ୍ଷରେ ମହାପ୍ରଭୁଙ୍କ ସେବା ପ୍ରତି ସମର୍ପିତ ଥାଆନ୍ତି। ସେମାନଙ୍କ ମଧ୍ୟରୁ ଭିନ୍ନ ଜଣେ ଭକ୍ତ ହେଉଛନ୍ତି ଅବସରପ୍ରାପ୍ତ ଶିକ୍ଷକ ଚିନ୍ତାମଣି ଦାଶ। ମହାପ୍ରଭୁଙ୍କ ଆଶୀର୍ବାଦରୁ କ୍ରମାଗତ ୧୬ ବର୍ଷ ହେଲାଣି ନିଜ ସାମର୍ଥ୍ୟ ଅନୁଯାୟୀ ସେ ପଦ୍ମଫୁଲ ଯୋଗାଇ ଆସୁଛନ୍ତି।

୭୧ ବର୍ଷୀୟ ଚିନ୍ତାମଣି। ଘର କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ନିକଟସ୍ଥ ଯଦୁପୁର ଗୋପୀନାଥପୁର ଶାସନ। ସପରିବାର ଭୁବନେଶ୍ୱରରେ ରହୁଛନ୍ତି। ଠାକୁରଙ୍କ ପଦ୍ମବେଶ ଲାଗି ବୁଧବାର ପଦ୍ମଫୁଲ ଆଣି ପୁରୀ ଆସିଥିବା ଚିନ୍ତାମଣି କହିଛନ୍ତି, ଅଚ୍ୟୁତାନନ୍ଦଙ୍କୁ ପଦ୍ମଫୁଲ ମାଳ ଦେଇଆସୁଥିଲି। ଦିନେ ଘରେ ପୂଜା କରୁଥିବା ବେଳେ ମହାପ୍ରଭୁଙ୍କୁ ପଦ୍ମଫୁଲ ଦେବାକୁ ମନ ହେଲା। ୨୦୧୧ ପଦ୍ମବେଶ ଦିନ ପ୍ରଥମଥର ଦାରୁବିଗ୍ରହଙ୍କ ପାଇଁ ପଦ୍ମଫୁଲ ଦେବାର ସୁଯୋଗ ପାଇଲି। ସେବେଠାରୁ ପ୍ରତିବର୍ଷ ପଦ୍ମବେଶରେ ଫୁଲ ଆଣି ଦେଉଛି। ଚଳିତବର୍ଷ ପ୍ରାୟ ୪ ହଜାର ଫୁଲ ପ୍ରଦାନ କରିଛନ୍ତି। ଏହି ପଦ୍ମଫୁଲ ଯୋଗାଇଦେବା ଲକ୍ଷ୍ୟରେ ପୂର୍ବରୁ ଧଉଳି ପାହାଡ଼ ନିକଟରେ ଥିବା କିଛି ପୋଖରୀକୁ ଲିଜ୍ ସୂତ୍ରରେ ନେଉଥିଲେ। ଲୋକଙ୍କୁ ରଖି ଏହାର ଜଗାରଖା କରି ଫୁଲ ତୋଳୁଥିଲେ। ହେଲେ ଏବେ ଲୋକମାନଙ୍କଠାରୁ ଫୁଲ କିଣି ଆଣୁଛନ୍ତି। ପାଖ ପଡ଼ୋଶୀଙ୍କ ଦ୍ୱାରା ଫୁଲଗୁଡ଼ିକୁ ଫୁଟାଇ କଦଳୀ ପଟୁକାରେ ମାଳ କରିଥା'ନ୍ତି। ବୁଧବାର ଅପରାହ୍ଣରେ ଗାଡ଼ିରେ ୩ ଝୁଡ଼ି ଏବଂ ୨ଟି ଥଳି ଭର୍ତ୍ତି ଫୁଲ ଆଣିଥିଲେ ଚିନ୍ତାମଣି। ସାଥିରେ ଥିଲେ ତାଙ୍କ ପତ୍ନୀ, ଜ୍ୱାଇଁ ଓ ସମ୍ପର୍କୀୟ।

ପ୍ରତିବର୍ଷ ପୁରୀ ଆସିବା ବେଳେ ଚିନ୍ତାମଣି ମା' ବାଟମଙ୍ଗଳାଙ୍କୁ ୫୪ଟି ଫୁଲରେ ଗୁନ୍ଥା ଯାଇଥିବା ମାଳ ଦିଅନ୍ତି। ସେହିପରି ଶ୍ରୀମନ୍ଦିର ପରିସର ମା' ବିମଳା, ଭୁବନେଶ୍ୱରୀ ଓ ମହାଲକ୍ଷ୍ମୀଙ୍କ ପାଇଁ ୧୦୮ଟି ଲେଖାଏଁ ଫୁଲରେ ଗୁନ୍ଥା ଯାଇଥିବା ପଦ୍ମମାଳ ପ୍ରଦାନ କରିଥା'ନ୍ତି। ଚିନ୍ତାମଣି କୁହନ୍ତି, ମୁଁ ନିଜ ଇଚ୍ଛାରେ ଫୁଲ ଦେଉନାହିଁ। ଭଗବାନଙ୍କ ଇଚ୍ଛାରେ ସବୁକିଛି ହେଉଛି। ମହାପ୍ରଭୁ ଯେତେଦିନ ଯାଏ ଚାହିଁଥିବେ ସେତେଦିନ ଯାଏ ଫୁଲ ଆଣି ଶ୍ରୀମନ୍ଦିରେ ଦେଉଥିବି। ବାଟମଙ୍ଗଳାଙ୍କୁ ଫୁଲମାଳ ଦେବା ସମ୍ପର୍କରେ ସେ କୁହନ୍ତି, ନବକଳେବର ସମୟରେ ଦାରୁ ଅନ୍ୱେଷଣରେ ସେବାୟତମାନେ ଯିବା ବେଳେ ମା' କୃପା କରିଥାନ୍ତି। ତେଣୁ ମହାପ୍ରଭୁଙ୍କ ପାଖକୁ ଯିବା ପୂର୍ବରୁ ପ୍ରଥମେ ମା'ଙ୍କୁ ଦର୍ଶନ ଏବଂ ଫୁଲମାଳ ପ୍ରଦାନ ପୂର୍ବକ ଆରାଧନା କରି ଶ୍ରୀମନ୍ଦିର ଅଭିମୁଖେ ଯାଇଥାଏ ବୋଲି କହିଛନ୍ତି ଚିନ୍ତାମଣି।

## ଜଗନ୍ନାଥ ଗାଥା ମଉଳା ଫୁଲ ଝଟକିଲା

ମହାପ୍ରଭୁଙ୍କ ଏହି ପଦ୍ମବେଶକୁ ନେଇ ଏକ କିମ୍ବଦନ୍ତୀ ରହିଛି। ମନୋହର ନାମକ ଜଣେ ସାଧୁ ବହୁଦୂରରୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଶ୍ରୀକ୍ଷେତ୍ର ଆସୁଥିଲେ। ତାଙ୍କୁ ପ୍ରବଳ ଶୋଷ ଲାଗିବାରୁ ସେ ଗୋଟିଏ ଜଳାଶୟ ନିକଟକୁ ଯାଇ ଦେଖିଲେ ସେଥିରେ ଅନେକ ପଦ୍ମଫୁଲ ଫୁଟିଛି। ଶୀତଦିନେ ଏତେମାତ୍ରାରେ ପଦ୍ମଫୁଲ ଫୁଟିଥିବା ଦେଖି ସାଧୁ ଜଣକ ବିସ୍ମିତ ହୋଇଗଲେ। ମହାପ୍ରଭୁଙ୍କୁ ପ୍ରଦାନ କରିବା ଉଦ୍ଦେଶ୍ୟରେ ପୁଷ୍କରିଣୀରୁ ଫୁଲଗୁଡ଼ିକ ତୋଳି ଗାମୁଛାରେ ବାନ୍ଧି ଶ୍ରୀକ୍ଷେତ୍ର ଅଭିମୁଖେ ଅଗ୍ରସର ହେଲେ। ଶ୍ରୀମନ୍ଦିରକୁ ଯାଇ ଗରୁଡ଼ସ୍ତମ୍ଭ ନିକଟରେ ମହାପ୍ରଭୁଙ୍କୁ ଦର୍ଶନ କରି ଭାବବିହ୍ୱଳ ହୋଇପଡ଼ିଥିଲେ। ଗାମୁଛାରେ ବନ୍ଧା ହୋଇଥିବା ଫୁଲଗୁଡ଼ିକୁ ମହାପ୍ରଭୁଙ୍କୁ ଲାଗି କରିବାକୁ ଜଣେ ପଣ୍ଡାଙ୍କୁ ପ୍ରଦାନ କଲେ। ମଇଳା ଗାମୁଛାରେ ବନ୍ଧା ଯାଇଥିବା ମଉଳା ଫୁଲଗୁଡ଼ିକୁ ଦେଖି ପଣ୍ଡା କ୍ରୋଧାନ୍ୱିତ ହୋଇ ତଳେ ପକାଇଦେଇ ଗାଳି କରିଥିଲେ। ଏଥିରେ ସାଧୁ ଜଣକ ମର୍ମାହତ ହୋଇ ଫୁଲଗୁଡ଼ିକୁ ତଳୁ ଗୋଟାଇ ଗାମୁଛାରେ ବାନ୍ଧି ଶ୍ରୀମନ୍ଦିରରୁ ପଳାଇ ଆସି ସିଂହଦ୍ୱାରଠାରେ ବଡ଼ଛତା ମଠ ସମ୍ମୁଖରେ ମୂର୍ଚ୍ଛିତ ହୋଇ ପଡ଼ିଲେ। ଭାବର ଠାକୁର ଭକ୍ତର ମନ ବ୍ୟଥା ଜାଣିପାରି ରାତିରେ ଗଜପତି ମହାରାଜାଙ୍କୁ ସ୍ୱପ୍ନରେ କହିଲେ, ହେ ରାଜା! ମୋର ଜଣେ ପରମଭକ୍ତ ସେବକଙ୍କ ଦ୍ୱାରା ଲାଞ୍ଛିତ ହୋଇ ଦୁଃଖ ଓ ଅପମାନରେ ସିଂହଦ୍ୱାର ନିକଟରେ ମୂର୍ଚ୍ଛିତ ହୋଇପଡ଼ିଛନ୍ତି। ସେ ଆଣିଥିବା କେବଳ ପଦ୍ମଫୁଲରେ ହିଁ ଆଜି ରାତ୍ରରେ ମୋର ବଡ଼ସିଂହାର ବେଶ ହେବ। ଏଥିସହିତ ପଦ୍ମ ଚାଉଳରେ ଖିରି କରି ସେହି ସାଧୁଙ୍କୁ ସେବନ କରାଇବ। ସ୍ୱପ୍ନାଦେଶ ପାଇ ଗଜପତି ମହାରାଜା ତତ୍କ୍ଷଣାତ୍ ସିଂହଦ୍ୱାରରେ ପହଞ୍ଚି ସାଧୁଙ୍କୁ ସମ୍ମାନର ସହିତ ଶ୍ରୀମନ୍ଦିରକୁ ନେଇଥିଲେ। ତାଙ୍କରି ପଦ୍ମ ଫୁଲରେ ବଡ଼ସିଂହାର ବେଶ କରିବା ପାଇଁ ସେବକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜାଙ୍କ ନିର୍ଦ୍ଦେଶରେ ସେଦିନ ସେହି ମଉଳା ଫୁଲ ସଦ୍ୟ ସଜଫୁଟା ଫୁଲ ପରି ଝଟକି ଉଠିଲା। ମନୋହର ଦାସ ମହାପ୍ରଭୁଙ୍କ ଖିରି ପ୍ରସାଦ ପାଇ ତୃପ୍ତ ହେଲେ। ସେହି ସ୍ମୃତିରେ ମହାପ୍ରଭୁଙ୍କ ଏହି ପଦ୍ମବେଶ ଅନୁଷ୍ଠିତ ହେଉଛି। ସପ୍ତଦଶ ଶତାବ୍ଦୀଠାରୁ ସନ୍ଥ ରଘୁବର ଦାସଙ୍କ ସମୟରୁ ବଡ଼ଛତା ମଠ ମହାପ୍ରଭୁଙ୍କ ଏହି ବେଶ କରିଆସୁଛି।

## ଭିତରକାଠରେ ରକ୍ତ: ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୨୧।୧(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଭିତରକାଠ ନିକଟରେ ବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି। ବୁଧବାର ସକାଳ ୬ଟା ୧୦ରେ ଦ୍ୱାର ଫିଟିଥିଲା। ୬ଟା ୫୦ରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା। ମଇଲମ, ତଡ଼ପଲାଗି ପରେ ସକାଳ ୮ଟା ୧୦ରେ ଅବକାଶ ପୂଜା ଶେଷ ହୋଇଥିଲା। ରୋଷ ହୋମ ପରେ ଭିତରକାଠ ଦର୍ଶନ ଚାଲିଥିଲା। ଏହି ସମୟରେ ଭିତରକାଠ ନିକଟରେ ରକ୍ତ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାପରେ ସେହିଠାରେ ନୀତି ଅଟକା ଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ସକାଳ ୯ଟା ୫୫ରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ପୂର୍ବାହ୍ଣ ୧୦ଟାରେ ମହାସ୍ନାନ ବଢ଼ିବା ପରେ ପୁନଶ୍ଚ ଯେଉଁଠାରୁ ନୀତି ଅଟକା ଯାଇଥିଲା ସେହିଠାରୁ ନୀତି ଆରମ୍ଭ ହୋଇଥିଲା। ଏହି ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା।

## ଶ୍ରୀମନ୍ଦିର ଉପରେ ପୁଣି ଉଡ଼ିଲା ଡ୍ରୋନ୍; ଡ୍ରୋନ୍ ଜବତ, ଜଣକୁ କାବୁ କଲା ପୁଲିସ

ପୁରୀ,୨୧।୧(ସମିସ): ପୁଣି ଶ୍ରୀମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍। ବୁଧବାର ସନ୍ଧ୍ୟାରେ ମନ୍ଦିର ଉପରେ ଡ୍ରୋନ୍ ଉଡୁଥିବାବେଳେ ପୁଲିସ ନଜରକୁ ଆସିଥିଲା। ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶ କ୍ରମେ ସିଂହଦ୍ୱାର ଥାନା ସମେତ ଅନ୍ୟ ଏକ ସ୍ୱତନ୍ତ୍ର ଟିମ୍ ଡ୍ରୋନ୍‌କୁ ଜବତ କରିବାରେ ସମର୍ଥ ହୋଇଥିଲା। ଦୁଇଟି ଯାକ ଟିମ୍ ଦୋଳମଣ୍ଡପ ସାହି ଜହ୍ନିମୁଣ୍ଡିଆ ନିକଟରୁ ଡ୍ରୋନ୍ ସହ ଜଣେ ଯୁବକଙ୍କୁ କାବୁ କରିଥିଲେ। ଡ୍ରୋନ୍ ଉଡ଼ାଉଥିବା କଟକ କାଜିଡିହର ମଧୁସୂଦନ ଷଡ଼ଙ୍ଗୀ (୨୫)ଙ୍କୁ ସିଂହଦ୍ୱାର ଥାନାରେ ଅଟକ ରଖି ପୁଲିସ ପଚରାଉଚରା କରୁଛି। ତାଙ୍କ ଡ୍ରୋନ୍‌କୁ ଯାଞ୍ଚ ବେଳେ ସେଥିରେ ଶ୍ରୀମନ୍ଦିର ଫଟୋ ରହିଥିବା ପୁଲିସ ସୂଚନା ଦେଇଛି।

ସୂଚନାଥାଉ କି, ବାରମ୍ବାର ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଉଡୁଛି ଡ୍ରୋନ। ଏ ନେଇ ସବୁବେଳେ ତାଗିଦ୍ କରାଯାଉଛି। ଘଟଣା ପରେ ତତ୍ପରତା ଦେଖାଉଛନ୍ତି ଶ୍ରୀମନ୍ଦିର ପ୍ରଶାସନ ଆଉ ପୁଲିସ। ହେଲେ କିଛିଦିନ ପରେ ସେମାନେ ଏହି ପ୍ରସଙ୍ଗକୁ ଏକପ୍ରକାର ଭୁଲି ଯାଉଛନ୍ତି। ଯାହାଫଳରେ ପୁଣି ଶ୍ରୀମନ୍ଦିର ଉପରେ ଚକ୍କର କାଟୁଛି ଡ୍ରୋନ୍। ବାରମ୍ବାର ଏଭଳି ଘଟଣା ଘଟି ଚାଲିଥିବାବେଳେ ମନ୍ଦିର ପ୍ରଶାସନ ଚିରାଚରିତ ଭାବେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରୁଛି। ହେଲେ ଏହାକୁ ନେଇ ସେମିତି କିଛି କଡ଼ା ଦଣ୍ଡବିଧାନ ନ ଥିବାରୁ ପରୋକ୍ଷରେ ଏହା ଉଡ଼ାଣକାରୀଙ୍କୁ ପ୍ରୋତ୍ସାହିତ କରୁଛି। ହେଲେ ସୁରକ୍ଷା ବ୍ୟବସ୍ଥାକୁ କାଟି ମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଚକ୍କର କାଟୁଥିବାବେଳେ ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ କୁଆଡ଼େ ଗଲା ଆଣ୍ଟି ଡ୍ରୋନ ସିଷ୍ଟମ?

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଚାଷୀଙ୍କ ଧାରଣା



ପୁରୀ,୨୧।୧(ସମିସ): ଚାଷୀମାନଙ୍କର ମୌଳିକ ଏବଂ ନ୍ୟାର୍ଯ୍ୟ ଦାବି ପୂରଣ ନେଇ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଛି ନୀଳାଚଳ କୃଷକ ମହାସଂଘ। ଶତାଧିକ ଚାଷୀ ଏହି ଧାରଣାରେ ସାମିଲ ହୋଇଥିବା ବେଳେ ୨୩ ଦଫା ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଧାରଣାରତ ଚାଷୀମାନେ କହିଛନ୍ତି, ପୁରୀ ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା। କୃଷକମାନଙ୍କର ବହୁବିଧ ଉନ୍ନତି ପାଇଁ ନୀଳାଚଳ କୃଷକ ମହାସଂଘ ସ୍ୱର ଉତ୍ତୋଳନ କରୁଥିଲେ ମଧ୍ୟ ଚାଷୀମାନଙ୍କର କୌଣସି ଉନ୍ନତି ପରିଲକ୍ଷିତ ହେଉନାହିଁ। ଚାଷ ଓ ଚାଷୀଙ୍କ ପ୍ରତି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ କ୍ରମାଗତ ଅବହେଳା ପ୍ରଦର୍ଶନ କରୁଛନ୍ତି। ବିଭାଗୀୟ ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁଁ ପୁରୀ ଜିଲ୍ଲାର ଜଳ ନିଷ୍କାସନ ଓ ଜଳସେଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ହେବାକୁ ବସିଲାଣି। ଲଗାତାର ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଚାଷ ପ୍ରତି ଚାଷୀ ବିତସ୍ପୃହ ହେଉଛନ୍ତି। ୬୦ ବର୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ମାସିକ ୫ ହଜାର ଟଙ୍କା ଭତ୍ତା ପ୍ରଦାନ ଓ ଧାନ କ୍ୱିଣ୍ଟାଲ ୫,୦୦୦ ଟଙ୍କା ପ୍ରଭୃତି ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଚାଷୀମାନେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଜିଲ୍ଲା ପ୍ରଶାସନ ଉଦାସୀନ ରହୁଛନ୍ତି। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ଚରମ ଉଦାସୀନତା ବିରୁଦ୍ଧରେ ପୁରୀ ଜିଲ୍ଲାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଚାଷୀ ଭାଇ ଓ ଭଉଣୀ ବୁଧବାର ସୁଭାଷ ବୋଷ ଛକଠାରୁ ଏକ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଦାବିଗୁଡ଼ିକ ମଧ୍ୟରେ ସଦର ବ୍ଲକ୍ ଅନ୍ତର୍ଗତ କନ୍ହେଇ ବିଦ୍ୟାଧରପୁର ପଞ୍ଚାୟତ ଅଧୀନରେ ଥିବା କଣ୍ଟନା ଛକଠାରେ ଏକ ସ୍ଥାୟୀ ଧାନମଣ୍ଡି ଖୋଲିବା, ଚଳିତବର୍ଷ ଡେଲାଙ୍ଗ ବ୍ଲକ୍ ମୁନିଦା ପଞ୍ଚାୟତରେ ଅଜଣା ରୋଗ ଦ୍ୱାରା କ୍ଷତି ହୋଇଥିବା ଧାନ ଫସଲର କ୍ଷତିପୂରଣ ରାଶି ପ୍ରଦାନ, ପୂର୍ବ ନିଷ୍ପତ୍ତିକ୍ରମେ ପୁରୀ ଜିଲ୍ଲା ଧାନ କ୍ରୟ କମିଟିରେ ମହାସଂଘକୁ ଚାଷୀ ପ୍ରତିନିଧି ଭାବେ ସାମିଲ ଆଦି ଉଲ୍ଲେଖ ରହିଥିଲା।

## ପ୍ରମୋଦ ଉଦ୍ୟାନରୁ ଅଇଁଠାପତ୍ର ସଫା କରିବ କିଏ?

### ପୁରୀବାସୀଙ୍କ ପାଇଁ ହେଉ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା: ଆପ୍

ପୁରୀ,୨୧।୧(ସମିସ): ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ପରିସରରେ ଏଣେତେଣେ ପଡ଼ିରହିଛି ଅଇଁଠାପତ୍ର। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଲୋକମାନେ ସେଠାରେ ଖାଇବା ପରେ ଅଇଁଠାପତ୍ର ଚାରିଆଡ଼େ ପକାଇଛନ୍ତି। ହେଲେ ଏହି ଅଇଁଠାପତ୍ରକୁ କିଏ ସଫା କରିବ ବୋଲି ପ୍ରଶ୍ନ ଉଠାଇଛି ଆମ୍ ଆଦ୍‌ମୀ ପାର୍ଟି (ଆପ୍)।



ଆପ୍ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି କହିଛନ୍ତି, ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଦାବି ହୋଇଆସୁଥିଲେ ମଧ୍ୟ ସରକାର ନିରବଦ୍ରଷ୍ଟା ସାଜିଛନ୍ତି। କିନ୍ତୁ ଧର୍ମଶାଳାର ବିଧାୟକ ଲିକୁ ସାହୁ ଏବେ ତାଙ୍କ ନିର୍ବାଚନମଣ୍ଡଳୀରୁ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ୱତନ୍ତ୍ର ଦର୍ଶନ କରାଉଛନ୍ତି। ଏହା କେଉଁ ନିୟମରେ ହେଉଛି? ଏଥିପାଇଁ ସରକାର କିମ୍ବା ଶ୍ରୀମନ୍ଦିର ପ୍ରଶାସନ କେମିତି ଅନୁମତି ଦେଇଛନ୍ତି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ଏହି ଦର୍ଶନ ବ୍ୟବସ୍ଥା ପୂର୍ବରୁ ଧର୍ମଶାଳାର ସ୍ୱାଧୀନ ବିଧାୟକ କରିଆସୁଥିବା ସୂଚନା ଅଛି। ତେବେ ୫୦୦ ଲୋକଙ୍କ ଯିବାଆସିବା, ସେମାନଙ୍କର ଏକାଧିକଥା ଖାଇବା କେତେ ଟଙ୍କା ଖର୍ଚ୍ଚ ହେଉଛି? ଏହା କୌଣସି ସରକାରୀ ଯୋଜନା ନୁହେଁ। ତେଣୁ ଜଣେ ସ୍ୱାଧୀନ ବିଧାୟକ ଏ ପାଣ୍ଠି କେଉଁଠୁ ଆଣି ଖର୍ଚ୍ଚ କରୁଛନ୍ତି ତାହାର ତଦନ୍ତ ଦାବି କରିଛନ୍ତି ଜିଲ୍ଲା ସଭାପତି ଶ୍ରୀ ମହାନ୍ତି। ସବୁଠୁ ବଡ଼ କଥା ହେଉଛି, ଧର୍ମଶାଳାରୁ ଦର୍ଶନ ପାଇଁ ଆସୁଥିବା ଲୋକମାନଙ୍କ ଖାଇବା ଲାଗି ଜଗନ୍ନାଥ ବଲ୍ଲଭ ପରିସରରେ ରୋଷେଇ କରାଯାଉଛି। ଏଥିପାଇଁ ଏକ ଟେଣ୍ଟ କରାଯାଇ ରୋଷେଇ ହେଉଛି। ଦର୍ଶନ ସାରି ଏଠାରେ ଖାଉଛନ୍ତି। ତେବେ ଖାଇବା ପରେ ଅଇଁଠାପତ୍ର ଜଗନ୍ନାଥ ବଲ୍ଲଭ ପରିସରରେ ପକାଉଛନ୍ତି। ବୁଧବାର ଅଇଁଠାପତ୍ର ଏଠିସେଠି ଜମା ହୋଇଥିବା ଦେଖିବାକୁ ମିଳିଥିଲା।

ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଛନ୍ତି, ଅନ୍ୟ ନିର୍ବାଚନମଣ୍ଡଳୀ ଲୋକେ ସ୍ୱତନ୍ତ୍ର ଦର୍ଶନ ସୁବିଧା ପାଉଥିବାବେଳେ ପୁରୀବାସୀଙ୍କ ଦାବି ପ୍ରତି ସରକାର ଅଣଦେଖା କରିବା ବାସ୍ତବିକ ଦୁଃଖଦାୟକ। ବିଧାନସଭାରେ କେବଳ ପ୍ରସଙ୍ଗ ଉଠାଇଦେଲେ ହେବ ନାହିଁ। ପୁରୀବାସୀଙ୍କୁ କିପରି ସେମାନଙ୍କର ଦର୍ଶନ ହକ୍ ମିଳିବ ସେ ଦିଗରେ ଉଦ୍ୟମ କରିବା ଦରକାର। ବିଧାୟକ ପୁରୀବାସୀଙ୍କ ପ୍ରତି ତାଙ୍କର ଦାୟିତ୍ୱ ଭୁଲିଯାଇଛନ୍ତି ବୋଲି ଆପ୍ ଜିଲ୍ଲା ସଭାପତି ଶ୍ରୀ କହିଛନ୍ତି। ଯଥାଶୀଘ୍ର ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯାଉ। ନଚେତ୍ ଆପ୍ ଆନ୍ଦୋଳନର ରାସ୍ତା ବାଛିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ଅମାନିଆ ଇସ୍କନ ▶ ପୁଣି ଅଦିନରେ କଲା ରଥଯାତ୍ରା

ପୁରୀ,୨୧।୧(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତିକୁ ବେଖାତିର କରୁଛି ଇସ୍କନ। ବିଧି ପରମ୍ପରା ଭାଙ୍ଗିବା ଲାଗି ରୀତିମତ ଉଦ୍ୟମ ଚଳାଇଛି। ଅଦିନରେ ରଥଯାତ୍ରା ନେଇ ବାରମ୍ବାର ତାଗିଦ୍ ସତ୍ତ୍ୱେ ସୁଧୁରୁନି ଇସ୍କନ। ପୁଣିଥରେ ଇସ୍କନର ମନମାନୀ ଦେଖିବାକୁ ମିଳିଛି। ଗତ ୧୮ ତାରିଖରେ ଜର୍ମାନୀର ଟମ୍ବଲୱିଡ୍ ପାର୍କ ଜର୍ମାନ ରୋଡ୍‌ଠାରେ ଆୟୋଜନ କରିଛି ରଥଯାତ୍ରା। ଅଦିନରେ ରଥଯାତ୍ରା ନ କରିବା ଲାଗି ପୂର୍ବରୁ ଗଜପତି ମହାରାଜା, ଶ୍ରୀମନ୍ଦିର ପ୍ରଶାସନ ଇସ୍କନକୁ ଚିଠି କରିଛନ୍ତି। ହେଲେ ନିଜ ଜିଦ୍‌ରେ ଅଟଳ ରହିଛି ଇସ୍କନ। ତା'ର ଏଭଳି ମନମାନୀକୁ ତୀବ୍ର ନିନ୍ଦା କରିଛନ୍ତି ଶ୍ରୀଜଗନ୍ନାଥ ପ୍ରେମୀ ଭକ୍ତ ଓ ସେବାୟତ।

ଅଦିନରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେଉଥିବା ବିଭିନ୍ନ ସମୟରେ ନଜରକୁ ଆସୁଛି। ଏହା ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଘୋର୍ ଅପମାନ। ଏହାକୁ ନେଇ ଶ୍ରୀଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ତୀବ୍ର ପ୍ରତିବାଦ ସୃଷ୍ଟି ହେଉଥିଲେ ହେଁ ଏହାର ସମାଧାନ ହୋଇପାରୁନାହିଁ। ତୀବ୍ର ବିରୋଧ ପରେ ଅନେକ ସମୟରେ ଇସ୍କନ ତା' ନିଷ୍ପତ୍ତିରୁ ଓହରୁଥିଲେ ହେଁ ବାରମ୍ବାର ଏଭଳି ଭୁଲ୍ କରିଚାଲିଛି। ଗତ ୧୮ ତାରିଖରେ ଜର୍ମାନୀର ଟମ୍ବଲୱିଡ ପାର୍କଠାରେ ଅନୁଷ୍ଠିତ ହୋଇଥିଲା ରଥଯାତ୍ରା। ଏ ସମ୍ପର୍କରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ଗଜପତି ମହାରାଜା ଏ ନେଇ ଏକାଧିକଥର ଇସ୍କନକୁ ଚିଠି କରିଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ମଧ୍ୟ ଇସ୍କନ ମୁଖ୍ୟ କାର୍ଯ୍ୟାଳୟକୁ ଜଣାଯାଇଛି। ଆଗକୁ ପରିଚାଳାନା କମିଟି ଯାହା ନିଷ୍ପତ୍ତି ନେବ ସେହି ଅନୁସାରେ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ସୂଚନାଥାଉ କି, ପୂର୍ବରୁ ଅଦିନିଆ ରଥଯାତ୍ରା ଆୟୋଜନ ନେଇ ଇସ୍କନ ସବୁବେଳେ ବିବାଦରେ ରହିଆସିଛି। ଏଭଳି କାର୍ଯ୍ୟ ଆମ ଧର୍ମ, ସଂସ୍କୃତି ଓ ପରମ୍ପରାକୁ ନଷ୍ଟ କରିବା ସହ କୋଟି କୋଟି ହିନ୍ଦୁଙ୍କ ଧାର୍ମିକ ଭାବନାକୁ କୁଠାରାଘାତ କରୁଛି। ଏଭଳି ବେଆଇନ ଓ ଧର୍ମ ବିରୋଧୀ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ଭକ୍ତ ଓ ସେବାୟତ।

### ଭକ୍ତ, ସେବାୟତଙ୍କ ତୀବ୍ର ବିରୋଧ

### ଉତ୍କଳ ରାଜ୍ୟ ଶାସ୍ତ୍ରୀୟ ସ୍ପର୍ଦ୍ଧା

## ବିବିଧ ପ୍ରତିଯୋଗିତାରେ ଭାଗ ନେଲେ ଛାତ୍ରଛାତ୍ରୀ

ପୁରୀ,୨୧।୧(ସମିସ): ସ୍ଥାନୀୟ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଶ୍ରୀସଦାଶିବ ପରିସର ପକ୍ଷରୁ ୬୩ତମ ଉତ୍କଳ ରାଜ୍ୟଶାସ୍ତ୍ରୀୟ ସ୍ପର୍ଦ୍ଧା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ଆରମ୍ଭରେ ପରିସରର ଛାତ୍ରମାନେ ମଙ୍ଗଳାଚରଣ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପରିସରର ନିର୍ଦ୍ଦେଶକ




ପ୍ରଫେସର ପ୍ରଭାତ କୁମାର ମହାପାତ୍ର କହିଥିଲେ ଯେ, "ଶାସ୍ତ୍ରୀୟ ସ୍ପର୍ଦ୍ଧା କେବଳ ଏକ ପ୍ରତିଯୋଗିତା ନୁହେଁ ବରଂ ଏହା ଆମର ପ୍ରାଚୀନ ଶାସ୍ତ୍ରୀୟ ପରମ୍ପରାକୁ ଜୀବନ୍ତ ରଖିବାର ଏକ ପ୍ରୟାସ'। ଅତିଥି ଭାବେ ଯୋଗଦେଇ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଶାନ୍ତିନିକେତନର ପୂର୍ବତନ ଆଚାର୍ଯ୍ୟ ପ୍ରଫେସର ଅରୁଣ ରଞ୍ଜନ ମିଶ୍ର ଏବଂ ସାହିତ୍ୟ ବିଭାଗର ପୂର୍ବତନ ଆଚାର୍ଯ୍ୟ ପ୍ରଫେସର ସୂର୍ଯ୍ୟମଣି ରଥ ନିଜ ମନ୍ତବ୍ୟରେ ସଂସ୍କୃତ ଭାଷା ଓ ଶାସ୍ତ୍ରର ଗାରିମା ଉପରେ ଗୁରୁତ୍ୱାରୋପ କରି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଦିବସବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅକ୍ଷରଶ୍ଳୋକୀ, ବ୍ୟାକରଣ ଭାଷଣ, ଅମରକୋଷ କଣ୍ଠପାଠ, ଅଷ୍ଟାଧ୍ୟାୟୀ କଣ୍ଠପାଠ, ଧାତୁରୂପ କଣ୍ଠପାଠ, ଶ୍ରୀମଦ୍ ଭଗବଦ୍ ଗୀତା କଣ୍ଠପାଠ ଏବଂ ଜ୍ୟୋତିଷ ଭାଷଣ ଭଳି ପ୍ରାୟ ୧୪ରୁ ଅଧିକ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜୟଦେବ ସଭାଗୃହ ଏବଂ ପାଠାଗାର ସଂଗୋଷ୍ଠୀ କକ୍ଷରେ ପୃଥକ୍ ପୃଥକ୍ ଭାବେ ଶାସ୍ତ୍ରାର୍ଥ ଓ ଶଳାକା ପରୀକ୍ଷାମାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଶ୍ରୀସଦାଶିବ ପରିସରର ଛାତ୍ରଛାତ୍ରୀଙ୍କ ବ୍ୟତୀତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀ, ଗୁରୁକୁଳ ନବପ୍ରଭାତ ବୈଦିକ ବିଦ୍ୟାପୀଠ ବରଗଡ଼, ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ, ଚକାପାଦ କନ୍ଧମାଳ ଆଦି ବିବିଧ ଅନୁଷ୍ଠାନର ଅଧ୍ୟାୟୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ସହ ସମନ୍ୱୟକ ଅଧ୍ୟାପକ ଡ. ନନ୍ଦିଘୋଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ କାର୍ଯ୍ୟକ୍ରମର ସାମନ୍ୱୟକ ପ୍ରଫେସର ଗୌରପ୍ରିୟା ଦାଶ ପ୍ରସ୍ତାବନା ଉପସ୍ଥାପନା କରିଥିଲେ। ସଂଯୋଜକ ଡ. ନୀଳମାଧବ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ସମୂହ ବନ୍ଦେ ମାତରଂ ଓ ଶାନ୍ତି ପାଠ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦର୍ଶନ ବିଭାଗର ସହାୟକ ଆଚାର୍ଯ୍ୟ ଡ. ଆଲୋକ ସେନ ସଞ୍ଚାଳନ କରିଥିଲେ।

### ଫେସ୍‌ବୁକ୍‌ରେ ଧମକପୂର୍ଣ୍ଣ ପୋଷ୍ଟ ଘଟଣାର ପର୍ଦ୍ଦାଫାସ୍

## ବିଫଳ ପ୍ରେମିକ ଗିରଫ; ଯୁବତୀଙ୍କ ନାଁରେ ଖୋଲିଥିଲା ଆକାଉଣ୍ଟ

ପୁରୀ,୨୧।୧(ସମିସ)

ଶ୍ରୀମନ୍ଦିରକୁ ବୋମା ପକାଇ ଉଡ଼ାଇଦେବାକୁ ଧମକ। ଏଥିସହ ଶ୍ରୀମନ୍ଦିର ନିକଟ ଗ୍ରାଣ୍ଡ ସେଣ୍ଟରରେ ଗୁଳି ଫୁଟିବ ଏବଂ ଖୁବ୍‌ଶୀଘ୍ର ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆଙ୍କୁ ଗୁଳିମାଡ଼ ହେବ। ସୋସିଆଲ ମିଡିଆରେ ଏହି ଧମକପୂର୍ଣ୍ଣ ପୋଷ୍ଟକୁ ନେଇ ପୁରୀ ସହରରେ ଜୋର୍‌ସୋରରେ ଚର୍ଚ୍ଚା ଚାଲିଛି। ଅନ୍ୟପକ୍ଷରେ ପୁରୀ ପୁଲିସ ଏହାକୁ ବେଶ୍ ଗମ୍ଭୀରତାର ସହ ନେଇ ତନାଘନା ଚଳାଇଥିବାବେଳେ ଘଟଣାରେ ସମ୍ପୃକ୍ତ ପ୍ରତୀକ୍ ମିଶ୍ର ନାମକ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ସିଂହଦ୍ୱାର ଥାନାରେ କେସ୍ ନଂ ୧୮/୨୬ରେ ମାମଲା ରୁଜୁ ହୋଇଛି। ତଦନ୍ତରୁ ଜଣାପଡ଼ିଛି କି ଜନୈକା ଯୁବତୀଙ୍କୁ ପ୍ରତୀକ୍ ପ୍ରେମ କରୁଥିଲେ। ସେ ରାଜି ନ ହେବାରୁ ତାଙ୍କ ସିମ୍ ବ୍ୟବହାର କରି ଗତ ୧୧ ତାରିଖରେ ତାଙ୍କ ନାମରେ ଆକାଉଣ୍ଟ ଖୋଲି ତାଙ୍କୁ ବଦ୍‌ନାମ କରିବାକୁ ଯାଇ ଏହି ଘଟଣା ଘଟାଇଥିଲେ ପ୍ରତୀକ୍। ସେପଟେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ ତାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ମେଲ୍ କରିଛନ୍ତି। ସେ ଶ୍ରୀମନ୍ଦିର ଏବଂ ନିଜର ସୁରକ୍ଷା ପାଇଁ ନିବେଦନ କରିଛନ୍ତି। କିଛିଦିନ



ତଳେ ଏମାର ମଠ କାନ୍ଥରେ ମଧ୍ୟ ଶ୍ରୀମନ୍ଦିରକୁ ନେଇ ଏଭଳି ଧମକପୂର୍ଣ୍ଣ କଥା ଲେଖାଯାଇଥିଲା। ବାରମ୍ବାର ଶ୍ରୀମନ୍ଦିରକୁ ନେଇ ଏଭଳି ହୀନ କାର୍ଯ୍ୟ ଚାଲୁଥିବାରୁ ଏକ ସ୍ୱତନ୍ତ୍ର ଏସ୍‌ଓପି ଆଣିବାକୁ ସେବାୟତ ଦାବି କରିଛନ୍ତି। ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପ୍ରଥମେ ଉକ୍ତ ଆଇଡିରୁ ଏକ ୱେବ୍ ଚ୍ୟାନେଲ ମାଲିକଙ୍କୁ ଦିଆଯାଇଥିଲା ଧମକ। ତାଙ୍କ ଏତଲାକୁ ଭିତ୍ତିକରି ତଦନ୍ତ ଆରମ୍ଭ କରିଥିଲା ବାସେଳୀ ଥାନା ପୁଲିସ।

ଏ ନେଇ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ କହିଛନ୍ତି ଗତ ଦୁଇଦିନ ତଳେ ଏକ ନମ୍ବରରୁ ମେସେଜ୍ ମାଧ୍ୟମରେ ୧୦ ଲକ୍ଷ ଟଙ୍କା ଦାବି କରାଯିବା ସହ ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେବା ପାଇଁ ମୋତେ ମେସେଜ୍ ଆସିଥିଲା। ତେବେ ଏହା ଏକ ଫେକ୍ ମେସେଜ୍ ଭାବି ଏହାକୁ ଅଣଦେଖା କରିଥିଲି। ମଙ୍ଗଳବାର ସୋସିଆଲ ମିଡିଆରେ ପୁଣି ଜୀବନରେ ମାରିଦେବାକୁ ତଥା ଗୁଳିମାଡ଼ କରିବାକୁ ଧମକ ଆସିଛି। ଏହା ଏକ ଗୁରୁତ୍ୱର ଘଟଣା। ଏ ନେଇ ପୁଲିସ ବିଭାଗର ସମସ୍ତ ଅଧିକାରୀଙ୍କୁ ଅବଗତ କରାଇଥିବା ବେଳେ ପରିବାରର ସୁରକ୍ଷା ବୃଦ୍ଧି ପାଇଁ ଏସ୍‌ପିଙ୍କୁ ନିବେଦନ କରିଛି। ପୁରୀ ଭଳି ଏକ ପର୍ଯ୍ୟଟନସ୍ଥଳୀରେ ରାଜ୍ୟସଭା ସାଂସଦଙ୍କ ସମେତ ଶ୍ରୀମନ୍ଦିର ଓ ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସରେ ଗୁଳିମାଡ଼ ଏବଂ ବୋମାମାଡ଼ ଧମକ ଆସିବା ପୁରୀକୁ ଆସୁଥିବା ସମସ୍ତ ଯାତ୍ରୀଙ୍କୁ ଭୟଭୀତ କରାଇବ। ତେଣୁ ପୁରୀ ସମେତ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିବାକୁ ଦାବି କରିଛନ୍ତି ରାଜ୍ୟସଭା ସାଂସଦ ଶ୍ରୀ ଖୁଣ୍ଟିଆ। ମୋ ଜୀବନ ପ୍ରତି ବିପଦ ରହିଛି। ଏହା ରାଜନୀତିକ ଷଡ଼ଯନ୍ତ୍ର ମଧ୍ୟ ହୋଇଥାଇପାରେ। ତେଣୁ ଘଟଣା ସମ୍ପର୍କରେ ସେ ଇ-ମେଲ୍ ଓ ଏକ୍ସ ମାଧ୍ୟମରେ ଭାରତର ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ, ପୁରୀ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଅବଗତ କରାଇଛନ୍ତି।

- ପ୍ରଧାନମନ୍ତ୍ରୀଙ୍କୁ ଜଣାଇଲେ ସାଂସଦ ଶୁଭାଶିଷ୍
- ଶ୍ରୀମନ୍ଦିର ଓ ନିଜର ସୁରକ୍ଷା ପାଇଁ ନିବେଦନ କଲେ
- ଯୁବତୀଙ୍କୁ ବଦନାମ ପାଇଁ ବିଫଳ ପ୍ରେମିକର ଯୋଜନା